# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-315 ◆BHUBANESWAR ◆WEDNESDAY ◆14 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୧୫ ◆ଭୁବନେଶ୍ୱର ◆ବୁଧବାର ◆୧୪ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଜାହ୍ନବୀଙ୍କ ସ୍ଥାନ ନେଲେ ଶ୍ରୀଲୀଲା

▶ପୃଷ୍ଠା ୧୧ ଦେଖନ୍ତୁ...

## ପଞ୍ଜାବରେ ବିଷାକ୍ତ ମଦ ପିଇ ୨୧ ଶ୍ରମିକଙ୍କ ମୃତ୍ୟୁ

■ **ଅମୃତସର, ୧୩।୫ (ଏଜେନ୍ସି):** ପଞ୍ଜାବରେ ପୁଣି ବିଷାକ୍ତ ମଦମୃତ୍ୟୁ। ଅମୃତସର ମଜିଠା କ୍ଷେତ୍ରରେ ବିଷାକ୍ତ ମଦ ପିଇ ୨୧ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପୁଲିସ ଏହି ମାମଲାରେ ୯ ଜଣଙ୍କୁ ଗିରଫ କରିଛି। ଏହି ମଦ କେଉଁଠୁ ଏବଂ କେମିତି ଆସିଲା ବୋଲି ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଛି। ମିଥାନଲ ମିଶା ମଦ ପିଇବାରୁ ଏପରି ହୋଇଥିବା କୁହାଯାଉଛି। ମଦ ପ୍ରସ୍ତୁତି ପାଇଁ ଅଞ୍ଚଳକୁ ବିପୁଳ ମିଥାନଲ ଅଣାଯାଇଥିଲା। ପ୍ରଶାସନ ଏହି ମାମଲାକୁ ନେଇ ମଜିଠା ଥାନାର ଏସଏଚଓ ଏବଂ ଡିଏସପିଙ୍କ ସମେତ ୪ ଅଧିକାରୀଙ୍କୁ ନିଲମ୍ବନ କରିଛି। ସୂଚନା ଅନୁଯାୟୀ ଭାନଗଲି, ପାଟଲପୁରୀ, ମରାରୀ କଲନ ଏବଂ ଥେରେୱାଲ ଗ୍ରାମର ଲୋକେ ମଙ୍ଗଳବାର ସକାଳେ ଏହି ବିଷାକ୍ତ ମଦ ପିଇଥିଲେ। ▶ପୃଷ୍ଠା-୭



## ଇଣ୍ଡୋନେସିଆ ଅସ୍ତ୍ରଭଣ୍ଡାରରେ ବିସ୍ଫୋରଣ; ୧୩ ମୃତ



■ **ଜାକର୍ତ୍ତା, ୧୩।୫ (ଏଜେନ୍ସି):** ଇଣ୍ଡୋନେସିଆର ପଶ୍ଚିମ ଜାଭା ଉପକୂଳରେ ରହିଥିବା ଏକ ସାମରିକ ଅସ୍ତ୍ରଭଣ୍ଡାରରେ ବିସ୍ଫୋରଣ ଘଟିବାରୁ ୧୩ ଜଣଙ୍କ ମୃତ୍ୟୁ ହେବା ସହିତ ୧୨ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି କୁହାଯାଉଛି। ଏହି ଅସ୍ତ୍ର ଭଣ୍ଡାରରେ ରହିଥିବା କିଛି ପୁରୁଣା ଅସ୍ତ୍ରଶସ୍ତ୍ରର କାର୍ଯ୍ୟ ଅବଧି ଶେଷ ହୋଇଥିଲା ବେଳେ ସେଗୁଡିକୁ ନଷ୍ଟ କରି ଦେବାକୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା। ହେଲେ ଅଚାନକ ଭାବେ ସେଥିରୁ ବିସ୍ଫୋରଣ ହୋଇଥିଲା। ମୃତକମାନଙ୍କ ମଧ୍ୟରେ ୯ ସାଧାରଣ ନାଗରିକ ରହିଥିଲା ବେଳେ ବାକି ୪ ଜଣ ଇଣ୍ଡୋନେସିଆ ପ୍ରତିରକ୍ଷା ବିଭାଗୀର କର୍ମଚାରୀ। ପୁରୁଣା ଅସ୍ତ୍ର ନଷ୍ଟ କରାଯିବା ସମୟରେ ଏଭଳି ବିସ୍ଫୋରଣ ଗୋଟିଏ ବର୍ଷ ମଧ୍ୟରେ ଦ୍ୱିତୀୟ ଘଟଣା ବୋଲି ଇଣ୍ଡୋନେସିଆର ଏକ ପ୍ରମୁଖ ଗଣମାଧ୍ୟମ ପ୍ରକାଶ କରିଛି।

## ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ଖାରଜ

# ଏଥର ପିଓକେ

## କାଶ୍ମୀର ପ୍ରସଙ୍ଗରେ ଗ୍ରହଣୀୟ ନୁହେଁ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ

■ **ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି):** କାଶ୍ମୀର ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ରୋକଠୋକ ଖାରଜ କରିଛି ଭାରତ । କାଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ, ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପ ବା ମଧ୍ୟସ୍ଥତା ଗ୍ରହଣୀୟ ନୁହେଁ ବୋଲି ଭାରତ ସ୍ପଷ୍ଟ କରିଛି। ଏହା ସହିତ ଅଧିକୃତ କାଶ୍ମୀର ତୁରନ୍ତ ଛାଡ଼ିବା ପାଇଁ ପାକିସ୍ତାନ ସରକାରଙ୍କୁ ଭାରତ ଚେତାବନୀ ଦେଇ ନିଜର ଭବିଷ୍ୟତ ଆଭିମୁଖ୍ୟ ସ୍ପଷ୍ଟ କରିଛି ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ। ଭବିଷ୍ୟତରେ ପାକିସ୍ତାନ ସହିତ ଯେଉଁ ଆଲୋଚନା ହେବ ତାହା କେବଳ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଉପରେ ହିଁ ହେବ। କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଓ ପାକିସ୍ତାନ ଏହାକୁ ବେଆଇନ ଭାବେ ଦଖଲ କରି ରଖିଛି। ପାକିସ୍ତାନ ଏବେ ନିଜ ଦଖଲରେ ରଖିଥିବା କାଶ୍ମୀରକୁ ଖାଲି କରିବାର ସମୟ ଆସିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି।

- ପାକ୍ ଅଧିକୃତ କାଶ୍ମୀର ତୁରନ୍ତ ଖାଲି ନିମନ୍ତେ ଚେତାବନୀ
- ପରିବର୍ତ୍ତନ ହେବ ନାହିଁ ସିନ୍ଧୁ ନଦୀ ଜଳଚୁକ୍ତି ବାତିଲ ନିଷ୍ପତ୍ତି
- ୭୦ ଦେଶକୁ ଭାରତ ଦେଲା 'ଅପରେସନ ସିନ୍ଦୂର' ସୂଚନା

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବିଭାଗ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ । ଏହାବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗରେ ପାକିସ୍ତାନ ସହିତ ଆଲୋଚନା କରାଯିବ ନାହିଁ । ଆମେରିକା ମଧ୍ୟସ୍ଥତାରେ ଦୁଇ ଦେଶ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଟିପ୍ପଣୀକୁ ଖଣ୍ଡନ କରି ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ଏଭଳି କୌଣସି ଆଲୋଚନା ଆମେରିକା ସହ ହୋଇନାହିଁ କିମ୍ବା ଅସ୍ତ୍ରବିରତି ଆଲୋଚନା ବେଳେ ଆମେରିକା ସହିତ ବାଣିଜ୍ୟ ବିଷୟରେ ମଧ୍ୟ କୌଣସି ଆଲୋଚନା କରାଯାଇ ନାହିଁ। ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ବାତିଲ କରିଛି ଏବଂ ଏହି ନିଷ୍ପତ୍ତିରେ ମଧ୍ୟ କୌଣସି ପରିବର୍ତ୍ତନ ହେବ ନାହିଁ। ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଥିବ ସେପର୍ଯ୍ୟନ୍ତ ସିନ୍ଧୁ ଚୁକ୍ତିକୁ କାର୍ଯ୍ୟକାରୀ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଶ୍ରୀ ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି ।

ଅସ୍ତ୍ରବିରତି ହୋଇ ନ ଥିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଥାଆନ୍ତା ବୋଲି ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ମନ୍ତବ୍ୟ ସଂପର୍କରେ ବିଦେଶ ବିଭାଗ ମୁଖପାତ୍ର କହିଛନ୍ତି ଯେ ଆମର ସାମରିକ ▶ପୃଷ୍ଠା-୭

## ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ଅବସର

■ **ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି):** ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଆଜି ଅବସରଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟରେ ଆୟୋଜିତ ଏକ ଉତ୍ସବରେ ସେ ତାଙ୍କର ଉତ୍ତରାଧିକାରୀ ତଥା ପରବର୍ତ୍ତୀ ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ବ୍ୟାଟନ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଜଷ୍ଟିସ ଖାନ୍ନା କହିଥିଲେ ଯେ ଲୋକଙ୍କ ଭରସା ଅର୍ଜନ କରିବାକୁ ପଡ଼ିଥାଏ ଏବଂ ସୁପ୍ରିମକୋର୍ଟ ଏହା କରି ଦେଖାଇଛନ୍ତି। ସୁପ୍ରିମକୋର୍ଟକୁ ଭିନ୍ନଭିନ୍ନ କ୍ଷେତ୍ରରୁ ବିଚାରପତି ଆସୁଛନ୍ତି। ଏହି ବିବିଧତା ହିଁ ନ୍ୟାୟିକ ନିଷ୍ପତ୍ତି ନେବାରେ ସହାୟକ ହେଉଛି। ସେ ତାଙ୍କର ଉତ୍ତରାଧିକାରୀ ଜଷ୍ଟିସ ଗଭାଇଙ୍କୁ ମଧ୍ୟ ଖୁବ ପ୍ରଶଂସା କରିଛନ୍ତି। ସେ ଆହୁରି କହିଥିଲେ ଯେ ଆଇନ ପେଶାରେ ସତ୍ୟର ଅଭାବ ରହିଛି ଏବଂ ତାଙ୍କୁ ଏହା ସର୍ବଦା ବ୍ୟଥିତ କରୁଛି।

ସୂଚନାଯୋଗ୍ୟ ଯେ ଜଷ୍ଟିସ ଖାନ୍ନା ନଭେମ୍ବର ୨୦୨୪ରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେଇଥିଲେ।

## ରାଜଧାନୀରୁ ପୁଣି ଶିଶୁ ଅପହରଣ

### ୭ ଘଣ୍ଟା ପରେ ସାଲିଆସାହିରୁ ଉଦ୍ଧାର

■ **ଭୁବନେଶ୍ୱର, ୧୩।୫ (ସମିସ):** ଗତ କିଛି ମାସ ହେଲା ରାଜଧାନୀରେ ମାତିଛନ୍ତି ପିଲା ଚୋର। ସେମାନେ ପିଲାଙ୍କୁ ଅପହରଣ କରି ବିକ୍ରି କରିଦେଉଛନ୍ତି। ଏପରିକି ଅନେକ କ୍ଷେତ୍ରରେ ଶିଶୁଙ୍କ ଅଙ୍ଗ ଚୋରି କରିବା ପାଇଁ ଏଭଳି ଅପହରଣ କରାଯାଉଥିବାର ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ନେଇ ଆତଙ୍କର ବାତାବରଣ ଲାଗି ରହିଥିବା ବେଳେ ଆଜି ରାଜଧାନୀରେ ପୁଣି ଶିଶୁ ଅପହରଣ ହୋଇଛି। ତେବେ ପୁଲିସ ୭ ଘଣ୍ଟା ମଧ୍ୟରେ ଶିଶୁକୁ ଉଦ୍ଧାର କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ଆଜି ସହିଦନଗର ଥାନା ୯ନମ୍ବର ଫ୍ଲାଟ୍ ନିକଟରୁ ଜଣେ ୪ବର୍ଷର ଶିଶୁକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ ପୁଲିସ ତୁରନ୍ତ ଆକ୍ସନମୋଡକୁ ଆସିଥିଲା। ପୁଲିସ ସିସିଟିଭି ଫୁଟେଜ ଏବଂ ଖବରୀ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପୁଲିସ ସେମାନଙ୍କୁ ଚିହ୍ନଟ କରିବା ପରେ ଲୋକେସନ୍ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ସାଲିଆସାହିରୁ ଗିରଫ କରିବା ସହ ଅପହରଣ ହୋଇଥିବା ଶିଶୁକୁ ଉଦ୍ଧାର କରିଥିଲା। ଶିଶୁକୁ ଅପହରଣ କରି ଅଭିଯୁକ୍ତମାନେ ବିକ୍ରି ▶ପୃଷ୍ଠା-୭

**ଦୁଇ ଜଣଙ୍କୁ ଗିରଫ କଲା ପୁଲିସ**

## ସାଂସଦ ଓ ବିଧାୟକଙ୍କ ହାତରେ ଶିକ୍ଷକ ବଦଳି

### ଜଣେ ସାଂସଦ ଓ ବିଧାୟକଙ୍କୁ ୧୫ ସୁପାରିସ କ୍ଷମତା

### ସୁପାରିସ ନ କରିବାକୁ ତାଗିଦ କରିଥିଲେ ମୁଖ୍ୟ ସଚିବ

■ **ଭୁବନେଶ୍ୱର, ୧୩।୫ (ସମିସ):** ପୂର୍ବରୁ ଶିକ୍ଷକଙ୍କ ବଦଳି ନିମନ୍ତେ ନିର୍ଦ୍ଦିଷ୍ଟ ନିୟମ ରହିଥିଲା। ଏଥିପାଇଁ ରହିଥିବା ପୋର୍ଟାଲରେ ସମ୍ପୃକ୍ତ ଶିକ୍ଷକ ଆବେଦନ କରିବା ପରେ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଏ ସଂକ୍ରାନ୍ତରେ ଆବଶ୍ୟକତା ଆଧାରରେ ନିଷ୍ପତ୍ତି ନେଉଥିଲେ। ଶିକ୍ଷକ ବଦଳିରେ ସ୍ୱଚ୍ଛତା ରକ୍ଷା ଦିଗରେ ଏହା ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ସେହିପରି ବଦଳି ଓ ନିଯୁକ୍ତି ସଂକ୍ରାନ୍ତ କୌଣସି ସୁପାରିସ ନ କରିବା ପାଇଁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେବା ସହ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଦୂରର କଥା; ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବଦଳି ପାଇଁ ବିଧିବଦ୍ଧ ସୁପାରିସ ପରମ୍ପରା ଆରମ୍ଭ କରିଛି। ଶିକ୍ଷକମାନଙ୍କ ବଦଳି ଓ ନିଯୁକ୍ତି ପାଇଁ ସାଂସଦ ଓ ବିଧାୟକମାନଙ୍କୁ କ୍ଷମତା ଦେଇଛି ଗଣଶିକ୍ଷା ବିଭାଗ।

ବିଧାୟକ ବା ସାଂସଦ ବର୍ଷକରେ ୧୫ ଜଣଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରିଛି। ସୂଚନାନୁସାରେ ନିଜ ନିର୍ବାଚନମଣ୍ଡଳୀର ସର୍ବାଧିକ ୧୫ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ସାଂସଦ ଓ ବିଧାୟକ ସୁପାରିସ କରିପାରିବେ। ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେଇ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେବେ। ଯଦି ଲୋକସଭା କ୍ଷେତ୍ର ଦୁଇଟି ଜିଲ୍ଲା ▶ପୃଷ୍ଠା-୭

## ଆଉ ମିଳିବନି ୫ ଟଙ୍କାରେ ଯାତ୍ରା ସୁବିଧା

# ମା'ଙ୍କ ଉପରେ କୋରଡ଼ା

■ **ଭୁବନେଶ୍ୱର, ୧୩।୫ (ସମିସ):** ଓଡ଼ିଆ ପରିବାରରେ ମା'ମାନଙ୍କୁ ପରିବାରର ଲକ୍ଷ୍ମୀ ବୋଲି ବିବେଚନା କରାଯାଏ। ଏଥିପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର 'ଲକ୍ଷ୍ମୀ' ବସ୍ ଯୋଜନା ପ୍ରଚଳନ କରିଥିଲେ ଏବଂ ଏଥିରେ ଯାତ୍ରା ନିମନ୍ତେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଦେୟ ଥିଲା ମାତ୍ର ୫ ଟଙ୍କା। ଅପହଞ୍ଚ ଇଲାକାରେ ଏହି ବସ୍‌ସେବା ଯୁଗାନ୍ତକାରୀ ପରିବର୍ତ୍ତନ ସୃଷ୍ଟି କରିଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ 'ଲକ୍ଷ୍ମୀ' ବସ୍ ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା ରଖାଯାଇଛି। ମାତ୍ର ବିଡ଼ମ୍ବନା ହେଉଛି ପୂର୍ବରୁ ଏହି



### ମୁଖ୍ୟମନ୍ତ୍ରୀ ବସ୍‌ସେବାରେ ମା' ଦେବେ ୩ ଗୁଣ ଦେୟ

### ପୁରୀକୁ ସବୁ ଜିଲ୍ଲାରୁ ଚାଲିଲା ନାହିଁ ଜଗନ୍ନାଥ ଏକ୍ସପ୍ରେସ

ବସ୍‌ରେ ଯାତ୍ରା ପାଇଁ ଧାର୍ଯ୍ୟ ୫ ଟଙ୍କା ଭଡ଼ାକୁ ପରିବର୍ତ୍ତନ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ପୂର୍ବପରି ଆଉ ମହିଳା, ମିଶନଶକ୍ତି ସଦସ୍ୟା, ଛାତ୍ରଛାତ୍ରୀଙ୍କୁ ଏହି ବସ୍‌ରେ ଯାତ୍ରା ପାଇଁ ଆଉ ୫ଟଙ୍କା ନୁହେଁ, ଅଧିକ ଅର୍ଥ ପଇଠ କରିବାକୁ ପଡ଼ିବ।

ଗତ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବାର ଅବଧି ୨୦୩୨-୩୩ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଏଥିରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନର ଓ ବରିଷ୍ଠ ନାଗରିକମାନଙ୍କୁ ୫୦ ପ୍ରତିଶତ ରିହାତି ମିଳିବ ବୋଲି ଘୋଷଣା କରିଛନ୍ତି। ଅର୍ଥାତ୍ ଯାତ୍ରୀ ଭଡ଼ାର ଅର୍ଦ୍ଧେକ ଅର୍ଥ ମହିଳାଙ୍କୁ ବହନ କରିବାକୁ ପଡ଼ିବ। ସାଧାରଣ ବସ୍‌ରେ ଗୋଟିଏ କିମି ପିଛା ସର୍ବନିମ୍ନ ଟଙ୍କାଟିଏ ଭଡ଼ା ହେଲେ ମଧ୍ୟ ୩୦ କିମି ରାସ୍ତାକୁ ଭଡ଼ା ୩୦ ଟଙ୍କା ହେବ। ଏହି କ୍ରମରେ ପଞ୍ଚାୟତରୁ ୩୦ କିମି ବ୍ଲକ୍ ଦୂରତା ଥିଲେ ମହିଳାମାନଙ୍କୁ ୩୦ ଟଙ୍କା ଅଧା ୧୫ ଟଙ୍କା ଦେବାକୁ ପଡ଼ିବ। ଯାହାକି ପୂର୍ବ ୫ ଟଙ୍କା ତୁଳନାରେ ୩ ଗୁଣା ଅଧିକ ରହିବ। ସେହିପରି ଜିଲ୍ଲା ସ୍ତରରେ ଯାତ୍ରାର ଭଡ଼ା ଆହୁରି ଅଧିକ ବଢ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ▶ପୃଷ୍ଠା-୭

### ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ

## ଦେଶରେ ବଢ଼ିଲା; ଓଡ଼ିଶାରେ କମିଲା



ଦଶମରେ ପାସ୍ ହାର ୯୩.୬୬% ଓ ଦ୍ୱାଦଶରେ ୮୮.୩୯%

ଜବାହର ନବୋଦୟ ବିଦ୍ୟାଳୟର ପାସ୍‌ହାର ସର୍ବାଧିକ

■ **ଭୁବନେଶ୍ୱର, ୧୩।୫(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପୂର୍ବବର୍ଷ ତୁଳନାରେ ଛାତ୍ରଛାତ୍ରୀଙ୍କ ପାସ୍‌ହାର ବଢ଼ିଛି। ସର୍ବଭାରତୀୟ ସ୍ତରରେ ପୂର୍ବବର୍ଷ ଅପେକ୍ଷା ଦଶମରେ ୦.୦୬% ଓ ଦ୍ୱାଦଶରେ ୦.୪୧% ବୃଦ୍ଧି ପାଇଛି। ଦଶମ ଶ୍ରେଣୀରେ ସମୁଦାୟ ୯୩.୬୬% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଦ୍ୱାଦଶରେ ପାସ୍ ହାର ୮୮.୩୯% ରହିଛି। ଉଭୟ ପରୀକ୍ଷାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଦଶମରେ ଛାତ୍ରୀଙ୍କ ପାସ ହାର ୯୫% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୨.୬୩% ଓ ତୃତୀୟ ଲିଙ୍ଗୀଙ୍କ ପାସ୍ ହାର ୯୫% ରହିଛି। ସେହିପରି ଦ୍ୱାଦଶରେ ଛାତ୍ରୀଙ୍କ ପାସ୍ ହାର ୯୧.୬୪% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୫.୭୦% ଓ ସମସ୍ତ ତୃତୀୟ ଲିଙ୍ଗ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଜବାହାର ନବୋଦୟ ବିଦ୍ୟାଳୟର ପ୍ରଦର୍ଶନ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବାଧିକ ଅର୍ଥାତ୍ ୯୯.୪୯% ଓ ▶ପୃଷ୍ଠା-୭




## ଗଣ୍ଡଗୋଳ ଅଭିଯୋଗରେ ଜଣେ ଗିରଫ

ଉମରକୋଟ,୧୩।୫(ସମିସ): ଗଣ୍ଡଗୋଳ ଓ ମାରପିଟ ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଅମିତ ହରିଜନ। ସୂଚନାନୁଯାୟୀ, ଗତ ଶୁକ୍ରବାର ରାତିରେ ଉମରକୋଟ ସହର ନିକଟସ୍ଥ ନୂଆଗୁଡ଼ା (ୟୁଭି ୭) ଗ୍ରାମର ମିଥୁନ ମିତ୍ର ଓ ସଞ୍ଜୟ ମିତ୍ର ବାଇକରେ ବାହାଘରରେ ଯୋଗଦେବାକୁ ଚାଟିଗୁଡ଼ା ଗ୍ରାମକୁ ଯାଉଥିବା ବେଳେ ନୂଆବସ୍‌ଷ୍ଟାଣ୍ଡରେ କୌଣସି ଘଟଣାକୁ ନେଇ ଅମିତ ହରିଜନ ଓ ତାର ୨ସହଯୋଗୀଙ୍କସହ ଯୁକ୍ତିତର୍କ ହୋଇଥିଲା। ଅମିତ ରିଭଲଭର ବାହାର କରି ଭୟଭୀତ କରିବା ସହିତ ମାଡ଼ ମାରିବାସହ ହତ୍ୟା ଧମକ ଦେଇଥିଲେ। ଗ୍ରାମର କିଛି ବ୍ୟକ୍ତି ଛଡ଼େଇବାକୁ ଆସିବା ବେଳେ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ ବୋଲି ମିଥୁନ ମିତ୍ର ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ସେହିଦିନରୁ ଅମିତ ଫେରାର ହୋଇଯାଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଭାଲୁଗୁଡ଼ାରୁ ଉମରକୋଟ ପୁଲିସ କାବୁ କରିଥିଲା। ଅମିତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ତା ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ତାପାଖରୁ ରିଭଲବର ଜବତ କରାଯାଇ ନାହିଁ। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ ଅଧିକାରୀ ପୁଲିସ ସବ ଇନ୍ସପେକ୍ଟର ସୌମେନ୍ଦ୍ର ସେଠ, ସବ ଇନ୍ସପେକ୍ଟର ଶିବାଜୀ ପଣ୍ଡା ଓ ପୁଷ୍ପଲତା ସୁନାନି ଓ କନେଷ୍ଟବଲ ନରେନ୍ଦ୍ର ନାୟକ ଭାଲୁଗୁଡ଼ାରୁ ଅମିତକୁ ଗିରଫ କରିଥିଲେ। ଅନ୍ୟପଟେ ଗଣ୍ଡଗୋଳରେ ଆଉ କିଏ କିଏ ଅଛନ୍ତି ତାହା ତଦନ୍ତ କରୁଛି ପୁଲିସ।

## ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର



ବୈପାରୀଗୁଡ଼ା,୧୩।୫(ସମିସ): ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଆଗେଇବା ନିମନ୍ତେ ମଙ୍ଗଳବାର ବୈପାରୀଗୁଡ଼ା ବ୍ଲକ ଅଧୀନ ମାଠପୋଡ଼ାସ୍ଥିତ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ଅଭିମନ୍ୟୁ କବି ଶତପଥିଙ୍କୁ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ମାଠପୋଡ଼ା ପଞ୍ଚାୟତବାସୀଙ୍କ ପାଇଁ ଗୋଟିଏ ମିଶନ ଶକ୍ତି ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ଗୃହ ନିର୍ମାଣ ହେଲେ ପଞ୍ଚାୟତର ସମସ୍ତେ ଗାଁ ଲୋକେ ଉପକୃତ ହେବେ। କେବଳ ଗୋଟିଏ ୱାର୍ଡବାସୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ବେଳେ ଅତିଶୀଘ୍ର ନିର୍ମାଣ କାର୍ଯ୍ୟ ଆଗେଇବା ପାଇଁ ପଞ୍ଚାୟତର ୧୨ଟି ୱାର୍ଡରୁ ୧୧ଜଣ ୱାର୍ଡ ସଭ୍ୟସଭ୍ୟା ଏବଂ ସରପଞ୍ଚ ଗଙ୍ଗାଧର ମସିହା ଓ ସମିତି ସଭ୍ୟ ଲକ୍ଷ୍ମଣ ଚନ୍ଦ୍ର ପଡ଼ିଆ ପ୍ରମୁଖ ଦାବି କରିଛନ୍ତି।

## ଆଦିତ୍ୟ ବିର୍ଲା ପକ୍ଷରୁ ଜଳଛତ୍ର



ଲକ୍ଷ୍ମୀପୁର,୧୩।୫(ସମିସ): ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରିରହିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ତାତିର ପ୍ରଭାବକୁ ଦେଖି କଂସାରିଗୁଡ଼ାରେ ନିର୍ମାଣାଧୀନ କାରଖାନା ଆଦିତ୍ୟ ବିର୍ଲା କମ୍ପାନୀ କର୍ତ୍ତୃପକ୍ଷ ତଥା ଅଧ୍ୟକ୍ଷ ମେଜର ବେଇଗ୍ ବିରିଗୁଡା କଲୋନୀ ଛକରେ ଜଳଛତ୍ର ଖୋଲିଛନ୍ତି। ଓଆରଏସ ଓ ଲେମ୍ବୁଚିନି ମିଶ୍ରିତ ପାଣି ଯାତାୟାତ କରୁଥିବା ଲୋକଙ୍କୁ ଦିଆଯାଉଛି। ଜଳଛତ୍ରରେ ଜଣଙ୍କୁ ମାସିକ ପାରିଶ୍ରମିକ ମଧ୍ୟ କର୍ତ୍ତୃପକ୍ଷ ପ୍ରଦାନ କରୁଥିବା ନିୟୋଜିତ ବ୍ୟକ୍ତି ଜଣକ କହିଛନ୍ତି। ସଂସ୍ଥାର ଏପରି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

■ କାମରେ ଲାଗୁନି ଆବର୍ଜନା ପୃଥକୀକରଣ ଗୃହ

## ୨୬ ପଞ୍ଚାୟତକୁ ବିଡିଓଙ୍କ ଚିଠି

'ସକାଳ' ପ୍ରଭାବ

କୋଷାଗୁମୁଡ଼ା,୧୩।୫(ସମିସ): କୋଷାଗୁମୁଡ଼ା ବ୍ଲକର ୨୬ଟି ପଞ୍ଚାୟତରେ ଆବର୍ଜନା ପୃଥକୀକରଣ ଗୃହ ସାଧାରଣରେ କାର୍ଯ୍ୟରେ ନଲାଗିବା ଏବଂ ବିଭିନ୍ନ ସମସ୍ୟା ଆଧାରିତ ଖବର ଦୈନିକ 'ସକାଳ'ରେ ପ୍ରକାଶ ହେବାପରେ ବିଡିଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ କୋଷାଗୁମୁଡା ବିଡିଓ ଆଶିଷ ତ୍ରିପାଠୀ ତତ୍ପରତାସହ ଚିଠି ନମ୍ବର ୧୨୯୮/୨୫ରେ ୧୦ତାରିଖରେ ସମସ୍ତ ୨୬ଟି ପଞ୍ଚାୟତର ପିଇଓ ଏବଂ ସରପଞ୍ଚଙ୍କୁ ଏକ ଜରୁରୀକାଳୀନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଚିଠି ପ୍ରେରଣ କରିଛନ୍ତି। ସୂଚନାନୁଯାୟୀ, ବ୍ଲକର ୨୬ଟି ପଞ୍ଚାୟତରେ ଆବର୍ଜନା ପୃଥକୀକରଣ ଗୃହ ସାଧାରଣରେ କାର୍ଯ୍ୟରେ ନଲାଗିବା ଏବଂ ଗୃହର ଛାତ ଉଡ଼ିବା ତଥା ଆବର୍ଜନା କୁଢ଼କୁଢ଼ ହୋଇଥିବା ଲୋକଙ୍କ ଅଭିଯୋଗ ଭିତ୍ତିକ ଖବର ଗତ ୯ ତାରିଖରେ ପ୍ରକାଶ ପାଇଥିଲା। ତେବେ ଏହି ବିଷୟକୁନେଇ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ "ସକାଳ'କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି।

## ସର୍ଟସର୍କିଟରୁ ବିଦ୍ୟୁତ୍ ଖୁଣ୍ଟରେ ଅଗ୍ନିକାଣ୍ଡ



ସେମିଳିଗୁଡ଼ା, ୧୩।୫ (ସମିସ) : କୋରାପୁଟ ଜିଲ୍ଲା ସେମିଳିଗୁଡା ସହର ନନ୍ଦପୁର ରୋଡ-ରିଲାଆନ୍ସ ମଲ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଯାହାଫଳରେ ଦୀର୍ଘସମୟ ଧରି ଲୋକେ ହଇରାଣ ହୋଇଥିଲେ। ପରେ ସୂଚନା ପାଇ ବିଦ୍ୟୁତ୍ ବିଭାଗର ଅଧିକାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ସମସ୍ୟା ଯୋଗୁଁ ସହରରେ ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟି ହୋଇଥିଲା।

ଧାନ କିଣାରେ ବ୍ୟାପକ ଦୁର୍ନୀତି : ବିଜେଡି

# ୨୫ ଲକ୍ଷ କ୍ୱିଣ୍ଟାଲ୍ ଧାନ କେଉଁଠି?



ନବରଙ୍ଗପୁର:୧୩।୫ (ସମିସ): ନବରଙ୍ଗପୁର ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଲା ବିଜୁ ଜନତା ଦଳ। ନବରଙ୍ଗପୁର ବିଜୁ ଜନତା ଦଳ ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ଜିଲ୍ଲାର ବରିଷ୍ଠ ନେତୃ ମଣ୍ଡଳୀ ମାନଙ୍କୁ ନେଇ ଗଠିତ ଏକ ଟିମ୍ ଜିଲ୍ଲାପାଳ ଡଃ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଜିଲ୍ଲାରେ ଧାନ କିଣାରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ କରିବାକୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଲ୍ୟାମ୍ପସ ଦ୍ୱାରା ଏହି ଦୁର୍ନୀତି ହୋଇଥିବା ଜିଲ୍ଲାପାଳଙ୍କୁ ବିଜେଡି ଟିମ୍ ପକ୍ଷରୁ ଅବଗତ କରାଯାଇଛି। ନବରଙ୍ଗପୁର ଜିଲ୍ଲାର ରାଇଘର, କୋଡିଙ୍ଗା, ପାପଡାହାଣ୍ଡି ଓ ମୈଦଲପୁର ଲ୍ୟାମ୍ପସ୍‌ରେ ଧାନ କିଣାରେ ଅନିୟମିତତା ହୋଇଥିବା ଏହି ଟିମ୍ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଲ୍ୟାମ୍ପସରେ କେବଳ କାଗଜ କଲମରେ ୪୦ ରୁ ୫୦ ପ୍ରତିଶତ ଧାନ କିଣାଯାଇଛି। ସଂପୃକ୍ତ ୪ଟି ଲ୍ୟାମ୍ପ୍‌ସର ଏମ୍‌ଡି ମାନେ ମିଲରସଙ୍କ ସହ ମଧୁଚନ୍ଦ୍ରିକା କରି ନିଜ ନିଜ ଆତ୍ମୀୟସ୍ୱଜନ ମାନଙ୍କ ନାମରେ ପଞ୍ଜିକରଣ କରି ମଣ୍ଡିରେ କଳାବଜାର କରି ହଜାର ହଜାର କ୍ୱିଣ୍ଟାଲ୍ ଧାନ ବିକ୍ରୟ କରି ଲାଭବାନ ହେଉଛନ୍ତି। ତେଣୁ ସଂପୃକ୍ତ ଲ୍ୟାମ୍ପ୍‌ସ ଗୁଡିକରୁ ଧାନ ଉଠେଇଥିବା ମିଲ ଗୁଡିକର ଷ୍ଟକ୍ ଯାଞ୍ଚ କରିବାକୁ ଦଳ ଦାବି କରିଛି। ଏହି ମଧୁ ଚନ୍ଦ୍ରିକାରେ ଲ୍ୟାମ୍ପ୍‌ସର ଏମ୍‌ଡିଙ୍କ ଠାରୁ ଆରମ୍ଭ କରି ଏଆରସିଏସ ଓ ଡିଆରସିଏସ୍ ସଂପୃକ୍ତି ରହିଥିବା ବିଜେଡି ଟିମ୍ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସଂପାଦକ ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଛନ୍ତି ଯେ, ୨୫ ଲକ୍ଷ କ୍ୱିଣ୍ଟାଲ କିଣା ଯାଇଥିବା ଧାନ ବର୍ତ୍ତମାନ କେଉଁଠାରେ ରଖାଯାଇଛି ତାହାର ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଚାଷୀମାନଙ୍କ ନାମରେ ଫେକ୍ ଏଣ୍ଟ୍ରି ହୋଇଛି। ପାଖାପାଖି ୫ ଲକ୍ଷ କ୍ୱିଣ୍ଟାଲ୍ ଧାନ ହେରଫେର କରାଯାଇଥିବା ଅଭିଯୋଗ କରିଛନ୍ତି ପୂର୍ବତନ ସାଂସଦ ଶ୍ରୀ ମାଝୀ। ସେହିଭଳି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅନୁରୂପ ଅଭିଯୋଗ କରି ନବରଙ୍ଗପୁର ଜିଲ୍ଲାରେ ୨୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ବେଳେ ଏତେ ପରିମାଣ ଧାନ ଗଚ୍ଛିତ ରଖାଯିବା ପାଇଁ ଜିଲ୍ଲାରେ କୌଣସି ସ୍ଥାନରେ ଗୋଦାମ ଉପଲବ୍ଧ ନାହିଁ, ଏତେ ପରିମାଣର ଧାନ କୁଆଡେ ଗଲା ବୋଲି ସେ ପ୍ରଶ୍ନ ଉଠେଇବା ସହ ତୁରନ୍ତ ମିଲ ଗୁଡିକର ଷ୍ଟକ୍ ଯାଞ୍ଚ କରିବାକୁ ଦାବି କରିଛନ୍ତି। ଯଥାଶୀଘ୍ର ମିଲ୍ ଗୁଡିକୁ ଯାଞ୍ଚ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ନଚେତ ଆଗାମୀ ଦିନରେ ବିଶାଳ ଚାଷୀ ଆନ୍ଦୋଳନ ହେବା ସହିତ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଟିମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନଗର ସଭାପତି ପ୍ରମୋଦ କୁମାର ରଥ, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ମିଟୁ ପାତ୍ର, ଉତ୍ତମ ତ୍ରିପାଠୀ, ସଞ୍ଜୟ ନାୟକ ପ୍ରମୁଖ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥଲେ।

➤ ମିଲ ଷ୍ଟକ୍ ଯାଞ୍ଚ ହେଉ
➤ ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡି ଟିମ୍

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଜୟପୁର,୧୩।୫(ସମିସ): ଜୟପୁର ସଦରଥାନା ଅଧୀନ କୋଲାବ ସତିଗୁଡ଼ା ଡ୍ୟାମ ନିକଟରେ ଦୁଇ ବାଇକ ମଧ୍ୟରେ ଗତକାଲି ଅପରାହ୍ନରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ବାଇକ୍ ଚାଳକ ଗୁରୁତର ଭାବେ ଆହତ ହୋଇ କୋରାପୁଟ ସହିଦ ମେଡିକାଲ କଲେଜରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ଜୟପୁର ସଦରଥାନା ପୋଡ଼ାପଦର ଗ୍ରାମର ଲବ ଜାନି (୨୭)। ସୋମବାର ପୂର୍ବାହ୍ନରେ ସେ ବାଇକ (ଓଡି ୧୦ ଟି ୮୦୨୦)ରେ ଘରକୁ ଫେରୁଥିବା ବେଳେ ସ୍ଥାନୀୟସତିଗୁଡ଼ାଡ୍ୟାମ(ୟେଲୋଡ୍ୟାମ) ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ (ଓଡି ୧୦ ଡି ୮୯୦୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉକ୍ତ ବାଇକ ଚାଳକ ମଧ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏନେଇ ମୃତକଙ୍କ ସାନଭାଇଙ୍କ ଏତଲାକୁ ଭିତ୍ତି କରାଯାଇ ମାମଲା ରୁଜୁ କରାଯାଇଛି। ତଦନ୍ତ ଆରମ୍ଭ ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

■ ଜିଲ୍ଲାରେ ୨୫ରୁ ରବିଧାନ ମଣ୍ଡି ଶୁଭାରମ୍ଭ

## ବୈଠକରେ ମାତ୍ର ୫ଚାଷୀ, ବିଗିଡ଼ିଲେ ବାହିନୀପତି

କୋରାପୁଟ,୧୩।୫ (ସମିସ): ଆସନ୍ତା ୨୫ ତାରିଖରୁ ୭୩ଟି ମଣ୍ଡିରୁ ରବି ଋତୁ ଧାନକ୍ରୟ ହେବ। ଆଜି ଏ ନେଇ ପ୍ରଶାସନ ଓ ମିଲର୍ସ ସଂଘ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅଫିସ ମିନି କନଫରେନ୍ସ ହଲରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ରବି ଋତୁରେ ୮ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବିଷୟ ଆଲୋଚନା ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜୟପୁର ଉପଜିଲ୍ଲାପାଳ ଏ, ଶସ୍ୟା ରେ‡ୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ବିଭାଗୀୟ ଅଧିକାରୀ, ମିଲର୍ସ ଓ ଚାଷୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକକୁ ମାତ୍ର ୫ ଜଣ ଚାଷୀଙ୍କୁ ଡକାଯାଇଥିବା ଜୟପୁର ବିଧାୟକ ଅଭିଯୋଗ କରି ଅଧିକାରୀ ମାନେ ଚାଷୀ ମାନଙ୍କୁ ଦଳୀୟ ଭିତ୍ତିରେ ବିଭାଜନ କରୁଥିବା କହି ବର୍ଷିଥିଲେ। ଏଥିରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଆସନ୍ତା ଦିନରେ ପ୍ରତି ବ୍ଲକରୁ ଜଣେ ଚାଷୀଙ୍କୁ ଡାକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପକ୍ଷରେ ବର୍ତ୍ତମାନ ଗୋଦାମ ଗୃହ ଅଭାବ ଯୋଗୁଁ ରବି ଧାନ କିଣିବାକୁ ମିଲର୍ସ ମାନେ ରାଜି ନହେବାରୁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଗୋଦାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ମଣ୍ଡି ପାଇଁ ଆବଶ୍ୟକୀୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ତୁରନ୍ତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର ଅଧିବେଶନ

ରାୟଗଡ଼ା,୧୩।୫(ସମିସ): ରାୟଗଡ଼ା ସହର ଉପକଣ୍ଠ ସିରିଗୁଡ଼ା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଗୁରୁ ଦ୍ରୋଣାଚାର୍ଯ୍ୟ ଇଣ୍ଡୋର ହଲରେ ରାଜ୍ୟସ୍ତରୀୟ ଆଦିବାସୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଦିନିଆ ଅଧିବେଶନରେ ୮ ଟି ଜିଲ୍ଲାର ବୁଦ୍ଧିଜିବୀ, ଶିକ୍ଷାବିତ୍, ସମାଜସେବୀ, ସରକାରୀ ଓ ବେସରକାରୀ କର୍ମଚାରୀ, କୃଷକ, ଯୁବଗୋଷ୍ଠୀ ଓ ଆଦିବାସୀ ସଂଗ୍ରାମୀ ଯୋଗ ଦେଇଥିଲେ। ଓଡ଼ିଶା ଆଦିବାସୀ ମହାସଂଘ (ଆମୋ) ଦ୍ୱାରା ଅନୁବନ୍ଧିତ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ (ସୋଆମ୍) ପକ୍ଷରୁ ଆୟୋଜିତ ଏହି ଦୁଇ ଦିନିଆ ଅଧିବେଶନରେ ନୂତନ କମିଟି ଗଠନ କରାଯାଇଥିଲା। ରାଜ୍ୟ ସ୍ତରୀୟ ଚୟନ ମଣ୍ଡଳୀ ଦ୍ୱାରା ନୂତନ କମିଟିକୁ ଚୟନ, ନିଯୁକ୍ତି ଓ ସମ୍ବର୍ଦ୍ଧିତ କରିବା ପରେ ଆଦିବାସୀଙ୍କ ମୌଳିକ ଅଧିକାର, ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର କାର୍ଯ୍ୟକାରିଣୀ କମିଟିରେ ଅବସରପ୍ରାପ୍ତ ଇଣ୍ଡିଆନ୍ ରେଭେନ୍ୟୁ ସର୍ଭିସ୍ ଅଧିକାରୀ ଗଙ୍ଗାଧର ମାଝୀଙ୍କୁ ସଭାପତି, ନରସିଂହ ମାଝୀଙ୍କୁ ଉପ ସଭାପତି, ତ୍ରିନାଥ ଭୁମିଆଙ୍କୁ ଉପ ସଭାପତି, ହେମଦର ମାଝୀଙ୍କୁ ଉପ ସଭାପତି, ବନମାଳୀ ମାଝୀଙ୍କୁ ଉପ ସଭାପତି, ରାଜ କିଶୋର ଭୂୟାଁଙ୍କୁ ଉପ ସଭାପତି, ଦିନବନ୍ଧୁ କହଁରଙ୍କୁ ଉପ ସଭାପତି ଭାବେ ଚୟନ ଓ ନିଯୁକ୍ତି କରାଯାଇଥିଲା ବେଳେ ଟିବୁ ସାରାକାଙ୍କୁ ସାଧାରଣ ସମ୍ପାଦକ, ନୀଳକଣ୍ଠ ଦୋରା, ନରସିଂହ ଜାନି, ବାଳକୃଷ୍ଣ ମାଝୀ, ପୁରୁଷୋତ୍ତମ ମାଝୀ, ରାମଚନ୍ଦ୍ର ନାୟକ ଓ ବିଶ୍ୱମ୍ବର ପ୍ରଧାନଙ୍କୁ ଯୁଗ୍ମ ସଂପାଦକ ଭାବେ ଚୟନ ଓ ନିଯୁକ୍ତି କରାଯାଇଥିଲା। ଏତଦ୍ ବ୍ୟତୀତ, ମହିଳା ମୋର୍ଚ୍ଚାର ସଭାନେତ୍ରୀ ଲକ୍ଷ୍ମୀ ପ୍ରାସ୍କା, ଯୁବ ମୋର୍ଚ୍ଚା ରାମମୂର୍ତ୍ତି କିର୍ଷାନି, ସୂଚନା ପ୍ରଯୁକ୍ତି ଓ ଗଣମାଧ୍ୟମର ମୁଖ୍ୟ ଭାବେ ବିଜୟ କୁମାର ମେଲାକାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବେଣୁଧର ଚୌଧୁରୀ, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଓଡ଼ିଶା ଆଦିବାସୀ ମହାସଂଘର କୋଷାଧକ୍ଷ ନବୀନ ଚନ୍ଦ୍ର ଗୁରୁ, କାଶୀପୁର ବ୍ଲକ୍ ଆଦିବାସୀ ସମାଜର ସଭାପତି ଶିବ ମାଝୀ, ଆଦିବାସୀ ମହାସଂଘ ଓଡ଼ିଶାର ସଦସ୍ୟ ଭଗବାନ୍ ମାଝୀ, ଓଡ଼ିଶା ଆଦିବାସୀ ମହାସଂଘର ରାୟଗଡ଼ ଶାଖା ସଭାପତିବସନ୍ତ କୁମାର ପେଦେଣ୍ଟି, ରାୟଗଡ଼ ଆଦିବାସୀ ମହାସଂଘ (ରାଆମ)ର ସମ୍ପାଦକ କାମେଶ୍ୱର ବିଡ଼ିକା ସହଯୋଗ କରିଥିବା ବେଳେ ଅଧିବେଶନର ମଞ୍ଚ ପରିଚାଳନା ଆଦିବାସୀ ମହାସଂଘ ଓଡ଼ିଶାର ରାଜ୍ୟ ସଂଯୋଜକ ତଥା ଆଇନଜୀବୀ ରବୀନ୍ଦ୍ରନାଥ ମାଢ ପ୍ରଥମ ଓ ଦ୍ୱିତୀୟ ଦିନର ଅଧିବେଶନରେ ମଞ୍ଚ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ଶତପ୍ରତିଶତ ସଫଳତା



କୋରାପୁଟ,୧୩।୫(ସମିସ): ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ ଓ ବାଣିଜ୍ୟ ) ଓ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ଦ୍ୱାଦଶ ଶ୍ରେଣୀ ବାଣିଜ୍ୟରେ ୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଜାହ୍ନବୀ ଦାସ ୯୩.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ଏବଂ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୩୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶୀତିଲଗ୍ନା ଶତପଥୀ ୯୧.୮ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ୬୯ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହାସଲ କରିଛନ୍ତି। ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ଦାସ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଦ୍ୟାଳୟର କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

## ଚିନ୍ମୟ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ ଟପ୍ପର



କୋରାପୁଟ,୧୩।୫(ସମିସ): ସିବିଏସଇ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ପରୀକ୍ଷାରେ ୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ପ୍ରଥମ ସ୍ଥାନ, ୧୪ଜଣ ଦ୍ୱିତୀୟ ଓ ୪୩ଜଣ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ର ଚିନ୍ମୟ ସେଠୀ ୯୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱପ୍ନିଲ ମୁଣ୍ଡ ୯୪.୪ ପ୍ରତିଶତ, ସଞ୍ଜଳି ବେହେରା ୯୦.୮ ଏବଂ ସମ୍ପୂର୍ଣ୍ଣା ପଣ୍ଡା ୯୦.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅଧକ୍ଷା ଅତସି ସାହୁ, ସମ୍ପାଦକ ରାମପ୍ରସାଦ ସରାଫ, ସଭାପତି ଅମୂଲ୍ୟ ମହାପାତ୍ର ଏବଂ କମିଟି ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶରେ ଜୟପୁର ଛାତ୍ରଛାତ୍ରୀଙ୍କ ସଫଳତା



ଜୟପୁର,୧୩।୫(ସମିସ): ସିବିଏସଇ ପରୀକ୍ଷାରେ ଜୟପୁର ସହରର ମଡର୍ଣ୍ଣ ଇଂଲିଶ ବିଦ୍ୟାଳୟରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ୧୬୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ସୌମ୍ୟା ମିଶ୍ର ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ସମେତ ଜୟପୁର ସହରର ଶ୍ରେଷ୍ଠ ଛାତ୍ରୀ ଭାବେ ଟପ୍ପର ହୋଇଛନ୍ତି। ସେହିପରି ଡିଏଭି ବିଦ୍ୟାଳୟର ୬୬ ପ୍ରତିଶତ ପାସ ହାର ରହିଛି। ୧୨୫ ଜଣଙ୍କ ମଧ୍ୟରୁ ୮୨ ଜଣ ପାସ୍ କରିଛନ୍ତି। ଛାତ୍ରୀ ପ୍ରଜ୍ଞାସ୍ମିତା ନାୟକ ୯୪.୪୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ଡିଏଭି ବିଦ୍ୟାଳୟର ୭୧ ପ୍ରତିଶତ ପାସହାର ରହିଛି। ୩୪ ଜଣଙ୍କ ମଧ୍ୟରୁ ୨୪ଜଣ ପାସ କରିଛନ୍ତି। ସର୍ବାଧିକ ହରଶିତ କୁରମକୁ ସର୍ବାଧିକ ୮୯. ୬୦ ପ୍ରତିଶତ ରଖି ପ୍ରଥମ ହୋଇଛନ୍ତି। ସେହିପରି ସେଣ୍ଟ ଜେଭିଏର୍ସ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ସର୍ବାଧିକ ୯୬.୮ ପ୍ରତିଶତ ନମ୍ବର ରଖି ମୟଙ୍କ ମହାନ୍ତି ଟପର ହୋଇଛନ୍ତି।

## ସରପଞ୍ଚ ଓ ସମିତିସଭ୍ୟ ସଂଘର ଧାରଣା ପ୍ରତ୍ୟାହୃତ

ଚନ୍ଦାହାଣ୍ଡି,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଠାରେ ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ୭ ଦିନ ହେଲା ଆନ୍ଦୋଳନ କରୁଥିଲେ। ଦଶ ଦିନ ଭିତରେ ଦାବି ପୂରଣ ହେବା ନେଇ ସିଡିଓ ବିରଞ୍ଚି ନାରାୟଣ ଧାୱନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ନିର୍ଧାରିତ ସମୟମଧ୍ୟରେ ଦାବି ପୂରଣ ନହେଲେ ଧାରଣା ଅବ୍ୟାହତ ରହିବ ବୋଲି କୁହାଯାଇଛି।

ଦୁର୍ଗମ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

# ରାସ୍ତା, ବିଜୁଳି, ପାନୀୟ ଜଳ ସମସ୍ୟା ଜଣାଇଲେ ଗ୍ରାମବାସୀ



ତେନ୍ତୁଳିଖୁଣ୍ଟି,୧୩।୫(ସମିସ): ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅଧୀନରେ ଥିବା ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଦୁର୍ଗମ ଅଞ୍ଚଳ ମଧ୍ୟରେ ରହୁଥିବା ଅଧିବାସୀ ରାସ୍ତା, ପାନୀୟ ଜଳ ଓ ବିଜୁଳି ସମସ୍ୟା ନେଇ ଅଭିଯୋଗ କରିଛନ୍ତି। ସେହିପରି କମ ସଂଖ୍ୟକ ପିଲା ଯୋଗୁଁ ବରଡ଼ାଯୋଡ଼ି ବିଦ୍ୟାଳୟ ବନ୍ଦ ହୋଇ ପଡ଼ିଥିବା ବେଳେ ପୁନଶ୍ଚ ସ୍ଥାପନ ପାଇଁ ଦାବି ହୋଇଛି। ତେବେ ଲାଗି ରହିଥିବା ସମସ୍ତ ପ୍ରକାର ସମସ୍ୟାର ସମାଧାନ କରି ଦୁର୍ଗମ ଅଞ୍ଚଳବାସୀଙ୍କୁ ଉଚିତ ସେବା ଯୋଗେଇବାରେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅଧୀନ ତଥା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବରଡ଼ାଯୋଡି, ଲଦପଦର, ମଦ ଗୁଲୁମି, ମୁଣ୍ଡାଗୁଡ଼ା ଓ ବିଜପଦର ଗ୍ରାମକୁ ବିଧାୟକ ମାଝି ଗସ୍ତ କରିଥିଲେ। ଲଦିପଦର ଓ ବରଡ଼ାଯୋଡ଼ି ଗ୍ରାମକୁ ଅଦ୍ୟାବଧି ପକ୍କା ରାସ୍ତାଟିଏ ନଥିବାରୁ ପାଦରେ ଚାଲିକି ଯିବାକୁ ପଡୁଛି। ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନଥିବାରୁ କାହାର ରୋଗବ୍ୟାଧି ହେଲେ ଡାକ୍ତରଖାନା ଯିବାରେ ଅନେକ ସମସ୍ୟା ହେଉଛି। ବିଜୁଳି ଓ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିନି। ଫଳରେ ଜଙ୍ଗଲ ଘେରା ମଧ୍ୟରେ ବସତି ସ୍ଥାପନ କରିରହୁଥିବା ଉଭୟ ଗ୍ରାମବାସୀଙ୍କୁ ଦୁର୍ବିସହ ଜୀବନ ବିତେଇବାକୁ ପଡୁଛି। ଏଣୁ ସମସ୍ତ ସୁବିଧା କରିବାକୁ ଉଭୟ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଗୁହାରି କରିଛନ୍ତି। ସେହିପରି ବିଜପଦରରୁ ମଦଗୁଲୁମି ପର୍ଯ୍ୟନ୍ତ ପକ୍କା ରାସ୍ତା ନାହିଁ। ପାନୀୟ ଜଳ ସଙ୍କଟ ଲାଗିରହିଛି ଏବଂ ମେଗା ପାଣି ଆସୁନି। ଅପରପକ୍ଷେ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତରୁ ୧୪ କିମି ଦୂର ତଥା କଳାହାଣ୍ଡି ସୀମାନ୍ତକୁ ଲାଗି ଜଙ୍ଗଲ ଘେରା ମଧ୍ୟରେ ଥିବା ବରଡ଼ାଯୋଡ଼ି ଗ୍ରାମରେ ପୂର୍ବରୁ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବା କାରଣରୁ ବନ୍ଦ ହୋଇଥିବା ବିଦ୍ୟାଳୟ ପୁନଃ ସ୍ଥାପନ କରିବାକୁ ଦାବି ହୋଇଛି। ବିଦ୍ୟାଳୟ ନଥିବା ଯୋଗୁଁ ବରଡ଼ାଯୋଡ଼ି ଗ୍ରାମର ଛୋଟ ପିଲା ପାଠପଢ଼ାରୁ ବଞ୍ଚିତ ରହୁଛନ୍ତି। ସମ୍ପୃକ୍ତ ଗ୍ରାମବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ବନ୍ଦ ରହିଥିବା ବିଦ୍ୟାଳୟକୁ ପୁନଃ ସ୍ଥାପନ କରିବା ନେଇଁ ବିଧାୟକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ବରଡ଼ାଯୋଡି, ଡାଇକ୍ ଏକଦେଇ କଳାହାଣ୍ଡି ଜିଲ୍ଲାକୁ ଖୁବ ଶୀଘ୍ର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଯାତାୟାତ ବ୍ୟବସ୍ଥାକୁ ସୁଗମ କରାଯିବ ବୋଲି ସୂଚନା ମିଳିଛି। ବିଧାୟକଙ୍କ ଗସ୍ତ ସମୟରେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ସରପଞ୍ଚ ଟଭା ନାୟକ, ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ରୁଦ୍ର ଷଡ଼ଙ୍ଗୀ, ଯନ୍ତ୍ରୀ ଭରତ କୁମାର ତନ୍ତୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦେବର୍ଷି ନାୟକ, ଯନ୍ତ୍ରୀ ରାଜେଶ ସୋରେନ, ଆରଡବ୍ଲୁଏସ୍‌ଏସ ଏସଡିଓ, ଆଇଟିଡିଏ ଯନ୍ତ୍ରୀ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବିଏସଏସଓ ରବୀନ୍ଦ୍ର ସାହୁ, ସମାଜସେବୀ ଭୀମସେନ ପାଣିଗ୍ରାହୀ, ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଲଛମନ ମାଝି, ସୁବାଷ ନାୟକ ଓ ଅଭିମନ୍ୟୁ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀଯୁକ୍ତ
ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା
ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ
ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ।
ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ
ଦୀର୍ଘାୟୁ କରନ୍ତୁ.. ମୋର ପ୍ରାର୍ଥନା

# ଆଜି ଲୋକାର୍ପିତ ହେବ ତାଳବନ୍ଧ ନେଚରକ୍ୟାମ୍ପ୍



ନବୀନ କରିଥିଲେ ଶିଳାନ୍ୟାସ

ପର୍ଯ୍ୟଟକଙ୍କ ଆକର୍ଷଣ ସାଜିବ ଏହି ପ୍ରକଳ୍ପ

ବାସ୍ତବ ରୂପ ନେଲା ବିଜେଡି ସରକାରଙ୍କ ଯୋଜନା



ବାରିପଦା, ୧୩।୫(ସମିସ)

ଦୀର୍ଘଦିନ ଅପେକ୍ଷା ପରେ ବୁଧବାର ଶିମିଳିପାଳ ଅଭୟାରଣ୍ୟ ପାଇଁ ୩୬୫ ଦିନ ଖୋଲା ରହିବାକୁ ଥିବା ତାଳବନ୍ଧ ନେଚର କ୍ୟାମ୍ପ ପର୍ଯ୍ୟଟକଙ୍କ ପାଇଁ ଲୋକାର୍ପିତ ହେବ। ଶିମିପାଳ ବ୍ୟାଘ୍ର ସଂରକ୍ଷଣ (ଏସଟିଆର) ପ୍ରକଳ୍ପ (ଉତ୍ତର) ଉପନିର୍ଦ୍ଦେଶକ ସାଇକିରଣ ଏ ନେଇ ସୂଚନା ଦେଇଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ନେଚରକ୍ୟାମ୍ପକୁ ଲୋକାର୍ପିତ କରିବେ। ତାଙ୍କ ସହିତ ସାଂସଦ, ବିଧାୟିକା ଓ ଏସଟିଆର ଅଧିକାରୀ ମଧ୍ୟ ଯୋଗଦେବେ। ଗତ ବିଜେଡି ବା ନବୀନ ସରକାରଙ୍କ ସମୟରେ ତତ୍କାଳୀନ ବାଙ୍ଗିରିପୋଷି ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଉଦ୍ୟମରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ନୂତନ ପ୍ରକଳ୍ପ ଲୋକାର୍ପଣ ପରେ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ସାଜିବ ବୋଲି ଚର୍ଚ୍ଚା ହେଉଛି। ଜଙ୍ଗଲ ବିଭାଗ ତରଫରୁ ନିର୍ମିତ ଏହି ନେଚର କ୍ୟାମ୍ପ ସହିତ ବନ୍ୟପ୍ରାଣୀ ସଫାରୀ ୨୦୨୪ ଅକ୍ଟୋବରରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା; ପରନ୍ତୁ ମହାରାଷ୍ଟ୍ରରୁ ଆସିଥିବା ୨ବାଘୁଣୀ ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବ୍ୟସ୍ତ ରହିବା ଓ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦିତ ହୋଇ ନ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଫଳସ୍ୱରୂପ ଏହି ପ୍ରକଳ୍ପ ଲୋକାର୍ପଣରେ ବିଳମ୍ବ ହୋଇଥିଲା। ଏହି ନ୍ୟାଚର କ୍ୟାମ୍ପରେ ସମସ୍ତ ବିଳାସବ୍ୟସନ ସାମଗ୍ରୀ ଥିବା ୧୦ଟି ଅତ୍ୟାଧୁନିକ କଟେଜ ଗୃହ, ହୋଟେଲ, ଶିଶୁ ଉଦ୍ୟାନ, ସୁଇମିଙ୍ଗ ପୁଲ ଆଦି ନିର୍ମାଣ ହୋଇଛି। ଏପଟୁ ଶିମିଳିପାଳ ଜଙ୍ଗଲ ସଫାରୀ ପାଇଁ ୫ଟି ଗାଡି ମଧ୍ୟ ରହିଛି। ପର୍ଯ୍ୟାୟକ୍ରମେ ଜଙ୍ଗଲ ସଫାରୀ ଗାଡି ତାଳବନ୍ଧ-ଚହଲା ନୂତନ ରାସ୍ତାରେ ଚଳାଚଳ ହେଲେ ସ୍ଥାନୀୟ ଯୁବକମାନେ ଡ୍ରାଇଭର ତଥା ଗାଇଡଭାବେ ମଧ୍ୟ ନିଯୁକ୍ତି ପାଇବେ। ଦରକାର ପଡ଼ିଲେ ସେମାନଙ୍କ ଦକ୍ଷତା ବିକାଶ ପାଇଁ ମଧ୍ୟ ବିଭାଗ ତରଫରୁ ତାଲିମ ବ୍ୟବସ୍ଥା କରାଯିବ। ଏସଏଚଜି ତଥା ସ୍ଥାନୀୟ ମହିଳାଙ୍କୁ ନେଚର କ୍ୟାମ୍ପର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ସରକାର ବ୍ୟବସ୍ଥା କରିଛନ୍ତି। ଏହି କ୍ୟାମ୍ପ ବର୍ଷତମାମ ଖୋଲା ରହିବା ସହ ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରାଯିବା ଲକ୍ଷ୍ୟ ରଖାଯାଇଛି। ରକ୍ଷଣାବେକ୍ଷଣ ପାଇଁ ମାତ୍ର ୧୦ ପ୍ରତିଶତ ଟଙ୍କା ସରକାର ନେବା ବେଳେ ଅନ୍ୟ ଅର୍ଥ ସ୍ଥାନୀୟ ଅଞ୍ଚଳର ବିକାଶରେ ଲାଗିବ। ସୂଚନାଯୋଗ୍ୟ ଯେ, ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ ପାଇଁ ଯଶିପୁର ଆଉ ପିଠାବଟା ଦେଇ ଯିବାକୁ ପଡୁଥିଲା ; ଯାହାକି ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ଆସୁଥିବା ପର୍ଯ୍ୟଟକ ୧୦୦ କିମିରୁ ଅଧିକ ରାସ୍ତା ଅତିକ୍ରାନ୍ତ କରିବାକୁ ପଡୁଥିଲା। ଏବେ ବାଙ୍ଗିରିପୋଷି-ତାଳବନ୍ଧ ରାସ୍ତା ଦେଇ ଗଲେ ସେମାନଙ୍କ ପାଇଁ ଶିମିଳିପାଳର ଚହଲା ବ୍ୟତୀତ ବରେହିପାଣି, ଯୋରନ୍ଦା ଆଦି ଅଞ୍ଚଳକୁ ବୁଲିଯିବା ପାଇଁ ଉଭୟ ରାସ୍ତା ଓ ଖର୍ଚ୍ଚ କମ ପଡ଼ିବ। ବାଙ୍ଗିରିପୋଷିରୁ ମାତ୍ର ୪୫ କିମି ଦୂର ରାସ୍ତା ଅତିକ୍ରମ କଲେ ଶିମିଳିପାଳର ଆନନ୍ଦ ଉଠାଇ ହେବ। ପୂର୍ବରୁ ବହୁବାର ବ୍ରାହ୍ମଣଗାଁ ପଞ୍ଚାୟତ ତାଳବନ୍ଧ ବିଟ ଦେଇ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ବାଟ ଫିଟାଇବା ପାଇଁ ଦାବି ହୋଇ ଆସୁଥିବା ବେଳେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡି ଏଥିପାଇଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ। ଗତ ଫେବୃଆରୀ ମାସରେ ନବୀନ ସରକାର ଏହାକୁ ମଞ୍ଜୁର କରିବା ସହିତ ମାର୍ଚ୍ଚ ୭ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଇକୋ ଟୁରିଜିମ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଲେ ପର୍ଯ୍ୟଟନ ବଢ଼ିବା ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ। ତାଳବନ୍ଧ ଅଞ୍ଚଳଟି ମୁଖ୍ୟତଃ ଆଦିବାସୀ ଅଞ୍ଚଳ ହୋଇଥିବାରୁ ଲୋକେ କାମଧନ୍ଦା ପାଇଁ ବାହାରକୁ ଯାଇଥାନ୍ତି। ତେଣୁ ସେମାନଙ୍କ ଆର୍ଥିକ ବିକାଶକୁ ଲକ୍ଷ୍ୟ କରି ପୂର୍ବ ସରକାରଙ୍କ ଯୋଜନା ବାସ୍ତବ ରୂପ ନେଇଛି।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ




**ବାରିପଦା, ୧୩।୫(ସମିସ):** ଜୁବୁଲି ମଣ୍ଡପଠାରେ ସାନ୍ତାଳ ଏମ୍ପ୍ଲୟିଜ ଆସୋସିଏସନ ତରଫରୁ ଅଲଚିକି ଲିପି ସ୍ରଷ୍ଟା 'ପରସି ସିଞ୍ଚାନ୍ଦ' ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସାନ୍ତାଳ ପରମ୍ପରା ଅନୁସାରେ ନାୟକେ ବାବା ମଦନ ହେମ୍ବ୍ରମଙ୍କ ଦ୍ୱାରା ବିଧିବଦ୍ଧ ପୂଜାର୍ଚ୍ଚନା କରାଯିବା ପରେ ଆସୋସିଏସନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାପତି ସିଦ୍ଧେଶ୍ୱର ମାଣ୍ଡି, ଉପସଭାପତି ସୁରାୟ ମୁର୍ମୁ, ସମ୍ପାଦକ ବାଡା ହେମ୍ବ୍ରମ, ସହ ସମ୍ପାଦକ ପଦ୍ମିନୀ ହାଁସଦା, କୋଷାଧ୍ୟକ୍ଷ ରାଜେନ୍ଦ୍ର ମାଣ୍ଡି ପ୍ରମୁଖ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାମଧନ ମାଣ୍ଡି, ସୁରେନ୍ଦ୍ର କିସ୍କୁ, ଭକ୍ତଚରଣ ସୋରେନ, ଶ୍ୟାମସୁନ୍ଦର ଟୁଡୁ, କନକଲତା ମୁର୍ମୁ ପ୍ରମୁଖ ଅଲଚିକି ଲିପିର ବୈଜ୍ଞାନିକ ପୃଷ୍ଠଭୂମି, ମିଶନ ଅଲଚିକି ଓ ସଂଗଠନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଭାରତୀ ଟୁଡୁ ମଞ୍ଚ ପରିଚାଳନା ଓ ଯୁଗ୍ମ ସମ୍ପାଦକ ସୁନୀଲ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।



**ରାଇରଙ୍ଗପୁର/ତିରିଂ:** ସୀମାନ୍ତ ତିରିଂ ବ୍ଲକ ନାରାଣପୁର ବିଦୁ ଚାନ୍ଦାନ ଅଲ ଇତୁନ ଆଶ୍ଲା ପକ୍ଷରୁ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ ଗତକାଲି ପାଳିତ ହୋଇଯାଇଛି। ପ୍ରଥମେ ନାରାଣପୁର ଗାଁର ମାଝୀ ବାବା ଭାଦୁ ମାଣ୍ଡି ପରମ୍ପରାଗତ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟ ସ୍ୱର୍ଗତ ମୁର୍ମୁଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅର୍ଜୁନ ବେଶ୍ରା, ମାନସିଂହ ହେମ୍ବ୍ରମ, ସାବନ କୁମାର ମାଣ୍ଡି, ବିଶେଶ୍ୱର ବେଶ୍ରା, ଝରିଆ ହାଁସଦା, ଦୁଲହନ ବାସ୍କେ, ଛିତା ହେମ୍ବ୍ରମ, ସିନଗୋ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ମହେଶ ଦାସ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ



**ବାରିପଦା, ୧୩।୫(ସମିସ):** ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ପ୍ରଥମ ମ୍ୟାଚରେ କିସାନ ବ୍ରଦର୍ସ ଦଳ ରୟାଲ ଟାଇଗର୍ସ ଦଳକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଅଲଡ଼ ଇଜ ଗୋଲଡ଼ ଦଳ କଇଁଫୁଲିଆ ଦଳକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରିଥିଲା। ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଜୀବନ ସାହୁ, ପୂର୍ବତନ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ କୋଚ କୁମାର ରଞ୍ଜନ ପଣ୍ଡା, ବିଶିଷ୍ଟ ଫୁଟବଲ ଖେଳାଳି ଯଦୁନାଥ ମାଝୀ, କୈଳାସ ବେହେରା, ଅଶୋକ ମିସ୍ତ୍ରୀ, ଓ ବିଜୟ କୁମାର ଦାସ (ମଣ୍ଟୁ ଦା), ସୋମନାଥ ସିଂହ, ତପନ କୁମାର ସିନ୍‌ହା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ପ୍ରଥମ ମ୍ୟାଚ ଶିମିଳିପାଳ ଫୁଟବଲ କ୍ଲବ ଓ ଭୋଲାଗଡ଼ିଆ ଫୁଟବଲ କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ ରୟାଲ ଫୁଟବଲ କ୍ଲବ ଓ ଜିପି ଫୁଟବଲ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଆର୍ଯ୍ୟମାନଙ୍କ ସଫଳତା

**ରାଇରଙ୍ଗପୁର, ୧୩।୫(ସମିସ):** ସିବିଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଭୁବନେଶ୍ୱର ପୋଖରୀପୁଟ ଡିଏଭି ସ୍କୁଲର ଛାତ୍ର ଆର୍ଯ୍ୟମାନ ନନ୍ଦ ୯୫ ପ୍ରତିଶତ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି।



ସେ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ନନ୍ଦ ଓ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଗିରିଙ୍କ ସୁପୁତ୍ର।

## ବୌଦ୍ଧିକ ଆଲୋଚନା ସଭା ଓ କବିତା ମହାଯଜ୍ଞ



**ବାରିପଦା, ୧୩।୫(ସମିସ):** ପବିତ୍ର ଚନ୍ଦନ ଓ ବୁଦ୍ଧପୂର୍ଣ୍ଣିମା ଅବସରରେ ମହିମା ଧର୍ମର ଅନ୍ୟତମ ପ୍ରବକ୍ତା ତଥା ଓଡ଼ିଆ ଭକ୍ତିସାହିତ୍ୟର ପ୍ରଣେତା ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ସୋମବାର ସନ୍ଧ୍ୟାରେ ବାରିପଦା ମହର୍ଷି ପବ୍ଲିକ ସ୍କୁଲରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ଏକ ବୌଦ୍ଧିକ ଆଲୋଚନା ସଭା ଏବଂ ଆଧ୍ୟାତ୍ମିକ କବିତାର ମନୋଜ୍ଞ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ବର୍ଷୀୟାନ ସାହିତ୍ୟିକ ଅଜିତ କୁମାର କବାଟ ଓ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଳ ସମାରୋହରେ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦାନକରି ସନ୍ଥକବିଙ୍କ ରଚନାବଳୀ ଆଜି ବି କିଭଳି ପ୍ରକାଶ ପ୍ରଜ୍ଞା ଓଡ଼ିଶା ମାଟିର ଜନଜୀବନକୁ ସତପଥଗାମୀ କରିବାରେ ସହାୟକ ହୋଇଥାଏ, ସେ ନେଇ ଆଲୋକପାତ କରିଥିଲେ। ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା ମଧ୍ୟ ସମାଜ ପାଇଁ କବିଙ୍କ ମହାନ ଅବଦାନ ବିଷୟରେ ସଂକ୍ଷିପ୍ତ ଭାଷଣ ରଖିଥିଲେ। ପରିଷଦର ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ଦେଶର ସାମ୍ପ୍ରତିକ ଯୁଦ୍ଧଭଳି ସ୍ଥିତିରେ ସନ୍ଥକବିଙ୍କ ଆଦର୍ଶର ପ୍ରାସଙ୍ଗିକତା ବିଷୟରେ ବକ୍ତବ୍ୟ ରଖିଥିଲେ। କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଆଧ୍ୟାତ୍ମବାଦିତା ହେତୁ ଭାରତୀୟ ସେନା କିପରି ଦେଶର ସୁରକ୍ଷାରେ ବୀରତ୍ୱର ପରାକାଷ୍ଠା ଓ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ। ସାହିତ୍ୟ ପରିଷଦର ଉପ ସଭାପତି କାବେରୀ ମିଶ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଶଙ୍କର ଜେନା ଏବଂ ଡ. ବିଚିତ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଡ. ଶଶିଧର ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିଲେ। ଯୁବକବି ଶିଉଲାଲ ମହାନ୍ତ ଓ କବି ବାସନ୍ତୀ ଲତା ମହାପାତ୍ରଙ୍କ ସଂଯୋଜନାରେ ସର୍ବଶ୍ରୀ ନରସିଂହ ବାରିକ, ସତୀଶ ଚନ୍ଦ୍ର ବେହେରା, ଭାସ୍ୱତୀ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ଗୋପାଳ ଚନ୍ଦ୍ର ସାଓ, ଜୟନ୍ତ କୁମାର ଦ୍ୱାରୀ, ଶୈଳେନ୍ଦ୍ର କୁମାର ଜ୍ୟୋତିଷୀ ଓ ସାଇପ୍ରସାଦ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳ ସୁରକ୍ଷା ପାଇଁ ମିଳିତ ଫ୍ଲାଗମାର୍ଚ୍ଚ



**ବାରିପଦା, ୧୩।୫(ସମିସ):** ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ଦାଉରୁ କିପରି ସୁରକ୍ଷା ଦିଆଯାଇପାରିବ ସେନେଇ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଶିକାରୀ ସମ୍ବେଦନଶୀଳ ବିଭିନ୍ନ ଗାଁରେ ଫ୍ଲାଗମାର୍ଚ୍ଚ ସହ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅଭୟାରଣ୍ୟର ପାଦଦେଶ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରେ ଶିକାରୀମାନେ ରହୁଥିବା ବେଳେ ତାଙ୍କୁ ବନ୍ୟଜନ୍ତୁ ଶିକାରରୁ ନିବୃତ୍ତ ରହିବାକୁ ସଚେତନ କରାଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦ୍ୱାରା ଶିମିଳିପାଳକୁ ଶିକାରୀ ଦାଉରୁ ସୁରକ୍ଷା ପ୍ରଦାନ କରାଯାଇପାରିବ; ଯାହାକୁ ନେଇ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସଶସ୍ତ୍ର ବଳ, ଏସଟିପିଏଫ, ଅବସରପ୍ରାପ୍ତ ସୈନିକ ଓ ବନ କର୍ମଚାରୀ ମିଳିତଭାବେ ଫ୍ଲାଗ ମାର୍ଚ୍ଚ କରୁଛନ୍ତି। ଶିମିଳିପାଳକୁ ଶିକାରୀ ମୁକ୍ତ କରିବା ଏକମାତ୍ର ଲକ୍ଷ୍ୟ। ପ୍ରତି ଗାଁକୁ ଯାଇ ଆମ ଶିମିଳିପାଳ ଆମ ଗୌରବକୁ କିପରି ତାହାକୁ ସୁରକ୍ଷିତ ରଖିବା ସେ ନେଇ ସଚେତନତାର ବାର୍ତ୍ତା ଦିଆଯାଉଛି। ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା। ତେଣୁକରି ସୁରକ୍ଷା ପାଇଁ ସଚେତନ ସୃଷ୍ଟି କରିବା ମୁଖ୍ୟ ବିଷୟ ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀ କହିଛନ୍ତି।

## ପ୍ରିୟଦର୍ଶିନୀ ନର୍ସିଂ କଲେଜର ସ୍ୱନକ୍ଷତ୍ର ଦିବସ




**ବାରିପଦା ୧୩।୫(ସମିସ):** ପ୍ରିୟଦର୍ଶିନୀ ନର୍ସିଂ କଲେଜର ପ୍ରଥମ ସ୍ୱନକ୍ଷତ୍ର ଦିବସ ବା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ଦ୍ଦେଶକ ଡା. ପ୍ରିୟଦର୍ଶିନୀ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶିକ୍ଷାବିଦ ଡା. ପାର୍ଥସାରଥୀ ଜେନା, ସାମାଜିକ କର୍ମୀ ଦେବସ୍ମିତା ମହାପାତ୍ର ଓ ବିଶିଷ୍ଟ ଅତିଥି ଗୌରଚନ୍ଦ୍ର ସୁର ଯୋଗଦେଇ ନର୍ସିଂପେସାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ନୂଆ କୋର୍ସ ଉନ୍ମୋଚନ, ସ୍ୱାସ୍ଥ୍ୟ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଅଲୋଚନା, ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ପ୍ରଦର୍ଶନୀ, ବୈଷୟିକ ବିସ୍ତାର ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**କରଞ୍ଜିଆ, ୧୩।୫(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜ ଗସ୍ତରେ ଆସି ସୋମବାର ରାଇରଙ୍ଗପୁର କାର୍ଯ୍ୟକ୍ରମ ସାରିବା ପରେ ଯଶିପୁର ରାମତୀର୍ଥ କୁମ୍ଭୀର ପ୍ରକଳ୍ପ ପରିସର ଅତିଥିଶାଳାରେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ବିଶୋଇ କାର୍ଯ୍ୟକ୍ରମକୁ ବାହାରିବା ସମୟରେ ରାମତୀର୍ଥଠାରେ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିମିଳିପାଳ ଉତ୍ତର ଜୋନ୍ ବନ୍ୟପ୍ରାଣୀ ବନଖଣ୍ଡର ଅଧିକାରୀ, କର୍ମଚାରୀ, ଯଶିପୁର ମଣ୍ଡଳ, ଶିମିଳିପାଳ ମଣ୍ଡଳ, କରଞ୍ଜିଆ ନଗର, ରରୁଆଁ, ଶୁକ୍ରୁଳି ଓ କୁସୁମୀ ବ୍ଲକ ବିଜେପି କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଯଶିପୁର ପ୍ରେସ କ୍ଲବ, ଯଶିପୁର ବ୍ୟବସାୟୀ ସଂଘ, କୁଡୁମୀ ସମାଜ, ମାହାର୍ଦାପଲସା ଉଚ୍ଚ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ଗଣ ମଧ୍ୟ ସ୍ୱାଗତ ଜଣାଇଥିଲେ। ଏହି ସମୟରେ ଜଙ୍ଗଲ ଓ ପରିବେଶମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ଥିଲେ।



ଉତ୍ତରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ମୟୂରଭଞ୍ଜ ଏସ୍‌ପି ବରୁଣ ଗଣ୍ଟୁପାଲି ସମେତ ଅନ୍ୟ ପୁଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଗୋଗିନାନୀ, ଦକ୍ଷିଣ ଜୋନ୍ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସମ୍ରାଟ ଗୌଡା, ଉତ୍ତର ଜୋନ୍ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସାଇକିରଣ ଡି ଏନ୍, ତିରୁପତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର କେ ଗଣପତି ଭଟ୍ଟ, ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ଯଶିପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଶକୁନ୍ତଳା ବେଡାଜାଲ୍, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ନେତା କୃପାସିନ୍ଧୁ ମହାନ୍ତ ପ୍ରମୁଖ ବହୁ ନେତା ଉପସ୍ଥିତ ଥିଲେ।

### କଲ୍ୟାଣମଣ୍ଡପ ପାଇଁ ଟ୍ରାଫିକ୍ ସମସ୍ୟା ଗୁରୁତର

## ଘଣ୍ଟା ଘଣ୍ଟା ଧରି ଜାମ୍‌ରେ ଫସି ରହୁଛି ଆମ୍ବୁଲାନ୍ସ

ବାରିପଦା, ୧୩।୫(ସମିସ)

ବାରିପଦା ସହର ରଘୁନାଥପୁର ଅଞ୍ଚଳରେ କଲ୍ୟାଣ ମଣ୍ଡପଗୁଡ଼ିକ ପାଇଁ ବିବାହ ଋତୁରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅବ୍ୟବସ୍ଥିତ ଢ଼ଙ୍ଗରେ ବରଯାତ୍ରୀ ଶୋଭାଯାତ୍ରା ଏବଂ ମଣ୍ଡପ ସମ୍ମୁଖରେ ପାର୍କିଂ ଯୋଗୁଁ ଟ୍ରାଫିକ ସମସ୍ୟା ସନ୍ଧ୍ୟାରୁ ରାତି ଯାଏଁ ଉପୁଜୁଛି; ଯାହାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ବିଫଳ ହୋଇଛି। ଟ୍ରାଫିକ ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଓ ସ୍ଥାନୀୟ ଲୋକେ ଘଣ୍ଟା ଘଣ୍ଟା ଜାମରେ ଫସି ରହୁଛନ୍ତି। ବାରିପଦା-ବାଘଡା ରାସ୍ତାର ଦାରୋଗାଡାହିରୁ ରଘୁନାଥପୁର-ଲକ୍ଷ୍ମୀପୋଷି ରାସ୍ତାରେ ୪/୫ଟି ବିବାହ ମଣ୍ଡପ ରହିଛି। ଏଗୁଡିକ ସହରର ମୁଖ୍ୟ ମଣ୍ଡପ ହୋଇଥିବାରୁ ଅଧିକାଂଶ ସମୟରେ ବିବାହ, ବ୍ରତଘର ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ବିଶେଷକରି ବିବାହ ଋତୁରେ ସନ୍ଧ୍ୟାରୁ ରାତି ଯାଏ ଟ୍ରାଫିକ ସମସ୍ୟା ଭୟଙ୍କର ରୂପ ଧାରଣ କରୁଛି। ଏହି ସମୟରେ ଉକ୍ତ ରାସ୍ତା ଭିଡ଼ ରହୁଥିବା ବେଳେ ବିବାହ ଶୋଭାଯାତ୍ରା ପାଇଁ ଆହୁରି ଜାମ ହେଉଛି। ସେହିପରି ଭୋଜିକୁ ଯୋଗଦେବାକୁ ଆସିଥିବା ଆମନ୍ତ୍ରିତ ଅତିଥି ମଣ୍ଡପ ସମ୍ମୁଖର ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାଡି ପାର୍କିଂ ହେଉଛି। ମଣ୍ଡପ ଗୁଡିକର ନିଜସ୍ୱ ପାର୍କିଂ ଏରିଆ ଛୋଟଥିବାରୁ

**ଲୋକେ ନାକେଦମ; ବେଲଗାମ ଶୋଭାଯାତ୍ରା ଓ ପାର୍କିଂ**

ଗାଡିଗୁଡିକ ରାସ୍ତାପାର୍ଶ୍ୱରେ ପାର୍କିଂ କରୁଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହେବା ସହିତ ଟ୍ରାଫିକ ଜାମ ହେଉଛି। ଏହାସହିତ ସମସ୍ତ ୪/୫ଟି ମଣ୍ଡପକୁ ଏକା ସଙ୍ଗେ ବରଯାତ୍ରୀ ଶୋଭାଯାତ୍ରା ପଛକୁ ପଛ ଆସିବାରୁ ୪/୫କିମି ରାସ୍ତା ସମ୍ପୂର୍ଣ୍ଣ ଜାମ ହୋଇଯାଉଛି। ଉକ୍ତ ସମୟରେ ଯାନବାହନ ଯିବାଆସିବା କରିବା ଫଳରେ ରାସ୍ତା ଘଣ୍ଟା ଘଣ୍ଟା ଧରି ପୂରା ବନ୍ଦ ହୋଇଯାଉଛି। ଶୋଭାଯାତ୍ରା ରାସ୍ତାକୁ ପୁରା ମାଡିକରି ଯାଉଥିବାରୁ ବସ, ଟ୍ରକ ତ ଦୂର କଥା କାର ମଧ୍ୟ ପାର ହୋଇପାରୁନାହିଁ। ସପ୍ତାହକ ମଧ୍ୟରେ ଉକ୍ତ ଅଞ୍ଚଳରେ ଏକତ୍ର ୫ଟି ବାହାଘର ଥିବାରୁ ବର ଯାତ୍ରୀ ପ୍ରୋସେସନ ଓ ପାର୍କିଂ ପାଇଁ ସନ୍ଧ୍ୟା ୮ରୁ ରାତି ପ୍ରାୟ ୧୦ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା। ଦୀର୍ଘ ୨ଘଣ୍ଟା ଧରି ଟ୍ରାଫିକ ଜାମ ଯୋଗୁଁ ବାଘଡା ପଟୁ ଆସୁଥିବା ଆମ୍ବୁଲାନ୍ସ ଗୁଡିକ ଫସି ରହିଥିଲା। ଭିଡ଼ ଏତେ ପରିମାଣରେ ଥିଲା ଯେ ଲୋକେ ୩/୪କିମି ବୁଲିକି ଯିବାକୁ ବାଧ ହୋଇଥିଲେ; ହେଲେ ପୁଲିସ ଦେଖଣାହାରୀ ସାଜିଥିଲେ। ଜାମକୁ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହୋଇଥିଲା। ରାସ୍ତା କଡ଼ରୁ ବେଆଇନ ପାର୍କିଂ ବ୍ୟବସ୍ଥାକୁ ବନ୍ଦ କରିବା ସହ ପର୍ଯ୍ୟାୟକ୍ରମେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିବାହ ଶୋଭାଯାତ୍ରା ଯିବା ନିମନ୍ତେ ବ୍ୟବସ୍ଥା କରାଗଲେ ଭିଡ଼ ନିୟନ୍ତ୍ରଣ ହୋଇପାରିବ।



# ଅପହଞ୍ଚ ଇଲାକାର ଆଲୋକର ଉତ୍ସ ବେଦାନ୍ତ ସୌର ପ୍ରକଳ୍ପ



**ରାଉରକେଲା, ୧୩।୫(ସମିସ)**

ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ସୌର ପ୍ରକଳ୍ପ ଏବେ ଅପହଞ୍ଚ ଇଲାକାର ଗ୍ରାମବାସୀଙ୍କ ଆଲୋକର ଉତ୍ସ ପାଲଟିଛି। କମ୍ପାନୀ ପକ୍ଷରୁ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୨୧ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପିତ ହୋଇଥିବା ବେଳେ ଏହି ସୌର ଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ଯୋଗୁଁ ୧୦, ୦୦୦ ଲୋକ ଉପକୃତ ହୋଇଛନ୍ତି। ସୂଚନାନୁଯାୟୀ, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ଝାରପାଲମ, ମୁଣ୍ଡେଲଖେତ, ଗରଜ୍ଞୋର, କୁରାଲୋଇ, ବଞ୍ଜାରୀ, ଲଖନପୁର, ବେଲପାହାଡି ଗ୍ରାମପଞ୍ଚାୟତରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ମୋଟ ୩୨୧ଟି ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ ସ୍ଥାପନ କରାଯାଇଛି। ଏହି ସବୁଜ ପଦକ୍ଷେପ ୧୦, ୦୦୦ରୁ ଅଧିକ ବାସିନ୍ଦାଙ୍କୁ ପରିବେଶ ଅନୁକୂଳ ଆଲୋକ ପ୍ରଦାନ କରିବା ସହ ବାର୍ଷିକ ପ୍ରାୟ ୨୨ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ସହାୟକ ହୋଇପାରୁଛି। ସ୍ଥାନୀୟ ବଜାର, ଗ୍ରାମର ପ୍ରବେଶ ପଥ, ବସ୍‌ଷ୍ଟାଣ୍ଡ, ଗୋଷ୍ଠୀ କେନ୍ଦ୍ର, ବିଦ୍ୟାଳୟ ଏବଂ ମୁଖ୍ୟ ରାସ୍ତା ଭଳି ସ୍ଥାନରେ ଲାଗିଥିବା ସୌର ଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ କେବଳ ରାତ୍ରିକାଳୀନ ଦୃଶ୍ୟମାନତା ବୃଦ୍ଧି କରିବ ନାହିଁ ବରଂ ଏହି ଅଞ୍ଚଳରେ ଯାତାୟାତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଉନ୍ନତ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରିବ, ଯାହା ସ୍ଥାନୀୟ ଗୋଷ୍ଠୀର ସାମଗ୍ରିକ ଜୀବନଧାରଣ ମାନରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ସବୁଜ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବ। ଏହି ଲାଇଟ୍ କାର୍ଯ୍ୟକ୍ଷମ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ନେଇ ଆରମ୍ଭ ହୋଇଥିବା ମିଶନର ଏକ ଅଂଶ। ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତରେ ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ ସେଠାରେ ସ୍ଥାୟୀ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଆମେ ଦୃଢ ପ୍ରତିଶ୍ରୁତିବଦ୍ଧ। ସୌର ଆଲୋକୀକରଣ ପ୍ରକଳ୍ପ ଭିତ୍ତିଭୂମି ସହାୟତା ମାଧ୍ୟମରେ ବିଭିନ୍ନ ଯୋଜନାରୁ ବଞ୍ଚିତ ଶ୍ରେଣୀର ଆବଶ୍ୟକତାକୁ ପୂରଣ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରେ। ଏହି ସୌର ପ୍ରକଳ୍ପଗୁଡିକ କେବଳ ଗ୍ରାମଗୁଡିକୁ ଆଲୋକିତ କରୁନାହିଁ ବରଂ ସ୍ଥାନୀୟ ବ୍ୟବସାୟକୁ ସଶକ୍ତ କରି, ଗମନାଗମନରେ ଉନ୍ନତି ଆଣି ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ପ୍ରଗତିର ପଥକୁ ଅଧିକ ଆଲୋକିତ କରୁଛି। ବେଦାନ୍ତର ପ୍ରୟାସକୁ ପ୍ରଶଂସା କରି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ଅର୍ନ୍ତଗତ ମୁଣ୍ଡରଖେତ ପଞ୍ଚାୟତର ସରପଞ୍ଚ ସନ୍ନ୍ୟାସୀ ବାଗ କହିଛନ୍ତି, ଏଭଳି ପଦକ୍ଷେପ କେବଳ ଆମ ଗ୍ରାମଗୁଡିକୁ ଆଲୋକିତ କରିନାହିଁ, ବରଂ ଆମ ସମସ୍ତଙ୍କୁ ସୁରକ୍ଷିତ ମଧ୍ୟ କରିଛି। ଆମ ଅଞ୍ଚଳର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବାରେ ବେଦାନ୍ତର ପ୍ରୟାସ ବାସ୍ତବିକ ପ୍ରଶଂସନୀୟ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡ଼ା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହିତ ସ୍ଥାନୀୟ ଗୋଷ୍ଠୀକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ। ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠୀ ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ବାସ୍ତବ କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡ଼କୁ ନେଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ୩୨୧ ସୌରଚାଳିତ ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପିତ**
**ଉପକୃତ ହୋଇଛନ୍ତି ୧୦, ୦୦୦ ଲୋକ**

## ଆର୍‌ଏସ୍‌ପିରେ ସାଇକଲ ଷ୍ଟାଣ୍ଡ ଉଦ୍‌ଘାଟିତ



**ରାଉରକେଲା, ୧୩।୫(ସମିସ):** ସେଲ୍‌ର ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର କୋକ୍ ଓଭେନ ବିଭାଗର ଜରୁରୀକାଳୀନ କଣ୍ଟ୍ରୋଲ ବିଲଡିଂ ନିକଟରେ ଏକ ନୂତନ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। କୋକ୍ ୟୁନିଟ୍‌ରେ ନିୟୋଜିତ ଠିକା ଶ୍ରମିକଙ୍କ ଲାଭ ପାଇଁ ଏହି ସୁବିଧା ନିର୍ମାଣ କରାଯାଇଛି। ଉକ୍ତ ସାଇକେଲ ଷ୍ଟାଣ୍ଡକୁ ସିଓ ଓ ସିସି ବିଭାଗର ସିଜିଏମ ରାକେଶ ଜୋଶୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋକ୍ ଓଭେନ ବିଭାଗର ଜିଏମ କେ. ଶ୍ରୀନିବାସୁଲୁ, ବି. ମାଝୀ, କୋକ୍ ଓଭନ୍ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ମ୍ୟାନେଜର ଜେ.କେ. ମିଶ୍ର ସଂଯୋଜନା କରିଥିଲେ।

# ଆରଏସ୍‌ପି ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ



**ରାଉରକେଲା, ୧୩।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲର ନର୍ସେସ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସିଭିକ ସେଣ୍ଟରଠାରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଛି। ଏଥିରେ ଆରଏସ୍‌ପିର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍ ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅତିରିକ୍ତ ସିଏମଓ ଡାକ୍ତର ସୋନିୟା ଯୋଶୀ ଏବଂ ଏନଟିଆଇର ଅଧ୍ୟକ୍ଷା ବିଦ୍ୟୁତ ପ୍ରଭା ଗୋଠ୍ ମଞ୍ଚାସୀନ ଥିଲେ। ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ସହରସେବା ଓ ସିଏସଆର ବିଭାଗର ସିଜିଏମ ଟି ଜି କାନେକର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡାକ୍ତର ପ୍ରତିଭା ଷଡଙ୍ଗୀଙ୍କ ସମେତ ସିଜିଏମ ତଥା ଆଇଜିଏଚ ଓ ଆପୋଲୋ ହସ୍ପିଟାଲର ବହୁ ବରିଷ୍ଠ ଅଧିକାରୀ ଏବଂ ଡାକ୍ତର ତଥା ଷ୍ଟାଫ୍ ଉପସ୍ଥିତ ଥିଲେ। ଡ.ଆଚାର୍ଯ୍ୟ ନର୍ସମାନଙ୍କ କଲ୍ୟାଣ, ତାଲିମ ଓ ବୃତ୍ତିଗତ ବିକାଶରେ ନିବେଶ କେବଳ ଏକ ସ୍ୱାସ୍ଥ୍ୟସେବା ପ୍ରାଥମିକତା ନୁହେଁ ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ରଣନୀତି ବୋଲି ମତବ୍ୟକ୍ତ କରିଥିଲେ। ନୂତନ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଲ୍ୟାମ୍ପ ଲାଇଟିଙ୍ଗ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରୋବେଶନ ଅବଧି ସମାପ୍ତ କରିଥିବା ସମସ୍ତ ନୂତନ ପ୍ରଶିକ୍ଷାର୍ଥୀ ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଶପଥ ଗ୍ରହଣ କରିଥିଲେ। ସିନିୟର ସିଷ୍ଟର ଟ୍ୟୁଟର ସୁଶ୍ରୀ ରଶ୍ମି ସୋରେଙ୍ଗ ଶପଥ ପାଠ କରାଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର ବିଜେତା ଓ ପାଠ୍ୟକ୍ରମରେ ସଫଳତା ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଡାକ୍ତର ସୋନିୟା ଯୋଶୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟୁତ ପ୍ରଭା ଗୋଠ୍ ବାର୍ଷିକ ବିବରଣୀ ପାଠ କରିଥିଲେ।। ଏନଟିଆଇର ଶିଷ୍ଟର ଟ୍ୟୁଟର ପ୍ରତିଭା ଖେତି ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଲୁସି ଅନିମା ତିର୍କୀ, ନର୍ସିଙ୍ଗ ପ୍ରଶାସନ ବିଭାଗର ମ୍ୟାନେଜର ସୁଶ୍ରୀ ଅମେୟା ଗୋଖୁରା ଓ ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ମୀରା ପତି ସଂଯୋଜନା କରିଥିଲେ। ଆଇଜିଏଚ୍‌ର ନର୍ସିଂ ବିଭାଗ ପକ୍ଷରୁ ସୋମବାର ଆପୋଲୋ ପରିଚାଳିତ ଆଇପିଜିଆଇ ଏବଂ ସୁପର ସ୍ପେସାଲିଟି ହସ୍ପିଟାଲ ପ୍ରେକ୍ଷାଳୟଠାରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ କରିଥିଲେ। ଡା. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଥିଲେ। ଅତିରିକ୍ତ ସିଏମ୍‌ଓ ଡା. ଅର୍ଚ୍ଚନା ବେହେରା, ଟିଏନ୍‌ଏଆଇର ସଭାପତି ଦୂର୍ଗା ମାଧବ ତ୍ରିପାଠୀ, ଆଇଜିଏଚ୍‌ର ଅନ୍ୟ ବରିଷ୍ଠ ଡାକ୍ତର, ନର୍ସ ଏବଂ ଆଇଜିଏଚର କର୍ମଚାରୀମାନେ ଉପସ୍ଥିତ ଥିଲେ। ଡା. ଅର୍ଚ୍ଚନା ବେହେରା ଦିବସ ପାଳନର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଟିଏନଏଆଇ ଆଇଜିଏଚ ଅଧ୍ୟାୟର ସମ୍ପାଦିକା ଅନୀତା ରାୟ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଟିଏନଏଆଇ କୋଷାଧ୍ୟକ୍ଷା ଅର୍ଚ୍ଚନା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଚର୍ଚ୍ଚ ଛକ-ତେଲି ସାହି ରାସ୍ତା ଶୋଚନୀୟ

**ବଣାଇଁ, ୧୩।୫(ସମିସ):** ବଣାଇଁ ଚର୍ଚ୍ଚ ଛକ ନିକଟ ମୁଖ୍ୟ ରାସ୍ତାରୁ ତେଲି ସାହି ଦେଇ ସେଣ୍ଟ ଯୋଶେଫ ସ୍କୁଲକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶେଚନୀୟ ହୋଇପଡ଼ିଛି। ରାସ୍ତାଟି ଦୀର୍ଘଦିନ ହେଲା ମରାମତି ହୋଇ ନଥିବାରୁ ମୁଖ୍ୟ ରାସ୍ତାରୁ ତଳକୁ ଓହ୍ଲାଇବା ଏବଂ ଚଢ଼ିବା ବେଳେ ଆଣ୍ଠୁଏ ଖାଲ ଯୋଗୁଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ରାସ୍ତାର ସମସ୍ତ ବର୍ଷାଜଳ ଏହି ରାସ୍ତା ଦେଇ ତଳକୁ ନିଷ୍କାସନ ହେଉଥିବାରୁ ପାଖାପାଖି ୫ ଫୁଟର ଏକ ଘାଇ ସୃଷ୍ଟି ହେବା ସହ ଆଣ୍ଠୁଏ ଖାଲ ହୋଇଛି। ଫଳରେ ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଖାଲରେ ପଡ଼ି ଅନେକ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତା ଦେଇ ଦୈନିକ ସେଣ୍ଟ ଯୋଶେଫ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ବର୍ଷାଜଳ ସଠିକ୍ ଭାବେ ନିଷ୍କାସନ ହୋଇନପାରି ଏହି ରାସ୍ତାରେ ପ୍ରବାହିତ ହେଉଥିବାରୁ ରାସ୍ତାଟି ସମ୍ପୂର୍ଣ୍ଣଭାବେ ଭାଙ୍ଗିରୁଜି ଯାଇ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।



# ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ

## ଦୀପିକା ଇଂଲିଶ ମିଡ଼ିଅମ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା





**ରାଉରକେଲା, ୧୩।୫(ସମିସ):** ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ରାଉରକେଲାର ଦୀପିକା ଇଂଲିଶ ମିଡ଼ିଅମ୍ ସ୍କୁଲର ଛାତ୍ରଛାତ୍ରୀମାନେ ଅଦ୍ଭୁତପୂର୍ବ ସଫଳତା ହାସଲ କରିଛନ୍ତି। ସିବିଏସ୍ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ମୋଟ ୩୮୨ ଜଣ ଛାତ୍ରଛାତ୍ରୀ ଦେଇଥିଲେ। ସେମାନଙ୍କ ମଧ୍ୟରେ ଛାତ୍ରୀ ଆନନ୍ଦିତା ଭୂୟାଁ ସର୍ବାଧିକ ୯୭.୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଛାତ୍ର ସ୍ରେୟାଂଶ ଦେଓ ୯୬. ୨ ପ୍ରତିଶତ ମାର୍କ ରଖି ଦ୍ୱିତୀୟ, ସ୍ୱଦିତା ମିଶ୍ର ୯୬.୦ ପ୍ରତିଶତ ନମ୍ବର ରଖି ତୃତୀୟ, ସୁଜଲ ସରୋନିତ ୯୫. ୮ ପ୍ରତିଶତ ମାର୍କ ରଖି ଚତୁର୍ଥ ଏବଂ ଆର. ଗୌତମ ଓ ଗୌତମୀ ପାଣିଗ୍ରାହୀ ୯୫.୪ ପ୍ରତିଶତ ମାର୍କ ରଖି ଯୁଗ୍ମ ଭାବେ ପଞ୍ଚମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମୋଟ ଉତ୍ତୀର୍ଣ୍ଣ ୩୮୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୨୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୨୩ଜଣ ୮୦ରୁ ୯୦ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ୭୦ରୁ ୮୦ ପ୍ରତିଶତ ଭିତରେ ୧୧୭ ଜଣ ଏବଂ ୫୦ ପ୍ରତିଶତରୁ କମ୍ ନମ୍ବର ରଖି ୧୪୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିପରି ବାଣିଜ୍ୟ ବିଭାଗରେ ଦୀପିକା ଇଂଲିଶ ମିଡ଼ିଅମ୍ ସ୍କୁଲର ଛାତ୍ରୀ ଗୀତିକା ଗୁଞ୍ଜନ ପରିଡ଼ା ସର୍ବାଧିକ ୯୪. ୪୦ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ପ୍ରତିକ କୁମାର ସିଂହ ୯୧.୪ ପ୍ରତିଶତ ମାର୍କ ରଖି ଦ୍ୱିତୀୟ, ରୋହିତ ରଜକ ୯୧.୨ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ବାଣିଜ୍ୟରେ ପରୀକ୍ଷା ଦେଇଥିବା ମୋଟ ୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ୭୦ରୁ ୮୦ ପ୍ରତିଶତ ମଧ୍ୟରେ ୧୪ ଜଣ, ୬୦ରୁ ୭୦ ପ୍ରତିଶତ ମଧ୍ୟରେ ୨୧ ଜଣ ଏବଂ ୫୦ରୁ କମ୍ ପ୍ରତିଶତ ମଧ୍ୟରେ ୨୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

### ଦଶମ ପରୀକ୍ଷାରେ ଛାତ୍ରୀଙ୍କ ବାଜିମାତ୍



ସିବିଏସଇ ଦଶମ ପରୀକ୍ଷା ଫଳାଫଳ ମଧ୍ୟ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ରାଉରକେଲାର ଦୀପିକା ଇଂଲିଶ ମିଡ଼ିଅମ୍ ସ୍କୁଲର ଛାତ୍ରୀ ବାଜିମାତ୍ କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀମାନେ ସଫଳତାର ସହ ଉତ୍ତୀର୍ଣ୍ଣ କରିଛନ୍ତି। ସ୍କୁଲରେ ଦଶମ ଶ୍ରେଣୀର ଛାତ୍ରୀ ଅନ୍ୱେଷା ଶତପଥୀ ସର୍ବାଧିକ ୯୯. ୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଅନମୋଲ ସିଂହ ୯୮.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ, ଅନନ୍ୟା ତ୍ରିପାଠୀ ୯୮. ୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ହର୍ଷିତ୍ ପାଢ଼ୀ ୯୭.୮ ପ୍ରତିଶତ ଓ ଅବନିଶ ମହାପାତ୍ର ୯୭.୨ ପ୍ରତିଶତ ମାର୍କ ରଖି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

## ଡିଏଭି ପବ୍ଲିକ୍ ସ୍କୁଲ: ଦଶମରେ ଅନୁରାଧା, ଦ୍ୱାଦଶ ବିଜ୍ଞାନରେ ସ୍ୱୟଶ୍ରୀ, ବାଣିଜ୍ୟରେ ନେହା, ହ୍ୟୁମାନିଟିସ୍‌ରେ ତମନ୍ନା ଟପ୍ପର



**ରାଉରକେଲା, ୧୩।୫(ସମିସ):** ମଙ୍ଗଳବାର ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଉରକେଲାର ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଡିଏଭି ପବ୍ଲିକ ସ୍କୁଲରେ ସିବିଏସଇ ଦ୍ୱାଦଶ ବିଜ୍ଞାନରେ ମୋଟ ୧୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୧୭୬ ଜଣ ଉତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ସ୍ୱୟଶ୍ରୀ ମିଶ୍ର ସର୍ବାଧିକ ୯୬. ୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଏହାବ୍ୟତିତ ବିଜ୍ଞାନରେ ଉତୀର୍ଣ୍ଣ ହୋଇଥିବା ୧୭୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୨୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୬୪ ଜଣ ୮୦ରୁ ୯୦ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ୭୦ରୁ ୮୦ ପ୍ରତିଶତ ମଧ୍ୟରେ ୫୧ ଜଣ, ୬୦ରୁ ୭୦ ପ୍ରତିଶତ ମଧ୍ୟରେ ୩୪ ଜଣ, ୫୦ରୁ ୫୯ ପ୍ରତିଶତ ମଧ୍ୟରେ ୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିପରି ବାଣିଜ୍ୟରେ ଛାତ୍ରୀ ନେହା ମିଶ୍ର ୯୫.୬ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ପରୀକ୍ଷା ଦେଇଥିବା ମୋଟ ୬୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୯୦ ପ୍ରତିଶତରୁ ଅଧିକ ୫ ଜଣ, ୮୦ରୁ ୯୦ ପ୍ରତିଶତ ମଧ୍ୟରେ ୨୧ ଜଣ, ୭୦ରୁ ୮୦ ପ୍ରତିଶତ ଭିତରେ ୨୧ ଜଣ, ୬୦ରୁ ୭୦ ମଧ୍ୟରେ ୧୩ ଜଣ ଏବଂ ୫୦ରୁ ୫୯ ପ୍ରତିଶତ ମଧ୍ୟରେ ୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଡିଏଭି ପବ୍ଲିକ ସ୍କୁଲର ହ୍ୟୁମାନିଟିସ୍ ବିଷୟରେ ଛାତ୍ରୀ ତମନ୍ନା ଘରୁଇ ୯୬. ୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ଜଣାପଡ଼ିଛି। ହ୍ୟୁମାନିଟିସ୍ ପରୀକ୍ଷା ଦେଇଥିବା ସମସ୍ତ ୧୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ ଜଣ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୯୦ ପ୍ରତିଶତରୁ ଅଧିକ ମାର୍କ ୫ ଜଣ, ୮୦ରୁ ୯୦ ପ୍ରତିଶତ ମଧ୍ୟରେ ୪ ଜଣ, ୭୦ରୁ ୮୦ ପ୍ରତିଶତ ଭିତରେ ୪ ଜଣ, ୬୦ରୁ ୭୦ ମଧ୍ୟରେ ୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ଅନୁରାଧା ପାନାଡା ୯୮.୪ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ସ୍ମୃତି ସ୍ନିଗ୍ଧା ସାହୁ ୯୭.୨ ପ୍ରତିଶତ ରଖି ଦ୍ୱିତୀୟ, ଆୟୁଷ ପଟେଲ ୯୭.୨ ପ୍ରତିଶତ ରଖି ତୃତୀୟ, ସ୍ମୃତି ରେଖା ତ୍ରିପାଠୀ ୯୭.୦ ପ୍ରତିଶତ ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଦଶମ ପରୀକ୍ଷା ଦେଇଥିବା୨୩୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୨ ଜଣ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୯୦ ପ୍ରତିଶତରୁ ଅଧିକ ମାର୍କ ୨୯ ଜଣ, ୮୦ରୁ ୯୦ ପ୍ରତିଶତ ମଧ୍ୟରେ ୫୧ ଜଣ, ୭୦ରୁ ୮୦ ପ୍ରତିଶତ ଭିତରେ ୫୬ ଜଣ, ୬୦ରୁ ୭୦ ମଧ୍ୟରେ ୪୪ ଜଣ ଏବଂ ୫୦ରୁ ୫୯ ପ୍ରତିଶତ ମଧ୍ୟରେ ୩୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏପରି ଉତ୍କର୍ଷ ପ୍ରଦର୍ଶନ ପାଇଁ ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦିଲ୍ଲୀ ପବ୍ଲିକ ସ୍କୁଲ: ଦଶମରେ ଆହେଲ୍ଲି, ଦ୍ୱାଦଶ ବିଜ୍ଞାନରେ ଅଭିପ୍ସା, ବାଣିଜ୍ୟରେ ଦ୍ରିଷ୍ଟି, ହ୍ୟୁମାନିଟିସ୍‌ରେ ଆଦିତ୍ୟ ଟପ୍ପର



ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ରାଉରକେଲାର ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦିଲ୍ଲୀ ପବ୍ଲିକ ସ୍କୁଲରେ ସିବିଏସ୍ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ଅଭିପ୍ସା ବେହେରା ସର୍ବାଧିକ ୯୭. ୦ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଶ୍ରେୟାସ ବେହେରା ୯୭.୪୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ହୋଇଥିବା ବେଳେ ଅଭିଜିତ ଦାଶ ୯୫.୮୦ ପ୍ରତିଶତ ରଖି ତୃତୀୟ, ଆହାନା କର ୯୫.୦ ପ୍ରତିଶତ ରଖି ଚତୁର୍ଥ ଏବଂ ପ୍ରଶାନ୍ତ ଝା ୯୫.୪୦ ପ୍ରତିଶତ ମାର୍କ ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ଦ୍ରିଷ୍ଟି ପରମାର ୯୯.୬୦ ପ୍ରତିଶତ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଅର୍ଣ୍ଣବ ଠାକୁର ୯୮.୬୦ ପ୍ରତିଶତ ରଖି ଦ୍ୱିତୀୟ, ପରିଧି ଲାଠ ୯୮.୨ ପ୍ରତିଶତ ରଖି ତୃତୀୟ, କ୍ରିଷଭ ମିତ୍ତଲ ୯୭.୮୦ ପ୍ରତିଶତ ରଖି ଚତୁର୍ଥ ଏବଂ କୈଳାସ ଅଗ୍ରୱାଲ ୯୭.୪୦ ପ୍ରତିଶତ ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ହ୍ୟୁମାନିଟିସ୍ ବିଷୟରେ ଆଦିତ୍ୟ ପ୍ରସାଦ ୯୭. ୮୦ ପ୍ରତିଶତ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଭାଗ୍ୟଶ୍ରୀ ସାମଲ ୯୫.୮୦ ପ୍ରତିଶତ ରଖି ଦ୍ୱିତୀୟ, ଉରଜ୍ୟେଶୀ ବାହାଦୁରୀ ୯୫.୦, ସ୍ୱର୍ଣ୍ଣ ବର୍ମା ୯୩.୬୦ ଏବଂ ସ୍ୱସ୍ତିକ ସେଠ ୯୩.୦ ପ୍ରତିଶତ ରଖିଛନ୍ତି। ସେହିପରି ଦଶମ ଶ୍ରେଣୀରେ ଆହେଲ୍ଲି ଚାଟାର୍ଜୀ ୯୮.୮ ପ୍ରତିଶତ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଆନଭି ଅଗ୍ରୱାଲ ୯୮.୬ ପ୍ରତିଶତ ରଖି ଦ୍ୱିତୀୟ, ପ୍ରିୟାଂଶି ପ୍ରିୟଦର୍ଶିନୀ ପ୍ରଧାନ ଏବଂ ଇଶିରୀ ଦୁଶ୍ୟାନ୍ତ ମାହାଡିକ ୯୮.୪ ପ୍ରତିଶତ ରଖି ଯୁଗ୍ମ ତୃତୀୟ, ତମନ୍ନା ମହାନ୍ତି ଓ ବିଧି ଅଗ୍ରୱାଲ ୯୮. ୨ ପ୍ରତିଶତ ରଖି ଯୁଗ୍ମ ଚତୁର୍ଥ ଏବଂ ଯଶ୍ମିତ ମିଶ୍ର ୯୭.୬୦ ପ୍ରତିଶତ ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଏପରି ଉତ୍କର୍ଷ ପ୍ରଦର୍ଶନ କରିଥିବାରୁ ସ୍କୁଲର ଅଧ୍ୟକ୍ଷା ଡ. ଜୟା ଚୌହାନ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅମ୍ବାଦଲା ପଞ୍ଚାୟତରେ ଜଳ କଷ୍ଟ

# ପମ୍ପ ଘର ଓ ପଞ୍ଚାୟତରେ ତାଲା ପକାଇ ଧାରଣା ଦେଲେ ମହିଳା



ମୁନିଗୁଡ଼ା,୧୩।୫(ସମିସ): ଗ୍ରୀଷ୍ମ ଋତୁ ଆରମ୍ଭରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇ ଯୁଦ୍ଧକାଳୀନ ଭିତ୍ତିରେ ଜଳକଷ୍ଟ ନିରାକରଣ ପାଇଁ ନିଷ୍ପତ୍ତି ହୋଇଥିଲା। ଯେପରି ବି ହେଉ ଲୋକଙ୍କୁ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ଅମ୍ବାଦଲା ପଞ୍ଚାୟତ ପାଇକ ସାହି ଓ ଗୌଡ ସାହିରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ପାଣି ସମସ୍ୟାକୁ ନେଇ ମୁନିଗୁଡ଼ା ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ପଞ୍ଚାୟତଠାରୁ ଆରମ୍ଭ କରି ପାନୀୟ ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପାଇପ୍ ଯୋଗେ ସାହିକୁ ପାନୀୟ ଜଳ ଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ମାସ ଧରି ଜଳ ଯୋଗାଣ ନ ହେବାରୁ ଆଜି ସାହିର ମହିଳାମାନେ ଉତ୍ତ୍ୟକ୍ତ ହୋଇ ପାନୀୟ ଜଳ ପ୍ରକଳ୍ପର ପମ୍ପ ହାଉସ୍ ଓ ପଞ୍ଚାୟତ କାର୍ଯ୍ୟାଳକୁ ତାଲା ପକାଇ ଦେଇଛନ୍ତି। ଏହି ସାହିରେ ୧୫୦ରୁ ଅଧିକ ପରିବାର ବାସ କରୁଥିବା ବେଳେ ୩ ବର୍ଷ ହେଲା ସୋଲାର ପ୍ରକଳ୍ପ ଅଚଳ ହୋଇ ରହିଛି। ସାହିରେ ଥିବା ନଳକୂପରୁ ପାଣି ବାହାରୁ ନଥିବା ବେଳେ ବସୁଧା ଯୋଜନା ପମ୍ପ ଘରୁ ପାଣି ଯୋଗାଣ ଠପ୍ ହୋଇଛି। "ବସୁଧା' ଯୋଜନାରେ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଖରାଦିନେ ସାହିବାସୀ ପାଣି ଟୋପାଏ ପାଉନାହାନ୍ତି। ପାଇପ୍ ସଂଯୋଗ ହେଇ ନଥିବାରୁ ଏଭଳି ସମସ୍ୟା ହୋଇଛି। ପାଇପ୍ ସଂଯୋଗ ସାଙ୍ଗକୁ ସାହିରେ ନଳକୂପ ମରାମତି ପାଇଁ ବିଭିନ୍ନ ସମୟରେ ସାହିବାସୀ ଜଳ ଓ ପରିମଳ ବିଭାଗ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କୌଣସ ପଦକ୍ଷେପ ଗ୍ରହଣ କରାନଯିବାରୁ ମହିଳାମାନେ ଉତ୍ତ୍ୟକ୍ତ ହୋଇ "ବସୁଧା' ପ୍ରକଳ୍ପର ପମ୍ପ ହାଉସ୍ ଓ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଠୁଙ୍କି ଥିବା ଦେଖିବାକୁ ମିଳିଥିଲା। ସାହିର ଶତାଧିକ ମହିଳା ଗରା, ମାଠିଆ ଧରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାରୁ ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ ସରକାରୀ କାର୍ଯ୍ୟ ଆଜି ୬ ଘଣ୍ଟା ଧରି ବନ୍ଦ ରହିଥିଲା। ଘଟଣା ସ୍ଥଳରେ ଅମ୍ବାଦଳା ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ୟାସୀ ଟାକ୍ରି ପହଞ୍ଚି ଉତ୍ତ୍ୟକ୍ତ ମହିଳା ମାନଙ୍କୁ ବୁଝାସୁଝା କରିଥିଲେ। ପାଣି ନମିଳିଲେ ଧାରଣାରୁ ଉଠିବେ ନାହିଁ ବୋଲି ସେମାନେ ଜଣାଇଥିଲେ। ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅମ୍ବାଦଳା ସରପଞ୍ଚ ଚଞ୍ଚଳା ମାଝି ଜଣାଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ମହିଳାମାନେ ତାଲା ଠୁଙ୍କି ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପାଣି ଟାଙ୍କି ଗାଁରେ ପହଞ୍ଚିବା ସହ ନଳକୂପ ସଜଡ଼ା ଯାଇଥିଲା। ପାଣି ଯୋଗାଣ ବ୍ୟବସ୍ଥା ହେବା ପରେ ମହିଳା ମାନେ ଧାରଣାରୁ ଉଠିଥିବା ଜଣାପଡିଛି।

## ● କାଶୀପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୪୩ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



କାଶୀପୁର,୧୩।୫(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଚନ୍ଦ୍ରକାନ୍ତ ମାଝୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମମତା ସାହୁ ପ୍ରମୁଖ ଯୋଗ ଦେଇ ଶୁଣାଣି କରିଥିଲେ। ଆଜି ମୋଟ ୪୩ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧ଟି ସାମୂହିକ ଅଭିଯୋଗ ଥିଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥଲେ। ଜିଲ୍ଲାପାଳ ଅଭିଯୋଗ ଗୁଡ଼ିକ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲର ସଫଳତା

# ଦଶମରେ ଶ୍ୱେତା ନନ୍ଦ ଓ ଦ୍ୱାଦଶରେ ଝରଣା ସାହୁ ଟପ୍ପର





ରାୟଗଡ଼ା,୧୩।୫(ସମିସି): ମଙ୍ଗଳବାର ପ୍ରକାଶ ପାଇଥିବା ସିବିଏସସି ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳରେ ରାୟଗଡ଼ା ସହର ଉପକଣ୍ଠରେ ଥିବା ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ଅତୁଳନୀୟ ସଫଳତା ପ୍ରାପ୍ତ କରିଛି। ଦଶମ ଶ୍ରେଣୀରେ ସମୁଦାୟ ୯୮ ପ୍ରତିଶତ ପାସ ହାର ସହ ପ୍ରଥମ ଶ୍ରେଣୀରେ ୪୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ସୁଶ୍ରୀ ଶ୍ୱେତା ନନ୍ଦ ସର୍ବାଧିକ ୯୪ ପ୍ରତିଶତ ମାର୍କ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୭୬ ଜଣ ପରୀକ୍ଷା ଦେଇଥିବା ବେଳେ ୯୫ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ୫୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଝରଣାରାଣୀ ସାହୁ ୯୨ ପ୍ରତିଶତ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ସେହିଭଳି ଚେତନ କୁମାର ଗମାଙ୍ଗ ଓ ସ୍ୱୟମ୍ଭୁ ପାତ୍ର ଦ୍ୱୟ ୯୧ ପ୍ରତିଶତ ମାର୍କ ରଖି ସ୍କୁଲର ଗୌରବ ବଜାୟ ରଖିଛନ୍ତି। ବିଦ୍ୟାଳୟ ତରଫରୁ ନିର୍ଦ୍ଦେଶକ ଡ.ରାଜେଶ କୁମାର ପାଢୀ, ଅଧ୍ୟକ୍ଷ ଶ୍ରୀ ରାଧାକୃଷ୍ଣ ମହାପାତ୍ର, ପ୍ରଶାସକ ଶ୍ରୀ କୃଷ୍ଣପ୍ରସାଦ ମହାପାତ୍ର ଏବଂ ଉପାଧ୍ୟକ୍ଷ ଧୀରାଜ ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀମାନଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅତୁଟ ଧୈର୍ଯ୍ୟ ଏହି ସଫଳତାର ମୂଳ ଆଧାର। ଏଭଳି ଅପୂର୍ବ ସଫଳତା ଆଣି ଦେଇଥିବାରୁ ସ୍କୁଲ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଗର୍ବ ଓ ଗୌରବ ବୃଦ୍ଧି ପାଇପାରିଛି ଏବଂ ଶିକ୍ଷାର୍ଥୀମାନଙ୍କ ସଫଳତାରେ ଯେଉଁମାନେ ମୂଳ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ନିର୍ଦ୍ଦେଶକ ଡ.ଶ୍ରୀ ପାଢୀ ପ୍ରକାଶ କରିଛନ୍ତି।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

# ଦଶମରେ ସାଇଜ୍ୟୋତି, ଦ୍ୱାଦଶରେ ସୁବାଶିଷ ଟପ୍ପର

ରାୟଗରଳ,୧୩।୫(ସମିସ): ସିବିଏସସି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳରେ ରାୟଗଡ଼ା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଭଲ ପ୍ରଦର୍ଶନ କରିଛି। ଦଶମ ଶ୍ରେଣୀରେ ୬୭ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାକି ଶତ ପ୍ରତିଶତ ଫଳାଫଳ ରହିଥିବା ଜଣାପଡିଛି। ଏଥିରେ ସାଇଜ୍ୟୋତି ଭୂୟାଁ ୯୭ ପ୍ରତିଶତ ମାର୍କ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୨୬ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ଫେଲ୍ ହୋଇଛନ୍ତି। ସେଥିରୁ ପ୍ରଥମ ଶ୍ରେଣୀରେ ୮୨ ପ୍ରତିଶତ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି ସୁବାଶିଷ ହୋତା। ବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ରାଜାରାମ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଲ୍ ନିକେତନର ବାର୍ଷିକ ଉତ୍ସବ



ଗୁଣୁପୁର, ୧୩।୫(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଲିମାମେଡା ଠାରେ ଥିବା ଜିଲ୍ଲାର ଏକମାତ୍ର ବାଳକ ଶିଶୁଯତ୍ନ ଅନୁଷ୍ଠାନ ବାଳ ନିକେତନ ପରିସରରେ ଆଜି ଏହାର ୪୬ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛଇ। ଅନୁଷ୍ଠାନର ସଭାପତି ଏଲ ସୁରେଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଉପ ଜିଲ୍ଲାପାଳ କିରଣ ଦିପ କୌର ସହୋତା ଯୋଗଦେଇ ପିଲାମାନେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ କରି ଉତ୍ତମ ଚରିତ୍ର ଓ ସୁନାଗରିକ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଗ୍ରଣୀ କୃଷିବିତ୍ କୃଷ୍ଣପ୍ରସାଦ ବେବର୍ତ୍ତା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବେଦାନ୍ତ ଆଶ୍ରମର ନଳିନୀ ଗୁରୁଜୀ, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପୁରାତନ ଛାତ୍ର ଉପସ୍ଥିତ ରହି ଅନୁଭୂତି ବଖାଣିବା ସହ ବର୍ତ୍ତମାନ ଅନ୍ତେବାସୀଙ୍କୁ ଉତ୍ତମ ଛାତ୍ର ଭାବରେ ପରିଗଣିତ ହେବା ପାଇଁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ର ବିଜୟାନନ୍ଦ ଆନିମ, ଦାମୋଦର କୈବର୍ତ୍ତ, ଦିଲେଶ୍ୱର ଶବର, ପବିତ୍ର ଶବର, ମୂରଲୀ ଶବର, ରାଜୁ ଶବର, ଖଡୁ ଶବର ପ୍ରମୁଖ ଅନୁଷ୍ଠାନ ପାଇଁ ଗର୍ବିତ ବୋଲି କହିଥିଲେ। ଜୀବନ ବ୍ୟାପି ତ୍ୟାଗ ଓ ସେବା ଯୋଗାଇ ଦେଇଥିବାରୁ ଅନୁଷ୍ଠାନ ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତିଙ୍କୁ ଉପ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମା'ର ଦ୍ୱାଦଶାହ ଭୋଜିରେ ଚାରାବଣ୍ଟନ



ବିଷମ କଟକ, ୧୩।୫ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସହରର ବରିଷ୍ଠ ଆଇନଜୀବୀଙ୍କ ମା'ର ଦ୍ୱାଦଶାହ ଅବସରରେ ପରିବାର ପକ୍ଷରୁ ଚାରାଗଛ ବଣ୍ଟନ କରାଯାଇ ପରିବେଶ ସଚେତନତା ବାର୍ତ୍ତା ଦିଆଯାଇଛି। ଗତ ୩ ତାରିଖ ଦିନ ଗୁଡଲା ସାବିତ୍ରି ଆମ୍ମାଙ୍କ ଦେହାନ୍ତ ହୋଇଥିଲା। ବୁଧବାର ଦିନ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ତାଙ୍କର ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା ଅବସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକଙ୍କୁ ଚାରାଗଛ ଦିଆଯାଇ ନିଜ ବାଡ଼ିବଗିଚାରେ ରୋପଣ କରିବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଆଇନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ସରକା ଓ ପୂର୍ବତନ ଜିଲ୍ଲା ସଭାପତି ସୁଧୀର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଅ ଜି. କଣ୍ଡାପା, ଜି.ମୋହନରାଓ, ଜି.ମନ୍ମଥରାଓ, ଜି.ଗୌରୀ ଶଙ୍କର, ବୋହୂ ଜି. ରୁପାଦେବି, ଜି ସାରଧାଦେବି, ଜି ରାମା ଦେବି ନାତି ଜି. ରାମୁଡୁ, ଜି. ରବି କୁମାର, ଜି. ତିରୁମୂଳା କୁମାର, ଜି. ଶ୍ରୀନିବାସ କୁମାର, ଜି. ପ୍ରଦୀପ କୁମାର, ଜି. ଚନ୍ଦ୍ର ଶେଖର. ଜି. ଶ୍ରୀକାନ୍ତ, ବି.ରାମ ପ୍ରସାଦ ଗୁପ୍ତା ଉପସ୍ଥିତ ରହି ଚାରା ପ୍ରଦାନ କରିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ



ପଦ୍ମପୁର,୧୩।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଯ୍ୟ ଋତୁପର୍ଣ୍ଣା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ପଦ୍ମପୁର ମେଡିକାଲ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ନର୍ସଙ୍କ ଅଭାବ ଓ ଆବଶ୍ୟକୀୟ ଯନ୍ତ୍ରପାତି ଅଭାବ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ସାଂସଦ ପ୍ରତିନିଧି ଏମ୍ ନାନାଜୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜଗେଜଶ୍ୱରୀ ଆଲୁ, ବିପିଓ ମନୋଜ କୁମାର ପଣ୍ଡା, ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ଫମାସିଷ୍ଟ ମନୋଜ ସୁବୁଦ୍ଧିଙ୍କ ସହ ଅଳ୍ପ କିଛି ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା,୧୩।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବୈଠକ ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଉପଜିଲ୍ଲାପାଳ ପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପରିଷଦ ସିଡିଓ ତଥା ଇଓ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପରିଚାଳକ ହଳଧର ଶବର, କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୋରୁକୋଣ୍ଡା ବ୍ଲକ ଅଧୀନସ୍ଥ ମୋଟ ୧୨ଟି ପଞ୍ଚାୟତରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରୁ ମୋଟ ୯ଜଣ ବ୍ୟକ୍ତି ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସେମାନଙ୍କର ନାମ ପଞ୍ଜିକୃତ କରିବା ସହ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କୁ ସାକ୍ଷାତ କରି ସେମାନେ ନିଜ ନିଜର ବ୍ୟକ୍ତିଗତ ଓ ଅଞ୍ଚଳର ସମସ୍ୟାକୁ ନେଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ପୁଲିସ ଅଧିକାରୀ, ଶ୍ରମ ବିଭାଗ ଅଧିକାରିଣୀଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ

# ନଦୀରେ ବୁଡ଼ି ଶିଶୁ ପୁତ୍ରର ମୃତ୍ୟୁ, ଜଣେ ଉଦ୍ଧାର

ପଡ଼ିଆ,୧୩।୫(ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସୀମାବର୍ତ୍ତୀ ଶାବେରୀ ନଦୀରେ ବୁଡ଼ି ମଙ୍ଗଳବାର ସକାଳେ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସୂଚନା ମୁତାବକ ମଙ୍ଗଳବାର ସକାଳେ ପଡ଼ିଆ ବ୍ଲକ ଅନ୍ତର୍ଗତ ଏମ୍‌ପିଭି ୬୬ ଗ୍ରାମର ଅର୍ଜୁନ ମିର୍ଦ୍ଧାଙ୍କ ୭ବର୍ଷର କୁନି ପୁଅ ନୟନ ମିର୍ଦ୍ଧା ସାଙ୍ଗ ମାନଙ୍କ ସହ ଗ୍ରାମଠାରୁ ମାତ୍ର କେଇ ମିଟର ଦୂରରେ ଛତିଶଗଡ଼ ସୀମାକୁ ଲାଗି ରହିଥିବା ଶାବେରୀ ନଦୀକୁ ଗାଧୋଇବାକୁ ଯାଇଥିଲା। ସାଙ୍ଗ ମାନଙ୍କ ସହ ଗାଧୋଇବା ବେଳେ ନୟନ ଓ ତାର ସାଙ୍ଗ ଜଳସ୍ରୋତରେ ଭାସି ଯାଇଥିଲେ। ଏହି ସମୟରେ ଅନ୍ୟମାନେ ଚିତ୍କାର କରିବାରୁ ଗ୍ରାମର ଜଣେ ବ୍ୟକ୍ତି ଆସି ଉଭୟଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଜଣେ ଶିଶୁକୁ କୌଣସି ମୋତେ ଉଦ୍ଧାର କରିଥିଲେ ମଧ୍ୟ ନୟନ ଜଳ ସ୍ରୋତରେ ଭାସି ଯାଇଥିଲେ। ଏହାପରେ ନୟନର ବାପା ଓ ଗ୍ରାମବାସୀ ଖୋଜାଖୋଜି କରି ଘଟଣା ସ୍ଥଳରୁ କିଛି ଦୂରରେ ଭାସୁଥିବା ଅବସ୍ଥାରେ ନୟନକୁ ଉଦ୍ଧାର କରିଥିଲେ। ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ନୟନକୁ ମୃତ ଘୋଷଣା କରିଥିଲେ। ଏ ନେଇ ନୟନର ବାପା ପଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିବାରୁ ପଡ଼ିଆ ଥାନା ଡିଏସପି ରମେଶ୍ୱର ପଧାନ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପଡିଆ ଥାନା ଏସଆଇ ନିରୋଦ କୁମାର ବାଘ କହିଛନ୍ତି। ଅନ୍ୟପଟେ ସୀମାବର୍ତ୍ତୀ ପଡିଆ ବ୍ଲକର ଉଭୟ ପାଶ୍ୱକୁ ଲାଗି ରହିଥିବା ଶାବେରୀ ଓ ପୋଟେରୁ ନଦୀ କୂଳରେ ବିଭିନ୍ନ ସମୟରେ ଏକାଧିକ ଲୋକ ଓ କୁନି ପିଲା ନଦୀରେ ବୁଡ଼ି ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ନଦୀ କୁଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବୁଦ୍ଧଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ■ ରାୟଗଡ଼ା ପୌର ପରିଷଦ

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୱାର୍ଡ ସଭା



ରାୟଗଡ଼ା,୧୩।୫(ସମିସ): ରାୟଗଡା ପୌର ପରିଷଦ ଆନୁକୁଲ୍ୟରେ ରୟତ କଲୋନୀ ସ୍ଥିତ ଗୋଷ୍ଠୀକେନ୍ଦ୍ର ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ୱାର୍ଡ ସଭା ଆୟୋଜନ କରାଯାଇଥିଲା। ଏହି ସଭା ୨୧ ଏବଂ ୨୨ ୱାର୍ଡର ହିତାଧିକାରୀ ତଥା କାଉନ୍‌ସିଲର ମାନଙ୍କ ସଚେତନତା ନିମନ୍ତେ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ରେ କିପରି ଆବେଦନ କରାଯିବ ଏବଂ କେଉଁ କେଉଁ କାଗଜପତ୍ର ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ସଭାରେ ନିଜର ସ୍ଥାୟୀ ଘର କିମ୍ବା ପଟ୍ଟା ନଥିବା ବହୁ ଗରିବ ଏବଂ ଦୀର୍ଘ ବର୍ଷ ହେବ ଭଡ଼ରେ ରହୁଥିବା ହିତାଧିକାରୀ ଯୋଗ ଦେଇଥିଲେ। ଆବେଦନ ପ୍ରକ୍ରିୟାରେ ପୌର ପରିଷଦ ତରଫରୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପରିଷଦର ନିର୍ବାହୀ ଅଧିକାରୀ ମତବ୍ୟକ୍ତ କରିଥିଲେ। ପଟ୍ଟା ନଥିବା ଇଚ୍ଛୁକ ହିତାଧିକାରୀ ମାନଙ୍କୁ ସରକାରଙ୍କ ଦ୍ୱାରା ଚିହ୍ନିତ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଅଧୀନରେ ବିଭିନ୍ନ ସଂସ୍ଥାଙ୍କ ସହଭାଗିତାରେ ସୁଲଭ ମୂଲ୍ୟରେ ଗୃହ ଯୋଗାଇ ଦେବା ପାଇଁ ମିଳିଥିବା ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଜନସାଧାରଣଙ୍କୁ ପ୍ରେରିତ କରାଯାଇଥିଲା। ଏହି ସଭାକୁ ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦାୟିତ୍ୱରେ ଥିବା ଏମ୍‌ଆଇଏସ ଅଫିସର ପ୍ରଦୀପ କୁମାର ଶତପଥି ପରିଚାଳନା କରିଥିଲେ। ସଭାରେ ପୌର ପରିଷଦର ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ୨୧ ନମ୍ବର ୱାର୍ଡର ପାରିଷଦ ଶ୍ରୀମତୀ ପି. ରୋଜା, ୱାର୍ଡ ଅଫିସର , ଗୋଷ୍ଠୀ ସଙ୍ଗଠିକା, ସ୍ୱଚ୍ଛ ସାଥି ମାନେ ଉପସ୍ଥିତ ଥିଲେ।

## ୯୫ ବର୍ଷୀୟ ପିତାର ରାମ ମନ୍ଦିର ଦର୍ଶନ ଇଚ୍ଛା

# ଠେଲାଗାଡ଼ିରେ ଅଯୋଧ୍ୟା ନେଉଛି ପୁଅ



ବିଷମ କଟକ,୧୩।୫(ସମିସ): ଜଣେ ୬୨ ବର୍ଷୀୟ ପୁଅ ଏବେ ଶ୍ରବଣ କୁମାର ସାଜିଛନ୍ତି। ବାପାର ଶେଷ ଇଚ୍ଛା ପୂରଣ ନିମନ୍ତେ ପୁଅ ଏକ ଠେଲାରେ ଶୁଆଇ ବାପାକୁ ଅଯୋଧ୍ୟା ରାମ ମନ୍ଦିର ଦର୍ଶନ କରିବା ନିମନ୍ତେ ବାହାରିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ସାହିରେ।

ଶ୍ରୀକାକୋଲମ ଜିଲ୍ଲାର ଲୋୟର ମଣ୍ଡଳ ସ୍ଥ ଇଜାଡପେଲମ୍ ଗାଁର ପି.ନାରାୟଣ ରାଓ ନିଜର ୯୫ ବର୍ଷ ବୟସ୍କ ପିତା ପି.ରାମ ନାଇଡୁଙ୍କ ଶେଷ ଇଚ୍ଛା ପୁରଣ ନିମନ୍ତେ ୧୫ ହଜାର ଟଙ୍କା ବ୍ୟୟରେ ଏକ ଠେଲା ଗାଡ଼ି ପ୍ରସ୍ତୁତ କରିଥିଲେ। ଉକ୍ତ ଠେଲା ଗାଡ଼ିରେ ବୃଦ୍ଧ ବାପାକୁ ଶୁଆଇ ଚଳିତ ମାସ ୪ ତାରିଖରେ ନିଜ ଗାଁରୁ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି। ୧୧ ଦିନରେ ସେ ବିଷମ କଟକରେ ପହଞ୍ଚିଛନ୍ତି। ପି.ନାରାୟଣଙ୍କ ସହ ଯୋଗାଯୋଗ କରାଯିବାରେ ପି.ରାମ ନାଇଡୁ ଜଣେ ରାମ ଭକ୍ତ। ସେ ୧୯୯୩ ମସିହାରେ ପୁଅକୁ ସାଙ୍ଗରେ ନେଇ ଚାଲି ଚାଲି ପ୍ରଥମେ ପୁରୀ ବଡ଼ ଠାକୁରଙ୍କୁ ଦର୍ଶନ କରିବା ପରେ ଅଯୋଧ ଯାଇଥିବା ବେଳେ ବାବର ମସଜିଦ ବିବାଦ ଲାଗିରହିଥିଲା। ସେତେବେଳେ ଅଯୋଧରେ ପ୍ରବେଶ ନିଷେଧ ରହିଥିବାରୁ ଉଭୟଙ୍କୁ କାଶିରୁ ଫେରିବାକୁ ପଡ଼ିଥିଲା। ସେହିଦିନ ଠାରୁ ତାଙ୍କ ପିତାଙ୍କ ଇଚ୍ଛା ଥିଲା କି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେଲେ ତାଙ୍କୁ ଏକ ଠେଲା ଗାଡିରେ ନେଇ ଯିବାକୁ । ପିତାଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ଏବେ ପୁଅ ଠେଲା ଗାଡ଼ିରେ ଠେଲି ଠେଲି ତାଙ୍କୁ ଅଯୋଧ୍ୟା ନେଇ ଚାଲିଛି।

### କଳିଯୁଗର ଶ୍ରବଣ କୁମାର

ପି.ରାମ ନାଇଡୁ ଯଦି କୌଣସି ସ୍ଥାନରେ ଶେଷ ନିଶ୍ୱାସ ତ୍ୟାଗ କରିବେ, ତେବେ ତାଙ୍କୁ ସେହିଠାରେ ଅନ୍ତିମ ସତ୍କାର କରି ଚିତାଭସ୍ମ ଅଯୋଧ୍ୟା ନେବାକୁ ସଂକଳ୍ପ କରିଥିବା ପି.ନାରାୟଣ ରାଓ କହିଛନ୍ତି। ପ୍ରତ୍ୟେକ ଦିନ ଏହି ଠେଲାରେ ୨୫ ରୁ ୩୦ କିଲୋମିଟର ସେ ଯାତ୍ରା କରୁଥିବା ବେଳେ ସୁବିଧା ଥିବା ସ୍ଥାନରେ ବିଶ୍ରାମ ନେଉଛନ୍ତି। ଅଯୋଧ୍ୟାରେ ପହଞ୍ଚିବାକୁ ତାଙ୍କୁ ପ୍ରାୟ ୧୦୦ ଦିନ ଲାଗିବ ବୋଲି ସେ କହିଛନ୍ତି।

ପରିବାର ପାଇଁ ଅଲୋଡ଼ା ଭିନ୍ନକ୍ଷମ ଶିଶୁ କନ୍ୟା

# କୋଳେଇ ନେଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ

ଦେବଗଡ଼,୧୩।୫(ସମିସ): ବାରକୋଟ୍ ବ୍ଲକ୍ ବଲଣ୍ଡା ପଞ୍ଚାୟତ ନିକ୍ତିମାଳ ଗ୍ରାମରେ ଚାରି ବର୍ଷିଆ କନ୍ୟା ସନ୍ତାନ 'ତୁଳସୀ'ର ଲାଳନପାଳନ କରିବାକୁ ବାପା ମନା କରିଦେବାରୁ କୋଳେଇ ନେଇଛି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ। ପାଉଡ଼ି ଭୂୟାଁ ସମ୍ପ୍ରଦାୟର ଦିନମଜୁରିଆ ଗଜି ସାଉଁତ, ପିନ୍ ସାଉଁତର ହାତଧରି ନିଜ ସଂସାର ଆରମ୍ଭ କରିଥିଲେ। ବିବାହର ଏକ ବର୍ଷପରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ଆଦରରେ ସେମାନେ ପିଲାର ନା 'ତୁଳସୀ' ରଖିଥିଲେ। 'ତୁଳସୀ'ଯେମିତି ବଡ଼ ହେବାକୁ ଲାଗିଲା, ସେମାନେ ଅନୁଭବ କଲେ କି 'ତୁଳସୀ' ଗୁରୁଣ୍ଡି ପାରୁନାହିଁ କି ଶୁଣିପାରୁ ନାହିଁ। ଧୀରେ ଧୀରେ 'ତୁଳସୀ' ପରିବାର ପାଇଁ ଏକ ବୋଝ ହେବା ସହ ଅଲୋଡ଼ା ପାଲଟିଗଲା। ଭିନ୍ନକ୍ଷମ ଶିଶୁ କନ୍ୟାର ଦାୟିତ୍ୱରୁ ମୁକ୍ତି ପାଇବା ପାଇଁ ଦୁଇବର୍ଷ ତଳେ ମା' ପିନ ସାଉଁତ ନିଜ ସ୍ୱାମୀକୁ ଛାଡ଼ି ଅନ୍ୟ ଜଣଙ୍କ ହାତ ଧରି କୁଆଡ଼େ ଚାଲିଗଲା। ବାଧ ହୋଇ ସ୍ୱାମୀ ଗଜି 'ତୁଳସୀ'ର ଯତ୍ନ ନେବା ପାଇଁ ମନ ସାଉଁତକୁ ଦ୍ୱିତୀୟ ସ୍ତ୍ରୀ ଭାବେ ବିବାହ କରିଥିଲେ। କିଛି ଦିନ ନୂଆ ମା' ମନ ତୁଳସୀର ଯତ୍ନ ନେବାକୁ ଲାଗିଲା ଓ ହେଲେ ଯେତେ ଯତ୍ନ ନେଲେ ବି ତୁଳସୀ ଧୀରେ ଧୀରେ ବଡ଼ ହେଲା ସିନା ହେଲେ ନିଜ ଗୋଡରେ ଛିଡା ହୋଇପାରିଲା ନାହିଁ କି ଚାଲି ପାରିଲା ନାହିଁ। 'ତୁଳସୀ'ଜନ୍ମରୁ ମୁକ ଓ ବଧିର କାରଣରୁ ଭିନ୍ନକ୍ଷମ ଭତ୍ତା ମଧ୍ୟ ପାଉଛି ତଥାପି ପରିବାର ପାଇଁ ସେ ପାଲଟି ଯାଇଛି ଏକ ବୋଝ। ସୋମବାର ନୂଆ ମା'ମନ ସାଉଁତ ମଧ୍ୟ ସ୍ୱାମୀ ଓ ଝିଅକୁ ଛାଡି କୁଆଡେ ଚାଲି ଯାଇଛି। ଏ ପରିସ୍ଥିତିକୁ ସହି ନ ପରି ଶେଷରେ ବାପା ଗଜି ସାଉଁତ ଝିଅ ତୁଳସୀକୁ ପରିତ୍ୟକ୍ତ କରିଦେଇଛି ଓ ସ୍ଥାନୀୟ ଯୁବକ ବିନୋଦ ସାହୁଙ୍କଠାରୁ ଫୋନ ଯୋଗେ ସୂଚନା ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ମଙ୍ଗଳବାର ବିଭାଗୀୟ ଅଧିକାରୀ କ୍ରାନ୍ତି ମଞ୍ଜରି ଧାଁଉଁଳିଆ, ଗଗନ ବିହାରୀ ବିଶ୍ୱାଳ ଓ ଚାଇଲ୍ଡ଼ ଲାଇନର କରିଶ୍ମା ମାହାକୁଡଙ୍କ ସହ ନିକ୍ତିମାଳ ଗ୍ରାମକୁ ଯାଇ ଅଲୋଡା 'ତୁଳସୀ'କୁ ଉଦ୍ଧାର କରିଛନ୍ତି। ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ଉପସ୍ଥାପନ ପରେ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ତୁଳସୀର ଚିକିତ୍ସା ଓ ପୋଷ୍ୟ ସନ୍ତାନ ପ୍ରକ୍ରିୟାରେ ଥଇଥାନ କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।



■ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ

## ଜବାହର ନବୋଦୟ ଓ କେନ୍ଦ୍ରୀୟ ବିଦ୍ୟାଳୟରେ ଶତ ପ୍ରତିଶତ କୃତକାର୍ଯ୍ୟ

ଦେବଗଡ଼,୧୩।୫(ସମିସ): ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଥିବା ବେଳେ ଜେଏନଭି ଓ କେଭିର ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ କରିଥିବା ଜଣାପଡ଼ିଛି। ଜବାହର ନବୋଦୟ ବିଦ୍ୟାଳୟର ୮୦ ଛାତ୍ରଛାତ୍ରୀ ଚଳିତବର୍ଷ ସିବିଏସଇ ଦଶମଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ୮୦ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର ୩୮ ଛାତ୍ର ଛାତ୍ରୀ ମଧ୍ୟରୁ ସମସ୍ତ ୩୮ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀ ଅର୍ପିତା ପ୍ରଧାନ ୯୮.୪୦% ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଅମିତ ପ୍ରଧାନ ୯୮.୪୦% ନମ୍ବର ରଖି ଜିଲ୍ଲା ଯୁଗ୍ମ ଟପ୍ପର ହୋଇଥିବା ଜଣାପଡ଼ିଛି।



ଅର୍ପିତା ଓ ଅମିତ ଯୁଗ୍ମ ଟପ୍ପର

## ଡିଏଭି ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଶତ ପ୍ରତିଶତ ଫଳାଫଳ



ଝାରସୁଗୁଡ଼ା/ବନ୍ଧବାହାଲ, ୧୩।୫ (ସମିସ): ଚଳିତ ବର୍ଷର ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶପାଇଛି। ଏଥିରେ ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ଏନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଦଶମ ଶ୍ରେଣୀ ପାଇଁ ୭୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏଗାର ଜଣ ଛାତ୍ରଛାତ୍ରୀ ଶତକଡ଼ା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଦ୍ୱାଦଶ ବିଜ୍ଞାନରେ ୩୪ ଜଣଙ୍କ ମଧ୍ୟରୁ ଦୁଇଜଣ ୯୦ ପ୍ରତିଶତରୁ ଅଧିକ ଓ ଦ୍ୱାଦଶ ବାଣିଜ୍ୟରେ ୨୯ ଜଣଙ୍କ ମଧ୍ୟରୁ ଚାରିଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା କୃତୀ ଛାତ୍ରଛାତ୍ରୀଙ୍କୁ ସଫଳତାର ବାର୍ତ୍ତା ପ୍ରଦାନ କରିବା ସହ ସେମାନଙ୍କ ଭବିଷ୍ୟତ ଜୀବନରେ ନିଜ ଲକ୍ଷ୍ୟ ହାସଲ କରନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ କରିଛନ୍ତି।

## ହତ୍ୟା ଅଭିଯୋଗରେ ଡ୍ରାଇଭର ଗିରଫ

ଝାରସୁଗୁଡ଼ା,୧୩।୫(ସମିସ): ଝାରସୁଗୁଡ଼ାରେ କାର୍ଯ୍ୟରତ ଏକ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ ଘଟଣାରେ ଜଣେ ହାଇଡ୍ରା ଚାଳକକୁ ବଡ଼ମାଲ ପୁଲିସ୍ ଗିରଫ କରିଛି। ବାମନ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ନାମକ ଠିକା କମ୍ପାନୀରେ ସ୍ଥାନୀୟ ସିରିଆପାଲି ଗାଁର ଲିଜୁ ମାଝୀ(୨୧) ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଜାନୁଆରୀ ୧୦ ତାରିଖରେ ଆଲୁମିନିୟମ ସ୍କ୍ରାପ୍ ଭର୍ତ୍ତି ବସ୍ତା ହାଇଡ୍ରା ଗାଡ଼ିରେ ଲୋଡ କରୁଥିବା ବେଳେ ବସ୍ତାଟି କାର୍ଯ୍ୟରତ ମାଝୀଙ୍କ ଉପରେ ଖସି ପଡ଼ିଥିଲା। ଏକ ଟନ୍‌ରୁ ଅଧିକ ଓଜନର ସ୍କ୍ରାପ ଭର୍ତ୍ତି ବସ୍ତା ତଳେ ଚାପି ହୋଇଯାଇଥିବା ମାଝୀଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶ୍ରୀ ମାଝୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ମାଝୀଙ୍କ କାକା ବଡ଼ମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁକରି ତଦନ୍ତ ପରେ ଅଭିଯୁକ୍ତ ହାଇଡ୍ରାଚାଳକ ସତ୍ୟେଶ କୁମାର ମିଶ୍ରକୁ ଆଜି କୋର୍ଟ ଚାଲାଣ କରିଥିବା ପୁଲିସ୍ ତରଫରୁ ସୂଚନା ଦିଆଯାଇଛି।

## ପିକ୍‌ଅପ୍ ଭ୍ୟାନ ଓ ସ୍କୁଟି ଧକ୍କା; ସ୍କୁଟି ଆରୋହୀ ମୃତ

ଦେବଗଡ଼,୧୩।୫(ସମିସ): ଦେବଗଡ଼ ଥାନା ଅଧୀନ ପଲଟନଗୁଡ଼ା ନିକଟସ୍ଥ ରାଞ୍ଚି - ବିଜୟୱାଡ଼ା ଜାତୀୟ ରାଜପଥ କଡ଼ରେ ଥିବା ଏକ ପେଟ୍ରୋଲ ପମ୍ପକୁ ତେଲ ଭରିବାକୁ ଯାଉଥିବା ଏକ ପିକ୍‌ଅପ ଭ୍ୟାନକୁ ପଛପଟୁ ଏକ ସ୍କୁଟି ଆରୋହୀ ଧକ୍କା ଦେବାରୁ ଘଟଣାସ୍ଥଳରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଦେବଗଡ଼ ପୌରାଞ୍ଚଳ ପ୍ରଧାନ ସାହିର ମୂଷାମୁଣ୍ଡା ବୋଲି ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ମୂଷା କେତେକ ସହଯୋଗୀଙ୍କ ସହ ଏକ ସ୍କୁଟିରେ ଆମ୍ବ ବୋଝେଇ କରି ନିଜ ଘର ପଟକୁ ଫେରୁଥିବା ସମୟରେ ପଲଟନଗୁଡା ନିକଟସ୍ଥ ଏକ ପେଟ୍ରୋଲ ପମ୍ପକୁ ତେଲ ଭରିବାକୁ ଯାଉଥିବା ଏକ ପିକଅପ ଭ୍ୟାନ ପଛପଟେ ପିଟି ହୋଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟଲୋକଙ୍କ ସହାୟତରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ଼ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## କାଳବୈଶାଖୀ ତାଣ୍ଡବ; ବିଦ୍ୟୁତ୍ ସରବରାହ ବ୍ୟାହତ

ଝାରସୁଗୁଡ଼ା,୧୩।୫(ସମିସ): ଝାରସୁଗୁଡ଼ା ଜିଲ୍ଲାର କେତେକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ପ୍ରବଳବର୍ଷା ସହିତ ଝଡ଼ତୋଫାନ ହୋଇଛି। କାଳବୈଶାଖୀ ପ୍ରଭାବରେ ଲୋଇସିଂହ ପଞ୍ଚାୟତ ଅଞ୍ଚଳରେ ଅନେକ ଗଛ ଭାଙ୍ଗିବା ସହିତ ଅନେକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ପ୍ରଭାବରେ ବାରଖଣ୍ଡିଆ ନିକଟରେ ୧୧ କେଭି ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହିତ ଛଅଟି ସ୍ଥାନ ବିଦ୍ୟୁତ ତାର ଛିଣ୍ଡି ଯିବା ଫଳରେ ଲୋଇସିଂହ ପଞ୍ଚାୟତର ବାରଖଣ୍ଡିଆ ରୋହିଦାସପଡା, କଦଲିମୁଣ୍ଡା,ଭୋଇମୁଣ୍ଡା, ବଘିଆବେର୍ଣ୍ଣା ଆଦି ଅଞ୍ଚଳ ମଙ୍ଗଳବାର ଦିନ ଦୁଇଟା ସମୟରୁ ସମଗ୍ର ଅଞ୍ଚଳ ଅନ୍ଧାରରେ ରହିଥିଲା। ବ୍ରଜରାଜନଗର ବିଦ୍ୟୁତ ଡିଭିଜନ ଗାନ୍ଧିଛକ ସେକ୍ସନର ବିଦ୍ୟୁତ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା ଆବଶ୍ୟକ କର୍ମଚାରୀ ନଥିବା ଏବଂ ପୋଲ ମାଷ୍ଟର ଆଦି ଆବଶ୍ୟକ ଥିବାରୁ ମଙ୍ଗଳବାର ଏହି ସବୁ ଅଞ୍ଚଳକୁ ବିଦ୍ୟୁତ ସରବରାହ ସମ୍ଭବପର ହୋଇପାରିବ ନାହିଁ ବୋଲି ଗାନ୍ଧିଛକ ସେକ୍ସନ ଅଧିକାରୀ ସୂଚନା ଦିଆଯାଇଛି।



## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି



ଦେବଗଡ଼,୧୩।୫(ସମିସ): ଦେବଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘର ଭାଙ୍ଗିଥିବା ବେଳେ ଆମ୍ବ, ଲିଚୁ ଭଳି ଫସଲ ନଷ୍ଟ ହୋଇଛି। ତିଲେଇବଣି ବ୍ଲକ୍ ତାଳକୁଣ୍ଡି ପଞ୍ଚାୟତରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ଜଣାପଡ଼ିଛି। ଏଥିସହ ଅନେକ ଘରର ଆଜବେଷ୍ଟସ ଛାତ ଉଡାଇ ନେଇଥିବା ଯୋଗୁଁ ଘରର ଆସବାବ ପତ୍ର ମଧ୍ୟ ନଷ୍ଟ ହୋଇଛି। ଭାଲିଆଡିହି ଗ୍ରାମର ବସନ୍ତ ମେହେରଙ୍କ ଘରର ଆଜବେଷ୍ଟସ ଛାତ ସମ୍ପୂର୍ଣ୍ଣ ଉଡ଼ାଇ ନେଇଥିବା ବେଳେ ମଧ୍ୟପୁର ଗ୍ରାମର ବେଣୁଧର କିସାନଙ୍କ ଘରର ଆଜବେଷ୍ଟସ ଛାତ ମଧ୍ୟ ଉଡାଇ ନେଇଛି। ସେହିପରି ବଳମ ପଞ୍ଚାୟତ ଅଧୀନ ନୂଆଁଗାଁର ଝରୁ ନାଏକଙ୍କ ଘର ଆଜବେଷ୍ଟସ ଛାତ ଉଡ଼ି ଯାଇଛି।

## ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ

ଝାରସୁଗୁଡ଼ା,୧୩।୫(ସମିସ): ଆମ୍ବ ଗୋଟାଇବା ପାଇଁ ଯାଇଥିବାବେଳେ ବଜ୍ରାଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସୁନ୍ଦରଗଡ଼ ଜିଲ୍ଲା ରେଣ୍ଡା ଗ୍ରାମର ଲିଙ୍ଗରାଜ ବୁଡ଼ାଙ୍କ ପୁଅ ରଜତ ବୁଡ଼ା(୨୫) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଲୋଇସିଂହ ପଞ୍ଚାୟତଠରକସପୁର ଗ୍ରାମର ଆମ୍ବ ବୁରେଇକୁ ମଙ୍ଗଳବାର ଅପରାହ୍ଣରେ ଆମ୍ବ ଗୋଟାଇବା ପାଇଁ ଯାଇଥିବାବେଳେ ପ୍ରବଳ ଘଡ଼ଘଡ଼ିସାଙ୍ଗକୁ ପ୍ରବଳବର୍ଷା ହୋଇଥିଲା। ରଜତ ସେଠାରେ ବଜ୍ରାଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗସପୁର ହସ୍ପିଟାଲ ନେଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରଜତଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## କୃତ୍ରିମ ଅଙ୍ଗ ପ୍ରତିରୋପଣ, ଅଖି ପରୀକ୍ଷା ଶିବିର




ଝାରସୁଗୁଡ଼ା,୧୩।୫(ସମିସ): ବ୍ରଜରାଜନଗର ମାରୱାଡି ଯୁବା ମଞ୍ଚ ପକ୍ଷରୁ ୧୬ରୁ ପୌରପରିଷଦ କଲ୍ୟାଣ ମଣ୍ଡପରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ, ସ୍ୱାସ୍ଥ୍ୟ ଏବଂ ନେତ୍ର ପରୀକ୍ଷା ଶିବିର ଆୟୋଜନ କରାଯିବ। ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି ଆନୁକୂଲ୍ୟରେ ୧୬, ୧୭, ୧୮ ତାରିଖ ଦିନ ଅଙ୍ଗ ପ୍ରତ୍ୟାରୋପଣ ଓ କେବଳ ୧୬ ତାରିଖ ଦିନ ମୂରଲୀ କ୍ରିଷ୍ଣା ଫାଉଣ୍ଡେସନ କ୍ରିଷ୍ଣା ବିକାଶ ମଲ୍ଟି ସ୍ପେସିଆଲଟି ହସ୍ପିଟାଲ ସହଯୋଗରେ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ସ୍ୱାସ୍ଥ୍ୟପରୀକ୍ଷା ଶିବିର ଅନୁଷ୍ଠିତ ହେବ। ଏନେଇ ପଞ୍ଜିକରଣ ଆରମ୍ଭ ହୋଇଛି। ସାମ୍ବାଦିକ ସମ୍ମିଳନୀରେ ମାରୱାଡ଼ି ଯୁବା ମଞ୍ଚ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ପଞ୍ଜିକରଣ ପାଇଁ ଆଧାର କାର୍ଡ ଓ ୨ଟି ଫଟୋ ଆଣିବା ପାଇଁ ମଞ୍ଚ ପକ୍ଷରୁ କୁହାଯାଇଛି। ପଙ୍କଜ ବଂଶଲ, ସମ୍ପାଦକ ଅନମୋଲ ଅଗ୍ରୱାଲ, କୋଷାଧ୍ୟକ୍ଷ କାହ୍ନା ଗୋୟଲ, ରାଜ୍ୟ ସଂଯୋଜକ ଅଭିନବ ଅଗ୍ରୱାଲ, ଆଦିତ୍ୟ ସୀତାନି, କମଲ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୧୩।୫(ସମିସ): ବାରକୋଟ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୧ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୯ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବିଶେଷ କରି ମେଗାଲିଫ୍ଟ ପ୍ରୋଜେକ୍ଟ, ରାସ୍ତା ଘାଟ ମରାମତି, ବାର୍ଦ୍ଧକ୍ୟ ଭତ୍ତା ଓ ଜମି ଚିହ୍ନଟ ଆଦି ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ , ଉପ ଜିଲ୍ଲାପାଳ ପରିକ୍ଷିତ ସାହୁ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ବାରକୋଟ ତହସିଲଦାର ରବୀନ୍ଦ୍ର କୁମାର ନାୟକଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବାଳକ ହକି ଜୁନିୟର ପ୍ରତିଯୋଗିତା

## ଗୋଲ୍‌ଡେନ୍ କ୍ଲବ୍ ଫାଇନାଲରେ ପ୍ରବେଶ

ଝାରସୁଗୁଡ଼ା,୧୩।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ହକି ଷ୍ଟାଡିୟମରେ ରବିବାର ଠାରୁ ଆରମ୍ଭ ହୋଇଥିବା ଆନ୍ତଃ କ୍ଲବ୍ ୫-ଏ ସାଇଡ୍ ହକି ଜୁନିୟର ବାଳକ ପ୍ରତିଯୋଗିତାର ୩ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଶାଖାର ଆଂଚଳିକ ଅଧିକାରୀ ହିରଣ୍ୟ କୁମାର ନାୟକ ଯୋଗ ଦେଇ ଥିଲେ। ଆନ୍ତଃକ୍ଲବ୍ ୫-ଏ ସାଇଡ୍ ହକି ଜୁନିୟର ବାଳକ ନକ୍ ଆଉଟ ପ୍ରତିଯୋଗିତାର ୩ ୟ ଦିବସର ଅପରାହ୍ନ ୪-୩୦ର ପ୍ରଥମ ମ୍ୟାଚ୍ ଟି.ଆର.ଏଲ୍ ଇଂଲିଶ ମିଡିୟମ ସ୍କୁଲ ଓ ଏକଲବ୍ୟ ସ୍କୁଲ କିରିମିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକଲବ୍ୟ ସ୍କୁଲ କିରିମିରା ବିଜୟୀ ହୋଇଥିଲା। ୨ୟ ମ୍ୟାଚ କଷ୍ଟ୍ କଲୋନୀ ଓ ପୋଗ୍ରେସିଭ କ୍ଲବ୍‌ଦ୍ୱୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଗ୍ରେସିଭ କ୍ଲବ ବିଜୟୀ ହୋଇଥିଲା। ୩ୟ ମ୍ୟାଚ ଜେଇଏସ୍ ଷ୍ଟାର ଝାରସୁଗୁଡ଼ା ଓ ଗୋଲ୍ଡେନ କ୍ଲବ୍ ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଗୋଲ୍ଡେନ କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବୁଧବାର ପୋଗ୍ରେସିଭ କ୍ଲବ୍ ଓ ଏକଲବ୍ୟ ସ୍କୁଲ କିରିମିରା ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଜୟୀ ଦଳ ଗୋଲ୍ଡେନ କ୍ଲବ୍ ସହିତ ଫାଇନାଲ ମ୍ୟାଚ ଖେଳିବେ। ଏହି ଖେଳକୁ ଶକୁନ ନାୟକ, ପ୍ରଫୁଲ କୁଲୁ, ସୁଜିତ ଲାକ୍ରା, ସଙ୍ଗିତା ରୋଜ କୁଲୁ ଓ ଗାୟତ୍ରୀ କିଶାନ ପରିଚାଳନା କରିଥିଲେ।



## ଘର ଭିତରୁ ଗଞ୍ଜେଇ ଜବତ; ଦମ୍ପତି ଗିରଫ



**ଖୋର୍ଦ୍ଧା,୧୩।୫(ସମିସ):** ମୁକୁନ୍ଦପ୍ରସାଦ ଜୋରଶଙ୍ଖ ନିକଟ ଏକ ଘରୁ ଶିଳ୍ପାଞ୍ଚଳ ପୁଲିସ ଚଢ଼ଉ କରି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ସ୍ୱାମୀ-ସ୍ତ୍ରୀଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ କଟକ ଜିଲ୍ଲା ବିଡ଼ାନାସୀ ଥାନା ତୁଳସୀପୁରର ଚନ୍ଦ୍ରକାନ୍ତ ଧିର (୫୪) ଓ ନୁର୍‌ଜାହାନ୍ ବେଗମ୍ (୪୬)କୁ ପୁଲିସ ଗିରଫ କରିଛି। ସେମାନଙ୍କୁ ମଙ୍ଗଳବାର ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ, ଜୋରଶଙ୍ଖ ନିକଟ ଏକ ଘରେ ସନ୍ଧ୍ୟା ସମୟରେ ଅଧିକାଂଶ ଲୋକଙ୍କ ଗହଳି ହେଉଥିବାରୁ ପୁଲିସର ସନ୍ଦେହ ହୋଇଥିଲା। ସେଠାରେ ସ୍ୱାମୀ ଓ ସ୍ତ୍ରୀ ଗଞ୍ଜେଇ ବେପାର କରୁଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାଙ୍କୁ ଧରିବା ଲାଗି ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ମଧ୍ୟାହ୍ନରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ଘର ଭିତରୁ ସ୍ୱାମୀ-ସ୍ତ୍ରୀ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସେମାନଙ୍କୁ କାବୁକରି ନେଇଥିଲା। ଘର ଭିତରୁ ପୁଲିସ ୨୨କେଜି ୪୦୦ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିଥିଲା। ଏହି ଗଞ୍ଜେଇକୁ ସେମାନଙ୍କୁ କନ୍ଧମାଳରୁ କିଛି ବେପାରୀ ଆଣି ଯୋଗାଉଥିବା ପଚରାଉଚରାବେଳେ ସେମାନେ ସ୍ୱୀକାର କରିଛନ୍ତି। ଉକ୍ତ ଗଞ୍ଜେଇକୁ ସେମାନେ ଏଠାରୁ ଖୋର୍ଦ୍ଧା ଆଖପାଖ ଅଞ୍ଚଳ ସମେତ ଭୁବନେଶ୍ୱର, ପୁରୀ, ଜଟଣୀ, କଟକ ପ୍ରଭୃତି ଅଞ୍ଚଳରେ ଥିବା ବେପାରୀଙ୍କୁ ଯୋଗାଉଥିଲେ। ଏଥିସହିତ ଘର ନିକଟରେ ପ୍ରତିଦିନ ସନ୍ଧ୍ୟାରେ ଖୁଚୁରା ବେପାରୀ ଆସି ମାଲ୍ ନେଉଥିବା ସ୍ୱୀକାର କରିଥିବା ଜଣାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ୨୪ହଜାର ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ବେଆଇନ ଗଞ୍ଜେଇ ବିକ୍ରି ଅଭିଯୋଗରେ ୧୨୧/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି।

# ମା' ଭଗବତୀଙ୍କ ମନ୍ଦିରରେ ବିଦ୍ୟୁତ୍ ସରବରାହ ଠପ୍

**ବାଣପୁର,୧୩।୫(ସମିସ):** ରାଜ୍ୟର ସୁପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ମା' ଭଗବତୀଙ୍କ ମନ୍ଦିର ଅନ୍ୟତମ। ଏଠାକୁ ଦୈନନ୍ଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ତଥା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିଥାଏ। ମା'ଙ୍କ ପୀଠର ଉନ୍ନତିକରଣ ତଥା ନବକଳେବର ନିମନ୍ତେ ବହୁ ଦିନ ହେବ ମନ୍ଦିରର ଚତୁଃପାଶ୍ୱର୍ ଭାଙ୍ଗିରୁଜି ଅବ୍ୟବସ୍ଥା ଭିତରେ ରହିଥିବାବେଳେ କାର୍ଯ୍ୟ ଆରମ୍ଭ ହୋଇ ବର୍ତ୍ତମାନ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲିଛି। ଫଳରେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥଳେ ମନ୍ଦିରରେ ବର୍ତ୍ତମାନ ବିଦ୍ୟୁତ୍ ସରବରାହରେ ତ୍ରୁଟି ପରିଲକ୍ଷିତ ହୋଇଛି। ଯାହାର ବିକଳ ଚିତ୍ର ରବିବାର ମନ୍ଦିରର ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଯୋଗୁଁ ରାତିରେ ପେଟ୍ରୋମାକ୍ସ ଲାଇଟ୍ ଲଗାଯାଇ ବିଳମ୍ବରେ ମା'ଙ୍କ ଆଳତି କାର୍ଯ୍ୟ କରାଯିବା ଘଟଣା ଲୋକଲୋଚନକୁ ଆସିବାରେ ବାଣପୁରବାସୀ ତଥା ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଦେଇଛି।



ପୂଜା କାର୍ଯ୍ୟରେ ବ୍ୟାଘାତ

ଘଟଣାରୁ ପ୍ରକାଶ ଯେ, ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିର ପରିସରରେ କୌଣସି ତ୍ରୁଟି ଯୋଗୁଁ ମଧ୍ୟାହ୍ନ ସମୟରୁ ବିଦ୍ୟୁତ୍ ସରବରାହରେ ବିଭ୍ରାଟ ଦେଖାଦେଇ ପରିସରର ଲାଇଟ୍ କଟି ଯାଇଥିଲା। ଫଳରେ ମନ୍ଦିର ପରିସର ଅନ୍ଧକାର ହେବା ସହ ମା'ଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିର ପରିସରରେ ଥିବା ପାଣି ଟାଙ୍କି ଏବଂ ଶ୍ରଦ୍ଧାଳୁଙ୍କ ହାତ ଗୋଡ଼ ଧୋଇବା ପାଇଁ ଥିବା ପାଣି ଟାଙ୍କିରୁ ପାଣି ଶେଷ ହୋଇଯାଇ ସମସ୍ତ ଟାଙ୍କି ଖାଲି ହୋଇ ଯାଇଥିଲା। ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଟାଙ୍କିକୁ ଆଉ ପାଣି ଉଠାଯାଇପାରି ନ ଥିଲା। ଫଳରେ ଶ୍ରଦ୍ଧାଳୁମାନେ ଗୋଡ଼ ହାତ ଧୋଇ ନ ପାରି ବାଧ୍ୟ ହୋଇ ମନ୍ଦିରକୁ ଯାଇଥିଲେ। ଏପରିକି ମା'ଙ୍କ ସଙ୍କୁଡ଼ି ଥାଳି ପାଣି ଅଭାବରୁ ଧୂଆ ଯାଇପାରି ନ ଥିଲା। ଅସହ୍ୟ ଗରମ ସହିତ ମନ୍ଦିର ପରିସରରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଫଳରେ ଶ୍ରଦ୍ଧାଳୁ, ଯାତ୍ରୀ ଏବଂ ସେବାୟତମାନେ ଡହଳବିକଳ ହେଉଥିବାବେଳେ ମା'ଙ୍କ ଧୂପ ଆଳତି ମଧ୍ୟ ସଠିକ୍ ସମୟରେ ହୋଇପାରି ନ ଥିଲା। ଖବର ପାଇ ଭଗବତୀ ଦକ୍ଷପ୍ରଜାପତି ମନ୍ଦିରର ନିର୍ବାହୀ ଅଧିକାରୀ ବଳାମୁକୁନ୍ଦ ଦାସ ଆସି ମନ୍ଦିରରେ ପହଞ୍ଚି ବିଦ୍ୟୁତ୍ ସରବରାହକୁ ଠିକ୍ କରିବା ଲାଗି ପ୍ରଚେଷ୍ଟା ଚଳାଇଥିଲେ। ହେଲେ ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ତାର ସବୁ ପୋଡ଼ିଯାଇଥିବାରୁ ଲାଇଟ୍ ନ ଆସିବାରେ ବାଧ୍ୟ ହୋଇ ରାତି ୮ଟା ୩୦ ମିନିଟ ସମୟରେ ଏକ ପେଟ୍ରୋମାକ୍ସ ଲାଇଟ୍ ସାହାଯ୍ୟରେ ବିଳମ୍ବରେ ମା'ଙ୍କ ଆଳତି କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କୁ ପଚାରିବାରେ, ମନ୍ଦିରର ବିଦ୍ୟୁତ୍ ୱାୟାରିଙ୍ଗ ବହୁ ପୁରୁଣା ହୋଇଯାଇଥିବାରୁ ସର୍ଟସର୍କିଟ୍ ହୋଇ ବହୁ ସ୍ଥାନର ତାର ପୋଡ଼ି ଯାଇ ବିଦ୍ୟୁତ ସରବରାହରେ ବ୍ୟାଘାତ ଘଟିଛି। ତାର ପୋଡ଼ିଯାଇଥିବାରୁ ଜେନେରେଟରରୁ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। ସୋମବାର ଅକ୍ଳାନ୍ତ ପରିଶ୍ରମ କରି ସନ୍ଧ୍ୟା ସମୟରେ ମୁଖ୍ୟ ମନ୍ଦିର ଓ ନାଟ ମଣ୍ଡପ ପରିସରରେ ବିଦ୍ୟୁତ୍ ସର୍ଟସର୍କିଟ୍‌କୁ ଠିକ୍ କରାଯାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବା ପରେ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା ବୋଲି କହିଥିଲେ। ଆଗାମୀ ଦିନରେ ଏପରି ସମସ୍ୟା ନ ଉପୁଜିବା ନିମନ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟବାସିନ୍ଦା ଦୃଢ଼ ଦାବି କରିଛନ୍ତି।

## ବଦଳିଲେ ବିବାଦୀୟ ଉପନିବନ୍ଧକ ଅପୂର୍ବ ଆଇଚ

**ଖୋର୍ଦ୍ଧା,୧୩।୫(ସମିସ):** ପାର୍ଟ ପ୍ଲଟ୍ ପଞ୍ଜୀକରଣ ଏବଂ ଜମି ବିକ୍ରି ଓ କିଣାକିଣିରେ ବେଆଇନ ଅର୍ଥ କାରବାର ଭଳି ବହୁ ବିବାଦରେ ଛନ୍ଦି ହୋଇ ବିବାଦୀୟ ହୋଇଥିବା ଖୋର୍ଦ୍ଧା ଉପନିବନ୍ଧକ ଅପୂର୍ବ ଆଇଚଙ୍କୁ ମଙ୍ଗଳବାର ଜିଲ୍ଲାପାଳ ବଦଳି କରିଛନ୍ତି। ପତ୍ର ସଂଖ୍ୟା ୯୩୨୯/ ତାରିଖ ୧୩.୫.୨୫ରେ ତାଙ୍କୁ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ଥିବା ଅମିର କୁମାର ଦାସଙ୍କୁ ଉପନିବନ୍ଧକଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଉକ୍ତ ପତ୍ରରେ ଜଟଣୀ ଉପନିବନ୍ଧକ ବିଞ୍ଜୋସ ରଞ୍ଜନ ନାୟକଙ୍କୁ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ଭାବେ ବଦଳି କରାଯାଇ ତାଙ୍କ ସ୍ଥାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ସନ୍ତୋଷିନୀ ଦାସଙ୍କୁ ନିଯୁକ୍ତି କରାଯାଇଛି। ସମସ୍ତଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ଉକ୍ତ ପତ୍ରରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା, ଜଟଣୀ ଓ ବେଗୁନିଆ ଉପନିବନ୍ଧକଙ୍କ ନାଁରେ ବିଗତ ଦିନରେ ପାର୍ଟ ପ୍ଲଟ୍ ପଞ୍ଜୀକରଣରେ ଠକକତା କରିବା ନେଇ ପୁଳା ପୁଳା ଅଭିଯୋଗ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ହୋଇଥିଲା। କିନ୍ତୁ ବିବାଦୀୟ ଦୁଇଜଣଙ୍କ ବଦଳି ହୋଇଥିବାବେଳେ ବେଗୁନିଆ ଉପନିବନ୍ଧକଙ୍କ ବଦଳି ନ ହେବା ଘଟଣା ଏବେ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି।

## ୩୪ ଲିଟର ଦେଶୀ ମଦ ଜବତ; ୩ ଗିରଫ



**ନିରାକାରପୁର/ବେଗୁନିଆ,୧୩।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟର ଥାରପା ମାରାଣ୍ଡିଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ କମାଗୁରୁ, ନିଧିପୁର ଟାଙ୍ଗୀ ସାହି ଓ ହୀରାପୁରରେ ସଦଳବଳେ ଚଢ଼ଉ କରି ୩ ଜଣ ମଦ ବେପାରୀଙ୍କୁ ଗିରଫ କରିବା ସହିତ ୩୪ ଲିଟର ଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ଭ୍ରାମ୍ୟମାଣ ଅବକାରୀ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଜଂକିଆ ଥାନା କମାଗୁରୁ ଗ୍ରାମର ଯଦୁମଣି ରଣସିଂହ(୫୯), ନିଧିପୁର ଟାଙ୍ଗୀ ସାହିର ସଞ୍ଜୁଲତା ସୁନ୍ଦରାୟ ଓ ହୀରାପୁର ଗ୍ରାମର ବସନ୍ତ ବେହେରା ପ୍ରମୁଖ ଦେଶୀ ମଦ ବିକ୍ରି କରୁଥିବାର ସୁରାକ୍ ପାଇଥିଲା। ତାଙ୍କଠାରୁ ସମୁଦାୟ ୩୪ ଲିଟର ଦେଶୀ ମଦ ଜବତ କରିଥିବା ସହିତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଭ୍ରାମ୍ୟମାଣ ଅବକାରୀ ପୁଲିସ ବାହିନୀ ସାମିଲ୍ ଥିଲେ।

## କୁଞ୍ଜୁରି ପଞ୍ଚାୟତରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି




**ଖୋର୍ଦ୍ଧା/ବେଗୁନିଆ,୧୩।୫(ସମିସ):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ମଙ୍ଗଳବାର କୁଞ୍ଜୁରି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, କୁଞ୍ଜୁରୀ ସରପଞ୍ଚ ପ୍ରଣତି ସାହୁ, ଭାରପ୍ରାପ୍ତ ବିଡିଓ କ୍ଷୀରାବ୍ଧିତନୟା ସାହୁ, ତହସିଲ୍‌ଦାର ତାପସ କୁମାର ବିଶି ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରକୁ ମୋଟ୍ ୨୦୦ ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ୧୫୭ଟି ବ୍ୟକ୍ତିଗତ ଏବଂ ୩୨ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗସ୍ଥଳରେ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ କୁଞ୍ଜୁରି ପଞ୍ଚାୟତର ବନିତା ଚମ୍ପତିଙ୍କୁ ୨୫ ହଜାର, ସସ୍ମିତା ବେହେରାଙ୍କୁ ୨୦ ହଜାର ଏବଂ ଶୁଭମ୍ ରଣସିଂହଙ୍କୁ ୧୫ ହଜାର ଲେଖାଏଁ ମୋଟ ୩ ଜଣ ଅଭିଯୋଗକାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ଉଦ୍ୟାନ କୃଷି, ମତ୍ସ୍ୟ, ଏସ୍‌ଏସ୍‌ଇପିଡି, ଆୟୁଷ୍ମାନ ଆରୋଗ୍ୟ ଶିବିର ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡ. ଗୀତାଂଶୁ ଦାଶ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଡେପୁଟି କଲେକ୍ଟର (ଅଭିଯୋଗ) ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ (ଅଭିଯୋଗ) ଭୁବନେଶ୍ୱରୀ କଅଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ।

## ଖୋର୍ଦ୍ଧାରୋଡ୍ ଷ୍ଟେସନ୍‌ରୁ ୧୨ ନାବାଳକ ଉଦ୍ଧାର



**ଜଟଣୀ,୧୩।୫(ସମିସ):** ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ୧୨ଜଣ ନାବାଳକଙ୍କୁ ଉଦ୍ଧାର କରିଛି ପୁଲିସ। ଉଦ୍ଧାର ନାବାଳକଙ୍କ ବୟସ ଯଥାକ୍ରମେ ୧୩ରୁ ୧୭ ବର୍ଷ। ସମସ୍ତଙ୍କ ଘର ବିହାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ହୋଇଥିବାବେଳେ ସେମାନେ ସମସ୍ତେ କାମ କରିବାକୁ ବେଙ୍ଗାଲୁରୁ ଯାଉଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ପାଇ ଏକ ସାମାଜିକ ସଂଗଠନର ସଦସ୍ୟଙ୍କ ସହଯୋଗରେ ଖୋର୍ଦ୍ଧାରୋଡ୍ ଆର୍‌ପିଏଫ୍ ପୁଲିସ ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଯାଇଛି। ଘଟଣାନୁଯାୟୀ, ଉଦ୍ଧାର ସମସ୍ତ ନାବାଳକ ବିହାରରୁ ଏକ ଟ୍ରେନ୍ ମୁଜାଫରପୁର-ବେଙ୍ଗାଲୁରୁ ଏକ୍ସପ୍ରେସ୍‌ରେ ବେଙ୍ଗାଲୁରକୁ କାମ କରିବା ପାଇଁ ଚାଲାଣ କରାଯାଉଥିବା ସଂଗଠନର କର୍ମକର୍ତ୍ତା ଖବର ପାଇଥିଲେ। ସେମାନେ ଆର୍‌ପିଏଫ୍ ପୁଲିସ ସହଯୋଗରେ ଉକ୍ତ ଟ୍ରେନ୍ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରେ ରହିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ପଚରାଉଚରା ବେଳେ ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରିବାକୁ ଯାଉଥିଲେ। ସମସ୍ତ ଉଦ୍ଧାର ନାବାଳକଙ୍କୁ ଜିଲ୍ଲା ଚାଇଲ୍ଡ ଲାଇନ୍‌ରେ ଛଡ଼ାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

**ବେଗୁନିଆ,୧୩।୫(ସମିସ):** ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ଲୋକନାଥ ଦେବଙ୍କ ମନ୍ଦିର ପରିସରରେ ଊନବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ଏଥିରେ ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞାଚାର୍ଯ୍ୟ ସୁଧାକର କରଙ୍କ ତତ୍ତ୍ୱାବଧାନରେ କାଶୀନାଥ ସୁନ୍ଦରାୟ ଓ ପତ୍ନୀ ବାଳାମଣି ଉପବେସନ କରି ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିବା ସହ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉପଲକ୍ଷେ ବହି ପୂଜନ



**ବେଗୁନିଆ,୧୩।୫(ସମିସ):** ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଂପୁର ଗ୍ରାମର ଆରାଧ୍ୟ ଦେବତା ସୋମନାଥ ଦେବଙ୍କ ପୀଠରେ ରଜ ମହୋତ୍ସବ ଉପଲକ୍ଷେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଉପଲକ୍ଷେ ବହି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଚାରୋଟି ନାଟ୍ୟ ଅନୁଷ୍ଠାନ ଯଥା- ଜୟଦୁର୍ଗା ନାଟ୍ୟ ସଂସଦର 'କହିବାକୁ ଲାଜ ଶୁଣିଲେ ପାପ', ଭବାନୀ ଶଙ୍କର ନାଟ୍ୟ ସଂସଦର 'କାନ୍ଦେନା ଲୁହ ସରିଯିବ', ଉମାଶଙ୍କର ନାଟ୍ୟ ସଂସଦର 'କିଏ କାନ୍ଦି ନାହିଁ ହାତ ଟେକ' ଓ ଗୌରୀ ଶଙ୍କର ନାଟ୍ୟ ସଂସଦର 'ମୃତ୍ୟୁ ପରେ ମଣିଷ' ନାଟକ ପରିବେଷଣ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଦିବ୍ୟସିଂହ ରଣା, ଚାରୋଟି ନାଟ୍ୟ ଅନୁଷ୍ଠାନର ସଭାପତି ପ୍ରତାପ ଚନ୍ଦ୍ର ରଣା, ପ୍ରତାପ ବେହେରା, ସୁଶାନ୍ତ ବେହେରା, ସମୀର ଦାସ ଓ କଳାକାରମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇଥିଲା।

## 'ପ୍ରତ୍ୟେକ ସଫଳତା ପଛରେ ମା'ଙ୍କ ଭୂମିକା ଅତୁଳନୀୟ'

**ଖୋର୍ଦ୍ଧା,୧୩।୫(ସମିସ):** ସ୍ଥାନୀୟ ମହିୟସୀ ସୁଲକ୍ଷଣା ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ବିଶ୍ୱ ମାତୃଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆବାହକ ବିଶିଷ୍ଟ ରସାୟନଶାସ୍ତ୍ରୀ ପ୍ରଫେସର ଡ. ହରିପ୍ରସାଦ ଦାସଙ୍କ ପୌରୋହିତ୍ୟରେ ବିଶିଷ୍ଟ ସାହିତ୍ୟିକା ତଥା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ପ୍ରଧାନ ମୁଖ୍ୟ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡ଼ିଶା ଲେଖିକା ସଂସଦର ସଭାନେତ୍ରୀ ପ୍ରଫେସର ଡ. ଶକୁନ୍ତଳା ବଳିଆରସିଂହ ମୁଖ୍ୟବକ୍ତା ରୂପେ ଶିଶୁର ସର୍ବୋତ୍ତମ ବିକାଶରେ ମା'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଓଡ଼ିଶା ନ୍ୟାୟିକ ସେବା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ବେଗୁନିଆ ବ୍ଲକ୍ ଗୋଡ଼ା ଗ୍ରାମର ସୋମେଶ ରଣବିଜୁଳିଙ୍କୁ 'ପ୍ରତିଭା ସମ୍ମାନ' ଓ ତାଙ୍କ ମା' ବାସନ୍ତୀ ରଣବିଜୁଳିଙ୍କୁ 'ମାତୃ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଆବାହକ ଡ. ହରିପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଦର୍ଶ କ୍ଲବ୍ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ବାର୍ଷିକ ପରୀକ୍ଷା; ଟ୍ରିପଲ୍ ଏ'ର ସଫଳତା

**ଖୋର୍ଦ୍ଧା,୧୩।୫(ସମିସ):** ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ଓ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଟ୍ରିପଲ୍ ଏ' ଖୋର୍ଦ୍ଧାର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ପାସ୍‌ହାର ଶତପ୍ରତିଶତ ହୋଇଥିବାବେଳେ ଦଶମ ଶ୍ରେଣୀର ଛାତ୍ରୀ ସ୍ମିତା ଦାଶ ୯୮% ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହା ବ୍ୟତୀତ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ବିଭାଗରେ ଅଙ୍କିତା ଲେଙ୍କା ଓ ବାଣିଜ୍ୟ ବିଭାଗରେ ଆଶା କିରନ ପ୍ରତ୍ୟେକ ୯୫ପ୍ରତିଶତ ନମ୍ବର ରଖି ବିଭାଗ ଟପ୍ପର ହୋଇଛନ୍ତି। ପିଲାମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା, ପରିଚାଳନା କମିଟି ଓ କର୍ମକର୍ତ୍ତାମାନେ ସେମାନଙ୍କୁ ସାଧୁବାଦ୍ ଜଣାଇଛନ୍ତି।

## କୋଲୁହାପାଟଣାରେ ଭାଗବତ ସମ୍ମିଳନୀ ଉଦ୍‌ଯାପିତ



**ବେଗୁନିଆ,୧୩।୫(ସମିସ):** ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଭଗବତଦେବଙ୍କ ପୀଠରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦୁଇ ଦିନ ଧରି ଚାଲିଥିବା ଭାଗବତ ମେଳା ଉଦ୍‌ଯାପିତ ହୋଇଛି। ଏଥିରେ ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ଡ. ଅଖିଳେଶ ପ୍ରସାଦ ପଣ୍ଡା ଓ ତପନ କୁମାର ପଣ୍ଡା ଉପସ୍ଥିତ ରହି ଭାଗବତ ବହିର ଅଷ୍ଟମ ସ୍କନ୍ଧ ତୃତୀୟ ଅଧ୍ୟାୟର "ଗଜସ୍ତବ' ଶୀର୍ଷକ ବିଷୟବସ୍ତୁ ଉପରେ ବ୍ୟାଖ୍ୟା କରି ଆଧ୍ୟାତ୍ମିକତା ମାର୍ଗକୁ ଅନୁସରଣ କଲେ ମୋକ୍ଷପ୍ରାପ୍ତି ହୋଇପାରିବ ବୋଲି ଉପସ୍ଥିତ ଶ୍ରୋତାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ଶ୍ରୀକାନ୍ତ କୁମାର ଦାଶ, ଗୌରହରି ପଣ୍ଡା ଓ ଧନେଶ୍ୱର ପଣ୍ଡା ପ୍ରମୁଖ ଭାଗବତ ପଠନରେ ସହଯୋଗ କରିଥିବାବେଳେ ବନ ବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଜନ୍ମସ୍ଥାନରେ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ

# 'ଓଡ଼ିଆ ସାହିତ୍ୟ ଜଗତର ଅମ୍ଳାନ ପ୍ରତିଭା ଥିଲେ'

**ଖୋର୍ଦ୍ଧା,୧୩।୫(ସମିସ):** ସଚ୍ଚି ରାଉତାୟ ସାହିତ୍ୟ ସଂସଦ ଗୁରୁଜଙ୍ଗ ଆନୁକୂଲ୍ୟରେ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ୧୦୯ତମ ଜୟନ୍ତୀ ତାଙ୍କର ଗୁରୁଜଙ୍ଗସ୍ଥିତ ଜନ୍ମପୀଠରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟ ସାଧକ ଶ୍ୱେତପଦ୍ମାସିନୀ ମହାନ୍ତିଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ସଚ୍ଚି ରାଉତରାୟ ଏକବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ କବି। ଛୋଟ ମୋର ଗାଁଟି କବିତା ମାଧ୍ୟମରେ କବି ସଚ୍ଚି ରାଉତରାୟ ଗାଁର ମହନୀୟତାକୁ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ଲୋକପ୍ରିୟ କରିଛନ୍ତି। ସେ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ଜଣେ ଅମ୍ଳାନ ପ୍ରତିଭା। ଯାହାଙ୍କ ବଳିଷ୍ଠ ରଚନା, ସାହିତ୍ୟକୃତୀ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛି। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶାର ଗ୍ରାମୀଣ ସଂସ୍କୃତି ରହିଛି, ସେତେଦିନ ପର୍ଯ୍ୟନ୍ତ ଓଡ଼ିଶା ମାଟିରେ ସଚ୍ଚି ରାଉତରାୟ ଉଜ୍ଜିବିତ ରହିବେ ବୋଲି କହିଥିଲେ। ଏଥିସହିତ ସଚ୍ଚି ରାଉତରାୟଙ୍କ ସାମଗ୍ରିକ ସାହିତ୍ୟକୃତୀ ଆମର ଅନନ୍ୟ ସମ୍ପଦ। ଏହାର ପ୍ରଚାରପ୍ରସାର ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବିଶିଷ୍ଟ କବୟିତ୍ରୀ ଆରତୀ ମଞ୍ଜରୀ ଦାଶ କବିଙ୍କ କାଳଜୟୀ କବିତା ବାଜି ରାଉତ ଉପରେ ଆଲୋକପାତ କରିବା ସହ ମାଟିର ମହାକବି ସ୍ୱର୍ଗତ ରାଉତରାୟଙ୍କ ଜୀବନୀ ସମ୍ପର୍କରେ କହିଥିବାବେଳେ ସାହିତ୍ୟକୃତୀ ପାଇଁ ଏକାଡେମୀ ପୁରସ୍କାର, ଉତ୍କଳ ରତ୍ନ ସମ୍ମାନ, ସୋଭିଏତ୍ ଲ୍ୟାଣ୍ଡ ନେହେରୁ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ ଓ ଡକ୍ଟରେଟ୍ ଆଦି ପାଇଥିଲେ ବୋଲି ପ୍ରକାଶ କରିଥିଲେ। ସେହିପରି ଗୁରୁଜଙ୍ଗଠାରେ ସଚ୍ଚି ରାଉତରାୟଙ୍କ ଏକ ସ୍ମୃତିପୀଠ ନିର୍ମାଣ କରିବାର ସଂକଳ୍ପ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିବାବେଳେ ସଂଗଠନ ସମ୍ପାଦକ ଭବାନୀ ପ୍ରସାଦ କର ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଗୁରୁଜଙ୍ଗ ସମେତ ଖୋର୍ଦ୍ଧା ସହର, କୁମାରବସ୍ତ ପ୍ରଭୃତି ଅଞ୍ଚଳର ଅନେକ ସଚ୍ଚି ରାଉତରାୟ ସାହିତ୍ୟପ୍ରେମୀ ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ। ଶେଷରେ ବିଭୂତି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



### ■ ପ୍ରସିଦ୍ଧ ତାଳଢିହ ରାମଲୀଳା ଉଦ୍‌ଯାପିତ

# ଶ୍ରୀରାମଙ୍କ ରାଜ୍ୟାଭିଷେକ ଓ ନଗର ପରିକ୍ରମା



**ଟାଙ୍ଗୀ,୧୩।୫(ସମିସ):** ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ରତନପୁର ପଞ୍ଚାୟତ ତାଳଢିହ ଗ୍ରାମର ଆରାଧ୍ୟ ଶ୍ରୀରଘୁନାଥଦେବଙ୍କ ପୀଠରେ ପ୍ରସିଦ୍ଧ ରାମଲୀଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ ରାବଣ ବଧ, ଶ୍ରୀରାମଙ୍କ ରାଜ୍ୟାଭିଷେକ ଏବଂ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଏହି ପୌରାଣିକ ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ନାଟକ ଉପଭୋଗ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀରାମ ଲୀଳାରେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସୁସଜ୍ଜିତ ହୋଇ କଳାକାରମାନେ ବିଜେ ଠାକୁରଙ୍କ ସହ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଗ୍ରାମବାସୀମାନେ ଉତ୍ସାହର ସହିତ ଭୋଗ ଓ ନୈବେଦ୍ୟ ଅର୍ପଣ କରି ଠାକୁରଙ୍କୁ ବନ୍ଦାପନା କରିଥିଲେ। ରାମ ଭୂମିକାରେ ସୁଧୀର ପ୍ରଧାନ, ଲକ୍ଷ୍ମଣ ଭୂମିକାରେ କୁନାଲ ପ୍ରଧାନ, ସୀତା ଭୂମିକାରେ ଅମିତ୍ ସାହୁ, ହନୁମାନ ଭୂମିକାରେ ଦୟା ପ୍ରଧାନ, ରାବଣ ଭୂମିକାରେ ଅନିଲ ସାମନ୍ତରାୟ ତଥା ଗାୟକ ଅମିନ ପ୍ରଧାନ ଓ ବାୟକ ବିନାୟକ ଦାସ, ତୋଫାନ ମହାରଣା ଅଂଶଗ୍ରହଣ କରିଥିଲେ। ପରିଚାଳନା କମିଟି ସଭ୍ୟ ପ୍ରଦୀପ ଭୂଜବଳ, ଗଣେଶ ପ୍ରଧାନ, ଭ୍ରମର ବଳିୟାରସିଂହ, ସୁରେନ୍ଦ୍ର ପ୍ରଧାନ, ରାମ ପ୍ରଧାନ, ଅଜିତ୍ ପାଇକରାୟ, ସୁବାସ ସାହୁ, ବିନାୟକ ପ୍ରଧାନ, ସୁବାସ ସାମନ୍ତରାୟ, ଧଡୁ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।







■ ଆଇ ଲଭ୍ ଆୟୁର୍ବେଦ ହସ୍ପିଟାଲ୍ ଲେଖିବେ ବୋଲି...

# ବିନା ଅନୁମତିରେ କାଟିଦେଲେ ପୁରୁଣା ଗଛ

ଭୁବନେଶ୍ୱର, ୧୩।୫(ସମିସ)

ଗୋଟିଏ ଗଛ କାଟିଲେ ୧୦ଟି ଗଛ ଲଗାଇବାର ନିୟମ ରହିଛି। ସେହିଭଳି ଗଛ କାଟିବା ପୂର୍ବରୁ ଡିଏଫଓଙ୍କଠାରୁ ଅନୁମତି ନେବାର ବିଧି ରହିଛି। ହେଲେ ଖୋଦ୍ ରାଜଧାନୀରେ ଏହି ନିୟମକୁ ଖୁଲମ୍‌ଖୁଲା ଦଳିମକଚି ନଷ୍ଟ କରି ଦିଆଯାଇଛି। ବିଏମ୍‌ସିର ୫୫ ନମ୍ବର ୱାର୍ଡ ଅନ୍ତର୍ଗତ ନାଗେଶ୍ୱରଟାଙ୍ଗୀସ୍ଥିତ ଆୟୁର୍ବେଦିକ ହସ୍ପିଟାଲ୍ ସମ୍ମୁଖରୁ ଦୁଇଟି ୧୦ ବର୍ଷର ପୁରୁଣା ଗଛ କଟା ହୋଇଛି। ସେଠାରେ ହସ୍ପିଟାଲ୍ ପକ୍ଷରୁ 'ଆଇ ଲଭ ଆର୍ୟୁବେଦିକ ହସ୍ପିଟାଲ୍' ଲେଖାଯିବ ବୋଲି ୨୦ ଫୁଟ୍ ରାସ୍ତା ଖୋଳିବା ସହ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀ ଏହାକୁ ଘୋର ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

୨୦୧୫ ମସିହାରେ ଏହି ହସ୍ପିଟାଲ୍ ସମ୍ମୁଖରେ ରାସ୍ତାକଡ଼ରେ ଫାସୀ ଓ ଛତିଆନା ଦୁଇଟି ଗଛ ଲାଗିଥିଲା। ୧୦ ବର୍ଷ ଭିତରେ ଗଛ ବଡ଼ ହେବା ସହ ପଥଚାରୀଙ୍କୁ ଛାଇ ପ୍ରଦାନ କରୁଥିଲା। ଏମିତିକି ହସ୍ପିଟାଲ୍‌କୁ ଆସୁଥିବା ଲୋକମାନେ ମଧ୍ୟ ଗଛ ଛାଇରେ ଛିଡ଼ା ହେଉଥିଲେ। ତେଣୁ ଏହି ଗଛ କାଟିବାକୁ ନେଇ ଆଜି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆର୍ ଆଣ୍ଡ ବି ଡିଭିଜନ୍-୨ ଅଧୀନରେ ଆସୁଥିବା ଏହି ରାସ୍ତାରେ ୬ ମାସ ତଳେ ନୂଆକରି ପେଭର୍ ବ୍ଲକ ବିଛା ହୋଇଥିଲା। ଏହାକୁ ତାଡ଼ି ନଷ୍ଟ କରି ଦିଆଯାଇଛି। ଏହାସହ ହସ୍ପିଟାଲ୍ ପରିସରରେ ଜାଗା ଥିଲେ ବି ରାସ୍ତାକୁ ଅକ୍ତିଆର କରି ସେଠାରେ ଏହି ବୋର୍ଡ ଲେଖାଯିବାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଏହା ଏକ ଧର୍ତ୍ତବ୍ୟ ଅପରାଧ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଗତ ୧୦ ବର୍ଷ ତଳେ ଆମେ ଏହି ସ୍ଥାନ ସମତେ ବିଭିନ୍ନ ସ୍ଥାନରେ ପ୍ରାୟ ୬ ହଜାର ଗଛ ଲଗାଇଥିଲୁ। ଗଛ ଲାଳନପାଳନ କରି ବଡ଼ ମଧ କରିଛୁ। ହେଲେ ଦୁଃଖର ବିଷୟ ଅକାରଣରେ ଗଛ କାଟି ଦିଆଯାଉଛି। ବେଶୀ ଦୁଃଖ ଲାଗୁଛି ଏକ ବୋର୍ଡ ଲଗାଇବା ପାଇଁ ଦୁଇଟି ବଡ଼ ଗଛକୁ କାଟି ଦିଆଗଲା। ହେଲେ ଏହା ଉପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ। ଏନେଇ ଆମେ ବିଏମ୍‌ସି, ପୂର୍ତ୍ତ ବିଭାଗ ଓ ସିଟି ଡିଏଫଓଙ୍କ ନିକଟରେ ଅଭିଯୋଗ କରିଛୁ। ତୁରନ୍ତ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛୁ ବୋଲି ସେ କହିଛନ୍ତି।

## ମଦ ବ୍ୟବସାୟକୁ କେନ୍ଦ୍ରକରି ହୋଇଥିଲା ଆକ୍ରମଣ

ଭୁବନେଶ୍ୱର, ୧୩।୫(ସମିସ): ନୂଆ ଫରେଷ୍ଟ ପାର୍କ ଜିନ୍ଦଲ ଅଫିସ ନିକଟରେ ବିକି ନାୟକଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ପୁଲିସ ତାର ତଦନ୍ତକୁ ଜୋରଦାର କରିଛି। ବିକିର ଭଉଣୀ ପୁନମ ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜୋରଦାର କରାଯାଇଛି। ଏହାର କାରଣ ପଛରେ ମଦ କାରବାର ରହିଥିବା ଜଣାପଡ଼ିଛି। କାରଣ ଅଭିଯୁକ୍ତମାନେ ପଳାଶପଲ୍ଲୀରେ ମଦ କାରବାର କରନ୍ତି। ଏହାକୁ ବିକି ବିରୋଧ କରେ। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପତିଆରା ଚାଲିଥିଲା। ପୂର୍ବରୁ ଏନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯେଉଁଥି ପାଇଁ ଅଭିଯୁକ୍ତମାନେ ରାଗ ରଖିଥିଲେ। ଶେଷରେ ଗତକାଲି ବିକିକୁ ହାଣି ଅକାମି କରାଇବା ପାଇଁ ଯୋଜନା କରି ଅଭିଯୁକ୍ତମାନେ ଆସିଥିଲେ। ସେମାନେ ଭଡ଼ାରେ ଟ୍ୟାକ୍ସି ଆଣି ସେଥିରେ ଖଣ୍ଡା ଧରି ଅଭିଯୁକ୍ତମାନେ ଆସିଥିଲେ। ରାତି ୯ଟା ସମୟରେ ବିକି ଏବଂ ତାର ସାଙ୍ଗମାନେ ନୂଆ ଫରେଷ୍ଟ ପାର୍କ ଜିନ୍ଦଲ ଅଫିସ୍ ନିକଟ ଗଳିରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ କାରରେ ୭ ଜଣ ଯୁବକ ଆସିଥିଲେ। କେହି କିଛି ବୁଝିବା ଆଗରୁ ପ୍ରଥମେ ଲୁହା ପାଇପ୍‌ରେ ବିକିର ମୁଣ୍ଡକୁ ପିଟିଥିଲେ। ବିକି ତଳେ ପଡ଼ି ଚିତ୍କାର କରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ହାଣିଥିଲେ। ଜୀବନ ବଞ୍ଚାଇବାକୁ ବିକି ରାସ୍ତାରେ ଦୌଡୁଥିବା ବେଳେ ଅଭିଯୁକ୍ତମାନେ ଗୋଡାଇ ହାଣିଥିଲେ। ଶେଷରେ ବିକି ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସେହିପରି ଗଭର୍ଣ୍ଣର ହାଉସ୍ ଛକ ନିକଟରେ ଥିବା ଗଳିରେ ଅନ୍ୟଏକ ଖଣ୍ଡାବୁଲାଇବା ଘଟଣାରେ ପୁଲିସ ହାତ ମଧ୍ୟ ଖାଲି ରହିଛି। ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ ମଧ କରିପାରିନି।

## ଉପେନ୍ଦ୍ର ମହଲାଙ୍କୁ ନାରଦ ସମ୍ମାନ




ଭୁବନେଶ୍ୱର, ୧୩।୫(ସମିସ): ନାରଦ ଜୟନ୍ତୀ ଅବସରରେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ବରିଷ୍ଠ ସ୍ତମ୍ଭଲେଖକ ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଏକବିଂଶତମ ନାରଦ ସମ୍ମାନ ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବ୍ରିଗେଡ଼ିୟର ଡଃ. ଲକ୍ଷ୍ମୀ ଚରଣ ପଟ୍ଟନାୟକ, ଇଂରାଜୀ ପତ୍ରିକା ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେତକ୍ ଯୋଗଦେଇଥିଲେ। ଚଳିତ ବର୍ଷ ପାଇଁ ସାମ୍ବାଦିକ ଉପେନ୍ଦ୍ର କୁମାର ମହଲାଙ୍କୁ ବିଶ୍ୱ ମର୍ଯ୍ୟାଦାପୂର୍ବ ନାରଦ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବପ୍ରାନ୍ତର ସୁମନ୍ତ ପଣ୍ଡା, ଆଇନଜୀବୀ ସାଇ ପ୍ରସାଦ ଦାଶ, ସଂଘର ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି ମାନପତ୍ର, ପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ପରିଚାଳନା କରିଥିଲେ।

## ସିବିଏସ୍‌ଇ ପରୀକ୍ଷା ଫଳକୁ ନେଇ ଉତ୍ସାହ

ଭୁବନେଶ୍ୱର, ୧୩।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟିଛି। ଜାତୀୟ ହାର ତୁଳନାରେ ଓଡ଼ିଶାର ପାସ୍‌ହାର କମ୍ ରହିଥିଲେ ବି ପିଲାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସ୍କୁଲ୍ ଛୁଟି ହୋଇଥିଲେ ମଧ୍ୟ ସମସ୍ତେ ଏକତ୍ରିତ ହୋଇ ଉତ୍ସବ ମନାଇଛନ୍ତି। ସଫଳତା ପାଇଁ ଛାତ୍ରଛାତ୍ରୀମାନେ ପରସ୍ପରକୁ ମିଠା ଖୁଆଇଛନ୍ତି। ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ମିଠା ଖୁଆଇବା ସହ କୃତଜ୍ଞତା ଜଣାଇଛନ୍ତି। କେତେ ନମ୍ବର ରଖିଛନ୍ତି ତାକୁ ଅନୁଧ୍ୟାନ କରିବା ପରେ ଆଗକୁ କେଉଁ ବିଷୟରେ ପାଠପଢ଼ିବେ ପରାମର୍ଶ ନେଇଛନ୍ତି। ପୂର୍ବବର୍ଷ ପରି ଛାତ୍ରଙ୍କ ଠାରୁ ଆଗରେ ରହିଛନ୍ତି ଛାତ୍ରୀ। କେବଳ ଓଡ଼ିଶାରେ ଦଶମ ଶ୍ରେଣୀରେ ଛାତ୍ରୀଙ୍କ ପାସ୍‌ହାର ୯୩.୩୪% ଏବଂ ଛାତ୍ରଙ୍କ ୯୧.୫୭% ରହିଛି। ଅନୁରୂପ ଭାବେ ଦ୍ୱାଦଶ ଶ୍ରେଣୀରେ ଛାତ୍ରୀଙ୍କ ପାସ୍ ହାର ୮୦.୭୭% ଓ ଛାତ୍ରଙ୍କ ୭୭.୦୫% ରହିଛି। ଭୁବନେଶ୍ୱରରେ ଥିବା ଅଧିକାଂଶ ବିଦ୍ୟାଳୟରେ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି।

### ବିଏମ୍‌ସି କମିଶନରଙ୍କ ବୈଠକ

## ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ ପାଇଁ ନିଷ୍ପତ୍ତି

ଭୁବନେଶ୍ୱର, ୧୩।୫(ସମିସ): ଦୀର୍ଘଦିନ ଧରି ସୈନିକ ସ୍କୁଲ୍ ନିକଟରେ ଥିବା ଅଳିଆଗଦା ହଟାଇବା ପାଇଁ ସ୍ଥାନୀୟ ଲୋକେ ଏବଂ ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ବିଏମ୍‌ସିର ଏକ ଟିମ୍ ଗ୍ରାଉଣ୍ଡ ଜିରୋରେ ସରଜମିନ ତଦନ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ' ଓ ବିଏମସି ଅଫିସିଆଲମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



ବୈଠକରେ ନିଷ୍ପତ୍ତି ଅନୁଯାୟୀ ବୁଧବାର ସକାଳେ ବିଏମସି ଅଧିକାରୀଙ୍କ ସହିତ ଅଭିଯାନର କର୍ମକର୍ତ୍ତାମାନେ ମିଳିତ ଭାବେ ଗାଡ଼କଣ ଅଳିଅଗଦା ସହ ପ୍ରସ୍ତାବିତ ପଳାଶୁଣି ଶୁଖିଲା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ମେହେରପଲ୍ଲୀ ଓଦା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟର ସରଜମିନ ସର୍ବେକ୍ଷଣ କରିବେ। ଆଲୋଚନା ଆରମ୍ଭରୁ କିପରି ଦୁର୍ଗନ୍ଧ ଯୋଗୁଁ ଅଞ୍ଚଳବାସୀ ଅସୁବିଧାରେ ଦୀର୍ଘ ବର୍ଷ ହେଲା ହନ୍ତସନ୍ତ ହେଉଛନ୍ତି ତାହା ନିଜେ ଅବଗତ ହେବା ସହ ଅଳିଅଗଦା ତୁରନ୍ତ ହଟାନ୍ତୁ ବୋଲି ଅଭିଯାନର କର୍ମକର୍ତ୍ତାମାନେ ଦାବି କରିଥଲେ। ଏନେଇ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଆଗାମୀ ଜୁନ ମାସ ସୁଦ୍ଧା ସେଠାରୁ ଶୁଖିଲା ଅଳିଆ ଆଉ ଆସିବ ନାହିଁ ଏବଂ ଏହାକୁ ପଳାଶୁଣି ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପ୍ରୋସେସିଂ କରାଯିବ। ସେହିପରି ୧୮ ମାସ ଭିତରେ ମେହେରପଲ୍ଲୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଓଦା ଅଳିଆ ପ୍ରୋସେସିଂ ହେବ। ଅନ୍ୟପଟେ ପୁରୀ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାକୁ ନେଇ ସବୁ ଅଳିଆକୁ ନେଇ ଏକ ବୃହତର ପ୍ଲାଣ୍ଟ ମାଧ୍ୟମରେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି ବୋଲି କମିଶନର କହିଥିଲେ। ସୂଚନା ମୁତାବକ ଗାଡ଼କଣ ସୈନିକ ସ୍କୁଲଠାରେ ଥିବା ଭୁବନେଶ୍ୱର ମହାନଗର ନିଗମର ଅସ୍ଥାୟୀ ଅଳିଆ ଗଦାକୁ ସ୍ଥାୟୀ ଭାବେ ଶହ ଶହ ଗାଡ଼ିରେ ୩୫୦ ଟନ ଅଳିଆ ଦୈନିକ ପକାଯାଉଛି। ଯାହା ବର୍ତ୍ତମାନ ସେଠିକାର ଲୋକଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ଏଥିପାଇଁ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନକ୍ରମରେ ଏଠାରୁ ଅଳିଆ ଗଦା ହଟାଇବାକୁ ବିଭିନ୍ନ ସ୍ତରରେ ଆନ୍ଦୋଳନ ମଧ୍ୟ କରାଯାଇଛି। କମିଶନରଙ୍କ ଦ୍ୱାରା ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ, ଅଭିଯାନର ଆବାହକ ଭିକ୍ଷ୍ୟାକାରୀ ତ୍ରିପାଠୀ, ପ୍ରୀତିଶ ବାସା, ଅଶୋକ ପାଇକରାୟ, ସିଦ୍ଧେଶ୍ୱର ନାୟକ, ପ୍ରସନ୍ନ ବିଷୋୟୀ, ଦିଲୀପ ଦାଶଶର୍ମା, ପ୍ରଦୀପ ପରିଡ଼ା, ଚିନ୍ତାମଣି ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଏମସିର ବରିଷ୍ଠ ଅଧିକାରୀ ଶୁଭେନ୍ଦୁ ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଗିଫ୍ଟ କଲେଜରେ ସ୍ନାତକୋତ୍ତର ଦିବସ

ଭୁବନେଶ୍ୱର, ୧୩।୫(ସମିସ): ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ସ୍ନାତକୋତ୍ତର ଦିବସ ପାଳିତ ହୋଇଯାଇଛି। ଏଥିରେ ବିପିୟୁଟି ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥି ସହିତ ଗିଫ୍ଟର ନିର୍ଦ୍ଦେଶକ ଡଃ ପତିତପାବନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟକ୍ଷ ଡଃ ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସଡି ଇଂ ସମୀର ରଞ୍ଜନ ପଣ୍ଡା, ଡିନ୍ ଏକାଡେମୀକ ଡଃ ଆର. ଏନ. ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଥିଲେ। କୁଳପତି ଡଃ ଅମୀୟ କୁମାର ରଥ ଏବଂ ନିର୍ଦ୍ଦେଶକ ଡଃ ପତିତପାବନ ପଣ୍ଡା ୧୧୦ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଡିଗ୍ରୀ, ପ୍ରମାଣପତ୍ର ମିଳିତ ଭାବେ ପ୍ରଦାନ କରିଥିଲେ। ପରିଶେଷରେ ଭାଇସ ପ୍ରିନସିପାଲ ଡଃ ଦେବେନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଫିଜିକାଲ୍ ନୁହେଁ; ଏବେ ଡିଜିଟାଲ୍ କାର୍ଡର ଯୁଗ

ଭୁବନେଶ୍ୱର, ୧୩।୫(ସମିସ)

ଘରେ କାହାର ବାହାଘର ହେଲେ ୧୫ ଦିନ ଆଗରୁ କାର୍ଡ ବାଣ୍ଟିବାକୁ ପଡୁଥିଲା। କାର୍ଡ ବାଣ୍ଟିବା ପାଇଁ ଖର୍ଚ୍ଚାନ୍ତ ହେବାକୁ ମଧ୍ୟ ପଡୁଥିଲା। ହେଲେ ଏବେ ଡିଜିଟାଲ୍ ଯୁଗରେ ବିବାହ ଠାରୁ ଆରମ୍ଭ କରି ବ୍ରତଘର ଜନ୍ମଦିନ ପାଇଁ ନିମନ୍ତ୍ରଣ କରିବାର ଶୈଳୀ ବଦଳିଛି। ମାତ୍ର ୧୫ ସେକେଣ୍ଡ ଭିତରେ ଅନ୍‌ଲାଇନ୍ ମାଧ୍ୟମରେ ବାହାଘର ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇ ପାରୁଛି। ଡିଜିଟାଲ୍ କାର୍ଡ ହୋଇଥିବାରୁ ବାହାରେ ରହୁଥିବା ବନ୍ଧୁବାନ୍ଧବ ଓ ସାଙ୍ଗସାଥୀମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ସହଜ ଓ ସୁବିଧାରେ ନିମନ୍ତ୍ରଣ କରି ହେଉଛି। ଏଥିସହିତ ଘରକୁ ଘର ବୁଲି ଆଉ କାର୍ଡ ବାଣ୍ଟିବାକୁ ପଡୁନାହିଁ ଏବଂ ଗାଡି ତେଲ ଖର୍ଚ୍ଚ ମଧ୍ୟ ରହିଯାଉଛି।

ବିଶେଷକରି ପୁଅ ଝିଅଙ୍କର କାର୍ଟୁନ୍ ଭିଡିଓ, ଷ୍ଟୋରୀ ବେସ୍, ଫଟୋ ବେସ୍, ଆନିମେସନ୍ ଆଦିରେ ବାହାଘର ନିମନ୍ତ୍ରଣ ଭିଡିଓ କରାଯାଉଛି। ଏହି ସବୁ ଭିଡିଓ ଗୋଟେ ମିନିଟ୍‌ର ହେଉଥିବା ବେଳେ ଦର ୯୯୯ଟଙ୍କାରୁ ଆରମ୍ଭ ହୋଇ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ରାଜଧାନୀରେ ମଧ୍ୟ ବିଭିନ୍ନ କାର୍ଡ ଦୋକାନରେ ବାହାଘର ପାଇଁ ନିମନ୍ତ୍ରଣ ଭିଡିଓ ଓ କାର୍ଡ ପ୍ରସ୍ତୁତ ହେଉଛି। ବାପୁଜୀ ନଗରରେ ରହିଥିବା ଟିସର ମୁମୁଣ୍ଟରେ ମଧ୍ୟ ବାହାଘରପାଇଁ ବିଭିନ୍ନ ପ୍ରକାରର ବାହାଘର ଭିଡିଓ କରାଯାଉଛି। ଗୋଟେ ନିମନ୍ତ୍ରଣ ଭିଡିଓ ବନେଇବା ପାଇଁ ବେଳେବେଳେ ୪ ରୁ ୫ ଦିନ ସମୟ ଲାଗୁଥିବା ବେଳେ ଏବେ ଗୋଟେ ଦିନରେ ସରିଯାଉଛି। ବିଶେଷକରି କଷ୍ଟମାଇଜ୍ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡେ। ଯାହା ଦ୍ୱାରା ଲୋକ ଯେମିତି ଭିଡିଓ ଦରକାର ତାଙ୍କ ହିସାବରେ ନିମନ୍ତ୍ରଣ ଭିଡିଓ କରାଯାଇଥାଏ ବୋଲି ଦୋକାନର ମୁଖ୍ୟ ପ୍ରିୟ ରଞ୍ଜନ ସାହୁ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଅନ୍‌ଲାଇନ୍ ନିମନ୍ତ୍ରଣ ଭିଡିଓ ଓ କାର୍ଡ ପାଇଁ ସବୁଦିନ ଅର୍ଡ଼ର ଆସୁଛି। କିନ୍ତୁ ବାହାଘର ସିଜିନ୍‌ରେ ଟିକେ ଅଧିକ ଅର୍ଡ଼ର ଆସୁଛି ବୋଲି ସେ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାର୍ଡ ବାଣ୍ଟିବା ଖର୍ଚ୍ଚରୁ ଲୋକେ ମୁକ୍ତ ହେଉଛି। କୌଣସି ଲୋକଙ୍କ ଘରକୁ ଯିବା ପାଇଁ ସମୟ ଏବଂ ଖର୍ଚ୍ଚ ହେବାକୁ ପଡୁଥିଲା। ଏମିତି କି ଏକ ହଜାର କାର୍ଡ ବାଣ୍ଟିବା ପାଇଁ ଅତି କମ୍‌ରେ ୫ରୁ ୧୦ ହଜାର ଟଙ୍କା ତେଲ ପୋଡ଼ିବାକୁ ପଡୁଥିଲା। ସେହିଭଳି ହଜରେ କାର୍ଡ ବାଣ୍ଟିବା ପାଇଁ ଅତିକମ୍‌ରେ ୧୦ ଦିନ ସମୟ ଲାଗୁଥିଲା। ସେହିଭଳି ଅନେକ କ୍ଷେତ୍ରରେ କାର୍ଡ ଲୋକେ ପାଇପାରୁ ନ ଥିଲେ।

■ ନିମନ୍ତ୍ରଣ ପାଇଁ ସମୟ ସହ ବଞ୍ଚୁଛି ଖର୍ଚ୍ଚ

■ ସବୁଠାରୁ ସହଜ ହୋଇଛି ଲୋକେସନ୍ ଠାବ



ତେବେ ଏବେ ଡିଜିଟାଲ୍ କାର୍ଡ ବ୍ୟବସ୍ଥା ଯୋଗୁଁ ଲୋକେ ମାତ୍ର କିଛି ସେକେଣ୍ଡ ମଧ୍ୟରେ ନିମନ୍ତ୍ରଣ ପାଇପାରୁଛନ୍ତି ଏବଂ ପାଇବାର ସ୍ୱୀକାରୋକ୍ତି ମଧ୍ୟ ଦେଇପାରୁଛନ୍ତି। ଏମିତି କି ଦିନକ ମଧ୍ୟରେ ହଜାରରୁ ଅଧିକ ଲୋକଙ୍କୁ ନିମନ୍ତ୍ରଣ କରାଯାଇପାରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ସମୟରେ ନିମନ୍ତ୍ରଣ ପାଇଁ ନିମନ୍ତ୍ରଣସ୍ଥଳରେ ପହଞ୍ଚିବା ବା ଲୋକେସନ୍ ଠାବ କରିବା ଅସହଜ ହେଉଥିଲା। କିନ୍ତୁ ଡିଜିଟାଲ୍ କାର୍ଡରେ ପୂରା ଲୋକେସନ୍ ମଧ୍ୟ ହ୍ୱାଟ୍‌ସଆପ୍ ମେସେଞ୍ଜର ମାଧ୍ୟମରେ ପଠାଯାଇ ପାରୁଛି।

ଏନେଇ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଶୁଭଲକ୍ଷ୍ମୀ ପଣ୍ଡା କୁହନ୍ତି ତାଙ୍କ ଭାଇଙ୍କ ବାହାଘର ଏଇ ମାସ ଶେଷ ବେଳକୁ ହବ। ଏଥିପାଇଁ ସେ ଅନ୍‌ଲାଇନ୍ ରେ ନିମନ୍ତ୍ରଣ ବାହଘର ଭିଡିଓ ବନାଇଛନ୍ତି। ଦୂରରେ ରହୁଥିବା ସାଙ୍ଗମାନଙ୍କୁ ସହଜରେ ପଠାଯାଇ ପାରିବ। ଯେଉଁଥିପାଇଁ ସେ ଅଫ୍‌ଲାଇନ୍ କାର୍ଡ ଅଳ୍ପ ବନେଇଛନ୍ତି ବୋଲି କହିଛନ୍ତି।

## ବିଜେଇଏମ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୧୩।୫(ସମିସ): ସିବିଏସ୍‌ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ (ବିଜେଇଏମ୍) ସ୍କୁଲ୍‌ର ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଦଶମ ଶ୍ରେଣୀରେ ମୋଟ୍ ୨୪୮ ଜଣ ପିଲା ପରୀକ୍ଷା ଦେଇଥିବାବେଳେ ୮୫ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ପ୍ରାୟ ୯୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋମେଶ ପ୍ରଧାନ ସର୍ବାଧିକ ୯୯.୬% ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସହେିପରି ଶୂନ୍ୟଚନ୍ଦ ସାମଲ ୯୮.୬% ଓ ଇଶାନ୍ ଦାସ ୯୮.୪% ନମ୍ବର ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନୁରୂପ ଭାବେ +୨ ବିଜ୍ଞାନରେ ମୋଟ୍ ୧୫୬ ଜଣ ପିଲା ପରୀକ୍ଷା ଦେଇଥିବାବେଳେ ପ୍ରିୟାଂଶୁ ନନ୍ଦ ୯୭ ପ୍ରତିଶତ ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସ୍ନେହା ଦାସ୍ ଓ ଆଇସା ପଣ୍ଡା ୯୩.୮ ପ୍ରତିଶତ ଲେଖାଏଁ ନମ୍ବର ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆୟୁଷ ଷଡ଼ଙ୍ଗୀ ୯୩ ପ୍ରତିଶତ ନମ୍ବର ସହ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି +୨ ବାଣିଜ୍ୟରେ ଆଦିତି ମହାନ୍ତି ୯୫.୪ ପ୍ରତିଶତ ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ଦେବାଂଶି ସାହୁ ୯୪.୬ ଓ ପଦ୍ମଜା ଦାସ୍ ୯୪ ପ୍ରତିଶତ ନମ୍ବର ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବିଜ୍ଞାନରେ ମୋଟ୍ ୧୨ଜଣ ଓ ବାଣିଜ୍ୟରେ ୧୭ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୧୩।୫(ସମିସ): ସିବିଏସ୍‌ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଶତପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଦଶମ ଶ୍ରେଣୀରେ ଦୟାଶଙ୍କର ସାହୁ, ଆର୍ଯ୍ୟାନ୍ କୁମାର ହୋତା ଓ ବିଶ୍ୱଜିତ ନାୟକ ୯୯.୨% ଲେଖାଏଁ ନମ୍ବର ରଖି ମିଳିତ ଭାବେ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଲାବଣ୍ୟ ନାୟକ ୯୯% ଓ ଅରମାନ୍ ନାୟକ ୯୮.୮% ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ୫୭ ଜଣ ପିଲା ୯୫%ରୁ ଅଧିକ ନମ୍ବର ରଖିଥିବାବେଳେ ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଅନୁରୂପ ଭାବେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ସନ୍ଦୀପ କୁମାର ସାହୁ ୯୯% ନମ୍ବର ସହ ଟପ୍ପର ହୋଇଥିବାବେଳେ ସ୍ୱାତୀ ସୁଚରିତା ସାହୁ ୯୮.୬% ଓ ପ୍ରତୀକ୍ଷା ସ୍ୱାଇଁ ୯୮% ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ସିର୍ଦ୍ଧାର୍ଥ ମହାପାତ୍ର ୯୯.୪% ସହ ଟପ୍ପର ହୋଇଥିବାବେଳେ ଆୟୁଷ୍ମାନ ଅଭିଜିତ ରାଉତ ୯୮.୬% ଓ ମଣିଥ ଲାଗୁରୀ ୯୭.୮% ନମ୍ବର ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଟିଏସ୍‌ଜି ଛାତ୍ରଛାତ୍ରୀଙ୍କ ବାଜିମାତ୍



ଭୁବନେଶ୍ୱର, ୧୩।୫(ସମିସ): ଚଳିତ ବର୍ଷର ସିବିଏସ୍‌ଇ ବୋର୍ଡ଼ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଟିଏସ୍‌ଜି ଗୁରୁକୁଳର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ମୋଟ ୧୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସୁଶ୍ରୀ ଇପ୍‌ସିତା ବେଉରା ୯୭% ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ମୋଟ ୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସୁଶ୍ରୀ ବିଷ୍ଣୁପ୍ରିୟା ପରିଡ଼ା ୯୬ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ପାସ୍ ହାର ୧୦୦ ପ୍ରତିଶତ ରହିଅଛି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଶାରଦା ପ୍ରସାଦ ମିଶ୍ର, ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀଯୁକ୍ତ ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ। ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ..

## ମହିଳାଙ୍କୁ ଟଣାଓଟରା; ଅଭିଯୁକ୍ତ ଗିରଫ

ଖପ୍ରାଖୋଲ,୧୩।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଲାଠୋର ଗ୍ରାମର ହସ୍ପିଟାଲ ପଡ଼ାରେ ରବିବାର ୩ ମହିଳାଙ୍କୁ ରାଜକୁମାର ରାଓ(୫୫) ନାମକ ଜଣେ ବ୍ୟକ୍ତି ଟଣାଓଟରା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ରାଜକୁମାର ରବିବାର ରାତିରେ ନିଜ ପଡ଼ିଶା ଘର ଦୁଇ ମହିଳାଙ୍କ ଘରକୁ ଯାଇ ତାଙ୍କୁ ଟଣାଓଟରା କରିବା ସହ ଟିଟିଲାଗଡ଼ରୁ ନିଜ ସମ୍ପର୍କୀୟଙ୍କ ଘରକୁ ଆସୁଥିବା ଆଉ ଏକ ମହିଳାଙ୍କୁ ରାସ୍ତାରେ



ଟଣାଓଟରା କରିଥିଲେ। ଘଟଣାକୁ ଦେଖି ଲୋକ ପାଟିତୁଣ୍ଡ କରିବାରୁ ସେ ସେଠାରୁ ଚାଲି ଯାଇଥିଲେ। ପରେ ମହିଳାମାନଙ୍କ ସମ୍ପର୍କୀୟ ମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଥାନାରେ ନେଇ ଅଟକ ରଖି ପଚରାଉଚରା କରିଥିଲା। ସୋମବାର ସକାଳୁ ପୀଡ଼ିତା ମହିଳାମାନଙ୍କୁ ଡାକି ସମସ୍ତ ଘଟଣା ବୁଝିଲା ପରେ ଡାକ୍ତରୀ ମାଇନା ପାଇଁ ପଠା ଯାଇଥିଲା। ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ବିରୋଧରେ ମାମଲା ରୁଜୁକରି ପାଟଣାଗଡ଼ କୋର୍ଟ ଚାଲାଣ କରିଥିବାନେଇ ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

## ଅଚେତ ମହିଳାଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



ଖପ୍ରାଖୋଲ,୧୩।୫ (ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ଅଚେତ ହୋଇ ପଡ଼ିଥିବା ଜଣେ ମହିଳାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବା ଜଣାପଡ଼ିଛି। ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ମେଳା ଦେଖିବାପାଇଁ ହଜାର ସଂଖ୍ୟକ ପର୍ଯ୍ୟଟକ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ନୃସିଂହନାଥ ଏବଂ ହରିଶଙ୍କରକୁ ଆସିଥାନ୍ତି। ସେଥିମଧ୍ୟରୁ କଳାହାଣ୍ଡି ଜିଲ୍ଲାର ପସ୍ତିକୁଡି (୭୬) ନାମକ ଜଣେ ମହିଳା ପାହାଡ଼ ଉପରେ ଅଚେତ ହୋଇ ପଡ଼ିଥିବା ଅଗ୍ନିଶମ ବାହିନୀ ସୂଚନା ପାଇଥିଲା। ଖବରପାଇ ଖପ୍ରାଖୋଲ ଅଗ୍ନିଶମ କର୍ମଚାରୀ ଏବଂ ବନ ବିଭାଗ କର୍ମଚାରୀମାନେ ମିଶି ୧୩ କିଲୋମିଟର ପାହାଡ ଚଢ଼ି ଗନ୍ଧମାର୍ଦ୍ଦନ ପାହାଡର ଭୀମକୁଣ୍ଡଠାରୁ ମହିଳାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ଟ୍ରେନ୍ ଦୁର୍ଘଟଣା, ଦୁଇ ମୃତ

ବଲାଙ୍ଗିର,୧୩।୫(ସମିସ): ମଙ୍ଗଳବାର ବଲାଙ୍ଗିର ଜିଲ୍ଲାର ଦୁଇଟି ସ୍ଥାନରେ ଟ୍ରେନ୍‌ରେ ଦୁର୍ଘଟଣା ଘଟି ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। ଲୋଇସିଂହା ଓ ଖଲିଆପାଲି ଷ୍ଟେସନ ମଝିରେ ବେହ୍ରା ଗ୍ରାମ ନିକଟରେ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତକ ଜଣକ ବୁର୍ଡା ଗ୍ରାମର ଅର୍ଜୁନ ଥନାପତି ବୋଲି ଜଣାପଡ଼ିଛି। ସୋମବାର ରାତିରେ ସେ ବେହ୍ରା ସ୍ଥିତ ତାଙ୍କର ଶାଶୁ ଘରକୁ ଯାଉଥିବାବେଳେ ଏହି ଘଟଣାଟି ଘଟିଛି। ଟ୍ରେନ୍‌ରେ ପିଟି ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ସେହିଭଳି ବଲାଙ୍ଗିର ଟିଟିଲାଗଡ଼ ରେଳଧାରଣା ସ୍ଥିତ ମଠଖାଇ ପାହାଡ଼ ନିକଟରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କର ବୟସ ୨୦ରୁ ୨୫ ମଧ୍ୟରେ ହେବବୋଲି ଅନୁମାନ କରାଯାଉଛି। ଉଭୟ ଘଟଣାରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସିକୁଆଁରେ ୬ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍

ଦେଓଗାଁ,୧୩।୫(ସମିସ): ସରକାର ଗ୍ରାମାଞ୍ଚଳରେ ଲୋକଙ୍କ ପଇବା ପାଇଁ ପାନୀୟ ଜଳର ବ୍ୟବସ୍ଥା କରି କୋରି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଯୋଜନାର ଲାଭ ଲୋକେ ପାଇ ପାରୁନାହାନ୍ତି। ଫଳରେ ଲୋକେ ପାନୀୟଜଳ ପାଇଁ ଲୋକେ ହାଇରାଣ ହେଉଛନ୍ତି। ଏଭଳି ଏକ ଘଟଣା ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସିକୁଆଁ ପଞ୍ଚାୟତ ସିକୁଆଁ ଗ୍ରାମରୁ ଆସିଛି। ଅହି ଗ୍ରାମରେ ଆଜକୁ ଛଅ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବାବେଳେ ନଦୀ



କୂଳରେ ଥିବା ଇନ୍‌ଟେକ୍‌ୱେଲର ପାଣି ଶୁଖିଯିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଏହାକୁ ନେଇ ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ପ୍ରତିଦିନ

**ଅଭିଯୋଗ ଶୁଣୁନାହାନ୍ତି ଅଧିକାରୀ**

ପଡ଼ାକୁ ପଡ଼ା ପିଇବା ପାଣି ଯୋଗାଇ ଦିଆଯାଉଥିଲା। ଗତ ଛଅ ଦିନ ହେଲା ଟ୍ୟାଙ୍କର ଏକ ଚକଭାଙ୍ଗି ଯିବାରୁ ବର୍ତ୍ତମାନ ପାନୀୟ ଜଳ ଯୋଗାଣ ସଂପୂର୍ଣ୍ଣଭାବେ ଠପ୍ ହୋଇପଡିଛି। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନାହିଁ। କିମ୍ବା କେହି ଅଭିଯୋଗ ସମ୍ବନ୍ଧରେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ତହକବିକଳ ହେଉଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ବିଶ୍ୱଜିତ ଜେନାଙ୍କୁ ପଚାରିବାରୁ ଟ୍ୟାଙ୍କର ମରାମତି କରି ତୁରନ୍ତ ଲୋକଙ୍କୁ ପାଣି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛି। ଯଦି ପଞ୍ଚାୟତକର୍ତ୍ତୃପକ୍ଷ ତ୍ରୁଟି କଲେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ସ୍ୱରାଜ୍ ହସ୍ପିଟାଲରେ ଅନ୍ତର୍ଜାତୀୟ ନର୍ସ ଦିବସ



ବଲାଙ୍ଗିର,୧୩।୫(ସମିସ):ସ୍ୱରାଜ୍ ହସ୍ପିଟାଲରେ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଜୟନ୍ତୀ ଉପଲକ୍ଷେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। ଏହି ବର୍ଷର ଥିମ୍ ଥିଲା "ନର୍ସସ୍: ଏ ଭଏସ୍ ଟୁ ହିଲିଂ, ଏ ଭଏସ୍ ଟୁ କେୟାର', ଯାହା ନର୍ସି ବୃତ୍ତିର ମହତ୍ତ୍ୱକୁ ଉଜ୍ଜ୍ୱଳ କରିଥାଏ। ଏହି ଅବସରରେ ପ୍ରଥମେ ଅପେରସନ ସିନ୍ଦୁରର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତର ସୁଜ୍ଞାନେନ୍ଦ୍ର ମିଶ୍ର, ନର୍ସଙ୍କ କଠିନ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିଥିଲେ। ବିନୋଦିନୀ ଦାସସମସ୍ତ ନର୍ସଙ୍କୁ ଶପଥପାଠ କରାଇଥିଲେ। ଦେବାଶିଷ ପାଣ୍ଡିଆ ଯୋଗଦେଇ ପୁରୁଷ ନର୍ସ ଭୂମିକା ଉପରେ ଏକ ପ୍ରେରଣାଦାୟକ ଭାଷଣ ଦେଇଥିଲେ।

## ପବ୍ଲିକ୍ ସ୍କୁଲ୍ ସିବିଏସ୍‌ଇ ଦଶମ ଓ ଦ୍ୱାଦଶର ଶତ ପ୍ରତିଶତ ଫଳାଫଳ

ବଲାଙ୍ଗିର,୧୩।୫(ସମିସ): ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶଶ୍ରେଣୀର ଫଳାଫଳ ପ୍ରକାଶ ପାଇଛି। ଦଶମଶ୍ରେଣୀର ୧୦୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ପାସ୍ ହୋଇଥିବାବେଳେ ଅମରଜିତ ମାନସିଂହ ୯୬.୪% ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ୨୪୦ ଛାତ୍ରଛାତ୍ରୀ ପରିକ୍ଷା ଦେଇ ସମସ୍ତେ ପାସ୍ ହୋଇଥିବା ବେଳେ ସିମ୍ପଲ ପଟ୍ଟନାୟକ ୯୭% ମାର୍କ ରଖି ପ୍ରଥମ ହୋଇଥିବାବେଳେ ୨୬ ଛାତ୍ରଛାତ୍ରୀ ୯୦% ଅଧିକ ନମ୍ବର ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତ ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳ କ୍ରିଷ୍ଣା ସିଂହଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସଞ୍ଜୀବ ସାହୁ ତଥା ବିଦ୍ୟାଳୟ ଅଧ୍ୟକ୍ଷ ସତିଶ ପ୍ରଧାନ, ଉପାଧ୍ୟକ୍ଷ ଦୀପକ ବରାଲ ଓ ଉପାଧ୍ୟକ୍ଷା ମମିତା ବେହେରା ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



AMARJIT MANSINGH

## ହାତୀସରା ପଞ୍ଚାୟତରେ ଜନଶୁଣାଣି ଶିବିର

ଦେଓଗାଁ,୧୩।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ହାତୀସରା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରିଙ୍କି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ବିଡିଓ ପ୍ରିୟ ରଞ୍ଜନ କୁମାର, ସହକାରୀ ଯନ୍ତ୍ରୀ ପ୍ରାଚି ପରମିତା ସାବତ, ସରପଞ୍ଚ କେଲୋ ଡାଙ୍ଗ, ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ଏପିଓ ସୁଧାଂଶୁ ମେହେର, ଯନ୍ତ୍ରୀ ବିରେନ ହାଂସଦା, ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ବବିତା ବେହେରା, ବିଶ୍ୱଜିତ ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ହାତୀସରାର ୯୩ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଅଧିକାର ଯୋଜନାରେ ପଟ୍ଟା ମିଳିଥିବାବେଳେ ଏ ପର୍ଯ୍ୟନ୍ତ ଦେଓଗାଁ ତହସିଲଦାର ଜାଗା ଚିହ୍ନଟ କରିଦେଇ ନ ଥିବାରୁ ହିତାଧିକାରୀମାନେ ଶିବିରରେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ଜାଗା ଚିହ୍ନଟ କରି ଦେବାକୁ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି ସ୍ଥାନୀୟ ସମିତି ସଭ୍ୟ ପାତ୍ର ଦାବଲିକାନୀକୁ ପିଇବା ପାନୀୟ ଜଳ ସଂଯୋଗୀକରଣ ସମସ୍ୟା ଦିଗରେ ତୁରନ୍ତ ପଦକ୍ଷେପ ନେବା ଏବଂ ନାଇକେନଶିରା ଶ୍ୟାମସାଗର କଂଟାର ପଙ୍କ ଉଦ୍ଧାର ଦିଗରେ ପଦକ୍ଷେପ ନେବାକୁ ବିଡିଓଙ୍କୁ ଅବଗତ କରିଥିଲେ। ଏବଂ ଉକ୍ତ ପଞ୍ଚାୟତର ଅନେକ ବାର୍ଦ୍ଧକ୍ୟ ଭତ୍ତା ଆବେଦନ କରିଥିବାବେଳେ ଦୀର୍ଘ ମାସ ହେଲା ମିଳିନଥିବାରୁ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସରପଞ୍ଚ ଡାଙ୍ଗ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଗୁଡ଼ଭେଲାରେ ପ୍ରମାଣପତ୍ର ବଣ୍ଟନ



ତୁଷୁରା,୧୩।୫(ସମିସ): 'ମହାଶକ୍ତି ଫାଉଣ୍ଡେସନ' ଓ 'ଏଲଟିଆଇ ମାଇଣ୍ଡ ଟ୍ରି' ସହାୟତାରେ ଗୁଡ଼ଭେଲାସ୍ଥିତ କଲ୍ୟାଣମଣ୍ଡପ ଠାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ତ୍ରୟମାସିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଗୁଡଭେଲା ବିଡିଓ ରାମଦତ୍ତ ଭୋଇ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବରେ ଗୁଡଭେଲା ସରପଞ୍ଚ ସନ୍ତୋଷିନୀ ମହାପାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଙ୍କ ଭାବେ ଅଶ୍ୱନୀ କୁମାର ସାହୁ, ବସନ୍ତ କୁମାର ବଳିଆର ସିଂହ, ସହାୟକ କାର୍ଯ୍ୟକ୍ରମଅଧିକାରୀ ଉପସ୍ଥିତ ଥିଲେ। ୯୦ ଦିନ ଧରି ସିଲେଇ ଶିକ୍ଷା କାର୍ଯ୍ୟକ୍ରମରେ ଗୁଡଭେଲା ଓ ଘୁନା ପଞ୍ଚାୟତର ମୋଟ ୫୦ ଶିକ୍ଷିତ ଯୁବତୀ ଓ ମହିଳାଙ୍କୁ ମାଗଣାରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ପରେ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇ କିପରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଉପସ୍ଥିତ ଅତିଥି ମତପ୍ରକାଶ କରିଥିଲେ। ପରେ ସମସ୍ତ କୃତୀ ତାଲିମାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ବ୍ଲକ୍ ସଂଯୋଜକ ଧର୍ମସାଗର ପଧାନ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



ବଲାଙ୍ଗିର,୧୩।୫(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ୍ ଅଧୀନ ଭାଲେର ପଞ୍ଚାୟତ ଠାରେ ଞ୍ଚାୟତସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଲେର ସରପଞ୍ଚ ପ୍ରଦୀପ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ବିଜୟକୁମାର ହୋତା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତରହି ଜନଅଭିଯୋଗ ସବୁ ଗ୍ରହଣ କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ଭାଲେର ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ମୋ ବସ୍ ସେବା, ପାନୀୟଜଳ ପାଇଁ ଟ୍ୟୁବୱେଲ ସ୍ଥାପନ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୋଖରୀ ଖନନ, ଆଲୋକୀକରଣ, ଆବାସ ଗୃହ ପ୍ରଦାନ ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା। ଏହାର ସମାଧାନ ପାଇଁ କାମ କରାଯିବ ବୋଲି ସରପଞ୍ଚ ପ୍ରଦୀପ ନନ୍ଦ ସୂଚନା ଦେଇଛନ୍ତି।

● ପାଟଣାଗଡ଼ ପାର୍ସଲବୋମା ବିସ୍ଫୋରଣ ମାମଲା

# ତିନି ଘଣ୍ଟା ଚାଲିଲା ଶୁଣାଣି



ପାଟଣାଗଡ଼,୧୩।୫(ସମିସ): ବହୁ ଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ପୁଞ୍ଜିଲାଲଙ୍କ ପକ୍ଷରୁ ମଙ୍ଗଳବାର ତର୍କବିତର୍କ ହୋଇଯାଇଛି। ଏହି ତର୍କ ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବାବେଳେ ପୁଞ୍ଜିଲାଲ ମେହେରଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟରେ ହାଜର କରାଯାଇଥିଲା। ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ର ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁସାରେ ଆଜି ତର୍କ ଥିଲା, 'ଆମେ ତର୍କ କରି ପ୍ରମାଣ କରିଦେଲୁ ଯେ ପୁଞ୍ଜିଲାଲ ମେହେରଙ୍କ ବିରୋଧରେ ଯେତିକି ଅଭିଯୋଗ କ୍ରାଇମବ୍ରାଞ୍ଚ କରିଛନ୍ତି ତାହା ତାଙ୍କ ସଫିସିଏଣ୍ଟ ନୁହେଁ, କେବଳ ଅଭିଯୋଗକୁ ସାବ୍ୟସ୍ତ କରିବାପାଇଁ ଏକ ପ୍ଲାନ କରିଛି କ୍ରାଇମବ୍ରାଞ୍ଚ। ଏହି କେସ୍‌ରେ ବହୁତ ଗୁଡିଏ ଘଟଣା ଥିଲା, କ୍ରାଇମବ୍ରାଞ୍ଚ ଯାହାକୁ ଜାଣିକରି ସେ ବିଷୟରେ ତଦନ୍ତ କରିନାହିଁ, ତାଙ୍କ ପରିବାର ସାଙ୍ଗରେ ଯେଉଁମାନଙ୍କ ଶତ୍ରୁତା ଥିଲା ସେ ସମ୍ପର୍କରେ ତଦନ୍ତ ହୋଇନାହିଁ। କେବଳ ପୁଞ୍ଜିଲାଲଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଟାରଗେଟ୍ କରି କେସକୁ ଅନ୍ୟ ଦିଗକୁ ନେଇଛନ୍ତି ସେ ସମ୍ପର୍କରେ ଆମେ କୋର୍ଟକୁ ସମସ୍ତ ପ୍ରମାଣ ଦେଇଛୁ। ଏହି କେସରେ ପୁଞ୍ଜିଲାଲଙ୍କ ସମ୍ପୃକ୍ତି ନାହିଁ ବୋଲି କହିଥିଲେ। ଅନ୍ୟପଟେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ ଦେଇଥିବା ବୟାନ ଅନୁସାରେ ୯ ତାରିଖ ଦିନ ଆମେ ତର୍କ କରିଥିଲୁ, ଆଜି ପ୍ରତିପକ୍ଷ ତର୍କ କଲେ ଏବଂ ସେମାନେ ଯାହା ନୂଆ କଥା ଉଠାଇଲେ, ଆମ ପକ୍ଷରୁ କାଲି ତାର ରିପ୍ଲାଏ ଦେବୁ, ସ୍ୱାଭାବିକ ଭାବେ କାଲି ତର୍କ ବିତର୍କ ସରିଯାଇପାରେ। ପୁଞ୍ଜିଲାଲଙ୍କୁ ଯେଉଁ ପଏଣ୍ଟ ଗୁଡ଼ିକ ଫେଭର୍ କରିବ ସେମାନେ ସେହି ପଏଣ୍ଟ ଗଡ଼ିକ କୋର୍ଟରେ ଉଠାଇଲେ ଆମେ ସେସବୁର କାଲି ରିପ୍ଲାଏ ଦେବୁ ବୋଲି ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ର କହିଥିଲେ।

# ବିଧାନସଭା ପରିସରରେ ନେହରୁ ଓ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ନରସିଂହଙ୍କ ଚିଠି

ବଲାଙ୍ଗିର,୧୩।୫(ସମିସ): ଆମ ଦେଶ ଭାରତ ବର୍ତ୍ତମାନ ବିଶ୍ୱ ଅର୍ଥନୀତିକୁ ଦେଖିଲେ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ଆମେ ସେନାର ଶକ୍ତି ହେଉ କି ଦେଶର ଗଣତାନ୍ତ୍ରିକ ପଦ୍ଧତି ହେଉ ଆମେ ସାରା ବିଶ୍ୱରେ ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିଛୁଁ ଏବଂ ସବୁ ସମ୍ଭବ ହୋଇଛି ଏକ ଦୂରଦୃଷ୍ଟି ସମ୍ପନ୍ନ ବିକାଶ ଉପରେ ବିଶ୍ୱାସ କରୁଥିବା ନେତୃତ୍ୱ ଯିଏ କି ଦେଶ ସ୍ୱାଧୀନ ହେବା ପରେ ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଶାସନ ଭାର ଗ୍ରହଣ କରିଥିଲେ, ସେ ହେଉଛନ୍ତି ପଣ୍ଡିତ ଜବାହାରଲାଲ ନେହରୁ। ତାଙ୍କ ନେତୃତ୍ୱ ସମୟରେ ହିଁ ଭାରତ ବର୍ଷ ବିଶ୍ୱରେ ଏକ ସର୍ବଶ୍ରେଷ୍ଠ ଅର୍ଥନୈତିକ, ବୈଷୟିକ ଓ ସାମରିକ ଶକ୍ତି ସମ୍ପନ୍ନ ଦେଶ ଭାବେ ଉଭା ହେବାର ଭିତ୍ତି ସ୍ଥାପନ ହୋଇଥିଲା। ଏହା ବ୍ୟତୀତ ଇନ୍ଦିରା ଗାନ୍ଧୀଙ୍କ ଦୃଢ ନେତୃତ୍ୱ, ଶାହସ ଓ ପରାକାଷ୍ଠାକୁ ୧୯୭୧ ମସିହାର ଭାରତ ପାକିସ୍ଥାନ ଯୁଦ୍ଧ ର ଫଳାଫଳ ସାରା ବିଶ୍ୱ ଜାଣିଛି।

ବର୍ତ୍ତମାନ ପରିସ୍ଥିତିରେ ଦେଶବାସୀ ଇନ୍ଦିରା ଗାନ୍ଧୀଙ୍କ ପରାକାଷ୍ଠାକୁ ମନେ ପକାଉଛନ୍ତି। ଦେଶବାସୀ କହୁଛନ୍ତି 'ଇନ୍ଦିରା ବନନା ଆସାନ୍ ନେହିଁ" କାରଣ ୧୯୭୧ ଯୁଦ୍ଧରେ ତାଙ୍କ ଅଦମ୍ୟ ସାହାଶ ଓ ନିଷ୍ପତ୍ତି ବଳରେ ପାକିସ୍ଥାନକୁ ଦୁଇଖଣ୍ଡ କରି ବଙ୍ଗଳାଦେଶ ସୃଷ୍ଟି କରିଥିଲେ। ଏଣୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ନେହରୁ ଓ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଧାନସଭା ପରିସରରେ ଉଭୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

# ବିଭିନ୍ନ ଉନ୍ନୟନ କାମକୁ ନେଇ ବିଡିଓଙ୍କ ସହ ଆଲୋଚନା

ଦେଓଗାଁ,୧୩।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍‌ର ୨୬ ପଞ୍ଚାୟତରେ ରହିଥିବା ବିଭିନ୍ନଉନ୍ନୟନ କାମକୁ ନେଇ ବିଡିଓଙ୍କ ସହ ଆଲୋଚନା କରିଛନ୍ତି ବ୍ଲକ୍ ବିଜେପି ପ୍ରତିନିଧିଦଳ। ସାଂସଦ ସଂଗୀତା କୁମାରୀ ସିଂ ଦେଓଙ୍କ ବ୍ଲକ୍ ପ୍ରତିନିଧି ଶଶିଭୂଷଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଦେଓଗାଁ ମଣ୍ଡଳ ସଭାପତି ଗୌରିଶଙ୍କର ଥନାପତି, ବନ୍ଧପଡ଼ା ମଣ୍ଡଳ ସଭାପତି ବନବାସ ନାଏକ, ବନ୍ଧପଡ଼ାର ପୂର୍ବତନ ସରପଞ୍ଚ ଗୋପାଳ ସିଂ ନିନା, ପୂର୍ବତନମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ରଶ୍ମିରଞ୍ଜନ ବାରିକ, ଶୁକଦେବ ବାଗ, ହୃଷିକେଶ ପୋଢ଼ ତଥା ଅନ୍ୟ କାର୍ଯ୍ୟକର୍ତ୍ତାମାନେ



ବିଡିଓ ପ୍ରିୟରଞ୍ଜନ କୁମାର ତଥା ଅନ୍ୟାନ୍ୟ ଅଧିକାରୀଙ୍କ ସହ ଉନ୍ନୟନକାମ ଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା କରିଥିଲେ। ବ୍ଲକ୍‌ରେ ଅନେକ ଯୋଜନାରେ ଆସିଥିବା ୨୫କୋଟିରୁ ଉର୍ଦ୍ଧ୍ୱ ଅର୍ଥଖର୍ଚ୍ଚ ହୋଇ ନ ପାରି ପଡ଼ିରହିଥିବା ଏକ ପରିତାପର ବିଷୟ ବୋଲି ମତପ୍ରକାଶ ପାଇଥିଲା।

ଆଗକୁ କେମିତି ସାଂସଦଙ୍କ ପାଣ୍ଠିର ସଦ୍‌ବିନିଯୋଗ ହୋଇପାରିବ ଏବଂ ଅନ୍ୟାନ୍ୟ ଯୋଜନାର ଅର୍ଥ ମଧ ଲୋକଙ୍କ ହିତରେ ଖର୍ଚ୍ଚ ହୋଇପାରିବ ସେ ଉପରେ ଦୃଷ୍ଟି ଦେବାକୁ ପ୍ରତିନିଧିଦଳ ଅନୁରୋଧ କରିଥିଲେ। ପରେ ସମସ୍ତେ ତହସିଲଦାର ନର୍ମଦା ନାୟକଙ୍କୁ ସାକ୍ଷାତକରି ଦେଓଗାଁ ବ୍ଲକର ରାଜସ୍ୱ ଉପରେ ଆଲୋଚନା କରିଥିଲେ।

## ୨୦ରୁ ସନ୍ତରଣ ପ୍ରତିଯୋଗିତା

ବଲାଙ୍ଗିର,୧୩।୫(ସମିସ): ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ଆସନ୍ତା ୨୦-୨୧ ତାରିଖରେ ସ୍ଥାନୀୟ ଆରଏନ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ହେବ। ଏନେଇ ମଙ୍ଗଳବାରଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଚୟନ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ଜୁନ୍ ୬ରେ ଭୁବନେଶ୍ୱରରେ ହେବାକୁଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗନେବେ। ତେଣୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଚାହୁଁଥିବା ପ୍ରତିଯୋଗୀମାନେ ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ସନ୍ତରଣଗାରରେ ଯୋଗାଯୋଗ କରିବାକୁ କୁହାଯାଇଛି। ପ୍ରତିଯୋଗିତା ସକାଳୁ ୬ରୁ ହେବ ବୋଲି ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ
ଶ୍ରୀଯୁକ୍ତ ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ। ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ.. ମୋର ପ୍ରାର୍ଥନା

# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ

## ବିକାଶ ଦ କନ୍‌ସେପ୍ଟ ସ୍କୁଲର ଶତ ପ୍ରତିଶତ ପାସ୍






ସମ୍ବଲପୁର,୧୩।୫(ସମିସ):ଆଜି ପ୍ରକାଶିତ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋଡର୍ ପରୀକ୍ଷାରେ ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲର ଦଶମ ଶ୍ରେଣୀର ମୋଟ ୨୫୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରିୟୋସ୍କା ମଲ୍ଲିକ ୯୮.୬, ଆରାଇନା ଜିନ୍ଦଲ ୯୬.୬, ଭୁପେନ ମହାନ୍ତି ୯୬.୬ ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଛନ୍ତି। ୧୪ ଜଣ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୪୨ ଜଣ ୯୦ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଗଣିତରେ ଦୁଇଜଣ, ସୋସିଆଲ୍ ସାଇନ୍ସରେ ୨ଜଣ, ସଂସ୍କୃତରେ ୭ ଜଣ, ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜିରେ ୨ଜଣ ଓ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ୧୩ ଜଣ ୧୦୦ରୁ ୧୦୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବାଣିଜ୍ୟ ବିଭାଗରୁ ନିହାର ରଂଜନ ଚୌଧୁରୀ ୯୮.୨, ବିଜ୍ଞାନ ବିଭାଗରୁ ପ୍ରିୟଙ୍କା ଶର୍ମା ୯୬.୨ ଓ କଳା ବିଭାଗରୁ ସିପ୍ରା କିସାନ ୯୫ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗରୁ ୫୦ ଜଣ ୯୦ପ୍ରକିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଦଶମ ଓ ଦ୍ୱାଦଶ ଶ୍ରେଣୀର ଶହେ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଛି। ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇବା ସହ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି। ବିଦ୍ୟା ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକୃଷ୍ଣ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଶଂସା କରିଛନ୍ତି। ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଆସନ୍ତାକାଲି ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର ହୋଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ ଚେୟାରମେନ ଡି. ନାଗେଶ୍ୱର ରାଓ, ଭୁବନେଶ୍ୱର ବିକାଶର ଚେୟାରମ୍ୟାନ୍ ଭି. ଶ୍ରୀନିବାସ, ନିର୍ଦ୍ଦେଶିକା ଗୀତିକା ଚୌଧୁରୀ, ବିଦ୍ୟା ବିକାଶ ଗ୍ରୁପ୍‌ର ଚିଫ୍ ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ସଂଜୀବ କୁମାର ବାବୁ, ଡିନ୍ ପିତାମ୍ବର ଦାଶ, ଡିନ୍ ସିନିୟର ସେକେଣ୍ଡାରୀ ଏ.ଦିଲ୍ଲିପ କୁମାର, ଏକାଡେମିକ୍ ଏଡ୍‌ଭାଇଜର୍ ନବୀନ ଶର୍ମା, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସମ୍ବଲପୁର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ୍ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲ ଇନ୍‌ଚାର୍ଜ ଅଧ୍ୟକ୍ଷ ଦିବ୍ୟସିଂହ ମହାନ୍ତ ତଥା ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧ୍ୟକ୍ଷ ଯଶୱନ୍ତ ସାହୁ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ସଫଳତାରେ ଖୁସିବ୍ୟକ୍ତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଗୁରୁନାନାକ ପବ୍ଲିକ ସ୍କୁଲର ସଫଳତା

ପ୍ରକାଶିତ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଗୁରୁନାନକ ପବ୍ଲିକ ସ୍କୁଲ ଉତ୍ତମ ପ୍ରଦର୍ଶନ କରିଛି। ଦଶମ ପରୀକ୍ଷାରେ ଜ୍ୟୋତି ଜଶୱନ୍ତ ସାହୁ ୯୭.୨, ଅଭିଜିତ ଦଳେଇ ୯୪.୨, ଇପ୍ସିତା ପାଣିଗ୍ରାହୀ ୯୩.୬ ପ୍ରତିଶତ ମାର୍କ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପାସ ହାସ ଶତ ପ୍ରତିଶତ ରହିଛି। ୯୦ ପ୍ରତିଶତରୁ ଅଧିକ ମାର୍କରେ ୧୩, ୮୦ ପ୍ରତିଶତରୁ ଅଧିକରେ ୩୪ ଓ ୭୦ ପ୍ରତିଶତରୁ ଅଧିକ ମାର୍କରେ ୫୮ ଜଣ ବିଦ୍ୟାର୍ଥୀ ରହିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ପାସ ହାର ୯୬ ପ୍ରତିଶତ ରହିଛି। ରାଜଲକ୍ଷ୍ମୀ ଜେନା ୯୦ ପ୍ରତିଶତ ମାର୍କ ରଖି ସ୍କୁଲ ଟପର ହୋଇଛନ୍ତି। ସୋନାକ୍ଷୀ ଦୋରା ୮୭.୬ ଓ ସିଦ୍ଧାନ୍ତ ଦାଶ ୮୭.୬ ପ୍ରତିଶତରେ ଦ୍ୱିତୀୟ ଏବଂ ସ୍ୱୟଂପ୍ରକାଶ ସାହୁ ୮୬.୪ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବାଣିଜ୍ୟରେ ପ୍ରିନ୍ସ ଜାଟୱାର ୯୨.୪, ଇଶପ୍ରିତ କୋର ୯୧.୪ ଓ ପ୍ରତିକ ପ୍ରିୟରଞ୍ଜନ ତ୍ରିପାଠୀ ୯୦ ପ୍ରତିଶତ ମାର୍କ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟରେ ପାସହାର ଶତ ପ୍ରତିଶତ ରହିଛି।





## ବୁର୍ଲା ଡିଏଭିର ସଫଳତା






ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ବୁର୍ଲା ଡିଏଭି ଛାତ୍ର ଛାତ୍ରୀ ବିପୁଳ ସଫଳତା ପାଇଛନ୍ତି। ଦ୍ୱାଦଶ କଳା, ବାଣିଜ୍ୟ ଓ ବିଜ୍ଞାନରେ ଯଥାକ୍ରମେ ୧୬, ୩୮ ଓ ୬୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ଶତପ୍ରତିଶତ ଛାତ୍ର ଛାତ୍ରୀଙ୍କ ସଫଳତା ସହ କଳାରେ କୌସ୍ତୁଭୀ ସୌମ୍ୟା ସାହୁ ୯୬.୬, ଫରହା ଅନାବିଆ ୯୩.୬, ପ୍ରିୟଙ୍କା ମେହେର ୯୩.୨ ପ୍ରତିଶତ ମାର୍କ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ବାଣିଜ୍ୟରେ ରୋନିତ କୁମାର ସାହୁ ୯୬.୨, ହର୍ଷିତ ଆହୁଜା ୯୫.୮, ସୌମ୍ୟ ପ୍ରତୀକ ପଣ୍ଡା ୯୫.୬ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନରେ ଅନ୍ୱେଷ କୁମାର ମହାପାତ୍ର ୯୩.୮, ବିଭୁନନ୍ଦନ ଦାଶ ଏବଂ ବିଶ୍ୱଜିତ ପ୍ରଧାନ ୯୩.୬, ବିନାୟକ ସୋନି ୯୨.୪ ପ୍ରତିଶତ ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଦଶମ ଶ୍ରେଣୀରେ ୧୫୪ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଇଶାନଭୀ ବେହେରା ୯୮.୬୦ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ, ଶ୍ରେୟାଂସ ଶ୍ରୀତମ ପ୍ରଧାନ ୯୮.୨୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ସାଇ ପ୍ରତୀକ ସାମଲ ୯୭.୮୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ତଥା ଉପ- ଆଞ୍ଚଳିକ ଅଧିକାରୀ ରଶ୍ମି ମିଶ୍ର ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ବାଜିମାତ






ସମ୍ବଲପୁର,୧୩।୫(ସମିସ): ମଙ୍ଗଳବାର ପ୍ରକାଶ ପାଇଥିବା ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ଫଳାଫଳରେ ଶାସନ ପାବପାଲିସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଅତି ଚମତ୍କାର ସଫଳତା ହାସଲ କରିଛନ୍ତି। ଦଶମ ପରୀକ୍ଷାରେ ରୋହିତ କୁମାର ମେହେର ୯୮ ପ୍ରତିଶତ ମାର୍କ ରଖି ସ୍କୁଲ ଟପର ହୋଇଛନ୍ତି। ଦ୍ୱାଦଶ କଳାରେ ସ୍ମୃତିରାଣୀ ପ୍ରଧାନ ଓ ବାଣିଜ୍ୟରେ ସାକ୍ଷୀ ପୋଦ୍ଦାର ଉଭୟ ୯୯ ପ୍ରତିଶତ ମାର୍କ ରଖି ନିଜ ବିଭାଗ ତଥା ସ୍କୁଲର ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ଯଶମିତ ପୁରୋହିତ ୯୭ ପ୍ରତିଶତ ମାର୍କ ରଖି ନିଜ ବିଭାଗର ଟପ୍ପର ହୋଇଛନ୍ତି। ସ୍କୁଲ ଟପ ୧୧ ଜଣଙ୍କ ନାମ ପ୍ରକାଶ ପାଇଛି। ପ୍ରଥମରେ ସ୍ମୃତି ଓ ସାକ୍ଷୀ ରହିଛନ୍ତି। ଦ୍ୱିତୀୟରେ କଳାର ଶୁସ୍ମିତା କୁମ୍ଭକର ୯୮.୨, ତୃତୀୟରେ ପାୟଲ ବେହେରା ୯୮ ଓ କୁକି ସାହୁ, ଚତୁର୍ଥରେ ବାଣିଜ୍ୟର ପିୟୁଷ ଜୈନ ୯୭.୪, ପଞ୍ଚମରେ ବିଭୁତିଭୂଷଣ ସାହୁ ୯୭, ଷଷ୍ଠରେ କଳାର ସ୍ୱପ୍ନିଲ ଡନସେନା ୯୬.୬, ସପ୍ତମରେ ଜ୍ୟୋତିର୍ମୟୀ ସେଠ ୯୫.୮ ଓ ସାହିଲ କୁମାର ମେହେର, ଅଷ୍ଟମରେ ଭୂମି କୁମାରୀ ୯୫.୬, ନବମରେ ବାଣିଜ୍ୟର ଶ୍ରୀୟାସ ଗୁପ୍ତା ୯୫.୪, ଦଶମରେ କଳାର ଶ୍ରୀଜି ଲାଠ ୯୫.୨ ଓ ଏକାଦଶରେ ବିଜ୍ଞାନର ସ୍ମୃତି ଶାସ୍ୱତ ପ୍ରଧାନ ଏବଂ ଅଞ୍ଜଳୀ ସାହୁ ୯୫ ପ୍ରତିଶତ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ସ୍କୁଲ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସମସ୍ତ ବିଦ୍ୟାର୍ଥୀ,ଅଧ୍ୟାପକଅଧ୍ୟାପିକା ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୃତୀ ପ୍ରତିଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ମଧ୍ୟ କରିଛନ୍ତି।

## ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର



ପ୍ରକାଶିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳରେ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର (ଆରଜିଭିଏମ) ସମ୍ବଲପୁର, ଭଲ ପ୍ରଦର୍ଶନ କରିଛି। ଛାତ୍ର ଅମନ କଚ୍ଛୱାହା ୯୪.୪ ପ୍ରତିଶତ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ସୁଜିତ ଠାକୁର ୯୩.୪ ଦ୍ୱିତୀୟ ସ୍ଥାନ ଏବଂ ଇଶିକା ଗଣ୍ଡ ୯୦ ପ୍ରତିଶତ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି।

ସ୍କୁଲର ମୋଟ ୬୬ ଜଣ ପରୀକ୍ଷା ଦେଇଥିଲେ। ୮୦ ପ୍ରତିଶତରୁ ଅଧିକ ମାର୍କ ୪ ଜଣ ଓ ୭୦ରୁ ୮୦ ପ୍ରତିଶତରେ ୧୨ ଜଣ ବିଦ୍ୟାର୍ଥୀ ରହିଛନ୍ତି। ୩୬ ଜଣ ଛାତ୍ରଛାତ୍ରୀ ପ୍ରଥମ ବିଭାଗରେ ପାସ କରିଛନ୍ତି। ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷା ଶାଲୁ ରାଜପୁତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର





ପ୍ରକାଶିତ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟ ୧ସମ୍ବଲପୁର ଉତ୍ତମ ପ୍ରଦର୍ଶନ କରିଛି। ଦଶମ ପରୀକ୍ଷାରେ ୧୯୩ ବିଦ୍ୟାର୍ଥୀରୁ ୧୯୨ ଜଣ ଉତୀର୍ଣ୍ଣ ହୋଇଛନ୍ତି। ଜସସ୍ୱୀ ପ୍ରଧାନ ୯୭.୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପର ହୋଇଛନ୍ତି। ସେହିପରି ପିୟୁଷ ନାଗ, ନିଶାନ୍ତ ରଶ୍ମୀ, ଅନୁଶ୍ରୀ ବେହେରା ଓ କୁନାଲ ଦେବତା ୯୭ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ, ସବ୍ୟସାଚୀ ମେହେର ୯୬.୮ ପ୍ରତିଶତ ମାର୍କ ରଖି ତୃତୀୟରେ ରହିଛନ୍ତି। ଦ୍ୱାଦଶ ବିଜ୍ଞାନରେ ଭୁମିକା ବେହେରା ୯୬, ସୁଶ୍ରୀ ରାଧିକା ପଣ୍ଡା ୯୫.୬, ସ୍ମୃତି ସ୍ୱପ୍ନା ଗୁରୁ ୯୫.୨ ପ୍ରତିଶତ ମାର୍କ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବାଣିଜ୍ୟରେ ପିୟୁଷ ପ୍ରିୟଦର୍ଶୀ ବେସନ ୯୪ ପ୍ରତିଶତ ରଖି ସ୍କୁଲ ଟପର ହୋଇଛନ୍ତି। ବାଣିଜ୍ୟରେ ପାସ ହାର ଶତ ପ୍ରତିଶତ ରହିଛି।

## ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ଛାତ୍ରୀ

ସମ୍ବଲପୁର,୧୩।୫(ସମିସ): ସମ୍ବଲପୁର ଜିଲ୍ଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଯୌନ ନିର୍ଯାତନ ଅଭିଯୋଗ ହୋଇଛି। ଏ ନେଇ ଜଣେ ପିଏଚ୍‌ଡି ଛାତ୍ରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଛନ୍ତି। ଗଣିତ ବିଭାଗର ପ୍ରୋଗ୍ରାମ ହେଡ୍ ଆସୋସିଏଟ୍ ପ୍ରଫେସର ଡ.ମହେନ୍ଦ୍ର କୁମାର ଜେନାଙ୍କ ବିରୋଧରେ ଏହି ସଙ୍ଗିନ ଅଭିଯୋଗ ଆଣିଛନ୍ତି ତାଙ୍କ ବିଭାଗର ଜଣେ ପିଏଚ୍‌ଡି ଛାତ୍ରୀ। ଛାତ୍ରୀ ଜଣକ ପ୍ରାୟ ଏକ ମାସ ପୂର୍ବରୁ ଏସମ୍ପର୍କରେ ଭିସୁଟ୍ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଘଟଣାରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଜଣାପଡିଛି। ଅନ୍ୟପଟେ ଆଜି ଭିସୁଟ୍ କୁଳପତିଙ୍କ ନିର୍ଦ୍ଦେଶକ୍ରମେ ଅଫିସ୍ ଅର୍ଡର ନମ୍ବର ୪୮୦/ ୨୦୨୫ ତା ୧୩/୫/୨୦୨୫ ଅନୁସାରେ କୁଳସଚିବ ଡ. ଜେନାଙ୍କୁ ଗଣିତ ବିଭାଗର ପ୍ରୋଗ୍ରାମ ହେଡ୍ ପଦବୀରୁ ହଟାଇ ଦିଆଯାଇଛି। ନୂତନ ପ୍ରୋଗ୍ରାମ ହେଡ ଭାବେ ସେହି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସରୋଜ କୁମାର ପଧାନଙ୍କୁ ଦାୟିତ୍ୱ ଦିଆଯାଇଛି।

● ଶୀତଳଷଷ୍ଠୀ ଯାତ୍ରାର ସମୀକ୍ଷା ବୈଠକ

## ମହା ଆଡ଼ମ୍ବରରେ ହେବ ଯାତ୍ରା



ସମ୍ବଲପୁର,୧୩।୫(ସମିସ): ସମ୍ବଲପୁର ସର୍କିଟ ହାଉସରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ନେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆରଡିସି, ଆଇଜି, ଜିଲ୍ଲାପାଳ, ଏସପି, ମହାନଗର ନିଗମ କମିଶନର ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ସାମିଲ ଥିଲେ। ଚଳିତ ବର୍ଷ ଶୀତଳଷଷ୍ଠୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୮ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି। ତେଣୁ ମହାଆଡମ୍ବରରେ ଯାତ୍ରା ଅନୁଷ୍ଠିତ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଚଳିତ ଥର ଯାତ୍ରାରେ ରାଜ୍ୟ ତଥା କେନ୍ଦ୍ରରୁ ଅନେକ ମନ୍ତ୍ରୀ ବିଧାୟକଙ୍କର ଗସ୍ତ ରହିଛି। ତେଣୁ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନକୁ କୁହାଯାଇଛି। ବିଶେଷ ଭାବେ ଯାତ୍ରା ବେଳେ ପକେଟ ମାର, ଚୋରୀ ହୋଇଥାଏ, ତେଣୁ ତାକୁ ନିୟନ୍ତ୍ରଣଧୀନ ରଖିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ।ସହରରେ ୨୪ ଘଣ୍ଟା ବିଦ୍ୟୁତ, ପାନୀୟ ଜଳ ସୁବିଧା କରିବାକୁ କୁହାଯାଇଛି। ୧୨ଟି ସ୍ୱାସ୍ଥ୍ୟ କ୍ୟାମ୍ପ ଲଗାଯିବ। ଭିମସାର୍ ଡାକ୍ତରଙ୍କୁ ଏଥିରେ ନିୟୋଜିତ କରାଯିବ। ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା କରି ଅନ୍ୟ ସୁବିଧା ଯୋଗାଇ ଦିଆଯିବ। ପୂର୍ବରୁ ହନୁମାନ ଜୟନ୍ତୀ ଓ ମୁଖ୍ୟମନ୍ତ୍ରୀ ଜନଶୁଣାଣୀ ବୈଠକ ସୁରୁଖୁରୁରେ ହୋଇଥିଲା। ତ୍ରୁଟିପୂର୍ଣ୍ଣ ଭାବେ ଏହି ୨ଟି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ତେଣୁ ଷଷ୍ଠୀ ମଧ୍ୟ ତ୍ରୁଟିପୂର୍ଣ୍ଣ ରହିବ ବୋଲି ଆଶା ରହିଥିବା ସେ କହିଛନ୍ତି।

### ନେଟୱର୍କ ଫେଲରୁ ହନ୍ତସନ୍ତ ଅଞ୍ଚଳବାସୀ

## ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ରେଢ଼ାଖୋଲ,୧୩।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ୍ ଅଧିନ କ୍ଷେତ୍ରପୁର, ରାଇଲ, ଧାତୁକିମାଲ, ବଡ଼ବିଲ, ବଡ଼ମାଳ, ବ୍ରାହ୍ମଣୀ, ପାଣ୍ଡୁରିଶିଲା ଇତ୍ୟାଦି ଗ୍ରାମରେ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ହେବ ମୋବାଇଲ ସେବା ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି। ଆଜିର ଆଧୁନିକ ଡିଜିଟାଲ ଯୁଗରେ ଗ୍ରାମବାସୀ ମୋବାଇଲ ସେବାରୁ ବଞ୍ଚିତ ରହିବାକୁ ପଡୁଛି। ସେଥିପାଇଁ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଗର୍ଭବତୀଙ୍କୁ ଡାକ୍ତରଖାନା ଚିକିତ୍ସା କରାଇବା, ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା, ଛାତ୍ରଛାତ୍ରୀମାନେ ଅନଲାଇନ୍ ମାଧ୍ୟମରେ ଶିକ୍ଷାରୁ ବଞ୍ଚିତ ରହିବା ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ ଉକ୍ତ ଗ୍ରାମାଞ୍ଚଳ ଗୁଡିକରେ ନୂତନ ଭାବରେ ବିଏସଏନଏଲ୍ ମୋବାଇଲ ନେଟୱର୍କ ରହିଥିବା ବେଳେ ପୂର୍ବରୁ ଯାହା କିଛି ମୋବାଇଲ ନେଟୱର୍କ ଆସୁଥିଲା। ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତା ସହିତ ଗ୍ରାମବାସୀଙ୍କ ଅର୍ଥ ହାନି ହେଉଛି, ମୋବାଇଲରେ ପଇସା ପକାଇବା ପରେ ନେଟ ୱର୍କ ନ ଥିବାରୁ ପଇସାର ମୂଲ୍ୟ ମିଳୁନାହିଁ। ଫଳରେ ଗ୍ରାମବାସୀ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ସେଥିପାଇଁ ମଙ୍ଗଳବାର ଦିନ ଉକ୍ତ ଅଞ୍ଚଳର ବହୁ ସଂଖ୍ୟାରେ ଗ୍ରାମବାସୀ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।



# ଜମନକିରା ବ୍ଲକ୍‌ରେ ଯୁଗ୍ମ ଜନଶୁଣାଣି




ଜମନକିରା,୧୩।୫(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜମନକିରା ବ୍ଲକ୍‌ରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଯୁଗ୍ମଜନଶୁଣାଣିରେ ଜିଲ୍ଲାପାଳ ଡ.ସିଦ୍ଦେଶ୍ୱର ବୋଲିରାମ ବୋନ୍ଦର ଓ ଏସ୍‌ପି ମୁକେଶ କୁମାର ଭାମୁ ଯୋଗଦେଇ ନ ଥିଲେ। ଫଳରେ ଅତିରିକ୍ତ ଏସପି ପ୍ରକାଶ ଜେମନ୍ସ ଟପୋ, ଜିଲ୍ଲା ପରିଷଦ ପିଡି ପ୍ରସନ୍ନ ପାତ୍ର, ଓ ଉପ ଜିଲ୍ଲାପାଳ ଗୌରବମୟ ପ୍ରଧାନ ଅଭିଯୋଗ ଗୁଡିକର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ମୋଟ ୬୧ଟି ଅଭିଯୋଗ ମଧ୍ୟରୁ ୪୬ଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠିଗତ ଅଭିଯୋଗ ଆସିଥିବା ବେଳେ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରୁ ବିଶେଷ କରି ଆବାସ ଯୋଜନା, ରାସନ କାର୍ଡ,ବାର୍ଦ୍ଧକ୍ୟଭତ୍ତା,ଭିନ୍ନକ୍ଷମ ଭତ୍ତା,ପାନୀୟ ଜଳ ପାଇଁ ନଳକୂପ ,ରାସ୍ତା , କଟାକାମ ପାଇଁ ଜମି ଚିହ୍ନଟ, ଅବକାରୀ ବିଭାଗ,ଇଲେଟ୍ରି ଏବଂ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରଦର୍ଶିତ ନିଜସ୍ୱ ପ୍ରସ୍ତୁତ ସାମଗ୍ରୀ ଷ୍ଟଲ ଲାଗିଥିଲା। ଏହି ଜନଶୁଣାଣିରେ ଅଧ୍ୟକ୍ଷ ଅକ୍ଷଶ୍ରିତା ଭୋଇ,ପିଏ ଆଇଟିଡିଏ ହେମସକ୍ଷଗର ଭୋଇ,ଏସଡିପିଓ ପ୍ରଦୀପ କୁମାର ଦାସ,ବିଡିଓ ରବୀନ୍ଦ୍ର ସେଠି, ଉପାଧ୍ୟକ୍ଷ ରୋହିତ ଭୋଇଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ଜିଲ୍ଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ପରେ ପିଡି,ଉପଜିଲ୍ଲାପାଳ ପ୍ରଭୃତି ସାଲେଭାଡ଼ି କଟାକୁ ଅନୁଧ୍ୟାନ ପାଇଁ ଯାଇଥିଲେ।

**ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ**

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀଯୁକ୍ତ ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ।
ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ.. ମୋର ପ୍ରାର୍ଥନା

# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ

## ସ୍ୱାଗତ ବୈଭବ ସ୍ୱାଇଁ ରୋଟାରୀ ପବ୍ଲିକ୍ ସ୍କୁଲ ଟପର୍



ଅନୁଗୋଳ, ୧୩।୫ (ସମିସ): ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଏଥିରେ ଆଶାଜନକ ସଫଳତା ପାଇଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀରେ ୧୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୩ ଜଣ ୯୫ ପ୍ରତିଶତରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୪୦ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ଛାତ୍ର ସ୍ୱାଗତ ବୈଭବ ସ୍ୱାଇଁ ତିନିଟି ବିଷୟରେ ଶତ ପ୍ରତିଶତ ନମ୍ବର ରଖିବା ସହ ମୋଟ ୯୯.୪% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଶିବଂଶ ପାଣ୍ଡେ (୯୮.୪%), ସମର୍ପିତା ରାଉତ (୯୭.୬%), ଅନୁପମ ନାଥ (୯୭.୨%), ସୌମ୍ୟାଶ୍ରୀ ଧର (୯୭.୨), ପ୍ରତୀକ ମହାନ୍ତି (୯୬.୮), ସ୍ମୃତିରେଖା ବାରିକ (୯୬.୮%) ବିଶାଳ ଗୁପ୍ତା (୯୬.୨%), ସ୍ୱସ୍ତିକ ଦାଶ (୯୫.୬), ଅନନ୍ତ କେଶରୀ ରାୟ (୯୫%), ଦିପ୍ଲେନ୍ ବେହେରା (୯୫%), ସ୍କନ୍ଦ କୁମାର ଓ ଶ୍ଳୋକା ସ୍ୱାଇଁ (୯୫%) କୃତକାର୍ଯ୍ୟ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ମୋଟ ୭୬ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସ୍ନେହାଶିଷ ଦାଶ ୮୭% ନମ୍ବର ସହ ବିଦ୍ୟାଳୟ ଟପର ହୋଇଛନ୍ତି। ବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରୋଟାରିଆନ ନିର୍ମଳ କୁମାର ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଏନ୍‌ଟିପିସି କେନ୍ଦ୍ରୀୟ ବିଦ୍ୟାଳୟ ଟପର୍ ଅଂଶୁମାନ




କଣିହାଁ, ୧୩।୫(ସମିସ): କଣିହାଁ ବ୍ଲକ ଏନଟିପିସି କେନ୍ଦ୍ରୀୟ ବିଦ୍ୟାଳୟରେ ଚଳିତ ବର୍ଷ ଦଶମ ପରୀକ୍ଷାରେ ଅଂଶୁମାନ ପ୍ରଧାନ ୯୪.୮୩ ପ୍ରତିଶତ ସର୍ବାଧିକ ନମ୍ବର ରଖି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଟପର୍ ହୋଇଛନ୍ତି। ମୋଟ୍ ୬ ଶହ ମାର୍କରୁ ୫୬୯ ରଖିଛନ୍ତି ଅଂଶୁମାନ। ସେହିପରି ସ୍ୱୟଂଶ୍ରୀ ସାହୁ ୪୪୯ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଜନ୍ତାରିବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

■ ପ୍ରଜ୍ଞାନ ପ୍ରୟାସ ସ୍କୁଲ ଟପର୍








କାମାକ୍ଷାନଗର, ୧୩।୫ (ସମିସ): ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳରେ ଜନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଫଳତା ପାଇଛନ୍ତି। ଏହି ବିଦ୍ୟାଳୟର ଦଶମ ଶ୍ରେଣୀରେ ପାସ ହାର ୯୮.୭ ପ୍ରତିଶତ ରହିଛି। ବିଦ୍ୟାଳୟର ଛାତ୍ର ପ୍ରଜ୍ଞାନ ପ୍ରୟାସ ୯୭.୨% ନମ୍ବର ରଖି ପ୍ରଥମ ସ୍ଥାନ, ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ପରିଡ଼ା ୯୬.୨% ରଖି ଦ୍ୱିତୀୟ ଓ ଆରତୀ ମଲ୍ଲିକ ୯୫.୬% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଜ୍ଞାନ ପ୍ରୟାସ ଭବିଷ୍ୟତରେ ଜଣେ ଇଂଜିନିୟର, ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ପରିଡ଼ା ଜଣେ ଡାକ୍ତର ଓ ଛାତ୍ରୀ ଆରତୀ ମଲ୍ଲିକ ଜଣେ ଶିକ୍ଷୟିତ୍ରୀ ହେବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦଶମ ଶ୍ରେଣୀରେ ୪ ଜଣ ଛାତ୍ରଛାତ୍ରୀ ୯୫%ରୁ ଊର୍ଦ୍ଧ୍ୱ ଓ ୨୨ ଜଣ ଛାତ୍ରଛାତ୍ରୀ ୯୦% ରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ପାସ୍‌ହାର ରହିଛି ୯୩.୨୨ ପ୍ରତିଶତ। ବିଦ୍ୟାଳୟର ଛାତ୍ରୀ ରାଜରାଜଶ୍ରୀ ପରିଡ଼ା ୯୨.୬%, ଅଭିଜିତ୍ ଲେଙ୍କା ୯୧.୮%, ଦେବଶ୍ରାତ ଖୁଣ୍ଟିଆ ୯୧.୬% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଜେଏନ୍‌ଭି ଅନୁଗୋଳ

■ ଦଶମରେ ଆଦିତ୍ୟ ଓ ଦ୍ୱାଦଶରେ ଅଶ୍ୱିନ ଟପର୍




ଅନୁଗୋଳ, ୧୩।୫(ସମିସ): ଚମ୍ପତିମୁଣ୍ଡାସ୍ଥିତ ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟ (ଜେଏନଭି) ର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ଦଶମ ଶ୍ରେଣୀରେ ଚଳିତ ବର୍ଷ ବିଦ୍ୟାଳୟର ମୋଟ ୮୨ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରେ ୩୦ ଜଣ ବିଦ୍ୟାର୍ଥୀ ୯୦%ରୁ ଅଧିକରେ କୃତକାର୍ଯ୍ୟ ହୋଇଛନ୍ତି। ଆଦିତ୍ୟ ପ୍ରସାଦ ପ୍ରଧାନ ୯୭.୮୦% ଅଙ୍କ ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ପ୍ରିଶା ପ୍ରାଞ୍ଜଲ୍ ୯୬.୮୦% ରଖି ଦ୍ୱିତୀୟ ଏବଂ ଆଶିଷ କୁମାର ଦେହୁରୀ ୯୫.୪% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୮୧ ଜଣ ବିଦ୍ୟାର୍ଥୀ ୬୦%ରୁ ଅଧିକ ରଖିଥିବା ବେଳେ ୪ ଜଣ ବିଦ୍ୟାର୍ଥୀ ଓଡ଼ିଆରେ ୧୦୦ ପ୍ରତିଶତ ରଖିଛନ୍ତି। ଗଣିତରେ ୩ ଜଣ ବିଦ୍ୟାର୍ଥୀ ଶତ ପ୍ରତିଶତ ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ମୋଟ ୫୯ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ସମସ୍ତ ବିଦ୍ୟାର୍ଥୀ ୬୦%ରୁ ଅଧିକରେ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୨ ଜଣ ବିଦ୍ୟାର୍ଥୀ ୯୦%ରୁ ଅଧିକରେ କୃତକାର୍ଯ୍ୟ ହୋଇଛନ୍ତି। ଅଶ୍ୱିନ୍ ମହାରଣା ୯୬.୮୦% ଅଙ୍କ ରଖି ସର୍ବୋଚ୍ଚ ସ୍ଥାନରେ ରହିଥିବାବେଳେ ସ୍ମୃତିଚନ୍ଦ୍ରମା ତରାଇ ୯୪.୮୦% ଅଙ୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସୁମିତ୍ ସତ୍ ଦର୍ଶନ ୯୪.୨% ଅଙ୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ୩ ଜଣ ବିଦ୍ୟାର୍ଥୀ ପାଠାଗାର ଓ ସୂଚନା ବିଜ୍ଞାନରେ ଶତ ପ୍ରତିଶତ ଏବଂ ସମାନ ସଂଖ୍ୟକ ବିଦ୍ୟାର୍ଥୀ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଶତ ପ୍ରତିଶତ ରଖି ସମ୍ମାନ ଅର୍ଜନ କରିଛନ୍ତି। ସଫଳ ବିଦ୍ୟାର୍ଥୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟବୃନ୍ଦ ତଥା ଅଭିଭାବକଗଣ ଶୁଭେଚ୍ଛା ଜଣାଇଛନ୍ତି।

## ଛେଣ୍ଡିପଦା ଆଦର୍ଶ ବିଦ୍ୟାଳୟ

■ ପାସ୍‌ହାର ୯୮.୭, ପ୍ରିନ୍ସ ଟପର୍





ଛେଣ୍ଡିପଦା, ୧୩।୫(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ଆଦର୍ଶ ବିଦ୍ୟାଳୟ ଚଳିତ ବର୍ଷ ସିବିଏସଇ ପରୀକ୍ଷାରେ ପାସ ହାର ୯୮.୭ ରଖି ସଫଳତା ପାଇଛି। ଏହି ବିଦ୍ୟାଳୟ ପକ୍ଷରୁ ୭୯ ଜଣ ଛାତ୍ରୀଛାତ୍ର ଆଦର୍ଶ ପରୀକ୍ଷା ଦେଇଥିବା ବେଳେ ୭୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ର ପ୍ରିନ୍ସ ପ୍ରଧାନ ସର୍ବାଧିକ ୯୩ ଶତକଡ଼ା ରଖି ପ୍ରଥମ ହୋଇଥିବା ବେଳେ ସେ ଭବିଷ୍ୟତରେ ଜଣେ ଭଲ ଜିଲ୍ଲାପାଳ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ସେହିପରି ଛାତ୍ରୀ ଦେବସ୍ମିତା ପ୍ରଧାନ ୯୨. ୮ଶତକଡ଼ା ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭବିଷ୍ୟତରେ ଜଣେ ଡାକ୍ତର ହେବି ବୋଲି ଲକ୍ଷ୍ୟ ରଖିଛନ୍ତି। ସେହିପରି ଛାତ୍ରୀ ଦେବଯାନୀ ସାହୁ ୯୦.୬ ଶତକଡା ରଖିଥିବା ବେଳେ ଭବିଷ୍ୟତରେ ଜଣେ ଜିଲ୍ଲାପାଳ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି।

## ରଣିଆକଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ

■ ପ୍ରତ୍ୟୁଷ ପ୍ରଜ୍ଞାନ ଟପର୍



କିଶୋରନଗର, ୧୩।୫ (ସମିସ): କିଶୋରନଗର ବ୍ଲକ ରଣିଆକଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ତଥା କସ୍ତୁରୀବାହାଲ ଗାଁର ଜ୍ୟୋସ୍ନାମୟୀ ପ୍ରଧାନଙ୍କ ପୁଅ ପ୍ରତ୍ୟୁଷ ପ୍ରଜ୍ଞାନ ପ୍ରଧାନ ସିବିଏସଇ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବାଧିକ ୯୭.୮ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ପ୍ରତ୍ୟୁଷଙ୍କ ଏହି ସଫଳତା ଯୋଗୁଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି। ପ୍ରକାଶ ଯେ ରଣିଆକଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତବର୍ଷ ୭୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

# ବିଭିନ୍ନ ସ୍ଥାନରେ ଚନ୍ଦନ ଯାତ୍ରା



କଣିହାଁ, ୧୩।୫(ସମିସ): କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି। କୁଲେଇ ପଞ୍ଚାୟତ କଟରପଡ଼ା ଗ୍ରାମରେ ଚନ୍ଦନ ଯାତ୍ରା ନିଆରା ଭାବେ ପାଳନ ହୋଇଛି। ଘଣ୍ଟ ଘଣ୍ଟା, ନଉଡ଼ି ଖେଳ, ବିଭିନ୍ନ ସଜିତ ପଶୁପକ୍ଷୀଙ୍କ ନୃତ୍ୟ ଗୀତରେ ଗ୍ରାମରେ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ୩ଦିନ ଧରି ଅପେରା ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିନର ଯାତ୍ରା ଏକ ପାରିବାରିକ ସମାଜକୁ ନେଇ ଯାତ୍ରା 'ମାନୁ ନୂଆ ବୋଉ ସାନୁ ଦିଅର' ଦର୍ଶକଙ୍କ ମନ ମୋହିଥିଲା ଯେଉଁଥିରେ କି ହଜାର ହଜାର ଦର୍ଶକ ସାମିଲ ହୋଇଥିଲେ। ଗ୍ରାମ୍ୟ କମିଟି ସଭାପତି ବନମାଳି ବେହେରା, ସମ୍ପାଦକ ଲୋଚନ ବାରିକ, ଅଜିତ ପ୍ରଧାନ, ବିଦ୍ୟାଧର ସାହୁ, ଅଭିମନ୍ୟୁ ବେହେରା, ଗିରିଶ ବେହେରା ସମେତ ସମସ୍ତ ଗ୍ରାମ୍ୟ କମିଟି ସହଯୋଗ କରିଥିଲେ। ସେହିପରି ଡୁମୁଗୋଳା ଗ୍ରାମରେ ଓ ହରିହରପୁର ଗାଁରେ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି।

ଅନୁଗୋଳବାସୀଙ୍କ ପାଇଁ ଖୁସି ଖବର

# ଜିଲ୍ଲା ନିଦାନ କେନ୍ଦ୍ରରେ 'ବାୟୋ ଆନାଲାଇଜର୍' କାର୍ଯ୍ୟକ୍ଷମ

ଅନୁଗୋଳ, ୧୩।୫(ସମିସ)




ରାଜ୍ୟର ଅନ୍ୟ ଘରୋଇ ହସ୍ପିଟାଲ ଭଳି ଅନୁଗୋଳ ଜିଲ୍ଲାରେ ଏଣିକି ମିଳିବ ଅତ୍ୟାଧୁନିକ ଚିକିତ୍ସା। ଏଥିପାଇଁ ଯନ୍ତ୍ରପାତି ଅନୁଗୋଳ ହସ୍ପିଟାଲରେ ପହଞ୍ଚିଛି। ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଏହି ବାୟୋକେମିଷ୍ଟ୍ରି ଆନାଲାଇଜରର ଦାମ ୪୦-୫୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ରକ୍ତ, ପ୍ଲାଜମା, ସିରମ୍ ଆଦିରୁ ଖୁବ୍ କମ୍ ସମୟରେ ଟେଷ୍ଟ ରିପୋର୍ଟ ବାହାରି ପାରିବ। ଅନୁଗୋଳ ହସ୍ପିଟାଲକୁ ପବିତ୍ରମୋହନ ପ୍ରଧାନ

■ ଏଣିକି ଏ-ଟୁ-ଜେଡ୍ ସ୍ୱାସ୍ଥ୍ୟ ପରୀକ୍ଷା ଘଣ୍ଟାକରେ

ମେଡିକାଲ କଲେଜର ଟ୍ରିଟିଂ ହସ୍ପିଟାଲ ରୂପେ ପରିଗଣିତ କରାଯାଉଥିବାରୁ ଏହାର ନିଦାନ ବିଭାଗକୁ ମଧ୍ୟ ସମନ୍ୱିତ କରାଯାଉଛି। ଏଠାରେ ନିଦାନ ବିଭାଗକୁ ପାଥୋଲୋଜି, ବାୟୋକେମିଷ୍ଟ୍ରି ଓ ମାଇକ୍ରୋବାୟୋଲୋଜିରେ ବିଭକ୍ତ କରାଯାଇଛି। ସବୁ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର, ପ୍ରଫେସର ଏବଂ ରେସିଡେଣ୍ଟ ଅଫିସର ତଥା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।

ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମତରେ, ଏହି ଆଧୁନିକ ମେସିନରେ ହେମାଟୋଲୋଜି, କାର୍ଡିଓଲୋଜିଠାରୁ ବ୍ଲଡ କଲଚର୍, ଏଫ୍‌ଏନ୍‌ଏସି, ଥାଇରଏଡ ଆଦିର ପରୀକ୍ଷା ଖୁବ୍ କମ୍ ସମୟରେ କରାଯାଇପାରିବ। ନୂଆ ଆସିଥିବା ଆନାଲାଇଜର ମେସିନଟିରେ ନିର୍ଦ୍ଦିଷ୍ଟ ସାମ୍ପୁଲ ଯଦି ପରୀକ୍ଷା କରାଯାଏ ତେବେ ଏକ ହଜାର ଲୋକଙ୍କ ରିପୋର୍ଟ ଘଣ୍ଟେ କି ଦୁଇ ଘଣ୍ଟାରେ ବାହାରିପାରିବ। ଏହାଛଡା ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନିଦାନ ବିଭାଗକୁ ଉନ୍ନତ କରିବା ପାଇଁ ନୂଆ ଟେଷ୍ଟିଙ୍ଗ ମେସିନ ଦିଆଯାଉଛି। ଯାହାଫଳରେ ଛୋଟ ଛୋଟ ଟେଷ୍ଟ ପାଇଁ ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସିବାକୁ ପଡ଼ିବ ନାହିଁ। ରୋଗର ନିଦାନ ସଠିକ୍ ହେଲେ ଚିକିତ୍ସା ସୁବ୍ୟବସ୍ଥିତ ହୋଇପାରିବ। ନୂତନ ଆନାଲାଇଜର ମେସିନଟି କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲ୍ଲା ନିଦାନ ବିଭାଗ ଇତିହାସରେ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି।

# ମିଳିଲା ସହାୟତା ରାଶି; ଡ୍ରାଇଭର ମହାସଂଘର କୃତଜ୍ଞତା




ଅନୁଗୋଳ, ୧୩।୫(ସମିସ): ମୃତ ଗାଡ଼ି ଚାଳକଙ୍କ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଛି। ଏନେଇ ଏକ କୃତଜ୍ଞତା ପର୍ବ ଓଡ଼ିଶା ଡ୍ରାଇଭର ମହାସଂଘ ଅନୁଗୋଳ ବ୍ଲକ ତରଫରୁ ବନ୍ତଳା ନିକଟସ୍ଥ ଧୋକୁଟା ହାଟପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ବ୍ଲକ ସଭାପତି ରବୀନ୍ଦ୍ର କୁମାର ସାହୁ, ବ୍ଲକ ସମ୍ପାଦକ ଲଳିତ ପ୍ରଧାନ, ବ୍ଲକ କୋଷାଧ୍ୟକ୍ଷ ରୋହିତ ବେହେରା ଉପସ୍ଥିତ ଥିଲେ। ଖିଣ୍ଡା ପଞ୍ଚାୟତର ବ୍ରଜବନ୍ଧୁ ବେହେରା, ଧୋକୁଟା ପଞ୍ଚାୟତର ବୁଦ୍ଧଦେବ ଜେନା, ବଡକେରା ପଞ୍ଚାୟତର ଅକ୍ଷୟ ବେହେରା, ମାଟିଆ ସାହି ପଞ୍ଚାୟତର ସୁରେନ୍ଦ୍ର ବେହେରା ଓ ମାଣିକଯୋଡ଼ି ପଞ୍ଚାୟତର ବରୁଣ ପ୍ରଧାନଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ମଟର ପରିବହନ ଚାଳକ କର୍ମଚାରୀ କଲ୍ୟାଣ ପାଣ୍ଠି ବିଭାଗ ତରଫରୁ ଦୁଇଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘର ସମସ୍ତ ସଦସ୍ୟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଏନେଇ ଦାବି ଉପସ୍ଥାପନ କରାଯାଇଥିଲା। ସାଧାରଣ ମୃତ୍ୟୁ ପାଇଁ ସରକାର ଦୁଇ ଲକ୍ଷ ଓ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଚାରି ଲକ୍ଷ ଟଙ୍କାର ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ରାଜ୍ୟ ସରକାରଙ୍କୁ ଓଡ଼ିଶା ଡ୍ରାଇଭର ମହାସଂଘ ଅନୁଗୋଳ ବ୍ଲକ ତରଫରୁ ଏବଂ ମୃତକଙ୍କ ପରିବାର ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ମଦ୍ୟପ ଗିରଫ; ବାଇକ୍ ଜବତ

ବଇଣ୍ଡା, ୧୩।୫ (ସମିସ): କିଶୋରନଗର ପୁଲିସ ସୋମବାର ଗାଡ଼ିମୋଟର ଯାଞ୍ଚ କରୁଥିବା ବେଳେ ଜଣେ ମଦ୍ୟପ ଚାଳକଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଛି। ରାସ୍ତାର ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏପରିକି ସମସ୍ତ ଗାଡ଼ିରେ ହେଲମେଟ୍, କାଗଜପତ୍ର ସହ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ମଦ୍ୟ ପାନ କରି ବାଇକ ଚଳାଉଥିବା ଅଭିଯୋଗରେ କିଆକଟା ଥାନା କାଦପଡ଼ା ଅଞ୍ଚଳର ଶାନ୍ତନୁ ବାଘଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ନମ୍ବର (ଓଆର ୧୫ଏସ ୭୨୦୬)କୁ ଜବତ କରାଯାଇଛି।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି



ଅନୁଗୋଳ, ୧୩।୫ (ସମିସ): ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଦର ମହକୁମା ସର୍କିଟ ହାଉସ୍ ଅଡିଟୋରିୟମଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ସମୁଦାୟ ୩୭ଟି ଅଭିଯୋଗ ମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୬ଟି ଅଭିଯୋଗର ତୁରନ୍ତ ଫଏସଲା କରାଯାଇଥିଲା। ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ମୋଟ ୧୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟାଧିକାରୀ ଡ. ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ବିଡିଓ ଡ. ବିଶ୍ୱ ଭୂଷଣ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାରମିଶ୍ର, ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉପନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସାଧିକାରୀ ଡ. ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# 'ସମାଜ ଗଠନରେ ଭୀମଭୋଇଙ୍କ ଦର୍ଶନ ପ୍ରମୁଖ ସ୍ତମ୍ଭ'

ଅନୁଗୋଳ, ୧୩।୫ (ସମିସ)



ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ, ଅଙ୍ଗାରବନ୍ଧ ଓ ପୂଜ୍ୟପୂଜା ସଂସଦ, ଅନୁଗୋଳର ମିଳିତ ସହଯୋଗରେ ସନ୍ଥକବି ଭୀମଭୋଇଙ୍କ ୧୭୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଗୋଳ ଜିଲ୍ଲା ପାଠାଗାରରେ ପରିଷଦର ସଭାପତି ଗୋପାଳଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଜାତିଆଣ କୁସଂସ୍କାରକୁ ଦୂରକରି ଏକ ସରଳ ଓ ସାବଲୀଳ ସମାଜ

● ରାଜ୍ୟସ୍ତରୀୟ ୧୭୬ତମ ଜୟନ୍ତୀ ସମାରୋହ

ଗଠନ ପାଇଁ ମହିମା ଧର୍ମର ସୃଷ୍ଟି ବୋଲି ପ୍ରକାଶ କରିବା ସହ ଯଥାର୍ଥରେ ଭୀମଭୋଇ ସମସ୍ତ ଜଗତବାସୀଙ୍କୁ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ସେ ସମୟରେ ଏକ ମାଧ୍ୟମ ହୋଇପାରିଥିବା ସେ ପ୍ରକାଶ କରିଥିଲେ। ଭୀମଭୋଇଙ୍କ ଦର୍ଶନ ସମାଜ ଗଠନରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ରହି ଆସିଛି ବୋଲି ବର୍ଣ୍ଣନା କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଭୀମଭୋଇ ଧର୍ମାନ୍ଧରୁ ଦୀବ୍ୟଦୃଷ୍ଟି ମହିମା ଗୋସେଇଁଙ୍କଠାରୁ ଆଶା କରିଥିଲେ ଓ ଲାଭ ମଧ୍ୟ କରିଥିଲେ ବୋଲି ପ୍ରମାଣଭିତ୍ତିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସେ ମହିମା ଗୋସେଇଁଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ମହିମା ଧର୍ମର ସମସ୍ତ ତତ୍ତ୍ୱକୁ ଅତି ସାବଲୀଳ ଭାଷାରେ ବର୍ଣ୍ଣନା କରିଯାଇଛନ୍ତି।

ଉତ୍ସବରେ ଅନ୍ୟତମ ଅତିଥି ଭାବେ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଅକ୍ଷୟ କୁମାର ପଣ୍ଡା, କବି ଜ୍ୟୋତି ନିରଞ୍ଜନ ପତି ଓ କବୟିତ୍ରୀ ଗୀତାରାଣୀ ମହାପାତ୍ର ଯୋଗ ଦେଇଥିଲେ। ପୂଜ୍ୟପୂଜା ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ପ୍ରଥମେ ଅଲେଖ ମହିମା ଧ୍ୱନିରେ ପ୍ରଦୀପ ପ୍ରଜ୍ୱଳନ ସହ ଅତିଥିମାନେ ମଞ୍ଚ ଉଦଘାଟନ କରିଥିଲେ। ଭୀମଭୋଇଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହିତ ଅଙ୍ଗାରବନ୍ଧରୁ ଆସିଥିବା ମହିମା ଦୀକ୍ଷିତମାନେ ଭୀମଭୋଇଙ୍କ ଶୃତିଚିନ୍ତାମଣିରୁ କେଇ ପଦ ଖଞ୍ଜଣୀ ଭଜନ ଗାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ରଞ୍ଜନ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଷଦର ସଂଗଠନ ସମ୍ପାଦକ ବିଜ୍ଞାନୀ ବେହେରା ଅଙ୍ଗାରବନ୍ଧ ଧାମ ସମ୍ପର୍କରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସାହୁ ସଂଗଠନର ବିବରଣୀ ପାଠ କରିବା ସହ ପରିଷଦର ଆଭିମୁଖ୍ୟକୁ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ରାଧାକାନ୍ତ ମହାନ୍ତି, ଶକ୍ତି ପଟ୍ଟନାୟକ, ଧୀରେନ ମିଶ୍ର, ଦ୍ୱାରିକା ପ୍ରସାଦ ନନ୍ଦ, ରଜତ ରଞ୍ଜନ ଦାସ, ରୁଚିର ପାଣିଗ୍ରାହୀ, ବିଶ୍ୱରଞ୍ଜନ ପ୍ରଧାନ, ତପନ ପ୍ରଧାନ, କରୁଣାକର ସାହୁ, ଅକ୍ଷୟ ସାହୁ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଶତାଧିକ ସହରର ବିଭିନ୍ନ ଅନୁଷ୍ଠାନ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ପୂଜ୍ୟପୂଜା ସଂସଦର ସମ୍ପାଦକ ରଞ୍ଜିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'






## ବିଶ୍ୱ ସମ୍ବାଦ କେନ୍ଦ୍ର ଓ ବ୍ରହ୍ମପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ପାଳିତ

**ବ୍ରହ୍ମପୁର,୧୩।୫(ସମିସ):** ସୁସ୍ଥ ଓ ସଶକ୍ତ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଦେବର୍ଷି ନାରଦ ଯେପରି ତିନିପୁରରେ ଖବରର ବାର୍ତ୍ତାବହ ଥିଲେ ଯାହା ସମାଜ ପାଇଁ ଏକ ସକରାତ୍ମକ ପ୍ରଭାବ ଆଣୁଥିଲା ତାହାକୁ ସବୁବେଳେ ଅନୁକରଣ କରାଯିବା ଉଚିତ। ପୌରାଣିକ ଯୁଗରୁ ପ୍ରାକ୍ ସ୍ୱାଧୀନତା କାଳ ପର୍ଯ୍ୟନ୍ତ ଗଣମାଧ୍ୟମ ବିଭିନ୍ନ ରୂପରେ ସମାଜ ପ୍ରତି ନିଜର ଉତ୍ତରଦାୟିତ୍ୱ ନିର୍ବାହ କରି ଆସୁଥିଲା। ବର୍ତ୍ତମାନ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଅଗ୍ରଗତି ସତ୍ତ୍ୱେ ଖବରର ସତ୍ୟତା ଜାଣିବା ଅନେକ ସମୟରେ କଷ୍ଟକର ହୋଇପଡୁଛି। ଯାହା ସମାଜରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏଣୁ ଆଜି ମଧ୍ୟ ସାମ୍ବାଦିକଙ୍କ ଦ୍ୱାରା ସତ୍ୟ, ନିରପେକ୍ଷ ଖବର ପରିବେଷଣ ନାରଦଙ୍କ ଯୁଗ ଭଳି ସମାଜ ଗଠନରେ ଗୁରୁତ୍ୱ ରଖେ। ବିଶ୍ୱ ସମ୍ବାଦ କେନ୍ଦ୍ର ଦ୍ୱାରା ମଙ୍ଗଳବାର ଦେବର୍ଷି ନାରଦ ଜୟନ୍ତୀ ସମାରୋହରେ ଯୋଗ ଦେଇ ଅତିଥିମାନେ ଏହି ମତ ପୋଷଣ କରିଥିଲେ। ଗୋସାଇଁ ନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଏହି ଅବସରରେ 'ଉତ୍କର୍ଷ ଓଡ଼ିଶା ଗଠନରେ ସାମ୍ବାଦିକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଉଭୟ ପୂର୍ବ ଓ ପଶ୍ଚିମ ଉତ୍କଳ ପ୍ରାନ୍ତ ପ୍ରଚାର ପ୍ରମୁଖ (ରାଜ୍ୟ ମିଡିଆ ସେଲ୍ ମୁଖ୍ୟ) ସୃଷ୍ଟିଧର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗୀୟ ମୁଖ୍ୟ ଡଃ ବନ୍ଦିତା ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା କଳିଙ୍ଗ ଟିଭି ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକ, ଓଟିଭି ବ୍ୟୁରୋ ମୁଖ୍ୟ ତଥା ବ୍ରହ୍ମପୁର ପ୍ରେସ୍ କ୍ଲବ୍ ସଭାପତି ଅଶୋକ ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରେସ୍ କ୍ଲବ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବର୍ଷି ନାରଦ ଜୟନ୍ତୀ ସମାରୋହ ସମିତି ସଂଯୋଜକ ପ୍ରହ୍ଲାଦ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିବା ବେଳେ ଆର୍‌ଏସ୍‌ଏସ୍ ସହ-ଜିଲ୍ଲା ପ୍ରଚାର ପ୍ରମୁଖ ମାଧବ ନାୟକ ପରିଚାଳନା କରିଥିଲେ। ସାମ୍ବାଦିକ ସମୀର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସେହିଭଳି ବ୍ରହ୍ମପୁର ପ୍ରେସ୍ କ୍ଲବ ପରିସରରେ କ୍ଲବ ପକ୍ଷରୁ ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବର ସଭାପତି ଅଶୋକ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ପ୍ରହ୍ଲାଦ ସାହୁ, ଯୁଗ୍ମ ସମ୍ପାଦକ ଗୋପାଳ ରେଡ୍ଡୀ ଓ କୋଷାଧ୍ୟକ୍ଷ ଶିବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମାଜର ବିକାଶରେ ସାମ୍ବାଦିକଙ୍କ ଭୂମିକା ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ରହ୍ମପୁରରେ କାର୍ଯ୍ୟରତ ବହୁ ସାମ୍ବାଦିକ ଯୋଗ ଦେଇ ଶିର୍ଷକ ବିଷୟବସ୍ତୁ ଉପରେ ନିଜନିଜ ମତ ରଖିଥିଲେ।

# ଆଇନଜୀବୀ କୃଷ୍ଣପ୍ରସାଦଙ୍କ ପରଲୋକ, କୋର୍ଟକାର୍ଯ୍ୟ ବନ୍ଦ

**ବ୍ରହ୍ମପୁର,୧୩।୫(ସମିସ)**

ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ କୃଷ୍ଣପ୍ରସାଦ ସାହୁଙ୍କର ମଙ୍ଗଳବାର ପରଲୋକ ଘଟିଛି। ସ୍ୱର୍ଗତ ସାହୁ କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଆଜି ତାଙ୍କର ୭୫ବର୍ଷ ବୟସରେ ଦେହାନ୍ତ ହୋଇଛି। ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅସ୍ଥାୟୀ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ମୃତିଚାରଣ ସଭାରେ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଦିନକ ପାଇଁ ସମସ୍ତ କୋର୍ଟ କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପାଣିଗ୍ରାହୀ, ପି. ନରସିଂହ ପାତ୍ର, ନୟନ ଚନ୍ଦ୍ର ମହାପାତ୍ର, ରାମ ପ୍ରସାଦ ପଣ୍ଡା, ଡି. ଶଙ୍କର ଆଚାରୀ ଓ ପ୍ରଦୀପ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ଟି. ଭେଙ୍କେଟ ରାଓ, ଉପସଭାପତି ତ୍ରିମୁଲା ରେଡ୍ଡୀ, ସହସମ୍ପାଦକ ଅସିତ ସାବତଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



## ବାଇକ ଚୋରି ମାମଲାରେ ୩ଗିରଫ

**ବ୍ରହ୍ମପୁର,୧୩।୫(ସମିସ):** ଏକ ବାଇକ ଚୋରି ମାମଲାରେ ସଦର ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଡବଜାର ଅଞ୍ଚଳର ରାଜା ଦାସ(୨୧), ଲକ୍ଷ୍ମଣ ପାତ୍ର(୧୯) ଓ ନରସିଂହ ସାହୁ(୧୯)। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଚୋରି ବାଇକ ଉଦ୍ଧାର କରିଛି। ସୂଚନାପ୍ରକାରେ, କୁକୁଡାଖଣ୍ଡି ମୁଖ୍ୟ ରାସ୍ତାରେ ଥିବା ଏକ ଘରେ ଦୀନେଶ କୁମାର ନାମକ ଜଣେ ଯୁବକ ଭଡାରେ ରହୁଥିଲେ। ଏପ୍ରିଲ ୨୦ତାରିଖ ରାତିରେ ଦୀନେଶ ନିଜ ଘର ସମ୍ମୁଖରେ ବାଇକଟି ପାର୍କିଂ କରିଥିଲେ। ୨୧ତାରିଖ ସକାଳୁ ଦେଖିବା ବେଳେ ବାଇକଟି ସେଠାରୁ ଚୋରି ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ବାଇକଟି ନମିଳିବାରୁ ସେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(୧୯୧/୨୫) ରୁଜୁ ହୋଇଥିଲା। ଘଟଣାର ତଦନ୍ତ ବେଳେ ଉପରୋକ୍ତ ଅଭିଯୁକ୍ତମାନେ ବାଇକ ଚୋରିରେ ସଂପୃକ୍ତ ଥିବା ଜଣାପଡିବା ପରେ ପୁଲିସ ଜଣ ପରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଆକ୍ରମଣ ମାମଲାରେ ଜଣେ ଗିରଫ

**ବ୍ରହ୍ମପୁର,୧୩।୫(ସମିସ):** ଏକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବରବଜାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଉତ୍ତରମୁଖୀ ସାହିର ସିଦ୍ଧାନ୍ତ ପଟ୍ଟନାୟକ(୩୦)। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୯ତାରିଖ ସନ୍ଧ୍ୟାରେ ଦେଶୀବେହେରା ସାହିରେ କୁମ୍ଭାର ସାହିର ଡି. ଜନାର୍ଦ୍ଦନ ରାଓ(୫୪)ଙ୍କ ଉପରେ ଆକ୍ରମଣ ହୋଇଥିଲା। ଜନାର୍ଦ୍ଦନ ନିଜର ବାଇକକୁ ଘୁଞ୍ଚାଇବା ବେଳେ ରାସ୍ତାରେ ଥିବା ଏକ ସାଇକଲରେ ବାଜି ଯାଇଥିଲା। ଯାହାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସାଇକଲ ମାଲିକ ସିଦ୍ଧାନ୍ତ ପଟ୍ଟନାୟକଙ୍କ ସହିତ ବଚସା ପରେ ହଠାତ ଉତ୍ୟକ୍ତ ହୋଇ ଜନାର୍ଦ୍ଦନଙ୍କୁ ସିଦ୍ଧାନ୍ତ ଗାଳିଗୁଲଜ କରିବା ସହ ଏକ ଲୁହାରଡରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଜନାର୍ଦ୍ଦନ ପରେ ଘଟଣାକୁ ନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ସିଦ୍ଧାନ୍ତ ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଦୋକାନୀଙ୍କୁ ଆକ୍ରମଣ କରି ଲୁଟ୍ ମାମଲାରେ ଜଣେ ଗିରଫ

**ବ୍ରହ୍ମପୁର,୧୩।୫(ସମିସ):** ସ୍ଥାନୀୟ ଶାର୍ଗୁଣା ସାହିରେ ଜଣେ ଦୋକାନୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଶାର୍ଗୁଣା ସାହିର ପ୍ରଶାନ୍ତ ପାଢ଼ୀ(୩୦)। ସୂଚନାଯୋଗ୍ୟ ଯେ, ବଡ଼ବଜାର ନାରାୟଣ ନଗର ଦ୍ୱିତୀୟ ଲାଇନ ନିବାସୀ ସୁନିତ କୁମାର ପାଢୀ(୪୫) ଶାର୍ଗୁଣା ସାହିରେ ଦୋକାନ କରିଛନ୍ତି। ଗତ ୮ତାରିଖରେ ସୁନିତ ଦୋକାନ ବନ୍ଦ କରିବା ସମୟରେ ଅଭିଯୁକ୍ତ ପ୍ରଶାନ୍ତ ପାଢ଼ୀ ତାଙ୍କ ଦୋକାନ ନିକଟକୁ ଯାଇ ଗାଳିଗୁଲଜ କରିବା ସହ ମୋ ଶତ୍ରୁମାନଙ୍କୁ ଦୋକାନରେ କାହିଁକି ବସାଉଛୁ ବୋଲି ପଚାରିଥିଲେ। ଏପରିକି ଏକ ଠେଙ୍ଗା ସାହାଯ୍ୟରେ ଦୋକାନୀ ସୁନିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତ ପ୍ରଶାନ୍ତ ପାଢ଼ୀ ଉକ୍ତ ଦୋକାନକୁ ଭଙ୍ଗାରୁଜା କରିବା ସହ ଦୋକାନରେ ଥିବା ନଗଦ ୬ହଜାର ଟଙ୍କା ଲୁଟି ନେଇଥିଲା। ଜୀବନ ରକ୍ଷା ପାଇଁ ସୁନିତ ଚିତ୍କାର କରିବାରୁ ପ୍ରଶାନ୍ତ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲା। ଆହତ ସୁନିତଙ୍କ ଚିତ୍କାର ଶୁଣି ତାଙ୍କ ପୁଅ ଓ ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଘଟଣାକୁ ନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ।

## ଶ୍ରମିକ ସଂଗଠନର ଧର୍ମଘଟ ୨୦ରେ



**ବ୍ରହ୍ମପୁର,୧୩।୫(ସମିସ):** ସ୍ଥାନୀୟ ହିଲପାଟଣା କମ୍ୟୁନିଟି ହଲରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଗଞ୍ଜାମ ଜିଲ୍ଲା ଶାଖାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶ୍ରମିକନେତା ପ୍ରଶାନ୍ତ ପାଟଯୋଶୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ମେ' ୨୦ତାରିଖରେ ଶ୍ରମିକମାନଙ୍କ ବିଭିନ୍ନ ଦାବି ଦେଇ ସଂଗଠନ ପକ୍ଷରୁ ସର୍ବଭାରତୀୟ ସାଧାରଣ ଧର୍ମଘଟ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ଶ୍ରମ କୋଡ ବାତିଲ କରିବା, ଆଇଏଲସି ତୁରନ୍ତ କରିବା, ଓପିଏସ ଲାଗୁ କରିବା, ସ୍କିମ କର୍ମଚାରୀଙ୍କୁ ଶ୍ରମିକ ମାନ୍ୟତା ଦେବା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସର୍ବନିମ୍ନ ମାସିକ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କୁ ଠିକ ସମୟରେ ପରିଚୟ ପତ୍ର ଓ ସହାୟତା ପ୍ରଦାନ କରିବା ଭଳି ୧୭ଦଫା ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ସର୍ବଭାରତୀୟ ଧର୍ମଘଟ ସଫଳ କରିବା ଉଦ୍ଦେଶ୍ୟରେ ସଂଗଠନ ପକ୍ଷରୁ ସହରର ବସଷ୍ଟାଣ୍ଡ, ରେଳ ଷ୍ଟେସନ ଓ ବଡବଜାର ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ପଥପ୍ରାନ୍ତ ସଭା ସହ ମୋଟର ସାଇକେଲ ଶୋଭାଯାତ୍ରା ଜରିଆରେ ଧର୍ମଘଟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ବୈଠକରେ ସିଆଇଟିୟୁ ନେତା ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଏଚଏମଏସ ନେତା ରାଜେନ୍ଦ୍ର ଦାସ, ସତ୍ୟ ତ୍ରିପାଠୀ, ଏଆଇଟିୟୁସି ନେତା ପ୍ରଦୀପ ସେଠୀ, ପ୍ରଫୁଲ୍ଲ ଜେନା, ରଇତ ବିଶୋଇ, ଅଳକା ମିଶ୍ର, ଆଇଏନଟିୟୁସି ନେତା ଭୋକାଲୀ ସେଠୀ, ରଞ୍ଜନ ତରାଇ, ଏଆଇୟୁଟିୟୁସି ନେତା ସୋମନାଥ ବେହେରା, ପପୁନ ସାହୁ, 'ଓସ୍ତ୍ରୁ' ନେତା ଅଭିୟାସ ପାତ୍ର, ବ୍ୟାଙ୍କ ଫେଡେରେସନ ନେତା ସନ୍ତୋଷ ରଥଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କେନ୍ଦ୍ରୀୟ ଶ୍ରମିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ




**ବ୍ରହ୍ମପୁର,୧୩।୫(ସମିସ)**

ଗୋଲନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ମଙ୍ଗଳବାର ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନାମଧନ୍ୟ ଓଡିଶୀ ଡ୍ୟାନ୍ସର ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡ଼. ଅରୁଣା ମହାନ୍ତି ଯୋଗ ଦେଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ. ସୁକାନ୍ତ କେ. ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ସେମାନଙ୍କର ସଫଳତା ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହା ସହ ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସେଣ୍ଟର ଅଫ ଏକ୍ସଲେନ୍ସ ପ୍ରତିଷ୍ଠା କରିବାକୁ "ସେଲୋନା' ସହିତ ସ୍ୱାକ୍ଷର କରାଯାଇଛି ବୋଲି ଏଠାରେ କୁହାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ୧୦ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୧୯ଜଣଙ୍କୁ ରୌପ୍ୟ ପଦକ ସହିତ ସମୁଦାୟ ୧୮୭ଜଣଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ ମହାକାଶ ବିଜ୍ଞାନୀ ତଥା ପଦ୍ମଶ୍ରୀ ଡ. କୋଟା ହରିନାରାୟଣ ବିଜ୍ଞାନରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ବେଳେ ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ସାହିତ୍ୟରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗବେରନିଙ୍ଗ ମେମ୍ବର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଡ଼. ପ୍ରତୋଷ ବଂଶଲ, ଡ଼. ଅନୁରାଗ ଅଗ୍ରୱାଲ, ବିମଳ ମିଶ୍ର, ରଞ୍ଜନ ଜେନା ଯୋଗ ଦେଇଥିଲେ। ଶେଷରେ ରେଜିଷ୍ଟ୍ରାର ଡ. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମାନସ ରଞ୍ଜନ ପାତ୍ର, ପ୍ରଫେସର ସ୍ୱାଧୀନ ମିଶ୍ର, ଡ଼. ପ୍ରୀତି ରଞ୍ଜନ ସାହୁ, ଡ. ସସ୍ମିତା ପାଢ଼ୀ, ଡ. ରତିକାନ୍ତ ନାୟକ, ଡ଼. ମାନବେନ୍ଦ୍ର ପାତ୍ର, ଡ଼. ଲକ୍ଷ୍ମୀ କାନ୍ତ ରାଜୁ, ସରୋଜ ପାଢ଼ୀ, ଡ଼. ଭବାନୀ ଶଙ୍କର ଗୌଡ଼, ପ୍ରଭୁଦତ୍ତ ମିଶ୍ର, ପ୍ରଫେସର ସରୋଜ ପାଢ଼ୀ, ପ୍ରଫେସର ପୂର୍ଣ୍ଣେନ୍ଦୁ ମିଶ୍ର, ସନ୍ତୋଷ କୁମାର ନାୟକ, ବାସୁଦେବ ପାଢ଼ୀ, ଗୋପବନ୍ଧୁ ଉତ୍ତରକବାଟ, ସୁନୀଲ ରାୟ ଓ ପିତାମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ପ୍ରବାହ ସହ ବଢୁଛି ତରଭୁଜ ଚାହିଦା

**ବ୍ରହ୍ମପୁର,୧୩।୫(ସମିସ):** ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପ। ଭୀଷଣ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ। ଗରମରୁ ତ୍ରାହି ପାଇବା ପାଇଁ ସମସ୍ତେ ଖୋଜିଥାନ୍ତି ଥଣ୍ଡା ପାନୀୟ। ଏଭଳି ସମୟରେ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି ତରଭୁଜ। କିଏ ତରଭୁଜ ଖଣ୍ଡେ ଖାଇ ତୃଷ୍ଣା ମେଣ୍ଟାଉଛି ତ କିଏ ପୁଣି ତରଭୁଜ କିଣି ଘରକୁ ନେଇଯାଉଥିବା ଦେଖିବାକୁ ମିଳିଛି। ସହରରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବା ବେଳେ ରୋଡ଼ କଡ଼ରେ ଥିବା ତରଭୁଜ ବ୍ୟବସାୟୀଙ୍କ ବ୍ୟବସାୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସହରର ସାନ ବଜାର, ବଡ଼ ବଜାର, ନୂଆ ଆମ୍ବ ବଜାର, ଗିରି ମାର୍କେଟ, ଇଞ୍ଜିନିୟରିଂ ସ୍କୁଲ ଛକ ଓ କମାପଲ୍ଲୀ ଭଳି ପ୍ରାୟ ସବୁସ୍ଥାନରେ ତରଭୁଜ ବିକ୍ରି ହେଉଛି। ବଜାରରେ ମିଳୁଥିବା କେମିକାଲ ଯୁକ୍ତ କୋଲଡ୍ରିଙ୍ଗସ ଆଇସକ୍ରିମ ବଦଳରେ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି ତରଭୁଜ। ଚଳିତ ବର୍ଷ ଖରାର ପ୍ରକୋପ ଅଧିକ ଥିବାରୁ ତରଭୁଜର ଭଲ ବ୍ୟବସାୟ ମଧ୍ୟ ବୃଦ୍ଧି ହେଉଛି। ଏପ୍ରିଲରୁ ଜୁନ ମାସ ଶେଷ ପର୍ଯ୍ୟନ୍ତ ବିକ୍ରି ହୁଏ। ସହରରକୁ ବାଙ୍ଗାଲୋର, ରାୟପୁର ଓ ଆନ୍ଧ୍ରାରୁ ତରଭୁଜ ଆସୁଥିବା ବ୍ୟବସାୟୀ ପିଣ୍ଟୁ ସାହୁ କହିଛନ୍ତି। ସହରକୁ ଧଳା ଓ କଳା ତରଭୁଜ ଆସୁଛି। ଧଳା ତରଭୁଜ



କିଲୋ ପିଛା ଦର ୩୦ଟଙ୍କା ରହିଥିବା ବେଳେ କଳା ତରଭୁଜ ୨୫ଟଙ୍କା କିଲୋରେ ବିକ୍ରି ହେଉଛି। ଅନ୍ୟପରେ ସହରର ପ୍ରାୟ ୫ରୁ ୭ଜଣ ହୋଲସେଲ ବ୍ୟବସାୟୀ ରହିଛି। ଦିନକୁ ୨୦ଟନ ତରଭୁଜ ଆସୁଛି। ସହରରେ ଦିନକୁ ୫୦ହଜାର ଟଙ୍କାର ବିକ୍ରି ହେଉଛି। ଏପ୍ରିଲ ୧୫ତାରିଖରୁ ମେ' ଶେଷ ପର୍ଯ୍ୟନ୍ତ ବିକ୍ରି ଅଧିକ ରୁହେ ବୋଲି ବ୍ୟବସାୟୀମାନେ କହିଛନ୍ତି। ଚଳିତବର୍ଷ ତରଭୁଜର ଦର ଗ୍ରାହକଙ୍କୁ ସୁହାଇଲା ପରି ରହିଛି। ତେଣୁ ଏହି ଗ୍ରୀଷ୍ମରେ ଭଲ ବ୍ୟବସାୟ ହେବାନେଇ ତରଭୁଜ ବ୍ୟବସାୟୀ ଆଶା ରଖିଛନ୍ତି।

# ଭାରତ-ତ୍ରିନିଦାଦ ଓ ଟବାଗୋ ସିରିଜ୍ ପାଇଁ ଶିବୁନଙ୍କ ୱେଷ୍ଟଇଣ୍ଡିଜ୍ ଗସ୍ତ

- ଭାରତୀୟ ମୁକ ଓ ବଧିର କ୍ରିକେଟ୍ ଦଳରେ ଓଡ଼ିଶାର ଦୁଇ ଖେଳାଳି
- ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ 'ଶିବୁନ'

**ବ୍ରହ୍ମପୁର,୧୩।୫(ସମିସ):** ଭାରତ ବନାମ ତ୍ରିନିଦାଦ ଓ ଟବାଗୋ ମଧ୍ୟରେ ହେବାକୁ ଥିବା କ୍ରିକେଟ ସିରିଜ୍ ପାଇଁ ଅଧିନାୟକ ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତୀୟ ମୁକ ଓ ବଧିର କ୍ରିକେଟ୍ ଦଳ ୱିଷ୍ଟଇଣ୍ଡିଜ୍ ଗସ୍ତରେ ଯିବ। ଏହି ସିରିଜ୍ ପାଇଁ ୧୪ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାରୁ ଦୁଇଜଣ ଖେଳାଳି ସାମିଲ୍ ହୋଇଛନ୍ତି। ସେଥିମଧ୍ୟରୁ ବ୍ରହ୍ମପୁରର ଅଲରାଉଣ୍ଡର ଶିବୁନ ନନ୍ଦ ଅନ୍ୟତମ। ଆସନ୍ତା ୨୩ତାରିଖରୁ ତ୍ରିନିଦାଦ ଓ ଟବାଗୋ ବନାମ ଭାରତ ମଧ୍ୟରେ ହେବାକୁ ଥିବା ସିରିଜ୍‌ରେ ୩ଟି ଦିନିକିଆ ଓ ୩ଟି 'ଟି-୨୦' ମ୍ୟାଚ ରହିଛି। ଏହି ସିରିଜ୍ ୨୩ତାରିଖ ଠାରୁ ଆରମ୍ଭ ହୋଇ ୨୯ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି। ଶିବୁନ ନନ୍ଦ ବ୍ରହ୍ମପୁର ସ୍ପୋର୍ଟିଂ କ୍ରିକେଟ୍ କ୍ଲବ୍‌ର ସଦସ୍ୟ ଭାବେ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ନିୟମିତ ଅଭ୍ୟାସ କରନ୍ତି। ମଙ୍ଗଳବାର ଶିବୁନ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିବାବେଳେ ସେଠାରେ ଆସନ୍ତା ୧୪ରୁ ୧୯ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଭାରତୀୟ ଦଳର କ୍ୟାମ୍ପରେ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୂର୍ବରୁ ଗତ ଫେବୃଆରୀ ମାସରେ ଦିଲ୍ଲୀଠାରେ ଅଷ୍ଟ୍ରେଲିଆ ବନାମ ଭାରତ ମଧ୍ୟରେ ଅନୁଷ୍ଠିତ କ୍ରିକେଟ୍ ସିରିଜରେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରି ଭଲ ଖେଳ ପ୍ରଦର୍ଶନ କରିଥିଲେ। ଉକ୍ତ ସିରିଜ୍‌କୁ ଭାରତ (୩-୦)ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଶିବୁନ ନନ୍ଦ ମୁକ ଓ ବଧିର ହୋଇଥିଲେ ହେଁ ୧୯ବର୍ଷରୁ କମ୍ ଓଡ଼ିଶା ଦଳରେ ୨ଥର ସ୍ଥାନ ପାଇସାରିଛନ୍ତି। ଦ୍ୱିତୀୟ ଥର ପାଇଁ ଭାରତୀୟ ମୁକ ଓ ବଧିର ସିନିଅର ଦଳରେ ଶିବୁନ ନନ୍ଦ ସ୍ଥାନ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶିବୁନଙ୍କ ନିଜ କ୍ଲବ୍ ବ୍ରହ୍ମପୁର ସ୍ପୋର୍ଟିଂ କ୍ରିକେଟ୍ କ୍ଲବ୍‌ର ସମ୍ପାଦକ ସଞ୍ଜୟ ବିଶୋୟୀ ଓ କୋଚ ଅମିତ କୁମାର ଦାଶ ଶିବୁନଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଭଲ ଖେଳ ପ୍ରଦର୍ଶନ ପାଇଁ ଆଶା ରଖିଛନ୍ତି।



# ଆୟୁଷ୍ମାନ କାର୍ଡ ବାଣ୍ଟିଲେ ବିଧାୟକ ଓ ମେୟର

**ବ୍ରହ୍ମପୁର,୧୩।୫(ସମିସ)**

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ହିତାଧିକାରୀଙ୍କୁ ନୂତନ ସ୍ମାର୍ଟକାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ସମ୍ମାନିତ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଯୋଜନାରେ ପୁରୁଷଙ୍କ ପାଇଁ ୫ଲକ୍ଷ ଓ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଥିବା ଅତିଥିମାନେ କହିଥିଲେ।

ବ୍ରହ୍ମପୁର ମହାନଗର ନିଗମରେ ବର୍ତ୍ତମାନ ସୁଦ୍ଧା ମୋଟ ୧ଲକ୍ଷ ୫୨ହଜାର ୨୨ଜଣ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ବିଏମ୍‌ସିକୁ ୮୬ହଜାର ସ୍ମାର୍ଟକାର୍ଡ ଆସିଥିବା ଜଣାପଡ଼ିଛି। ସହରରେ ମଙ୍ଗଳବାର ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବୁଧବାର ମଧ୍ୟ ଅନ୍ୟାନ୍ୟ ଅଞ୍ଚଳରେ ଏହି କାର୍ଡ ବଣ୍ଟନ କରାଯିବ। ପ୍ରଥମ ଦିନରେ ଆଗା ସାହି ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ




୧୩ହଜାର ୪୦୨ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିବା ବେଳେ ଆସ୍କାରୋଡ୍ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ହଜାର ୨୫୯, ଉତ୍ତରାମୁଖୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ହଜାର ୨୮୮, ରେଡକ୍ରସ ହସ୍ପିଟାଲରେ ୯ହଜାର ୧୧୪, ବୈକୁଣ୍ଠନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ହଜାର ୫୩୭, ଗୁଡ଼ସସେଡ ରୋଡରେ ୧୧ହଜାର ୨୮୮, ଖୋଡାସିଙ୍ଗିରେ ୫ହଜାର ୮୧୯, ଆମ୍ବପୁଆରେ ୧୩ହଜାର ୦୭୮ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ବିଭାଗୀୟ ଅଧିକାରୀ ଲମ୍ବୋଦର ଦିଗାଲଙ୍କ ସମେତ ବିଏମସିର ବିଭିନ୍ନ ୱାର୍ଡର କର୍ପୋରେଟର ମାନେ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୩/୫/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୭୮,୮୬୦/- ସୁନା: ୦୦.୭୫୦ ଗ୍ରାମ୍ ରୁପା: ୧୬.୭୦୦ ଗ୍ରାମ୍





ରଥଖଳାରୁ...

## ସରିଲା ପଇ ବିନ୍ଧ ଅନୁକୂଳ



ପୁରୀ,୧୩।୫(ସମିସ): ରଥଖଳାରେ ତିଆରି ଚାଲିଛି ତିନିରଥ। ବର୍ତ୍ତମାନ ପ୍ରମୁଖ କାମ ମଧ୍ୟରେ ତୁମ୍ବରେ ଅର ପିନ୍ଧା ଯାଉଛି। ମଙ୍ଗଳବାର ତିନିରଥର ପଇ ବିନ୍ଧ ଅନୁକୂଳ ହୋଇଥିଲା। ଏହାପରେ ପଇ ବିନ୍ଧ କାମ ଚାଲିଛି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ମୋଟ୍ ୧୨ଟି ତୁମ୍ବରେ ଅର ପିନ୍ଧା ଯାଇଛି। ଆସନ୍ତା ୧୯ ତାରିଖ ଭଉଁରୀରେ ଚକଡେରା ନୀତି ଥିବାରୁ ପ୍ରଥମେ ୬ଟି ଚକ କାମ ସମ୍ପୂର୍ଣ୍ଣ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି। ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୧ଟି ଲେଖାଏଁ ଗୁଜରେ ଖୋଦେଇ ଚାଲିଛି। ତିନିରଥ ମହାରଣା ସେବକମାନେ ଗୁଜ, ଜଳଯନ୍ତ୍ର, ତିଖ ଗୁଜ ଚଉପଟ କରିଛନ୍ତି। ସେହିପରି ପଇ ବିନ୍ଧ କରାଯାଉଥିବା ବେଳେ ଅରମୁଣ୍ଡି ହଣାଯାଉଛି। ଭୋଇ ସେବକମାନେ ଯନ୍ତା ଗାଡ଼ରେ ସିଙ୍ଗଡ଼ା ବାଡ଼ିଆ ଅର୍ଥାତ୍ ତୁମ୍ବରେ ଅର ପିନ୍ଧାଇବା କାମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଚକଡେରା ନୀତି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ପ୍ରତ୍ୟେକ ରଥର ୨ଟି ଲେଖାଏଁ ମୋଟ ୬ଟି ଚକ ପାଇଁ ପନ୍ଦାରି ବଳା ନିର୍ମାଣ ସାରିଛନ୍ତି। ଏଥିସହ ୩ ରଥର ୮ଟି ଲେଖାଏଁ ମୋଟ ୨୪ଟି ପନ୍ଦାରି ଚାବି ଶେଷ ହୋଇଛି। ସେହିପରି ୯ଟି ଚକ ପାଇଁ ଆବଶ୍ୟକ ଅରକଣ୍ଟା ତିଆରି ସାରିବା ପରେ ବାକି ଚକଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରାରେ ମହାପ୍ରଭୁଙ୍କ ସେବା ପୂଜା ପାଇଁ ଆବଶ୍ୟକ କାଠ ନିର୍ମିତ ସରଞ୍ଜାମ, ଶ୍ରୀମନ୍ଦିର ବଢ଼େଇ କର୍ମଚାରୀ ବସନ୍ତ ମହାରଣାଙ୍କ ସହଯୋଗରେ ପହି ମହାରଣା ନିର୍ମାଣ କରୁଛନ୍ତି। ଆଜିସୁଦ୍ଧା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ ନଳ, ବାଉଁଶ କାଠି, ପୂଜାପଣ୍ଡା ସେବକଙ୍କ ପାଇଁ କୁରୁମ୍ ପିଢ଼ା, ରନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା କାଠି ନିର୍ମାଣ ଶେଷ କରିଛନ୍ତି।

ମାତିଛନ୍ତି ବାଲି ମାଫିଆ

# ଆଉ ଦେଖିବାକୁ ମିଳୁନି ବାଲିବନ୍ତ

ପୁରୀ,୧୩।୫(ସମିସ): ପୁରୀ ଜିଲ୍ଲାରେ ମାତିଛନ୍ତି ବାଲି ମାଫିଆ। ଖୁଲମ୍‌ଖୁଲା ଲୁଟ୍ ହେଉଛି ବାଲି ଆଉ ମାଟି। କେଉଁଠି ନଦୀପଠା ତ ଅନ୍ୟ କେଉଁଠି ଅନାବାଦି ଗୋଚର ଜମି। ପଡ଼ିଆକୁ ମଧ୍ୟ ଛାଡୁନାହାନ୍ତି। ବେଧଡ଼କ ଭାବେ ହାଇୱା, ଟ୍ରାକ୍ଟର ଲଗାଇ ଅବାଧରେ ଲୁଟ୍ ହେଉଛି ବାଲି। ପୂର୍ବରୁ ଉପକୂଳ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲିବନ୍ତ ଦେଖିବାକୁ ମିଳୁଥିଲା। ହେଲେ ୧୦/୧୨ ବର୍ଷ ହେବ ଉପକୂଳର ସୁରକ୍ଷାକବଚ କୁହାଯାଉଥିବା ବାଲିବନ୍ତ ଆଉ ଦେଖିବାକୁ ମିଳୁନାହିଁ। ଏକପ୍ରକାର ନିଶ୍ଚିହ୍ନ ହୋଇଗଲାଣି ବାଲିବନ୍ତ। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଅଧିକ କ୍ଷୟକ୍ଷତି ହେଉଛି। ଏହା ଜାଣି ବି କେହି ସଚେତନ ହେଉନାହାନ୍ତି। ଫଳରେ ଏବେ ବାଲି ଲୁଟ୍ କରି ବଡ଼ ବଡ଼ ଗାତ ସୃଷ୍ଟି କରୁଛନ୍ତି।

ପୁରୀ ଜିଲ୍ଲାରେ କେବଳ ମାଟି କି ବାଲି ନୁହେଁ, ମୋରମ୍ ଏବଂ ପଥର ମାହାଲକୁ ବି ଛାଡୁନାହାନ୍ତି ମାଫିଆ। ଏହାଦ୍ୱାରା ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ଅନ୍ୟପକ୍ଷରେ ସରକାରୀ ଖଣିଜ ଚୋରି କରି ମାଲାମାଲ୍ ହେଉଛନ୍ତି ମାଫିଆ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଲି ଲୁଟ୍ ଯୋଗୁଁ ନଦୀବନ୍ଧଗୁଡ଼ିକ ଦୁର୍ବଳ ହେଉଛି। ଫଳରେ ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି। ଏହି ବାଲି ମାଫିଆଙ୍କ ଯୋଗୁଁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ମାଫିଆଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି।



ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ସରକାରୀ ଜମିକୁ ବି ବାଦ୍ ଦେଉନାହାନ୍ତି ମାଫିଆ। ଦିନକୁ ଦିନ ଜିଲ୍ଲାରେ ବାଲି ଚୋରାଚାଲାଣ ବଢ଼ିଥିଲେ ହେଁ ଶୁଣିବାକୁ କେହି ନାହିଁ। ବରଂ ମାଫିଆମାନଙ୍କୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ପୁଲିସ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ ସ୍ପଷ୍ଟ ଦିବାଲୋକରେ ବେଧଡ଼କ ଚୋରି ହେଉଛି ବାଲି।

ଜିଲ୍ଲାର ସବୁ ଅଞ୍ଚଳରେ ବାଲି, ମାଟି ଲୁଟ୍ ହେଉଥିବାବେଳେ କଣାସ ଓ ଡେଲାଙ୍ଗ ବ୍ଲକ୍‌ରେ ପଥର ଏବଂ ମୋରମ୍ ଖଣି ଉପରେ ମାଫିଆଙ୍କ ଦବ୍‌ଦବା ରହିଛି। ସ୍ଥାନୀୟ କେତେକ ରାଜସ୍ୱ ଅଧିକାରୀଙ୍କୁ ସନ୍ତୁଷ୍ଟ କରି ଏହି ଚୋରା କାରବାର ଦୀର୍ଘ ବର୍ଷ ହେବ କରିଆସୁଛନ୍ତି। ଜିଲ୍ଲାର ପ୍ରତ୍ୟେକ ତହସିଲ୍ ଅଞ୍ଚଳରେ ବାଲି ଲୁଟ୍ ଏବେ ବଢ଼ିଯାଇଛି। ପୁରୀ ତହସିଲ୍ ଅଧୀନରେ ଥିବା ବଳିଆପଣ୍ଡା, ନୂଆନଈ ଓ ଚନ୍ଦନପୁର ଅଞ୍ଚଳରୁ ବାଲି ଚୋରି ହେଉଛି। ବାଲିପଡ଼ା ନିକଟ ଭାର୍ଗବୀ ଓ ନୂଆନଦୀ ପଠାରୁ ବର୍ଷ ବର୍ଷ ଧରି ବାଲି, ମାଟି ଚୋରାଚାଲାଣ ଚାଲିଛି। ଗୋପ ବ୍ଲକ୍ ଅନ୍ତର୍ଗତ କୁଶଭଦ୍ରା ନଦୀପଠା ସମେତ ବିଭିନ୍ନ ଅଞ୍ଚଳରୁ ବାଲି ଲୁଟ୍ ହେଉଛି। ବିଶେଷକରି କୁଶଭଦ୍ରା ନଦୀପଠା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ରାତିଦିନ ଏଠାରୁ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ କରାଯାଉଛି। କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ସହ ହାତ ମିଳାଇ ମାଫିଆ ଲୁଟ୍ କରୁଥିବାବେଳେ ସରକାର ରାଜସ୍ୱ ହରାଉଛନ୍ତି। ସେହିପରି ସତ୍ୟବାଦୀ ତହସିଲ୍ ଅଧୀନ ବିଭିନ୍ନ ବାଲିଘାଟ ଏବଂ ନଦୀପଠାରୁ ବେଆଇନ ଭାବେ ବାଲିଚାଲାଣ କରାଯାଉଛି। କେତେକ ସ୍ଥାନରୁ ବାଲି ଉତ୍ତୋଳନ ଏବଂ ପରିବହନ ପାଇଁ ଅନୁମତି ଦିଆଯାଇଥିଲେ ହେଁ ନିର୍ଦ୍ଧାରିତ ପରିମାଣଠାରୁ ଯଥେଷ୍ଟ ଅଧିକ ବାଲି ଉତ୍ତୋଳନ କରାଯାଉଛି। ବାଲି ମାଫିଆଙ୍କ ଏହି ବେଆଇନ କାରବାର ଯୋଗୁଁ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ଭର୍ଗବୀ, କୁଶଭଦ୍ରା, ଦୟା, ନୂଆନଈ, ପ୍ରାଚୀ ଆଦି ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ବ୍ରହ୍ମଗିରି ବ୍ଲକ୍‌ର ଷଣ୍ଢପୁର, ଗୋପୀନାଥପୁର ଓ ସିପସରୁବାଲି ଅଞ୍ଚଳରୁ ବେଧଡ଼କ ବାଲି ଲୁଟୁଛନ୍ତି ମାଫିଆ। ବିଶେଷକରି ସିପସରୁବାଲି ଅଞ୍ଚଳରୁ ଅଧିକ ମାତ୍ରାରେ ବାଲି ଲୁଟ୍ ହେଉଛି। ସମୁଦ୍ରକୁ ଲାଗି ରହିଥିବା ଏହି ଅଞ୍ଚଳରେ ପୂର୍ବରୁ ଶହ ଶହ ସଂଖ୍ୟାରେ ବାଲିବନ୍ତ ଥିଲା, ଯାହାକି ପ୍ରାକୃତିକ ସୁରକ୍ଷା କବଚ ଭାବେ ଠିଆ ହୋଇ ରହିଥିଲା। ହେଲେ ମାଫିଆମାନେ ଶହ ଶହ ବାଲିବନ୍ତକୁ ଭାଙ୍ଗି ଲୁଟି ନେଇଛନ୍ତି। ଏବେ ଆଉ ବାଲିବନ୍ତ ଦେଖିବାକୁ ମିଳୁନାହିଁ। ପୂର୍ବରୁ ଝଡ଼ ବତାସ ହେଉ କି ସମୁଦ୍ର ଜୁଆର ମାଡ଼ି ଆସିଲେ ଏହି ବାଲିବନ୍ତ ହିଁ ଜନବସତିକୁ ସୁରକ୍ଷା ଦେଉଥିଲା। ଝଡ଼ ପବନକୁ ଅଟକାଉଥିଲା। ମାତ୍ର ଏବେ ବାଲିବନ୍ତ ଆଉ ନାହିଁ। ଫଳରେ ଏହାର ପ୍ରଭାବ ପଡୁଛି ଜନବସତି ଉପରେ। ଏ ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଛି। ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଏହି ବେଆଇନ କାମ ଦିନକୁ ଦିନ ବଢ଼ିବାରେ ଲାଗିଛି।

## ସଦ୍‌ଗୁରୁ ରବିଶଙ୍କରଙ୍କ ଜୟନ୍ତୀ ପାଳିତ

ପୁରୀ,୧୩।୫(ସମିସ): ପରମ ପୂଜ୍ୟ ସଦ୍‌ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୬୯ତମ ଜୟନ୍ତୀ ପୁରୀ ଆର୍ଟ ଅଫ୍ ଲିଭିଙ୍ଗ୍ ପକ୍ଷରୁ ପୌର ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରେ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଦହି ସର୍ବତ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ମହା ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉମେଶ



ଗୁରୁଜୀ ଶ୍ରୀ ଶ୍ରୀ ରବିଶଙ୍କର ଦ୍ୱାରା ପ୍ରଦତ୍ତ ସୁଦର୍ଶନ କ୍ରିୟା ପୁରୀ ସମେତ ବିଶ୍ୱର ୧୮୦ ଦେଶରେ ଏକ ସମୟରେ ଅନୁଷ୍ଠିତ ହୋଇଥିଲା। ପୁରୀରେ ପ୍ରଶିକ୍ଷକ ପ୍ରଦୀପ ସାହୁ, ଅଶୋକ ମିଶ୍ର, ଗୀତା ଜେମାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଭାଷ ଦାଶଙ୍କ ଦ୍ୱାରା ଗୁରୁ ପୂଜା କରାଯାଇଥିଲା। ଏହା ପରେ କଚେରୀ ଛକରେ ଅଶୋକ ଚୌଧୁରୀ ଓ ଦାଶ, ଜଗନ୍ନାଥ ସାହୁ ଓ ଅଭୟ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ବ୍ରଜ କିଶୋର ସାହୁଙ୍କ ସହିତ ଅରୁଣ ମହାନ୍ତି, ପ୍ରବୀର ମହାନ୍ତି, ଶ୍ରୀନିବାସ ପାତ୍ର, ନକୁଳ ସାହୁ, ସଞ୍ଜୀବ ସିହ୍ନା, ପ୍ରଦୀପ ଚାଟାର୍ଜୀ, ସମରେନ୍ଦ୍ର ନାୟକ, ଦେବରାଜ ଦାସ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପୁରୁଷୋତ୍ତମ ନନ୍ଦ।

## ଅନ୍ନପୂର୍ଣ୍ଣାରେ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା



ପୁରୀ,୧୩।୫(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପୁରୀ ଡ୍ୟାନ୍ସ ଏକାଡେମୀର ରୌପ୍ୟ ଜୟନ୍ତୀ ଅବସରରେ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଏବଂ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଅସ୍ମିତା ସମ୍ବନ୍ଧିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୁଇଟି ଅଧିବେଶନରେ କରାଯାଇଥିଲା। ପ୍ରଥମ ଅଧିବେଶନ ସାହିତ୍ୟ ଆଲୋଚନାଚକ୍ରରେ ବରିଷ୍ଠ ସଙ୍ଗୀତ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ବିଶିଷ୍ଟ ସାହିତ୍ୟିକ ନାରାୟଣ ନନ୍ଦ, ଶିବ ସୁନ୍ଦର ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ "ଓଡ଼ିଆ ସଙ୍ଗୀତ ନୃତ୍ୟରେ ସାହିତ୍ୟର ଆବେଗ' ବିଷୟରେ ଆଲୋଚନା କରିଥିଲେ। ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ମଙ୍ଗଳା ଚରଣ ବିଷ୍ଣୁ ବନ୍ଦନା, ରାଧାରାଣୀ ସଙ୍ଗେ ନାଚନ୍ତି ମୁରଲୀ ପାଣି, ଦୀପମ ଜ୍ୟୋତି ଆଦି ନୃତ୍ୟ ପରିବେଷଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସେବାୟତ ସୋମନାଥ ଖୁଣ୍ଟିଆ ଏବଂ ପୁରୀ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି କଳାକାର ରୂପେ ନବପ୍ରତିଭା, କଳା ଶ୍ରୀନିକେତନ, ରୂପା ଆଣ୍ଡ ଟ୍ରୁପ୍ ଓ କୁମାରୀ ଜ୍ୟୋତିଶ୍ରୀ ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଡ୍ୟାନ୍ସ ଏକାଡେମୀର ଛାତ୍ରଛାତ୍ରୀମାନେ ଧାୟତ ସୁବର୍ଣ୍ଣା ବର୍ଣ୍ଣା, ସାବେରୀ ପଲ୍ଲବୀ, ଶିବ ତାଣ୍ଡବ, ପାରମ୍ପରିକ ଚନ୍ଦନ ଯାତ୍ରା ସଙ୍ଗୀତ, ଗୀତଗୋବିନ୍ଦ ଆଦି ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଓ ରୋଜାଲିନ୍ ମହାନ୍ତି ସଭା ପରିଚାଳନା କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆରପାରିରେ ସାହିତ୍ୟିକ ଡ. ବଳରାମ ଦାସ

ପୁରୀ,୧୩।୫(ସମିସ): ଓଡ଼ିଶାର ବିଶିଷ୍ଟ କବି, ଗୀତିକାର, ଗାଳ୍ପିକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ବଳରାମ ଦାସଙ୍କର ପରଲୋକ ଘଟିଛି। ଚାନ୍ଦବାଲି ଗୋପାଳପୁରରେ ଜନ୍ମଗ୍ରହଣ କରିଥିବା ଡ. ଦାସ ପୁରୀ କଲେଜ ସମେତ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ୩୫ବର୍ଷ ଅଧ୍ୟାପନା କରିବା ପରେ ମଙ୍ଗଳବାର ପବିତ୍ର ବୁଦ୍ଧ ପୂର୍ଣ୍ଣିମା ରାତି ୧୧ଟା ୫୦ରେ ସର୍ବୋଦୟ ନଗରସ୍ଥିତ ତାଙ୍କ 'ଶଙ୍ଖନାଭି' ବାସଭବନଠାରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗଦ୍ୱାରଠାରେ ଅଭିନନ୍ଦନିକା, ଓଡ଼ିଶା ଯୁବ ଚେତନା ସଂଗଠନ, ସର୍ବୋଦୟ ସାହିତ୍ୟ ପରିଷଦ, ପ୍ରିୟପତ୍ର, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ମାଲ୍ୟାର୍ପଣ ପରେ ମୁଖାଗ୍ନି ଦେଇଥିଲେ ପୁତ୍ର ତନ୍ମୟ ଦାସ। ପତ୍ନୀ ମାୟା ଦାସ, ବୋହୂ ପୂର୍ଣ୍ଣିମା ଦାସ, ଝିଅ ସରିତା ଦାସ, ଜ୍ୱାଇଁ ହୃଷୀକେଶ ତ୍ରିପାଠୀ ଓ ଆତ୍ମୀୟ ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାର ନେଇଥିଲେ ଗୀତିକାର ବଦ୍ରି ମିଶ୍ର, କବି ଶ୍ୟାମପ୍ରକାଶ ସେନାପତି, ଇଂ. ମୀନକେତନ ମିଶ୍ର, ଶିକ୍ଷାବିତ୍ ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଶିଶୁ କବି ସତ୍ୟନାରାୟଣ ମିଶ୍ର, ଚିନ୍ମୟ ବିବେକ, ମାନସ ରଞ୍ଜନ ମହାପାତ୍ର, କାମଦେବ ମହାରଣା, ଆଲୋକ କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦେବୀପ୍ରସନ୍ନ ନନ୍ଦ, ବିଜୟ କୁମାର ପଣ୍ଡା, କ୍ରିଷ୍ଣା ମହାପାତ୍ର, ଶିବ ସୁନ୍ଦର ମିଶ୍ର, ଅନାମ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ଦୁର୍ଗାମାଧବ ନନ୍ଦ, କବି ଉମାକାନ୍ତ ମହାପାତ୍ର, ରବିନାରାୟଣ ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ଦାସ, କମଳାକାନ୍ତ ଦାଶ, ଶିକ୍ଷାବିତ୍ କାର୍ତ୍ତିକ କୁମାର ଦାସ ପ୍ରମୁଖ।

ସ୍ୱର୍ଗତ ଦାସଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ ଭଞ୍ଜ ସାହିତ୍ୟ ଏବଂ ଓଡ଼ିଶାର ସଂସ୍କୃତି, ଓଡ଼ିଆ ଗୀତି କବିତାର ରୂପ ଓ ରୂପାନ୍ତର, ସାହିତ୍ୟ, ସଂସ୍କୃତି ଓ ଶ୍ରୀଜଗନ୍ନାଥ, ଆଶ୍ଚର୍ଯ୍ୟ ଆକାଶ, ଅଦୃଶ୍ୟ ଅଭିସାର, ଜଣେ ମହାପୁରୁଷଙ୍କ ସମ୍ପର୍କରେ, ଭରା ନଈର ଶ୍ରାବଣ, ଭାଙ୍ଗି ପଡୁଥିବା ଆକାଶ, କୈଳାସ ଓ ମାନସ ତୀର୍ଥ, ଉଦୟରାଗ, ଚଉହଦୀ, ଅନେକ ଜହ୍ନର ଆକାଶ ଆଦି ୨୦ଟି ପୁସ୍ତକର ସ୍ରଷ୍ଟା ଥିଲେ। ଏମ୍‌ଏରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ଏବଂ ଭକ୍ତକବି ମଧୁସୂଦନ ରାଓ ସ୍ୱର୍ଣ୍ଣପଦକ ପ୍ରାପ୍ତ। ଓଡ଼ିଶାର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ତାଙ୍କର ଅନେକ ଗଳ୍ପ, କବିତା, ପ୍ରବନ୍ଧ ପ୍ରକାଶିତ ହୋଇଛି। ସେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି।

## ମୁକ୍ତାକାଶ ରଙ୍ଗମଞ୍ଚରେ ଭାରତନାଟ୍ୟମ୍

ପୁରୀ,୧୩।୫(ସମିସ): ଶ୍ରୀ ଗାୟତ୍ରୀ ନୃତ୍ୟ କଳା ନିକେତନ ଆନ୍ଧ୍ରପ୍ରଦେଶ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ମଙ୍ଗଳବାର ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ ହୋଇଯାଇଛି। ନୃତ୍ୟ ଗୁରୁ ଗାୟତ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସଂଗଠକ ଘନଶ୍ୟାମ ମର୍ଦ୍ଦରାଜ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଆବାହକ ଅଶୋକ କୁମାର ମିଶ୍ର, ଲଳିତ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଶୁଭାଛେଳା ଦେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହା ୩୦ ବର୍ଷର ଅନୁଷ୍ଠାନ ହୋଇଥିଲେ ମଧ୍ୟ ପ୍ରଥମଥର ପାଇଁ ଏହା ପୁରୀ ମାଟି ତଥା ଜଗନ୍ନାଥଙ୍କ ମାଟିରେ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପାଇଛି। ମହାପ୍ରଭୁଙ୍କ ଅପାର କରୁଣା ନ ହେଲେ ପୁରୀ ଆସି ନୃତ୍ୟ ପରିବେଷଣ କରିବା ସମ୍ଭବ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାପରେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଆବାହକ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




'ପୁରୀ ହିଁ ଜଗନ୍ନାଥ ଧାମ' ଆଲୋଚନା

# 'ବ୍ରହ୍ମ ଯେଉଁଠି, ତାହା ହିଁ ଧାମ'

ପୁରୀ,୧୩।୫(ସମିସ): ଶ୍ରୀକ୍ଷେତ୍ର ପୁରୀ ମହାପ୍ରଭୁଙ୍କ ମୂଳ ପୀଠ। ଏହା ହେଉଛି ମର୍ତ୍ତ୍ୟ ବୈକୁଣ୍ଠ। ଏଠାରେ ହିଁ ମହାପ୍ରଭୁଙ୍କର ବ୍ରହ୍ମ ସଂସ୍ଥାପନ ହୋଇଥାଏ। ତେଣୁ ବ୍ରହ୍ମ ଯେଉଁଠି, ତାହା ହିଁ ଧାମ। ଅର୍ଥାତ୍ ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ ବୋଲି କହିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ପ୍ରଫେସର ଗୋପାଳକୃଷ୍ଣ ଦାଶ। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମଙ୍ଗଳବାର ହୋଟେଲ ହଲିଡେ ରିସୋର୍ଟରେ ଅନୁଷ୍ଠିତ 'ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ବ୍ୟାକରଣ ଓ ଶବ୍ଦକୋଷଠୁ ଊର୍ଦ୍ଧ୍ୱରେ ଧାମ। ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ। ଏ ନେଇ ଆଉ ବିବାଦ ଆଗକୁ ନ ବଢୁ। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ଏଥିରେ ଅଧ୍ୟକ୍ଷତା କରି ପୁରୀ ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ ପ୍ରସଙ୍ଗରେ ଶାସ୍ତ୍ରୀୟତା ପ୍ରମାଣ ଏକାଠି କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ କହିଥିଲେ, ଏହି ଧାମ ମହାପ୍ରଭୁଙ୍କ ଶରୀର ସ୍ୱରୂପ। ମହାଲକ୍ଷ୍ମୀ ଏଠାରେ ମହାପ୍ରଭୁଙ୍କ ପାଇଁ ଭୋଜନ ପ୍ରସ୍ତୁତ କରୁଛନ୍ତି। ଭଗବାନ ନିଜେ କାଳ ହେଲେ ମଧ୍ୟ ସେ କାଳର ଅଧୀନ। ରତ୍ନ ଓ ପଞ୍ଚତୀର୍ଥର ସମାହାର ହୋଇଥିବାରୁ ଏହା ମହାପ୍ରଭୁଙ୍କ ମୂଳପୀଠ। ଶାସ୍ତ୍ରୀୟ, ଭୌଗୋଳିକ, ଐତିହାସିକ ଦୃଷ୍ଟିରୁ ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ ବୋଲି ଡ. ଦାଶ କହିଥିଲେ। ମହନ୍ତ ବିଜୟ ନାରାୟଣ ରାମାନୁଜ ଦାସ ମହାରାଜ କହିଥିଲେ, ଶ୍ରୀକ୍ଷେତ୍ର ହେଉଛି ମହାପ୍ରଭୁଙ୍କ ଶରୀର। ପ୍ରଭୁଙ୍କ ନିତ୍ୟ ବିଭୂତି ସ୍ଥଳ ହୋଇଥିବାରୁ ଏହା ହିଁ ଶ୍ରୀଜଗନ୍ନାଥ ଧାମ। ସେହିପରି ସନ୍ଥ ହରିହର ଦାସ ମହାରାଜ, ଆଇନଜୀବୀ ବିଶ୍ୱରଞ୍ଜନ ହୋତା, ପ୍ରତିଷ୍ଠାନର ସଭାପତି ସୁଦର୍ଶନ ନାୟକ ଆଲୋଚ୍ୟ ପ୍ରସଙ୍ଗରେ ନିଜ ନିଜ ମତ ରଖିଥିଲେ। ସମସ୍ତେ ପୁରୀ ହିଁ ଜଗନ୍ନାଥ ଧାମ ବୋଲି ଶାସ୍ତ୍ରୀୟ ମତ ଦେଇଥିବାବେଳେ ପୁରୀ ବ୍ୟତିରେକ ଆଉ କୌଣସି ସ୍ଥାନକୁ ଶ୍ରୀଜଗନ୍ନାଥ ଧାମ କୁହାଗଲେ ଏହାକୁ ଆଇନଗତ ବିଧି ବ୍ୟବସ୍ଥାରେ ପ୍ରତିହତ କରାଯାଇପାରିବ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନକୁ ଡ. ଭାସ୍କର ମିଶ୍ର ସଂଯୋଜନା କରିଥିଲେ। ଆଧାରପୁରୁଷ ଡ. ଅସିତ୍ ମହାନ୍ତି ବକ୍ତାମାନଙ୍କର ବକ୍ତବ୍ୟର ସାରାଂଶ ବ୍ୟକ୍ତ କରିଥିଲେ। ଏହି ଅବସରରେ 'ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ' ଶୀର୍ଷକ ବୁଲେଟିନ୍ ଉନ୍ମୋଚନ ହୋଇଥିଲା।

ପ୍ରତିଷ୍ଠାନର ସଚିବ ଡ. ପ୍ରସନ୍ନ କୁମାର ମହାପାତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗଠନ ସଚିବ ଡ. କରୁଣାକର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ସଚିବ ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରବିନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ନଳିନୀରଞ୍ଜନ ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ଡ. ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ହରେକୃଷ୍ଣ ପ୍ରତିହାରୀ, ଡ. ଦେବପ୍ରସାଦ ଦାଶ, ପ୍ରଦୀପ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରୀକ୍ଷେତ୍ର ହେଉଛି ମହାପ୍ରଭୁଙ୍କ ଶରୀର

● ଡକାୟତି ଯୋଜନା ପଣ୍ଡ

## ୪ ଗିରଫ, ମାରଣାସ୍ତ୍ର ଜବତ

ପୁରୀ, ୧୩।୫ (ସମିସ): ଡକାୟତି ଯୋଜନାକୁ ପଣ୍ଡ କରିଛି ସମୁଦ୍ରକୂଳ ଥାନା ପୁଲିସ। ସୁଭାଷ ବୋଷ ଛକ ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି ଯୋଜନା କରୁଥିବାବେଳେ ସେଠାରେ ପୁଲିସ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଙ୍କୀ ମୁହାଣ ଦାରୁବ୍ରହ୍ମ କଲୋନୀରେ ରହୁଥିବା ଯାଜପୁର ଜିଲ୍ଲା ବରୀ ଥାନା ଅଞ୍ଚଳର ପ୍ରତାପ ଓରଫ ବିଶ୍ୱନାଥ ପଟ୍ଟନାୟକ, ବାଲିନୋଳିଆ ସାହି ଦେଉଳିସାହିର ବି. ଶଙ୍କର, ଚକ୍ରତୀର୍ଥ ରୋଡ୍ ଅଞ୍ଚଳର ମିଟି ଓରଫ କାହ୍ନୁଚରଣ ନାୟକ ଓ ପେଣ୍ଠକଟା ଧୋବାଖାଲର ଜଗନ ନାୟକ। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଆଇରନ ରଡ୍, ଗୋଟିଏ ଛୁରୀ, ଲଙ୍କାଗୁଣ୍ଡ ପ୍ୟାକେଟ୍, ୨ଟି ଖାଲି ବିୟର ବୋତଲ ଓ ବିଡ଼ି ପ୍ୟାକେଟ୍ ଜବତ କରାଯାଇଛି। ଏ ନେଇ ସମୁଦ୍ରକୂଳ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି।

## ୭୦ ଲିଟର ମଦ ଜବତ; ଦୁଇ ଗିରଫ

ପୁରୀ,୧୩।୫(ସମିସ): ଦେଶୀ ମଦ ନେଇ ଯାଉଥିବାବେଳେ ୨ ଜଣଙ୍କୁ ମଙ୍ଗଳାଘାଟ ଛକ ନିକଟରୁ ଗିରଫ କରିଛି ବାସେଳୀ ସାହି ଥାନା ପୁଲିସ। ଅଭିଯୁକ୍ତ ଦ୍ୱୟ ହେଲେ ମଙ୍ଗଳାଘାଟ ଶ୍ରଦ୍ଧାବିହାରର ବାପି ବେହେରା (୩୯) ଓ ମଙ୍ଗଳାଘାଟ ଶ୍ରଦ୍ଧାବିହାରରେ ରହୁଥିବା ଗଞ୍ଜାମ ଜିଲ୍ଲା ବଡ଼ରାମପଲ୍ଲୀର ବୁଦ୍ଧୁ ବେହେରା (୨୭)। ସେମାନଙ୍କ ନିକଟରୁ ୭୦ ଲିଟର ଦେଶୀମଦ ଓ ଏକ ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ସକାଳେ ବାସେଳୀ ସାହି ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ଦେଶୀ ମଦ କାରବାର ପାଇଁ ଯାଉଥିବାବେଳେ ଧରାପଡ଼ିଥିଲେ। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

■ ୩ ଓ ୪ନଂ ୱାର୍ଡରେ ନଳକୂପ ଅଚଳ

# ବିଡିଓଙ୍କୁ ଭେଟିଲେ ମହୁରୀ ଗ୍ରାମବାସୀ



**ରାଜକନିକା,୧୩।୫(ସମିସ):** ରାଜକନିକା ବ୍ଲକ୍ ବାଘବୁଦା ପଞ୍ଚାୟତ ମହୁରୀଗାଁର ୩ ଓ ୪ ନମ୍ବର ୱାର୍ଡର ୪୦ ପରିବାର ନିର୍ଭର କରୁଥିବା ଏକ ନଳକୂପରୁ ଦୁଇମାସ ହେବ ବାହାରୁଛି ଅଳ୍ପ ଅଳ୍ପ ପାଣି। ପ୍ରାୟ ଏକମାସ ହେବ ୱାର୍ଡକୁ ଯାଉନି ପାଇପ୍ ପାଣି। ଏ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଡିଓଙ୍କୁ ଭେଟିଛନ୍ତି ଗ୍ରାମବାସୀ।

ସୂଚନା ମୁତାବକ, ୩ ଓ ୪ ନମ୍ବର ୱାର୍ଡର ୪୦ ପରିବାର ଗୋଟିଏ ନଳକୂପ ଉପରେ ନିର୍ଭର କରନ୍ତି। ଏହି ନଳକୂପରୁ ଦୀର୍ଘ ଦୁଇମାସ ହେବ ଏକ ବାଲ୍‌ଟି ପାଣି ନେବାକୁ ପ୍ରାୟ ଅଧଘଣ୍ଟା ସମୟ ଲାଗୁଥିବା ନେଇ ଅଭିଯୋଗ କରିଛନ୍ତି ୱାର୍ଡବାସୀ। ଏହି ୱାର୍ଡଟି ବୈତରଣୀ ନଦୀକୂଳରେ ହୋଇଥିବାରୁ ପାଇପ୍ ପାଣି ଉପରେ ନିର୍ଭର କରି ଚଳୁଥିବା କହିଛନ୍ତି ଲୋକମାନେ। ତେବେ ଦୀର୍ଘ ଏକମାସ ହେବ ପାଇପ୍ ପାଣି ଆସୁ ନ ଥିବାରୁ ୱାର୍ଡର ଲୋକମାନେ କୁମ୍ଭୀର ଭର୍ତ୍ତି ବୈତରଣୀ ନଦୀକୁ ଗାଧୁଆପାଧୁଆ ସହ ରୋଷେଇ କରିବାକୁ ପାଣି ଆଣୁଥିବା କହିଛନ୍ତି। ଏହି କୁମ୍ଭୀର ଭର୍ତ୍ତି ନଦୀରେ ଜୀବନକୁ ବାଜି ଲଗାଇ ପାଣି ଆଣୁଥିବା କହିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗାଁର ମାନସୀ ଦଳାଇ, ମଞ୍ଜୁଲତା ବେହେରା, ସୁଭାଶିଷ ବେହେରା, ସବିତା ସାହୁ, ସୁମା ସାହୁ, ବୁଲୁ ବେହେରା, ତିଳୋତ୍ତମା ବେହେରା, ଶୈଳବାଳା ବେହେରା, ରେବତୀ ବେହେରା ପ୍ରମୁଖ ବିଡିଓଙ୍କୁ ଭେଟି ଦାବି କରିଛନ୍ତି। ଏ ସମ୍ପର୍କରେ ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ଏହି ଦୁଇଟି ୱାର୍ଡର ଜଳ ସମସ୍ୟା ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ।

■ ଶିକ୍ଷାବିତ୍ ଅଶୋକ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

# ‘ଶିକ୍ଷକ ସମସ୍ୟା ସମାଧାନରେ ଅଶୋକଙ୍କ ଭୂମିକା ଅତୁଳନୀୟ’



**ପଟ୍ଟାମୁଣ୍ଡାଇ,୧୩।୫(ସମିସ):** ଶିକ୍ଷକଙ୍କ ସମସ୍ୟା ସମାଧାନରେ ବିପ୍ଳବୀ ଶିକ୍ଷକ ନେତା ଅଶୋକ ରାଉତଙ୍କ ଅବଦାନ ଅତୁଳନୀୟ ବୋଲି ଶିକ୍ଷାବିତ୍ ଅଶୋକ ରାଉତଙ୍କ ଏକାଦଶାହ ଅବସରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁରଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଶିକ୍ଷକ ନେତା ପ୍ରମୋଦ ନାୟକଙ୍କ ପୌରହିତ୍ୟ ଓ ଇଂ ଚିନ୍ମୟୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ କିଶୋର ତରାଇ, ଆଳି ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ଉଦକର ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବଳଭଦ୍ର ପ୍ରସାଦ ରାଉତ, ପ୍ରାକ୍ତନ ସଭାପତି ବିଜୟ କୁମାର ସାହୁ, ପତ୍ରପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶ, ଶିକ୍ଷକ ନେତା ରାଜେନ୍ଦ୍ର ପ୍ରସାଦ ସିଂ, କେନ୍ଦ୍ରାପଡ଼ା ଜିଲ୍ଲା ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ସଭାପତି କରୁଣାକର ଭଳ, ପ୍ରାକ୍ତନ ସଭାପତି ସୁନାମଣି ଦାଶ, ପ୍ରାକ୍ତନ ଗରଦପୁର ବ୍ଲକ ଏବିଇଓ ସୁଷମା ନାୟକ, ସିଆରସିସି ଲକ୍ଷ୍ମଣ ସେଠୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଗନ ବିହାରୀ ପାତ୍ର, ଶିକ୍ଷକନେତ୍ରୀ କ୍ରିଷ୍ଣା ସ୍ୱାଇଁ ଓ ଶଶୀକଳା ପଣ୍ଡା, ଶିକ୍ଷକ ନେତା ନିରୋଦ ଦାଶ, ଆରତ ନାୟକ ଓ ଗୋଦାବରୀଶ ମିଶ୍ର ପ୍ରମୁଖ ଭାଷଣ ଦେଇ ଦିବଂଗତ ଶିକ୍ଷକ ନେତା ଅଶୋକ ରାଉତଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଇଂ ଚିନ୍ମୟୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିଷେକ ରାଉତ ଓ ଅଭିଜ୍ଞାନ ରାଉତ ପରିଚାଳନା କରିଥିଲେ।

# ପୂର୍ବତନ ସମିତିସଭ୍ୟଙ୍କ ମାତୃ ବିୟୋଗ



**ଡେରାବିଶ,୧୩।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଭାଗବତପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁଙ୍କ ମାଆ କ୍ଷୀର ସ୍ୱାଇଁଙ୍କ ୯୪ ବର୍ଷ ବୟସରରେ ପରଲୋକ ହୋଇଯାଇଛି। ସେ ହଠାତ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପାଟକୁରାସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଧିରେନ୍ଦ୍ରଙ୍କ ସହ ସାନପୁଅ ପ୍ରହ୍ଲାଦ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଧିରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ମହିଳା ସ୍ୱର୍ଗତା ସ୍ୱାଇଁ ଜଣେ ମିଷ୍ଟଭାଷୀ, ସ୍ନେହୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ୮ ଦିନ ଧରି ପାଇପ ପାଣି ବନ୍ଦ

# ପିଇବା ପାଣି ପାଇଁ ଗଙ୍ଗାଧରପ୍ରସାଦଡିଆ ଗ୍ରାମବାସୀ ହୀନସ୍ତା

**ରାଜକନିକା,୧୩।୫(ସମିସ):**





ଗ୍ରୀଷ୍ମ ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଡହ ଡହ ଖରାରେ ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଏ ସମୟରେ ଦ୍ୱୀପାଞ୍ଚଳ ଗଙ୍ଗାଧରପ୍ରସାଦଡିଆ ଗାଁରେ ୮ ଦିନ ଧରି ପାଇପ ପାଣି ବନ୍ଦ ରହିଛି। ଗାଁରେ ଥିବା ତିନୋଟି ନଳକୂପ ନାଳକୂପ ନିକଟରେ ପାଣି ପାଇଁ ଲମ୍ବା ଲାଇନ ହେଉଛି। ଫଳରେ ଜୀବନକୁ ବାଜି ଲଗାଇ ପାଣି ପାଇଁ କୁମ୍ଭୀର ଭର୍ତ୍ତି ଖରାସ୍ରୋତା ନଦୀ ଉପରେ ନିର୍ଭର କରୁଛନ୍ତି ଗାଁ ଲୋକେ। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି ଗାଁ ଲୋକେ।

ରାଜକନିକା ବ୍ଲକ୍ ତୈଲୋକ୍ୟପୁର ପଞ୍ଚାୟତର ଦ୍ୱୀପାଞ୍ଚଳ ଗାଁ ଗଙ୍ଗାଧରପ୍ରସାଦଡ଼ିଆ। ଏହି ଗାଁକୁ ଚାରିପଟୁ ଘେରି ରହିଛି ଖରସ୍ରୋତା ନଦୀ। ଗାଁରେ ୧୩ ଓ ୧୪ ଦୁଇଟି ୱାର୍ଡର ୧୪ ଶହ ଲୋକ ବସବାସ କରନ୍ତି। ଏହି ଗାଁର ଲୋକେ ମୁଖ୍ୟତଃ ପାଉପ ପାଣି ଉପରେ ନିର୍ଭର କରନ୍ତି। ଏହି ପାଇପ ପାଣି ପିଇବା ସହିତ ରୋଷେଇ ଓ ଗାଧୁଆ ସହିତ ସମସ୍ତ କାର୍ଯ୍ୟ କରିଥା’ନ୍ତି। ହେଲେ ଆଠଦିନ ହେବ ଟାଙ୍କିରୁ ଆସୁନି ପାଇପ ପାଣି। ପାଣି ଟୋପେ ଲାଗି ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଇପ ପାଣି ବନ୍ଦ ହେବା ଫଳରେ ଗାଁରେ ଥିବା ଆଠଟି ନଳକୂପ ମଧ୍ୟରୁ ତିନୋଟି ନଳକୂପ ଚାଲିଛି। ୧୪ ଶହ ଲୋକ ଏହି ତିନୋଟି ନଳକୂଅ ଉପରେ ନିର୍ଭର କରୁଛନ୍ତି। ମହିଳାମାନେ ରାତିରୁ ଲମ୍ବା ଲାଇନ ଦେଇ ନଳକୂପରୁ ପିଇବା ଲାଗି ପାଣି ନେଉଥିବା କହିଛନ୍ତି। ଘରର ଅନ୍ୟ କାମ ସହ ଗାଧୁଆ ଲାଗି ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ଭର୍ତ୍ତି ଖରସ୍ରୋତା ନଦୀକୁ ଯାଉଥିବା ଗାଁର ମହିଳା ଓ ପୁରୁଷମାନେ କହିଛନ୍ତି। ପିଇବା ପାଣି ଘରେ ସରିଗଲେ ଡହଡହ ଖରାରେ ନଳକୂପ ନିକଟରେ ଲାଇନ ଦେଇ ପାଣି ଆଣୁଥିବା କହିଛନ୍ତି। ଏହି ଗାଁଟି ନଦୀକୂଳରେ ଥିବାରୁ ନଳକୂପରୁ ଲୁଣା ପାଣି ବାହାରୁଛି। ବାଧ୍ୟ ହୋଇ ଏହି ପାଣି ସହିତ ନଦୀ ପାଣି ପିଉଥିବା କହିଛନ୍ତି ଗାଁର ଲୋକେ। ଏହି ପାଣି ପିଇ ଗାଁରେ କିଛି ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ। ଏହି ଲୋକମାନେ ନଦୀ ପାର ହେଲେ ବ୍ଲକ, ତହସିଲ, ଥାନା ଓ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଯାଇଥା’ନ୍ତି। ରତିକାନ୍ତ ବେହେରା, ବନମାଳୀ ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, ବିପିନି ବେହେରା, ବିଜୟ ବେହେରା, ବିନୋଦ ବେହେରା, ଦୀନବନ୍ଧୁ ବେହେରା, ଦୁଷ୍ମନ୍ତ ବେହେରା, ଅଜାମ୍ବର ବେହେରା, ସନାତନ ପ୍ରଧାନ, ବିଷ୍ଣୁ ଚରଣ ବେହେରା, ପ୍ରୀତିବାଳା ବେହେରା, ସୁକାନ୍ତୀ ବେହେରା, ମେନକା ବେହେରା, ପୂଜାରାଣୀ ବେହେରା, ଅଞ୍ଜଳି ବେହେରା, ପ୍ରମିଳା ବେହେରା, କଲ୍ୟାଣୀ ବେହେରା, କୌଶଲ୍ୟା ବେହେରା କହିଛନ୍ତି, ଆମ ଗାଁ ଲୋକମାନେ ପାଇପ ପାଣି ଉପରେ ନିର୍ଭର କରିଥା’ନ୍ତି। ତେବେ ଆଠ ଦିନ ହେବ ପାଇପରୁ ପାଣି ଆସୁନି। ଫଳରେ ଆମେ ଜୀବନକୁ ବାଜି ଲଗାଇ ନଦୀକୁ ଯାଉଛୁ ପାଣି ଆଣିବାକୁ। ଗୁହାରି କଲେ ବି ଏପର୍ଯ୍ୟନ୍ତ ଶୁଣୁନି ପ୍ରଶାସନ। ଯଦି ନଦୀରେ ଆମକୁ କୁମ୍ଭୀର ଆକ୍ରମଣ କରେ, ଏଥିପାଇଁ ପ୍ରଶାସନ ଦାୟୀ ରହିବ ଓ ତୁରନ୍ତ ପାଣି ସମସ୍ୟାର ସମାଧାନ କରା ନ ଗଲେ ନଦୀ ପାର ହୋଇ ବ୍ଲକ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି ଗାଁ ଲୋକେ। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ମହାଲିକ କହିଛନ୍ତି, କାଲି ବିଭାଗୀୟ ଜେଇଙ୍କୁ ପଠାଇ ତୁରନ୍ତ ସମସ୍ୟାର ସମାଧାନ କରାଯିବ।

■ ଦଳିତ ସାହି ରାସ୍ତାକୁ ପ୍ରଶାସନର ଅଣଦେଖା

# ବର୍ଷାଦିନେ ହୀନସ୍ତା ଭୋଗୁଛନ୍ତି ଦୁଇଶହ ପରିବାର

**ପଞ୍ଚୁପାଣ୍ଡବ,୧୩।୫(ସମିସ):** ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ଦଳିତ ସାହିକୁ ରାସ୍ତା ପାଇଁ ୨୦୦ରୁ ଅଧିକ ଘରର ଲୋକେ ଯିବାଆସିବା କରିବାକୁ ହଇରାଣ ହେଉଛନ୍ତି। ଏହି ରାସ୍ତାଟି ସ୍ଥାନୀୟ ପଞ୍ଚାୟତ ହଳଦିଆପାଟଣା ଗ୍ରାମର ୬ ନମ୍ବର ୱାର୍ଡର ସିଦ୍ଧେଶ୍ୱର ମହାପୁରୁଷଠାରୁ ହୁଣ୍ଡି ଠାକୁରାଣୀ ପର୍ଯ୍ୟନ୍ତ ମାଟି ରାସ୍ତା ଓ ଅଣଓସାରିଆ ରାସ୍ତା। ଏହି ମାଟି ରାସ୍ତାରେ ଅସରାଏ ବର୍ଷାହେଲେ କାଦୁଅ ପଚପଚରେ ଲୋକେ ଯିବା ଆସିବା କରୁଥିବାବେଳେ ନିକଟରେ ଥିବା ବିଦ୍ୟାଳୟକୁ ଯିବାଆସିବା କରୁଥିବା ପିଲାମାନେ ବି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ପ୍ରଶାସନର ଅବହେଳା ଯୋଗୁଁ ଯେଉଁଠି ଭଲ ରାସ୍ତା ଅଛି, ସେଠାରେ ରାସ୍ତା କାମ ହେଉଥିବା ଦେଖିବାକୁ ମିଳୁଛି। ଏହାର ଲାଭ ଉଠାଇବାକୁ ଠିକାଦାର ଓ ରାସ୍ତା କାମରେ ନିୟୋଜିତ ଥିବା ଅଧିକାରୀ ସଲାସୁତରା ହୋଇ ସରକାର ଟଙ୍କାକୁ ହରିଲୁଟ କରୁଛନ୍ତି। ଯେଉଁଠାରେ ଆବଶ୍ୟକ ସେଠାରେ ରାସ୍ତାକାମ ପାଇଁ ସରକାର ହୁଅନ୍ତୁ ବା ପ୍ରଶାସନ ଅଧିକାରୀଙ୍କୁ ଯେତେ ଗୁହାରି କରିଥିଲେ ସୁଦ୍ଧା ରାସ୍ତା କାମ ହେଉନଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ଦଳିତ ସାହିର ଅଣଓସାରିଆ ରାସ୍ତାକୁ ଓସାର କରିବା ସହ ରାସ୍ତାର ସମସ୍ୟାକୁ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯବାନଙ୍କ ପୁଅ ସ୍କୁଲ ଟପ୍ପର

**ରାଜନଗର, ୧୩।୫(ସମିସ):** ଆଜି ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସୀମାରେ ଦେଶ ପାଇଁ ଲଢୁଥିବା ଯବାନଙ୍କ ପୁଅ ୯୬ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଚାନ୍ଦବାଲି ବ୍ଲକ୍ ପାଣିଝରିଆ ଗ୍ରାମର ସଞ୍ଜୟ କୁମାର ପରିଡ଼ା ଓ ମାଆ ପୁଷ୍ପଲତା ପରିଡ଼ାଙ୍କ ପୁଅ ଶୁଭଂଶୁ ପରିଡା ସିବିଏସଇ ମାଟ୍ରିକ ପରୀକ୍ଷାରେ ୫୭୫ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଉତ୍ତରପ୍ରଦେଶର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢୁଥିଲେ। ଆଜି ତାଙ୍କର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଖୁସିର ଲହରି ଖେଳିଯାଇଛି। ତାଙ୍କ ବାପା ସଞ୍ଜୟ ସେନା ବାହିନୀରେ ଜାମ୍ମୁ-କାଶ୍ମୀରର ଉଦମପୁରଠାରେ ସୀମା ସୁରକ୍ଷାରେ କାର୍ଯ୍ୟରତ ଅଛନ୍ତି।



# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ



**ପଟ୍ଟାମୁଣ୍ଡାଇ, ୧୩।୯(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ବିଶ୍ୱର ଆଦ୍ୟ ସାମ୍ବାଦିକ ମହର୍ଷି ନାରଦଙ୍କ ଜୟନ୍ତୀ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଛି। ହିମାଂଶୁ ଶେଖର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ନାୟକ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ବିଚାର ପ୍ରବକ୍ତା ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ପତ୍ରୀ ଯୋଗଦେଇ ପୁରାଣରେ ବର୍ଣ୍ଣିତ ମହର୍ଷି ନାରଦ ମୁନିଙ୍କ ସାମ୍ବାଦିକତା ଓ ଆଜିର ସାମ୍ବାଦିକତା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସାମ୍ବାଦିକତା ରାଷ୍ଟ୍ରର ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିପ୍ରେତ ହେବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିଷ୍ଠା ଓ ନିର୍ଭୀକତା ସାମ୍ବାଦିକତାର ପରିଭାଷା ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରି ସାମ୍ବାଦିକମାନେ ରାଷ୍ଟ୍ର ଗଠନରେ ସହାୟକ ହେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଏହି ଜୟନ୍ତୀ ଉତ୍ସବରେ ସାମ୍ବାଦିକ ପତିତପାବନ ଭଦ୍ର, ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, ପ୍ରତାପ ଚନ୍ଦ୍ର ପାଢୀ, ବିଭୂପ୍ରସାଦ ମହାନ୍ତି, ଧୀରେନ୍ଦ୍ର ମଲ୍ଲିକ, ସୁଶାନ୍ତ ନାୟକ, ସୂର୍ଯ୍ୟନାରାୟଣ ଦାଶ, ହିମାଦ୍ରୀ ମାଝୀ, ରଞ୍ଜନ ସାହୁ, କୁମାରେଶ ନାୟକ, କଳ୍ପତରୁ ନାୟକ, ଉପେନ୍ଦ୍ର ନାୟକ, ଦୀପକ ନାୟକ, ବିରଞ୍ଚି ନାରାୟଣ ଦାସ, ଶ୍ରୀମନ୍ତ ଦାସ, ବିଚିତ୍ରାନନ୍ଦ ବେହେରା, ମଳୟ କୁମାର ସାହୁ, ବୀରେନ୍ଦ୍ର ଦାସ, ସୁଧାଂଶୁ ଭୂଷଣ ତ୍ରିପାଠୀ ପ୍ରମୁଖ ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ବରିଷ୍ଠ ଯୁବ ସାମ୍ବାଦିକ ମାତୃଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବଣିକ ସଂଘର ସତ୍ୟନାରାୟଣ ପୂଜା

**ରାଜକନିକା,୧୩।୫(ସମିସ):** ରାଜକନିକା ବ୍ଲକ୍ ସଦର କଣ୍ଟପଡ଼ା ପଞ୍ଚାୟତ କଣ୍ଟାପଡ଼ା ବଜାର ସତ୍ୟନାରାୟଣ ବଣିକ ସଂଘ ଆନୁକୂଲ୍ୟରେ ଶ୍ରୀଶ୍ରୀ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ ଶ୍ରୀଜୀଉମାନେ ପୂଜା ପାଉଥିବାବେଳେ ପଞ୍ଚ ଦେବାଦେବୀ ମଧ୍ୟ ପୂଜା ପାଉଛନ୍ତି। ସତ୍ୟନାରାୟଣଙ୍କ ସହ ଶିବ, ଦୁର୍ଗା, ସୂର୍ଯ୍ୟ ଓ ଗଣେଶ ଆଦିଙ୍କୁ ପୂଜା କରାଯାଉଛି। ପ୍ରାୟ ପଞ୍ଚ ଦଶକରୁ ଆରମ୍ଭ ହୋଇଥିବା ଏହି ପୂଜା ପ୍ରତିବର୍ଷ ଭଳି ଚଳିତ ବର୍ଷ ଚନ୍ଦନ ପୂର୍ଣ୍ଣିମାରେ ଆରମ୍ଭ ହୋଇଛି। ଏହି ପୂଜାନୁଷ୍ଠାନରେ ପ୍ରତ୍ୟହ ପ୍ରସାଦ ସେବନ ଓ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ କମିଟିର ସଭାପତି ଅଜୟ ଦାଶ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ, ଉପସଭାପତି ସୁଶାନ୍ତ ପରିଡା, ସହସମ୍ପାଦକ ଭରତ ଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଦୟାନିଧି ଦାଶ ଓ ସମସ୍ତ ସଦସ୍ୟ/ସଦସ୍ୟା ସହଯୋଗ କରୁଛନ୍ତି।

# ସମାଜସେବୀ ନୃସିଂହ ବଳଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୧୩।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ନସିପୁର ଗ୍ରାମର ସମାଜସେବୀ ତଥା ଧର୍ମପ୍ରାଣ ବ୍ୟକ୍ତି ନୃସିଂହ ଚରଣ ବଳଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ବଳ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ସେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଆଧ୍ୟାତ୍ମିକ ପୀଠ ସ୍ଥଳ ପରିଭ୍ରମଣ କରି ସନାତନ ଧର୍ମ ପ୍ରଚାର କରିଥିଲେ। ଆଖପାଖ ଅଞ୍ଚଳରେ ବିଭିନ୍ନ ଧର୍ମ କାର୍ଯ୍ୟରେ ଯୋଗ ଦେବା ସହିତ ଭାଗବତ ଓଡ଼ିଆ ଧର୍ମଗ୍ରନ୍ଥର ପ୍ରଚାର ପ୍ରସାର ସହିତ ଲୋକଙ୍କୁ ଭାଗବତ ପାରାୟଣ ଓ ଭାଗବତ ଗ୍ରନ୍ଥର ଆଲୋଚନା ପାଇଁ ପ୍ରବର୍ତ୍ତାଇବା ସହିତ ଗ୍ରାମରେ ଭାଗବତ ପାରାୟଣ ସପ୍ତାହର ଆୟୋଜନ କରୁଥିଲେ। ସେ ଜଣେ ଅତ୍ୟନ୍ତ ସରଳ, ନିଷ୍କପଟ ଓ ପରୋପକାରୀ ବ୍ୟକ୍ତି ଥିଲେ। ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ସିପ୍ରା ମଲିକ, କିଶୋର ତରାଇ, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



■ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୯୭ଟି ବ୍ୟକ୍ତିଗତ, ୧୯ଟି ସାମୂହିକ ଅଭିଯୋଗ ଶୁଣିଲା ପ୍ରଶାସନ





**ରାଜନଗର/କେନ୍ଦ୍ରାପଡ଼ା,୧୩।୫(ସମିସ):**

ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିଏମ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ୧୧୬ଟି ଅଭିଯୋଗର ଶୁଣାଣି କରଯାଇଥିଲା। ୧୯ଟି ସାମୂହିକ ଓ ୯୭ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଓ ଏସପିଙ୍କ ଜନଶୁଣାଣିରେ ସେମାନଙ୍କ ଅଭିଯୋଗ ନେଇ ଗୁହାରି କରିବାକୁ ଆସିଥିବା ଲୋକେ ନିରାଶ ହୋଇଫେରିଛନ୍ତି। ଏସ୍‌ପି ଓ ଜିଲ୍ଲାପାଳ ଜନଶୁଣାଣି ଶିବିରକୁ ଆସି ନ ଥିବାରୁ ଲୋକେ ନିରାଶ ହୋଇ ଫେରିଛନ୍ତି। ଯେଉଁ ଅଧିକାରୀ ଆମ କଥା ଶୁଣୁନାହାନ୍ତି ସେମାନଙ୍କ ନିକଟରେ ଅଭିଯୋଗ କରିବାକୁ ପଡୁଛି ବୋଲି ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ଏହି ଜନଶୁଣାଣି ଶିବିରରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପିଡି ଅଜାମ୍ବର ମହାନ୍ତି, ଏସଡିପିଓ କ୍ଷମାସାଗର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଅମୀୟ କେତନ ସ୍ୱାଇଁ, ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଆଇଆଇସି ନରେଶ କୁମାର ସାହୁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ବୃଦ୍ଧବୃଦ୍ଧା ପହଞ୍ଚି ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ଜାନୁଆରୀ ମାସଠାରୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ୧୨୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମାତ୍ର ରାଜନଗର ବ୍ଲକରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଅଧିକାଂଶ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ମହିଷାସୁର ଗାଁର ରାଧାଶ୍ୟାମ ଜେନା ( ୮୮ ବର୍ଷ) , ଉପେନ୍ଦ୍ର ରାଉତ (୯୪ ବର୍ଷ), ବିଦ୍ୟାଧର ଦାସ (୮୪ ବର୍ଷ), ସୁବର୍ଣ୍ଣ ବେୱା ( ୮୨ ବର୍ଷ ), ବୃନ୍ଦାବନ ଜେନା ( ୮୬ ବର୍ଷ ) ଜନଶୁଣାଣି ଶିବିରରେ ପହଞ୍ଚି ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳି ନ ଥିବା ଅଭିଯୋଗ କରିଥିଲେ। ସେମାନେ ପଞ୍ଚାୟତ କାର୍ଯ୍ୟାଳଠାରୁ ଆରମ୍ଭ କରି ବିଡିଓଙ୍କ ଯାଏଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏଥିସହିତ ୧୦୦ ପ୍ରତିଶତ ଦିବ୍ୟାଙ୍ଗ ରିନୁ ସାହୁଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି।

■ ବାଲିମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ଲୁଚକାଳିରେ ଚାଲିଛି ବାଲିଘାଟ

# ବେଣୀପୁର ବାଲିଘାଟ ରାସ୍ତା ଖୋଲିଲା ପ୍ରଶାସନ



**ପଞ୍ଚୁପାଣ୍ଡବ,୧୩।୫(ସମିସ):** ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର ବାଲିଘାଟରେ ଦୀର୍ଘଦିନ ଧରି ଚୋରା ବାଲି ଚାଲାଣ ହେଉଥିଲା। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଚୋରା ବାଲି ବନ୍ଦ ହୋଇଥିଲା। ଏବେ ଦୁଇତିନି ଦିନ ହେବ ପ୍ରଶାସନ ଓ ବାଲିମାଫିଆ ସଲାସୁତୁରରା ହୋଇ ରାତିସାରା ହାଇୱା ଗାଡ଼ିରେ ବାଲି ଚାଲାଣ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ବାଲି ମାଫିଆମାନେ ମେସିନ ଲଗାଇ ବିରୂପା ନଦୀରୁ ବାଲି ଚୋରି କରୁଥିବା ଖବର ପାଇ ଡେରାବିଶ ତହସିଲ ପକ୍ଷରୁ ରାଜନଗର ଆରଆଇ ନଦୀରୁ ବାଲି ଉଠୁଥିବା ରାସ୍ତାକୁ ଖୋଳି ଦେଇଥିବା ଦେଖିବାକୁ ମିଳୁଛି। ବେଣୀପୁର ବିରୂପା ନଦୀରୁ ବାଲିକୁ ନେଇ ହାଇୱା ଗାଡ଼ି ବିଭିନ୍ନ ଜାଗାକୁ ନେଉଥିବାବେଳେ ବେଣୀପୁରରୁ ଛୋଟି ରାସ୍ତା, ବେଣୀପୁରରୁ ସଦାନନ୍ଦପୁର ଓ ବେଲାରପୁର ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି। ଏହି ବେଣୀପୁର ବାଲିଘାଟରେ ପ୍ରତିବର୍ଷ ହଜାର ହଜାର ଟ୍ରକ୍ ଚୋରା ବାଲି ଚାଲାଣ ହେଉଥିବାବେଳେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ଖଣି ଅଧିକାରୀ ଓ କିଛି ଥାନା କର୍ମଚାରୀ ଜାଣିଶୁଣି ନ ଜାଣିଲା ଭଳି ରହୁଥିଲେ। ଦୁଇବର୍ଷ ତଳେ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ପ୍ରଶାସନ ଦ୍ୱାରା ବାଲିଘାଟକୁ ସିଲ୍ କରିଦିଆଯାଇଥିଲା। ପୁଣି କିଛିଦିନ ପରେ ବାଲିମାଫିଆ ଓ ଅଧିକାରୀ ସଲାସୁତୁରାରେ ଘାଟରୁ ବାଲି ଚୋରି ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ବେଆଇନ ବାଲି ଚାଲାଣ ରୋକିବାକୁ ପଦକ୍ଷେପ ନ ନିଅନ୍ତି, ବର୍ଷା ଦିନରେ ବିରୂପା ନଦୀ ବନ୍ଧ ଭାଙ୍ଗିବା ସହ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିବାର ଆଶଙ୍କା ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।



# ଭୁବନେଶ୍ୱର ସିଟି

## ‘ଆମ ବସ୍’ କର୍ମଚାରୀଙ୍କ ଆନ୍ଦୋଳନ

# ରାଜଧାନୀରେ ୪ ଘଣ୍ଟା ବସ୍‌ସେବା ଠପ୍

ଭୁବନେଶ୍ୱର, ୧୩।୫(ସମିସ)

‘ଆମ ଜୀବନ ପ୍ରତି ବିପଦ ରହୁଛି। ଆମକୁ ସୁରକ୍ଷା ଦିଅ। ନଚେତ୍ ଗୋଟିଏ ବି ବସ୍ ଡିପୋରୁ ଗଡ଼ିବନି’। ରାଜଧାନୀରେ ଆଜି ସକାଳୁ ‘ଆମ ବସ୍’ କର୍ମଚାରୀମାନେ ଏଭଳି ଦାବି କରି ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଭୁବନେଶ୍ୱରରେ ଥିବା ୫ଟି ଡିପୋରୁ କୌଣସି ସ୍ଥାନକୁ ବସ୍ ଗଡ଼ିନଥିଲା।

- ‘ଆମ ଜୀବନ ପ୍ରତି ବିପଦ ଅଛି, ଆମକୁ ସୁରକ୍ଷା ଦିଅ’
- ହଇରାଣ ହେଲେ ଲକ୍ଷାଧିକ ଯାତ୍ରୀ



ଡ୍ରାଇଭର୍, କଣ୍ଡକ୍ଟରମାନେ ସବୁବେଳେ ଆକ୍ରମଣର ଶିକାର ହେଉଛନ୍ତି। ଭୁଲ୍ ଥାଉ କି ନ ଥାଉ କଥା କଥାରେ ଲୋକମାନେ ଗାଳି ଗୁଲଜ କରିବା ସହ ମାଡ଼ ମାରି ଲହୁଲୁହାଣ କରୁଛନ୍ତି। ତେଣୁ କ୍ରୁଟ୍ ଓ ସରକାରଙ୍କ ପକ୍ଷରୁ ସୁରକ୍ଷା ଯୋଗାଇ ନ ଦେଲେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିଦେବୁ। ‘ଆମ ବସ୍’ କର୍ମଚାରୀମାନେ ଏଭଳି ଜିଦ୍‌ରେ ଅଡ଼ି ବସିଥିଲେ। ଶେଷରେ କ୍ରୁଟ୍ କର୍ତ୍ତୃପକ୍ଷ ମାଷ୍ଟରକ୍ୟାଣ୍ଟିନ୍ ସ୍ଥିତ ବସ୍ ଡିପୋରେ ପହଞ୍ଚି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୪ଘଣ୍ଟାର ଆଲୋଚନା ପରେ ଡ୍ରାଇଭର ଓ କଣ୍ଡକ୍ଟର ଆନ୍ଦୋଳନରୁ ଓହରିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟା ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାନୁସାରେ, ସୋମବାର ରାତିରେ ୨୩ ନମ୍ବର ରୁଟ୍‌ରେ ଘାଟିକିଆସ୍ଥିତ ଆଇଜିକେସି ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଅଭିମୁଖେ (ଓଡି ୩୩ ଏଏଚ୍ ୦୧୫୮) ବସ୍ ଯାଉଥିଲା। ଏହି ସମୟରେ ଆର୍ୟୁବେଦିକ ହସ୍ପିଟାଲ୍ ନିକଟରେ ରାସ୍ତା କାମ ହେଉଥିବାରୁ ରାସ୍ତାରେ ଧୂଳି ଉଡ଼ିଥିଲା। ଏହି କଥାକୁ କେନ୍ଦ୍ରକରି ରଙ୍ଗ୍ ରୁଟ୍‌ରେ ଯାଉଥିବା ବାଇକ୍ ଚାଳକ ଗ୍ରୁପ୍ ସେଠାରେ ବସ୍‌କୁ ଅଟକାଇଥିଲେ। ବସ୍‌ରେ ଥିବା କଣ୍ଡକ୍ଟର(ଗାଇଡ୍) ତ୍ରିଲୋଚନ ପଣ୍ଡାଙ୍କ ସହ ଯୁକ୍ତିତର୍କ କରିବା ସହ ଗାଳିଗୁଲଜ କରିଥିଲେ। ଉଭୟଙ୍କ ଭିତରେ କଥା କଟାକଟି ହୋଇଥିଲା। ଫଳରେ ବସ୍ ଚାଳକ ଓ ଗାଇଡ୍ ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍‌କୁ ତୁରନ୍ତ ବରମୁଣ୍ଡାରୁ ଫାୟାର୍‌ଷ୍ଟେସନ୍ ଦେଇ ସିଧାଳସଖ ଗାଡ଼କଣ ଡିପୋରେ ପହଞ୍ଚାଇଥିଲେ। କୌଣସି ଷ୍ଟପେଜ୍‌ରେ ବି ଗାଡ଼ି ଅଟକାଇ ନ ଥିଲେ। ଏହି ସମୟରେ ଗାଡ଼ିର ବେଗ ଘଣ୍ଟାପ୍ରତି ୪୦ କିଲୋମିଟର ଥିବା କ୍ରୁଟ୍ ଦର୍ଶାଇଛି। ମାତ୍ର ଉକ୍ତ ବାଇକ୍ ଆରୋହୀମାନେ ବସ୍ ଡିପୋରେ ପହଞ୍ଚି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ି ମାରିଥିଲେ। ଏଥିରେ କଣ୍ଡକ୍ଟର ଶ୍ରୀ ପଣ୍ଡା ଆହତ ହୋଇଥିଲେ। ଏମିତିକି ସେମାନେ ବସ୍‌କୁ ବି ଭଙ୍ଗାରୁଜା କରିଥିଲେ। ତା’ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚିଲାବେଳକୁ ସେମାନେ ଚାଲି ଯାଇଥିଲେ। ଏହି ସମୟରେ ପୁଲିସ ପକ୍ଷରୁ କଣ୍ଡକ୍ଟର ଓ ଡ୍ରାଇଭରଙ୍କର ନିଶା ସେବନ ପରୀକ୍ଷା ହୋଇଥିଲା। ସେମାନେ କୌଣସି ନିଶା ସେବନ କରିନଥିବା ପୁଲିସ ଜାଣିବାକୁ ପାଇଥିଲା।

କ୍ରୁଟ୍ ପକ୍ଷରୁ ଆହତ ହୋଇଥିବା କଣ୍ଡକ୍ଟର ଶ୍ରୀ ପଣ୍ଡାଙ୍କୁ ଡାକ୍ତରଖାନାକୁ ନେବା ସହ ଏନେଇ ଥାନାରେ ଅଭିଯୋଗ କରାଯାଇଛି। ସିସିଟିଭି ଆଧାରରେ ଅଭିଯୁକ୍ତମାନଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ବସ୍ କର୍ମଚାରୀମାନେ ଆଜି ଆନ୍ଦୋଳନକୁ ଓହ୍ଲାଇଥିଲେ। ରାଜଧାନୀରେ ଥିବା ୫ଟି ଡିପୋରୁ ୪ ଶହରୁ ଉର୍ଦ୍ଧ୍ୱ ବସ୍ ଗଡ଼ିନଥିଲା। ବାରମ୍ବାର କର୍ମଚାରୀଙ୍କ ଉପରେ ଆନ୍ଦୋଳନକୁ କେନ୍ଦ୍ରକରି ଡ୍ରାଇଭର୍ ଓ କଣ୍ଡକ୍ଟରମାନେ ଆଜି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଥିଲେ। ଶେଷରେ କ୍ରୁଟ୍ କର୍ତ୍ତୃପକ୍ଷ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଡିପୋରେ ପହଞ୍ଚି ତାଙ୍କୁ ବୁଝାସୁଝା କରିଥିଲେ। ସେମାନେ ରାଜି ହେବା ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଆମ ବସ୍ ବନ୍ଦ ହୋଇଯାଇଥିବାରୁ ରାଜଧାନୀରେ ହଜାର ହଜାର ସଂଖ୍ୟାରେ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯାତ୍ରୀମାନେ ବାଧ୍ୟ ହୋଇ ଅଟୋ ଓ ଟ୍ୟାକ୍ସି ଭଡ଼ା କରି ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ।

> ପୂର୍ବରୁ କିଛି ସୂଚନା ନ ଦେଇ ହଠାତ୍ ବସ୍ ବନ୍ଦ କରିଦେଲେ। ଆମ କିଛି ଜାଣିନଥିଲୁ। ମେଡିକାଲ୍‌ରେ ଦେଖାଇବା ପାଇଁ ଖୋର୍ଦ୍ଧା ଭୁଷଣ୍ଡପୁରରୁ ଟ୍ରେନ୍‌ରେ ଆସିଥିଲୁ। ହେଲେ ଏବେ ଦେଖିଲାବେଳକୁ ବସ୍ ଚାଲୁନି। ଆମେ ଏମ୍ସ ଯାଏଁ ଯିବୁ। ଅଟୋ କହୁଛି ୩ ଶହ ଟଙ୍କା ନେବ। ଆମେ ଗରିବ ଲୋକ ଆଜ୍ଞା ଏତେ ଟଙ୍କା କେମିତି ଦେବୁ। ଏପଟେ ଡାକ୍ତରଙ୍କ ପାଖରେ ସମୟରେ ନ ପହଞ୍ଚିଲେ ଚିକିତ୍ସା ହୋଇପାରିବନି। ହେଲେ ପାଖରେ ଟଙ୍କା ନାହିଁ। କ’ଣ କରିବୁ କିଛି ମୁଣ୍ଡ କାମ କରୁନି।
>
> - ଶକୁନ୍ତଳା ସାହୁ, ଯାତ୍ରୀ
>
> ମୁଁ ପ୍ରତିଦିନ୍ ଆମ ବସ୍‌ରେ ଯାତାୟାତ କରେ। ପିତାପଲ୍ଲୀସ୍ଥିତ ଏକ ଘରୋଇ କଲେଜକୁ ମାଷ୍ଟରକ୍ୟାଣ୍ଟିନ୍‌ରୁ ଯାଏ। ମୋର ଆଜି ପରୀକ୍ଷା ଅଛି। ତେଣୁ ମୋତେ ଠିକ୍ ସମୟରେ କଲେଜରେ ପହଞ୍ଚିବାକୁ ପଡ଼ିବ। ହେଲେ ବସ୍ ବନ୍ଦ ଅଛି। କେମିତି ଯିବି ମୋ ମୁଣ୍ଡ କିଛି କାମ କରୁନି। ଆମ ଦୈନନ୍ଦିନ ଜୀବନର ସାଥୀ ହେଉଛି ଏହି ବସ୍। ତେଣୁ ସରକାରଙ୍କୁ ଅନୁରୋଧ ବସ୍ ସେବାକୁ ଠିକ୍ ଭାବେ ପରିଚାଳନା କରନ୍ତୁ। ଆମ ଭଳି ଛାତ୍ରଛାତ୍ରୀ ଦହଗଞ୍ଜ ହେବା ଛଡ଼ା ଆଉ କିଛି ବାଟ ନାହିଁ।
>
> - ଜସ୍ମିନ୍ ପାତ୍ର, ଯାତ୍ରୀ

## ଚାଲାଣ ବେଳେ ୧୦ ଶିଶୁ ଉଦ୍ଧାର; ଧରାପଡ଼ିଲେ ଦଲାଲ

ଭୁବନେଶ୍ୱର, ୧୩।୫(ସମିସ): ବିହାର ଚାଲାଣ ବେଳେ ଭୁବନେଶ୍ୱରର ରେଳ ଷ୍ଟେସନ୍‌ରୁ ଯଶୋବନ୍ତପୁର ଏକ୍ସପ୍ରେସ ଟ୍ରେନ୍‌ରେ ୧୦ ଜଣ ଶିଶୁଙ୍କୁ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ଶିଶୁଙ୍କ ମଧ୍ୟରୁ ଦୁଇ ଜଣ ପିଲା ଖାଗରିଆ ଜିଲ୍ଲାର ହୋଇଥିବା ବେଳେ, ଦୁଇଜଣ ବେଗୁଲ୍ ସରାଇ, ଦୁଇ ଜଣ ବାଗଲପୁର, ଦୁଇଜଣ ପୂର୍ଣ୍ଣିଆ, ଜଣେ ମୂଜାଫର୍ ପୁର ଓ ଜଣେ ସମଷ୍ଟିପୁର ଜିଲ୍ଲାର। ୧୦ ଜଣ ପିଲାଙ୍କୁ ଖୋର୍ଦ୍ଧା ଶିଶୁ କଲ୍ୟାଣ ସମିତିରେ ହଜାର କରାଯାଇଥିଲା। ସମିତି ସେମାନଙ୍କ ମଧ୍ୟରୁ ୪ ଜଣ ପିଲାଙ୍କୁ ଖୋର୍ଦ୍ଧାସ୍ଥିତ ଭୈରବୀ ଓପନ ସେଲ୍ଟରକୁ ପଠାଇଥିବା ବେଳେ ୬ ଜଣଙ୍କୁ ରୁଚିକା ଓପନ ସେଲ୍ଟର୍‌କୁ ପଠାଇଛି। ଶିଶୁ କଲ୍ୟାଣ ସମିତି ନିର୍ଦ୍ଦେଶ କ୍ରମେ ରୁଚିକା କର୍ମକର୍ତ୍ତାମାନେ ଖୋର୍ଦ୍ଧା ରୋଡ୍ ଜି.ଆର୍.ପି. ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ଚାରିଜଣ ଦଲାଲ ଯଥା ବିହାର ଖଗରିଆ ଜିଲ୍ଲାର ମନିଷ କୁମାର, ମୋତିହରି ଜିଲ୍ଲାର ମହମ୍ମଦ ଶୁଭମ୍, ଭାଗଲପୁର୍ ଜିଲ୍ଲାର ଦିଲଖୁସ ଓ ବେଗୁଲ, ସରାଇ ଜିଲ୍ଲାର ଅଙ୍କିତ ସଡାଙ୍କ ମଧ୍ୟରୁ କେବଳ ମଣିଷ କୁମାରଙ୍କୁ ପୋଲିସ ଧରି ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତିଙ୍କ ଠାରୁ ଖବର ପାଇ ରୁଚିକା ଅକ୍ସେସ୍ ଟୁ ଜଷ୍ଟିସ ପ୍ରକଳ୍ପର ହେମନ୍ତ କୁମାର ଦାସ, ହରପ୍ରିୟା ପତି, ତଟିନୀ ବିଶ୍ୱାଳ, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା ଗତକାଲି ରାତିରୁ ଭୁବନେଶ୍ୱର ଷ୍ଟେସନଠାରେ ଜଗି ବସିଥିଲେ। ଭୁବନେଶ୍ୱର ଆରପିଏଫ୍ ପୁଲିସ ଓ ରେଲୱେ ଚାଇଲ୍ଡ୍ ହେଲ୍ପ ଲାଇନ୍‌କୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଥିଲା। ତେବେ ଟ୍ରେନ୍‌ଟି ବିଳମ୍ବରେ ଆସିଥିଲା ଓ ଭୁବନେଶ୍ୱର ଷ୍ଟେସନରେ ମାତ୍ର ୫ ମିନିଟ୍ ଅଟକି ଥିଲା। ଏତେ କମ୍ ସମୟ ମଧ୍ୟରେ ସବୁ ପିଲାଙ୍କୁ ଖୋଜି ନ ପାଇବାରୁ ସେମାନେ ପୋଲିସ ଓ ଚାଇଲ୍ଡ୍ ହେଲ୍ପ ଲାଇନ୍ ସଦସ୍ୟମାନଙ୍କ ସହିତ ମିଶି ସେହି ଟ୍ରେନରେ ଖୋର୍ଦ୍ଧା ରୋଡ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଟ୍ରେନ ଯର ବଗି ଏସ୍-୧, ଏସ୍-୪ ଓ ଏସ -୬ ରୁ ୧୨ ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଏ ବିଷୟରେ ଜିଲ୍ଲାପାଳ ଓ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିବା ଶ୍ରୀ ସେନାପତି କହିଛନ୍ତି।

## ମୁମ୍ବଇରେ ଓଡ଼ିଆ ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର, ୧୩।୫(ସମିସ): ମୁମ୍ବଇର ଜାହାଙ୍ଗୀର ଆର୍ଟ ଗ୍ୟାଲେରୀଠାରେ ଚଣ୍ଡିଗଡ଼ ଚିତ୍କରା ବିଶ୍ୱବିଦ୍ୟାଳୟର ଚିତ୍ର ବିଭାଗର ଅଧ୍ୟାପକ ଡ. ରଞ୍ଜନ କୁମାର ମଲ୍ଲିକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ରୁଷିଆନ୍ ହାଉସ୍ ନିର୍ଦ୍ଦେଶକ ଭିକ୍ଟର ଗୋରେଲିଖ, କଳାକାର ତଥା ଶିକ୍ଷାବିତ୍ ପ୍ରଫେସର ଅନିଲ ନାୟକ, ସମ୍ମାନିତ ଅତିଥି ଭାବେ ଡ. ଗଣେଶ ତାର୍ତରେ, ସୁରେନ୍ଦର ଜଗପାପ୍, ଲଳିତକଳା ଏକାଡେମୀ ନୂଆଦିଲ୍ଲୀର ସଦସ୍ୟ ମାରୁତି ଜେଆଇ, ଡ. ବିଜୟ ଧୋରେ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ନୂଆଦିଲ୍ଲୀର ଶିଳ୍ପୀ ତଥା କ୍ୟୁରେଟର ଡ. ଭିନିତ ଭରଦ୍ୱାଜଙ୍କ ଦ୍ୱାରା ହୋଷ୍ଟ ଭାବେ ରହିଥିଲେ। ପ୍ରଦର୍ଶନୀରେ ରଞ୍ଜନ ମଲ୍ଲିକଙ୍କ ‘ସ୍ୱପ୍ନର ଦୁନିଆ’ ଶୀର୍ଷକ ୪୫ଟି ସୃଜନଶୀଳ ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ରଙ୍ଗ ଦୋକାନରୁ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୩।୫(ସମିସ): ରଙ୍ଗ ଦୋକାନରୁ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ସରକନ୍ତରାରେ ରହୁଥିବା ବିଜୟ କୁମାର ସାହୁ। ଏନେଇ ରଙ୍ଗ ଦୋକାନୀ ସନ୍ଦୀପଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସୂଚନା ଯୋଗ୍ୟ ଯେ, ସନ୍ଦୀପ ପରିବାର ସହ ସୌଭାଗ୍ୟ ନଗର ଅନ୍ତର୍ଗତ ପ୍ଲଟ ନମ୍ବର-୧୧୧ ରେ ରହୁଥିବା ବେଳେ, ତାଙ୍କର ଏକ ରଙ୍ଗ ଦୋକାନ ଅଛି। ଘଟଣା ଦିନ ଅଭିଯୁକ୍ତ ଜଣକ ସନ୍ଦୀପଙ୍କ ଦୋକାନରୁ ୧୮୦ ଲିଟର ପରିମାଣର ରଙ୍ଗ ଭର୍ତ୍ତି ବାଲଟି ସବୁକୁ ଚୋରି କରି ନେଇ ଯାଇଥିଲେ। ଏନେଇ ଅଭିଯୋଗକାରୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବିଜୟକୁ ତାଙ୍କ ଘରୁ ଗିରଫ କରିଛି। ତା’ ନିକଟରୁ ଚୋରି ହୋଇଥିବା ରଙ୍ଗ ଭର୍ତ୍ତି ବାଲଟି ସବୁକୁ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ।

## ହୋଟେଲ ଆଗରୁ ବାଇକ୍ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୩।୫(ସମିସ): ହୋଟେଲ ଆଗରୁ ବାଇକ୍ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଗଞ୍ଜାମ ଜିଲ୍ଲା ଆସ୍କାର ନିକୁ ଜେନା। ତା’ ନିକଟରୁ ପୁଲିସ ଗୋଟିଏ ବାଇକ୍‌କୁ ଜବତ କରିଛି। ଏନେଇ ଥାନାରେ ପ୍ରୀତମ ଦାଶ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ପ୍ରୀତମଙ୍କ ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଏକ ହୋଟେଲ ଅଛି। ଗତକାଲି ସେ ନିଜ ମୋଟରସାଇକେଲକୁ ହୋଟେଲ ସମୁଖରେ ପାର୍କିଂ କରି ଭିତରେ କାମ କରୁଥିଲେ। ଏହି ସମୟରେ ନିକୁ ସୁଯୋଗ ଉଣ୍ଡି ଡୁପ୍ଲିକେଟ ଚାବି ସାହାଯ୍ୟରେ ଅଭିଯୋଗକାରୀଙ୍କ ମୋଟର ସାଇକେଲକୁ ସେଠାରୁ ଚୋରିକରି ନେଇଯାଇଥିଲେ। କିଛି ସମୟ ପରେ ଅଭିଯୋଗକାରୀ ଜଣକ ବାହାରକୁ ଆସିଥିବା ବେଳେ, ତାଙ୍କ ମୋଟରସାଇକେଲଟିକୁ କେହି ଚୋରୀକରି ନେଇଥିବା ଜାଣିବାକୁ ପାଇଥିଲେ। ପରେ ଆଖପାଖରେ ବହୁ ଖୋଜଖୋଜି କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଫାୟାରଷ୍ଟେସନ ଅଞ୍ଚଳରେ ଚଢଉ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ବାଇକ୍‌କୁ ଜବତ କରିଥିଲେ।

## ଦୁର୍ଘଟଣାରେ ଖବରକାଗଜ ବିକ୍ରେତା ଗୁରୁତର

ଯାଁଳା ୧୩।୫(ସମିସ): ସମିସ ଆଜି ସକାଳ ପ୍ରାୟ ୮ଟା ବେଳେ ନଁପୁଟ ପଞ୍ଚାୟତ ପାଣ୍ଡିଆପଡ଼ା ନିକଟରେ ଦୁର୍ଘଟଣାରେ ଯାଁଳା ଖବରକାଗଜ ହକର ଗୁରୁତର ଆହତ ହୋଇଛନ୍ତି। ଖବରକାଗଜ ବାଣ୍ଟୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ହକର ଜଣକ ହେଲେ ତୃତୀୟାପଡ଼ାର ଅକ୍ଷୟ କୁମାର। ମିଳିଥିବା ସୂଚନା ଅନୁସାରେ ଅକ୍ଷୟ ଯାଁଳା ଏଜେଣ୍ଟଙ୍କ ଠାରୁ ଖବରକାଗଜ ନେଇ ମହୁରା ନଁପୁଟ ଆଦି ଅଞ୍ଚଳ ବାଣ୍ଟିବାକୁ ଯାଇଥିଲେ। ପାଣ୍ଡିଆପଡ଼ା ଦେଇ ଯିବାବେଳେ ତାଙ୍କୁ ଏକ ମୋଟର ସାଇକଲ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡ ଭାଙ୍ଗିଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସ୍ଥାନୀୟ ଲୋକ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ବିୟର୍ ବୋତଲରେ ବାର୍ କର୍ମଚାରୀଙ୍କୁ ଆକ୍ରମଣ

ଭୁବନେଶ୍ୱର, ୧୩।୫(ସମିସ): ମଦ ନିଶାରେ କୁଇନ ସିଟି ବାର୍‌ର କର୍ମଚାରୀଙ୍କୁ ବିୟର ବୋତଲରେ ପିଟି ମୁଣ୍ଡ ଫଟାଇବା ଅଭିଯୋଗରେ ବଡଗଡ଼ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା କୋରଡ଼କଣ୍ଟାର ସନ୍ତୋଷ କୁମାର ଜେନା ଓରଫ ସନ୍ତୁ। ବାର ମ୍ୟାନେଜର ସତ୍ୟମ ବାରିକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ସନ୍ତୁ ନାଁରେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ବଡ଼ଗଡ଼ ଥାନାରେ ୨ ଗୋଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟଯେ, ସତ୍ୟମ କେଶୁରାଠାରେ ଥିବା ‘କୁଇନସିଟି ବାର ଆଣ୍ଡ ରେଷ୍ଟୁରାଣ୍ଟର’ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ସୋମବାର ଅପରାହ୍ନରେ ଝାରପଡ଼ା ଏବଂ କାମେନା ଗ୍ରାମର କିଛି ଯୁବକ ବାରକୁ ଆସିଥିଲେ। ଏହାର କିଛି ସମୟ ପରେ କୌଣସି କାରଣକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ପରସ୍ପର ପରସ୍ପରକୁ ବିୟର ବୋତଲ ସାହାଯ୍ୟରେ ଆକ୍ରମଣ କରିଥିଲେ। ବାରର କର୍ମଚାରୀମାନେ ସେମାନଙ୍କୁ ଏଥିରୁ ନିବୃତ୍ତ କରିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଏହି ଆକ୍ରମଣ ଯୋଗୁଁ ବିଶ୍ୱଜିତ ନାୟକ ନାମକ ଜଣେ ବାର କର୍ମଚାରୀ ଆହତ ହୋଇଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରି କୋରଡକଣ୍ଟା ଗ୍ରାମରେ ଚଢଉ କରିବା ସହ ଅଭିଯୁକ୍ତକୁ କାବୁ କରିବାରେ ସକ୍ଷମ ହୋଇଥିଲେ।

## ମରଣାତ୍ମକ ଆକ୍ରମଣ: ୩ ଗିରଫ

ହଂସପାଳ, ୧୩।୫(ସମିସ): ଘରେ ପଶି ମରଣାତ୍ମକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ନହରକଣ୍ଟା କାଣ୍ଡିସାହିର ଗୌରାଙ୍ଗ ସାମଲ (୩୩), ଜିତେନ୍ଦ୍ର ସାମଲ (୨୫), ଓ ଲିଙ୍ଗରାଜ ସାମଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଅଭିଯୋଗକାରୀ ନହରକଣ୍ଟା ହରିଦାସପୁରର ଲକ୍ଷ୍ମୀ ମହାରଣା (୨୧)ଙ୍କ ଘରେ ୩ ଅଭିଯୁକ୍ତ ଜୋର୍ ଜବରଦସ୍ତି ପଶି ତାଙ୍କ ସ୍ୱାମୀଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ଦେବା ପାଇଁ ତାଙ୍କ ସ୍ୱାମୀ ମନା କରିବାରୁ ଅଭିଯୁକ୍ତମାନେ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ଲକ୍ଷ୍ମୀଙ୍କ ଶଶୁର ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ଏବଂ ଥାନାକୁ ଗଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଲକ୍ଷ୍ମୀ ସଙ୍ଗେ ସଙ୍ଗେ ପାହାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣା ର ତଦନ୍ତ କରି ବିଭିନ୍ନ ସ୍ଥାନରେ ଚଢାଉ କରି ୩ ଅଭିଯୁକ୍ତକୁ ଗିରଫ କରିଥିଲେ। ଲିଙ୍ଗରାଜ ସାମଲ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ୩ଟି ଏବଂ ପାହାଳ ଥାନାରେ ୩ ଟି ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି।

## ଭୁଶୁଡ଼ିଗଲାଣି ଆଇନ୍ ଶୃଙ୍ଖଳା

# କଥା କଥାରେ ଗୁଳି, ବୁଲୁଛି ଖଣ୍ଡା ତଲୱାର

ଭୁବନେଶ୍ୱର, ୧୩।୫(ସମିସ)

ରାଜଧାନୀରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ଗଲାଣି। ଏଠାରେ କଥା କଥାରେ ଫୁଟୁଛି ଗୁଳି, ଆଉ ବିଜ୍ ରାସ୍ତାରେ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣୁଛନ୍ତି ଦୁର୍ବୃତ୍ତ। ନା ପୁଲିସକୁ ଭୟ ଅଛି, ନା ଆଇନ୍ କାନୁନକୁ। ଏହି ଦୁର୍ବୃତ୍ତମାନେ ନିଜର ପିତିଆରା ଦେଖାଇବାକୁ ଗୁଳିମାଡ଼, ଖଣ୍ଡାରେ ହାଣିବା ଭଳି ଅପରାଧ ଘଟାଉଛନ୍ତି। ଏଭଳି ଅପରାଧୀଙ୍କ ପାଇଁ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେମାନେ ରାତି ହେଲେ ଘରୁ ଗୋଡ କାଢିବାକୁ ଭୟ କଲେଣି। ଗତ କିଛି ମାସ ହେବ ରାଜଧାନୀରେ ଅପରାଧିକ ଗ୍ରାଫ୍ ବଢ଼ିଯାଇଛି। ଯାହାକୁ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହୋଇଛି। ଯେଉଁଥି ପାଇଁ ଭୁବନେଶ୍ୱରରେ ପୁଲିସ ଉପରେ ଭାରି ପଡୁଛନ୍ତି ଅପରାଧୀ। ଅପରାଧକୁ ନିୟନ୍ତ୍ରଣ କରିବାକୁ ପୁଲିସ ଜିରୋ ପଏଣ୍ଟରୁ ଏନ୍‌କାଉଣ୍ଟ କରି ମଧ୍ୟ ତାହା ଅପରାଧିଙ୍କ ଉପରେ ଫରକ ପକାଇ ପାରୁନି। ବରଂ ହାର୍ଡକୋର ଅପରାଧି ଏହାକୁ ଭ୍ରୂକ୍ଷେପ ନ କରି ଅଧିକ ଉତ୍ପାତ ହେଉଛନ୍ତି।

- ସହରରେ ପତିଆରା ପାଇଁ ବାଜିରେ ଲାଗୁଛି ଜୀବନ
- ମାମଲା କରି ହାତ ଟେକି ବସି ପଡୁଛି ପୁଲିସ
- ଅପରାଧୀଙ୍କ ପାଇଁ ଭୟଭିତ ସହରବାସୀ

ଭାଇଗିରି ଏବଂ ପତିଆରା ପାଇଁ ରାଜଧାନୀରେ ଘଟୁଛି ଅପରାଧ। ଅପରାଧ ପରେ ଖୁଲମ ଖୁଲା ବୁଲୁଛନ୍ତି ଅପରାଧୀ। ଗତକାଲି ଗୋଟିଏ ଦିନରେ ଚାରି ଚାରି ଟି ଘଟଣା କମିସନରେଟ ପୁଲିସ ପାଇଁ ପାଲଟିଛି ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

### ହାଇ ସିକ୍ୟୁରିଟ୍ ଜୋନରେ ଗୋଡ଼ାଇ ହାଣିଲେ

ହାଇ ସିକ୍ୟୁରିଟି ଜୋନ ଫରେଷ୍ଟ ପାର୍କ ରାସ୍ତାରେ ବିକି ନାୟକ ନାମକ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଥିଲେ ଦୁର୍ବୃତ୍ତ। ହେଲେ ଏଯାଏ ଅପରାଧିଙ୍କ ପାଖରେ ପହଁଚି ପାରିନି ପୁଲିସ। ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିଲେ ମଧ୍ୟ ଏହା ପଛର କାରଣ କ’ଣ ପୁଲିସ ଜାଣିପାରିନି। ବିକି ନାୟକ ଫରେଷ୍ଟ ପାର୍କ ନିକଟରେ ଛିଡ଼ା ହୋଇଥିବା ବେଳେ କାରରେ ଆସି ଦୁର୍ବୃତ୍ତମାନେ ଗୋଡ଼ାଇ ହାଣିଥିଲେ।

### ବାର୍ ବନ୍ଦ କରିବାରୁ ବାଉନ୍‌ସରଙ୍କୁ ଗୁଳିମାଡ଼

ଚନ୍ଦ୍ରଶେଖରପୁର କସମସ ବାରର ବାଉଁସର ସୂର୍ଯ୍ୟକାନ୍ତଙ୍କୁ ଗତ ୯ ତାରିଖ ରାତିରେ ଅଭିଯୁକ୍ତମାନେ ଗୁଳିମାଡ଼ କରିଥିଲେ। ରାତି ପ୍ରାୟ ୧.୩୦ ରୁ ୨.୦୦ଟା ପର୍ଯ୍ୟନ୍ତ ଅଭିଯୁକ୍ତମାନେ ବାରରେ ମଦ ପିଉଥିଲେ। ବାର ବନ୍ଦ ହେବା ସମୟରେ ଅପରାଧୀମାନଙ୍କୁ ବାର୍ ଛାଡିବାକୁ ଅନୁରୋଧ କରିଥିଲେ ସୂର୍ଯ୍ୟକାନ୍ତ। କିନ୍ତୁ, ଅପରାଧୀମାନେ ବାର୍ ଛାଡ଼ିବାକୁ ମନା କରିଥିଲେ। ପରେ ରାଗ ରଖି ଭୋର ୪ଟାରେ ବାଉଁସର ସୂର୍ଯ୍ୟକାନ୍ତଙ୍କୁ ଗୁଳିମାଡ଼ କଲେ।

### ଗଭର୍ଣ୍ଣର ହାଉସ ଗଳିରେ ଖଣ୍ଡା ବୁଲିଲା

ଗତ ସୋମବାର ରାତିରେ ମଧ କ୍ୟାପିଟାଲ ଥାନା ଗଭର୍ଣ୍ଣର ହାଉସ୍ ଗଳିରେ ଅଭିଯୁକ୍ତମାନେ ଖଣ୍ଡା ବୁଲାଇ ଆତଙ୍କ ରଚିଥିଲେ। ଏପରିକି ସତ୍ୟବ୍ରତ ପ୍ରଧାନ ନାମକ ଯୁବକଙ୍କୁ ଆକ୍ରମଣ କରିଥିଲେ। ସତ୍ୟବ୍ରତ ଏବଂ ସହଯୋଗୀ ସେଠାରେ ଲୁଡୁ ଖେଳୁଥିଲେ। ଏହି ସମୟରେ ୫ଟା ବାଇକ୍‌ରେ ଅଭିଯୁକ୍ତମାନେ ଆସି ଖଣ୍ଡା




ବୁଲାଇ ଆତଙ୍କ କରିବା ସହ ସତ୍ୟବ୍ରତଙ୍କୁ ଆକ୍ରମଣ କରିଥିଲେ।

### କୁଇନ୍‌ସିଟି ବାରରେ ଖଣ୍ଡଗୋଳ

କେଶୁରାସ୍ଥିତ କୁଇନସିଟି ବାରରେ ହୋଇଥିଲା ଗଣ୍ଡଗୋଳ। ମଦ୍ୟପାନକୁ କେନ୍ଦ୍ର କରି ବାର ଭିତରେ ଲଙ୍କା ହୋଇଥିଲା କାଣ୍ଡ। ବିୟର ବୋତଲରେ ଦୁର୍ବୃତ୍ତ ମାନେ କରିଥିଲେ ଆକ୍ରମଣ। ଘଟଣାରେ ଏକାଧିକ ଲୋକେ ଆହତ ହୋଇଥିଲେ। ଘଟଣା ସ୍ଥଳରେ ବଡଗଡ଼ ଥାନା ପୁଲିସ ପହଞ୍ଚି ତଦନ୍ତ କରିବା ସହ ବାରର ସିସିଟିଭି ଜବତ କରିଥିଲା।

### ଘରେ ପଶି ମହିଳାଙ୍କୁ ହାଣିଲେ

ପାହାଳ ଥାନା ନହରକଣ୍ଟା ହରିଦାସପୁର ଅଞ୍ଚଳର ମହିଳା ଲକ୍ଷ୍ମୀ ମହାରଣାଙ୍କ ଘରେ ପଶି କିଛି ଅସାମାଜିକ ବ୍ୟକ୍ତି ଟଙ୍କା ମାଗିଥିଲେ। ଲକ୍ଷ୍ମୀଙ୍କ ସ୍ୱାମୀ ଟଙ୍କା ଦେବାକୁ ମନା କରିବାରୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ ଅଭିଯୁକ୍ତ। ଘଟଣାର ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ।

### ଶିଶୁକୁ ଅପହରଣ କରି ମୁଣ୍ଡ ଜାମିନ

ଏୟାରଫିଲ୍ଡ ଥାନା ପାଞ୍ଚଗାଁରେ ଜଣେ ୯ ବର୍ଷର ଶିଶୁକୁ ଅଭିଯୁକ୍ତମାନେ ଅପହରଣ କରିଥିଲେ। ଶିଶୁର ବାପା ଜମି ବିକ୍ରି କରି ଟଙ୍କା ରଖିଥିଲେ। ଅଭିଯୁକ୍ତମାନେ ଏହା ଜାଣିବା ପରେ ସ୍କୁଲ ଫେରିବା ବାଟରେ ଅଭିଯୁକ୍ତମାନେ ଶିଶୁକୁ ଅପହରଣ କରିଥିଲେ ଅଭିଯୁକ୍ତମାନେ। ସେହିପରି ଦେଢ ମାସ ହେବ ରାମ ମନ୍ଦିର ଜଣେ ଦୃଷ୍ଟି ବାଧିତା ମହିଳାଙ୍କ ଠାରୁ ଜଣେ ଅଭିଯୁକ୍ତ ଶିଶୁକୁ ଅପହରଣ କରି ନେଇଥିଲେ।

### ଜମିବାଡ଼ି ବିବାଦକୁ ନେଇ ବିଲ୍ଡରଙ୍କୁ ହତ୍ୟା

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏୟାରଫିଲ୍ଡ ଥାନା ପ୍ରଧାନସାହି ଜାମୁକୋଳି ଗାଁରେ ଜଣେ ବିଲ୍ଡର ସସ୍ମିତ ବିଶ୍ୱାଳଙ୍କୁ ହତ୍ୟା କରାଯାଇଥିଲା। ପୂର୍ବରୁ ଅଭିଯୁକ୍ତଙ୍କ ସହ ଜମିବାଡ଼ି ବିବାଦ ହୋଇଥିଲା। ହେଲେ ପୁଲିସ ପହଞ୍ଚି ମାମଲା ସମାଧାନ କରିଥିଲେ। ପରେ ଏହି ଜାଗା ପାଇଁ ଅଭିଯୁକ୍ତ ଏବଂ ବିଲ୍ଡରଙ୍କୁ ପିଟିପିଟି ହତ୍ୟା କରିଥିଲେ।

### ହୋଲିରେ ଡବଲ ମର୍ଡର

ଗତ ହୋଲିରେ ରାଜଧାନୀରେ ଦୁଇଟି ହତ୍ୟାକାଣ୍ଡ ଘଟିଥିଲା। ମଞ୍ଚେଶ୍ୱର ଥାନା ସମେଇ ଗାଡିଆରେ ଆଇଶୁମାନ ପତିଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିଲା। ସେହିପରି ସହିଦନଗର ଥାନା ଶାନ୍ତିପଲ୍ଲୀ ବସ୍ତି ଗୋପିଗୁଣିକୁ ହତ୍ୟା କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିଲା।

### ବିବାହ ପାଇଁ ରାଜି ନ ହେବାରୁ ପ୍ରେମିକା ହତ୍ୟା

ବିବାହ ପାଇଁ ରାଜି ନହେବାରୁ ଫୁଲବାଣୀର ଯୁବତୀ ସ୍ନେହାଙ୍କୁ ପ୍ରେମିକ ଚନ୍ଦନ ହତ୍ୟା କରିଥିଲା। ଚନ୍ଦନ ସିକ୍ୟୁରିଟ୍ ଗାର୍ଡ ଭାବେ କାମ କରୁଥିବା ସମୟରେ ପରିଚିତ ହୋଇଥିଲା। ଏକ ବର୍ଷ ପର୍ଯ୍ୟନ୍ତ କଥାବାର୍ତ୍ତା ହେବା ପରେ ଚନ୍ଦନ ବିବାହ ପାଇଁ କହିବାରୁ ସ୍ନେହା ମନା କରିବାରୁ ତଣ୍ଟି ଚିପି ଅଭିଯୁକ୍ତ ହତ୍ୟା କରିଥିଲା।

### ରାସ୍ତାମଝିରେ ମୁଣ୍ଡଗଣ୍ଡି ଅଲଗା

ଗତ ୪ ମାସ ତଳେ ମଞ୍ଚେଶ୍ୱର ଥାନା ବାଣୀବିହାର ରେଲୱେ ଓଭରବ୍ରିଜ୍ ଉପର ଜାତୀୟ ରାଜପଥରେ ସହଦେବ ନାୟକଙ୍କୁ ହତ୍ୟା କରାଯାଇଥିଲା। ଦୁଇଟି ବାଇକ୍‌ରେ ଅଭିଯୁକ୍ତମାନେ ଆସି ଖଣ୍ଡାରେ ହାଣି ମୁଣ୍ଡଗଣ୍ଡି ଅଲଗା କରିଥିଲେ। ଏହି ହତ୍ୟାକାଣ୍ଡ ରାଜଧାନୀବାସୀଙ୍କୁ ଚକିତ କରିଥିଲା।

### ଭିଆଇପିଙ୍କ ଘରୁ ଚୋରି

ଦୁଇ ମାସ ତଳେ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ହୋଇଥିଲା। ତାଙ୍କ ଘରୁ ସୁନାଗହଣା ଏବଂ ଟଙ୍କା ଚୋରି ହୋଇଥିଲା। ଚୋର ଚୋରି କରିବା ପରେ ପୁଣି ତାଙ୍କ ଘରକୁ ଦୁର୍ବୃତ୍ତ ଟାର୍ଗେଟ କରିଥିଲା। ଏହି ମାମଲାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ସୁନା ଜବତ କରିଥିଲା। କେବଳ ନିରଞ୍ଜନ ନୁହେଁ ସହରର ବିଭିନ୍ନ ଆପାର୍ଟମେଣ୍ଟରୁ ଚୋରି ପୁଲିସ ମୁଣ୍ଡ ପିନ୍ଧାର କାରଣ ପାଲଟିଛି।

### ଡିସିପିଙ୍କ ଚେତାବନୀ କେତେ ପ୍ରଭାବ ପକାଉଛି

ରାଜଧାନୀରେ ରାଜୁତି କରୁଥିବା କ୍ରିମିନାଲକୁ ଚେତାବନୀ ଦେଇଛନ୍ତି ଡିସିପି। ଡିସିପି ଜଗମୋହନ ମୀନା କହିଛନ୍ତି ଯେ, ସହର ଛାଡ଼, ନହେଲେ ଭୁବନେଶ୍ୱର ଛାଡ଼ ବୋଲି କହିଛନ୍ତି ଡିସିପି। ଅପରାଧ ନଛାଡିଲେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି। ଅପରାଧିଙ୍କ ଘର ଅଗରେ ଘରେ ଲଟକା, ସମ୍ପତ୍ତି ଜବତ କରାଯାଉଛି ବୋଲି କହିଛନ୍ତି ଡିସିପି।

### ଅଙ୍ଗଦାନ କରି ଦୁଇ ଜଣଙ୍କୁ ନୂଆ ଜୀବନ ଦେଲା ୬ ବର୍ଷର ଶିଶୁ

# ମହତ ଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର୍





ବାରିପଦା, ୧୩।୫(ସମିସ): ମାତ୍ର ୬ବର୍ଷର କୁନି ଶିଶୁ ପୁତ୍ରଟି ତାର ମହତଦାନ ପାଇଁ ସବୁଦିନ ପାଇଁ ଅମର ହୋଇଯାଇଛି। ଶେଷ ନିଶ୍ୱାସ ତ୍ୟାଗ କରିବା ବେଳକୁ ଅନ୍ୟ ୨ଜଣଙ୍କୁ ଅଙ୍ଗଦାନ କରି ନୂତନ ଜୀବନ ଦାନ ଦେଇଛି। ଶିଶୁଟି ହେଲା ବାରିପଦାର ମୁର୍ଗାବାଡ଼ି ଅଞ୍ଚଳର ଗ୍ରାଣ୍ଡଗଳି ନିବାସୀ ତଥା ଶିକ୍ଷକ ଶ୍ରୀକୃଷ୍ଣ ପାତ୍ର ଓ ସ୍ୱାଗତିକା ସାହୁଙ୍କ ପୁଅ ସ୍ୱଶ୍ରୀୟାନ୍। ମାତ୍ର ୬ ବର୍ଷ ବୟସରେ ନିଜର ୨ଟି କିଡ୍ନୀ ଦାନକରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ସ୍ୱଶ୍ରୀୟାନ୍; ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁର୍ଗାବାଡ଼ି ସ୍ଥିତ ବାସଭବନରେ ମଙ୍ଗଳବାର ସକାଳେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ, କାଉନସିଲର ଲକ୍ଷ୍ମୀଧର ହାବଡା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କର ଏହି ମହତ ଦାନକୁ ମନେ ପକାଇ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରିଜର୍ଭ ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରିବା ପରେ ଚିପଟ ଅସ୍ତିଆରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶିଶୁଟିର ମୁଣ୍ଡ ଉପରେ ଗତ ୬ ତାରିଖରେ ୩ କୁଇଣ୍ଟାଲ୍ ଓଜନର ଏକ ଲୁହା ଗ୍ରୀଲ ଗେଟ୍ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଏବଂ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶିଶୁର ମୃତ୍ୟୁ ପରେ ତାଙ୍କ ପିତାମାତା ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଶିଶୁଟି ୨ଟିଯାକ କିଡ୍ନୀ ଦାନ କରି ସବୁଦିନ ପାଇଁ ଅମର ହୋଇଯାଇଛି। ଅଙ୍ଗଦାନ ଓ ପ୍ରତ୍ୟାରୋପଣ ପ୍ରକ୍ରିୟା ସମ୍ପନ୍ନ ହେବାରୁ ୨ ଜଣ ନୂଆ ଜୀବନ ପାଇଥିଲେ। ଏହାପରେ ମୃତଦେହ ବାରିପଦାକୁ ଆସିଥିଲା। ମଙ୍ଗଳବାର ସକାଳେ ଶୋକାକୂଳ ପରିବେଶ ମଧ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# କାଦୁଆଣିକୁ ଆଦର୍ଶ ଗାଁ ଘୋଷଣା କଲେ ମୁଖ୍ୟମନ୍ତ୍ରୀ





ବିଶୋଇ, ୧୩।୫ (ସମିସ): ସୋମବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଇରଙ୍ଗପୁର ଗସ୍ତ ସାରି ଶଶୁରଘର କାଦୁଆଣିରେ ପହଞ୍ଚିଥିଲେ। ତାଙ୍କୁ ଆଦିବାସୀମାନେ ବାଦ୍ୟଯନ୍ତ୍ରର ତାଳେତାଳେ କାଦୁଆଣି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପାଛୋଟି ନେଇଥିଲେ। ରାଜ୍ୟରେ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଏହା ବିଶୋଇ ପ୍ରଥମ ଗସ୍ତ। ତାଙ୍କୁ ନିକଟରେ ପାଇ କାଦୁଆଣି ଗ୍ରାମବାସୀ ଉତ୍ସାହିତ ହୋଇପଡ଼ିଥିଲେ। ତାଙ୍କ ସହିତ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ୍ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ବାର୍ଦ୍ଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ପ୍ରାକ୍ତନ ବିଧାୟକ କାହ୍ନା ସୋରେନ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କାଦୁଆଣିକୁ ଆଦର୍ଶ ଗ୍ରାମଭାବେ ଘୋଷଣା କରିଥିଲେ। ସେହିପରି କାଦୁଆଣି ପ୍ରାଥମିକ ବିଦ୍ୟାଳୟକୁ ଗଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ଘୋଷଣା କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ, ଖଡ଼ମବେଡା-ଡାକଚଟି ରାସ୍ତା ପ୍ରଶସ୍ତିକରଣ, ବିଶୋଇରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ମହାବିଦ୍ୟାଳୟ ନିର୍ମାଣ, ସରକାରୀ ଆଇ.ଟି.ଆଇ କଲେଜ, ଦୁର୍ଗମ ଅଞ୍ଚଳକୁ ରାସ୍ତା ସଂଯୋଗ ଓ ମୋବାଇଲ ଟାୱାର ସ୍ଥାପନ, ବିଶୋଇ ଡାକବଙ୍ଗଳାର ନବ କଳେବର ଆଦି ନେଇ ଦୃଷ୍ଟି ଆକର୍ଷଣ କରିବେ। ସେହିପରି କାଦୁଆଣି ଗ୍ରାମରୁ କୁନ୍ଦୁଳିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସଂଯୋଗ ନେଇ କାଦୁଆଣିବାସୀ ଉତ୍ସାହିତ ଅଛନ୍ତି।

## ଗରୁଡବସା ଓଏଭିର ପରିଚାଳନା କମିଟି ଗଠିତ

ବେତନଟୀ, ୧୩।୫(ସମିସ): ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଏକ ପରିଚାଳନା କମିଟି ଏବଂ ବିକାଶ କମିଟି ଗଠିତହୋଇଛି। ଏନେଇ ଆୟୋଜିତ ଏକ ବୈଠକରେ ମୟୂରଭଞ୍ଜ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଯୋଗଦେଇଥିଲେ। ଗରୁଡବସା ଓଏଭିର ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଅଧ୍ୟକ୍ଷ ଦାୟିତ୍ୱ ଏବଂ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାର ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଅପର୍ଣ୍ଣା ସାହୁ, ଡ. ରାଜଶ୍ରୀ ସାହୁ, ଏସଡିଓ ଅରୋବିନ୍ଦ ମହାନ୍ତି, ଇଂ. ରବୀନ୍ଦ୍ର ମିଶ୍ର, ବେତନଟୀ ବାଳିକା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦକିଶୋର ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍କୁଲ ସୁପରିଚାଳନା ଠାରୁ ଆରମ୍ଭକରି ଶୃଙ୍ଖଳିତ ପାଠପଢ଼ା, ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ସ୍କୁଲ ପାଠାଗାରରେ କିଭଳୀ ଅଧିକରୁ ଅଧିକ ପିଲାମାନଙ୍କ ପାଇଁ ନୈତିକଶିକ୍ଷା ସମ୍ପର୍କିତ ପୁସ୍ତକ ମହଜୁଦ ରଖାଯାଇପାରିବ ସେନେଇ ଉପଜିଲ୍ଲାପାଳ ଗଠନମୂଳ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଶେଷରେ ଶିକ୍ଷକ ପୀତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡ ଡାକ୍ତରଖାନାରେ ସେବିକା ଦିବସ

ଉଦଳା, ୧୩।୫(ସମିସ): ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମ ଦିବସ ମେ ୧୨ ତାରିଖକୁ ଅନ୍ତର୍ଜାତୀୟ ସେବିକା ଦିବସ ରୂପେ ପାଳନ କରାଯାଇଥାଏ। ଦେଶ ବିଦେଶରେ ନର୍ସମାନଙ୍କ ସେବା ମନୋଭାବକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ଏହି ଅବସରରେ ଉଦଳା ଉପଖଣ୍ଡ ଡାକ୍ତରଖାନାରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ନର୍ସିଂ ସିଷ୍ଟର ରୀତାଞ୍ଜଳି ପୁଥାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ. ଲକ୍ଷ୍ମୀକାନ୍ତ ପତି ଓ ସ୍ୱତନ୍ତ୍ର ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ. ମଧୁସ୍ମିତା ବେହେରା ଯୋଗଦେଇ ସେବିକାଙ୍କ ଭୂମିକା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାଙ୍କ ଭୂମିକା ସମର୍ପିତ। ସେବିକା ବିନା ଚିକିତ୍ସା ସେବା ଅସମ୍ଭବ ବୋଲି ଅତିଥିମାନେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସୀତାଞ୍ଜଳୀ ମହାନ୍ତି ପରିଚାଳନା କରିଥିବା ବେଳେ ସତ୍ୟଭାମା ସାହୁ, ଶକୁନ୍ତଳା ବେହେରା, ସବିତା ମଡୁଆଳ, ବିଷ୍ଣୁପ୍ରିୟା ଘୋଷ, ଶ୍ରୀଦେବୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

ରାଇରଙ୍ଗପୁର, ୧୩।୫(ସମିସ): ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର, ବହଳଦା ସମେତ ବିଭିନ୍ନ ଗ୍ରାମରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ସାନ୍ତାଳୀ ଭାଷାର ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ବାମନଘାଟି ସଭାପତି ଦାସ୍ମାତ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ମୁର୍ମୁ ଛକ ଓ ପରେ ବହଳଦା ବାଇପାସରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ତାଙ୍କ ଜୀବନୀ ଉପରେ



ଆଲୋକପାତ କରାଯାଇ ଅଲଚିକି ଲିପିକୁ ଶହେ ବର୍ଷ ପୂରଣ ହୋଇଥିବାରୁ ମାସାଆର୍ମୀ ପକ୍ଷରୁ ସାନ୍ତାଳୀ ଭାଷାକୁ ଦେଶର ଦ୍ୱିତୀୟ ରାଷ୍ଟ୍ର ଭାଷା ମାନ୍ୟତା ପ୍ରଦାନ କରାଯିବା ସହିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଦାବି କରିଛନ୍ତି। ଏଥିସହିତ ଓଡ଼ିଶାରେ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦିଆଯିବା ସହିତ ପ୍ରଥମ ଶ୍ରେଣୀରୁ ପିଜି, ପି.ଏଚ.ଡି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ପାଠ୍ୟକ୍ରମ ଖୋଲାଯିବାକୁ ମାସା ଆର୍ମୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ବହଳଦା ବ୍ଲକ ସଭାପତି ଲକ୍ଷ୍ମଣ ମାଝୀ, ବାମନଘାଟି ସମ୍ପାଦକ କାହ୍ନୁ ମୁର୍ମୁ, ଦେବାନ ମାଝୀ, ରାଜୁ ମୁର୍ମୁ, ନାରାନ୍ ମାରାଣ୍ଡି, ଚନ୍ଦ୍ରଶେଖର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

**ବୈଶିଙ୍ଗା:** ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ଭାନୁପୁର ସାନ୍ତାଳି (ଅଲଚିକି) ଶିକ୍ଷାନୁଷ୍ଠାନ 'ସାର୍ନା ସେଚେଦ୍ ଅଲ୍ ଇତୁନ୍ ଆଶ୍ଳା' ଏବଂ ଲାଖବିନ୍ଧା 'ବୀର ବୀର୍ସା ଅଲ ଇତୁନ ଆଶ୍ଳା' ପକ୍ଷରୁ ସୋମବାର ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋରେ ପୁଷ୍ପ, ଧୂପ, ଦୀପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଲ ଇତୁନ ଆଶ୍ଳାର ଶିକ୍ଷକ କୈଳାଶ ଚନ୍ଦ୍ର ମୁର୍ମୁ ସେମ୍ଲେଦ ଚିର (ପତାକା) ଉତ୍ତୋଳନ କରିଥିଲେ। ପାରମ୍ପରିକ ବସ୍ତ୍ର ପରିଧାନ କରି ଛାତ୍ରଛାତ୍ରୀ ସାନ୍ତାଳୀ ଧର୍ମଗ୍ରନ୍ଥ 'ହିତାଲ' ପାଠ କରିଥିଲେ। ପରେ ଶିକ୍ଷକ ଶ୍ରୀ ମୁର୍ମୁ ରଘୁନାଥ ମୁର୍ମୁଙ୍କ ଜୀବନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ 'ମିଶନ ଅଲ୍‌ଚିକି -୨୦୨୬'କୁ ସଫଳ କରିବାକୁ ହେଲେ ସମସ୍ତ ସାନ୍ତାଳ ଅଲଚିକି ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଲାଖବିନ୍ଧାରେ ନାରାଣ ମାଝି ପୂଜାର୍ଚ୍ଚନା କରିଥିବା ବେଳେ କାହ୍ନୁ ମାଝି ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଲଚିକି ଶିକ୍ଷକ ଗୌର ମୋହନ ମାରାଣ୍ଡି, ବାଇଧର ଟୁଡ୍ଡୁ, ଲକ୍ଷ୍ମଣ ମାରାଣ୍ଡି, ଆଶ୍ଳାର ସଭାପତି ସମ୍ବରାୟ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମାତୃ ଦିବସ ପାଳିତ

ମାଣତ୍ରୀ, ୧୩।୫(ସମିସ): ବଡସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ରସିକରାୟ ମନ୍ଦିର ପରିସରରେ ରବିବାର ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପାଟଳିପୁରା ଗୀତା ପାଠଶାଳାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମ କୁମାରୀ ମମତା ଭଉଣୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ମାନଗୋବିନ୍ଦପୁର ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ଆରତୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ଗାନ୍ଧୀ ନଗରପଡ଼ା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୀତା ପାଠଶାଳାର ବ୍ରହ୍ମ କୁମାରୀ ପ୍ରେମଲତା ଭଉଣୀ, ବିକେ ଭାସ୍କର ଦୁର୍ଗା ଯୋଗ ଦେଇଥିଲେ। ମାତୃ ଶକ୍ତି ଦ୍ୱାରା ବିଶ୍ୱର ପରିବର୍ତ୍ତନ ହୋଇ ପବିତ୍ରତା ଓ ଅହିଂସା ଯୁକ୍ତ ଏକ ନୂତନ ଦୁନିଆ ସ୍ଥାପନ ହେବ ବୋଲି ବି.କେ ମମତା ଭଉଣୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବି.କେ ଭାସ୍କର ଦୁର୍ଗା ଏହି ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ପହେଲଗାଁରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣ ପ୍ରାଣ ହରାଇଥିବା ମୃତକଙ୍କ ଅମର ଆତ୍ମାର ସତଗତି ଉଦ୍ଦେଶ୍ୟରେ ମହମବତୀ ଜାଳିବା ସହ ନିରବ ପ୍ରଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଟଳିପୁରା, ମିରିମିଦାରୀ, ମାଣତ୍ରୀ ଓ ଦାରିହା ଗୀତା ପାଠ ଶାଳାରୁ ସମସ୍ତ ଭାଇଭଉଣୀ ଯୋଗ ଦେଇଥିଲେ। ବ୍ରହ୍ମକୁମାର ଧ୍ରୁବ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରେ ଧର୍ମଘଟ ସଫଳ ପାଇଁ ମିଳିତ ପ୍ରଚାର

ଶୁକ୍ଳି/ଯଶିପୁର, ୧୩।୫(ସମିସ): ୪ଟି ଶ୍ରମ କୋଡ଼ ବାତିଲ କରିବା, ଆଇଏଲସି ତୁରନ୍ତ କରିବା, ଓପିଏସ୍ ଲାଗୁ କରିବା, ସ୍କିମ ୱାର୍କରଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ କରିବା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ଏମ୍ଏସ୍‌ପିକୁ ଆଇନ୍ ପରିସରଭୁକ୍ତ କରିବା ଆଦି ଦାବି ନେଇ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷର ଏଆଇଟିୟୁସି ଓ ଏଆଇୟୁଟିୟୁସି ପକ୍ଷରୁ ଯଶିପୁର ବଜାର ଓ ଘରୋଇ ବସ୍ ଷ୍ଟାଣ୍ଡରେ ମିଳିତଭାବେ ପ୍ରଚାର ପ୍ରସାର ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଏଆଇୟୁଟିୟୁସିର ରାଜ୍ୟ ସଭାପତି ଶମ୍ଭୁନାଥ ନାଏକ ଓ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଯୋଗଦେଇ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷକୁ ଶୋଷଣ କରୁଥିବା ସରକାର ବିରୋଧରେ ଏ ଧର୍ମଘଟକୁ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ସଫଳ କରିବାକୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ ମୁର୍ମୁ, ଲଳିତ ମହାନ୍ତ, ନୀଳାମ୍ବର ନାଏକ, ତରୁଣ ପାତ୍ର, ମନୋଜ ମହାନ୍ତ, ଦ୍ରୋପଦୀ ମହାନ୍ତ, ପ୍ରମୋଦ ମହାନ୍ତ, ସଞ୍ଜୟ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ।

## ଗୁଡିସାହିରେ ଅଖଣ୍ଡ ଯଜ୍ଞ ଓ ଅଲେଖ ମେଳା



ଜାମଦା, ୧୩।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ଆଗଡ଼ା ଗ୍ରାମର ଗୁଡିସାହିଠାରେ ଚନ୍ଦନ ପୂର୍ଣ୍ଣିମା ଅବସରରେ ବାର୍ଷିକ ଅଖଣ୍ଡ ଯଜ୍ଞ ଏବଂ ଅଲେଖ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାଟି ୧୯୭୨ ମସିହାରୁ ଗୋପାଳ ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଆସୁଛି। ମେଳାରେ ବିଭିନ୍ନ ଅଞ୍ଚଳ ଯଥା ବାଲିଆପାଳରୁ ବନମାଳୀ ବାବା, ବାବୁ ବାବା, ଯଶିପୁର ଟାଙ୍ଗରବଳଦାରୁ ଯୋଗେଶ୍ୱର ବାବା, ନଅଣାରୁ ଭାସ୍କର ବାବା, ମଧୁପୁରରୁ ହରିଶ୍ ବାବା, ମଣ୍ଟୁ ବାବା, ନିରଞ୍ଜନ ବାବା, ଜଗମୋହନ ବାବା, ଦହିକୁଟିରୁ ଗିରୀଶ ବାବା, ସହଦେବ ବାବା, ଆଗଡ଼ାରୁ ତ୍ରିଲୋଚନ ବାବା, ଶରତ ବାବା, ବିବର୍ତ୍ତନ ବାବା, ସୁଶାନ୍ତ ବାବା ଏବଂ ଜାମଦାରୁ ଗୋପବନ୍ଧୁ ବାବା ପ୍ରମୁଖ ଉପସ୍ଥିତ ଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବୈଶିଙ୍ଗା, ୧୩।୫(ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ଭାନପୁର ଗ୍ରାମରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ସୋମବାର ଅପରାହ୍ନ ସମୟରେ ଭାନପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଜମିରେ ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ଜଣେ ଯୁବକଙ୍କ ମୃତଦେହ ପଡ଼ିଥିଲା। ଏହାକୁ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ଏସଆଇ ଦେବାଶିଷ ମଣ୍ଡଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କରାଟେ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୧୩।୫(ସମିସ): ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାଲବଣି ସ୍ଥିତ ଉତ୍କଳ କରାଟେ ସ୍କୁଲର ବାରିପଦା ମୁଖ୍ୟ ଶାଖାରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ତଥା ସ୍ଥାନୀୟ କାଉନସିଲର ଦେବାଶିଷ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଶିକ୍ଷକ ସେନସି ରୋନକ ପଟ୍ଟନାୟକ, ସେନସି ପ୍ରଦୀପ କୁମାର ଦେ ଓ ଅଭିଭାବକମାନେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ସ୍କୁଲର ୧୧ଜଣ ଖେଳାଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଏସ.ପି ଭିହାନ ୬ବର୍ଷ ବାଳକ ବିଭାଗରେ କାଟାରେ ଦ୍ୱିତୀୟ, ଆହାନ ନାୟକ ୮ବର୍ଷ ବାଳକ ବିଭାଗର କୁମତିରେ ଦ୍ୱିତୀୟ, ସାନଭି ପାଢ଼ୀ ୧୦ବର୍ଷ ବାଳିକା ବିଭାଗର କୁମତିରେ ତୃତୀୟ, ଶିବା ସିଂ ୧୧ବର୍ଷ ବାଳକ ବିଭାଗରେ କୁମୁତିରେ ତୃତୀୟ, ସୁହାନି ସିଂ ୧୩ବର୍ଷ ବାଳିକା ବିଭାଗର କୁମୁତିରେ ତୃତୀୟ, ଓଁମ ପ୍ରକାଶ ଦେ ୧୬ବର୍ଷ ବାଳକ ବିଭାଗର କୁମୁତିରେ





ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳାଳିଙ୍କୁ ମୁଖ୍ୟ ଅତିଥି ଶ୍ରୀ ପାତ୍ର ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# କାକୁଡିହା-ଚିତ୍ରଡା ରାସ୍ତା ମରଣଯନ୍ତା



ମୋରଡ଼ା, ୧୩।୫(ସମିସ): ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାର କାକୁଡ଼ିହା-ଚିତ୍ରଡା ମୁଖ୍ୟ ରାସ୍ତା ଦୀର୍ଘଦିନ ହେବ ମରଣଯନ୍ତା ପାଲଟିଛି। ଫଳରେ ସନ୍ଧ୍ୟା ହେଲେ ସେହି ରାସ୍ତାର ଚେକଡ୍ୟାମ ନିକଟରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ବ୍ଲକ ପ୍ରଶାସନ ତରଫରୁ ୨୦୦୪ ମସିହାରେ ମାଗାଧ ବନ୍ଧର ଜଳକୁ ସଂରକ୍ଷଣ କରି ରଖି ଚାଷରେ ବ୍ୟବହାର କରିବା ପାଇଁ 'ଫୁଡ଼ ଫର ୱାର୍କ' ତରଫରୁ ନିର୍ମାଣ କରାଯାଇଥିଲା। ଦୁଇ ପାର୍ଶ୍ୱରେ ସୁରକ୍ଷା ପାଚେରି ସହିତ ଦୁଇଟି ଗାଧୁଆ ତୁଠ ନିର୍ମାଣ କରାଯାଇଥିଲା। ହେଲେ ଗତବର୍ଷ ବର୍ଷାରେ ଗାଧୁଆତୁଠ ପାହାଚ ସହିତ ସୁରକ୍ଷା ପାଚେରିଗୁଡିକ ଧସିଯାଇଛି। ଫଳରେ ମାଟି ରାସ୍ତା ପାର୍ଶ୍ୱ ସମ୍ପୂର୍ଣ୍ଣଭାବେ ଖାଇଯାଇଛି। ଉକ୍ତ ରାସ୍ତା ଉପରେ କାକୁଡ଼ିହା, ଡାହିସାହି, ବନ୍ଧସାହି, ପାଟପୁର ଏବଂ ଧଡ଼ାସାହିର ଲୋକେ ନିର୍ଭର କରୁଛନ୍ତି। ତେବେ ଦୀର୍ଘଦିନ ହେଲା ମରାମତି ନ ହେବାରୁ ବିପର୍ଯ୍ୟସ୍ତ ହେବା ସହିତ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିବା ବହୁ କଷ୍ଟକର ହେଉଛି। ସେହିପରି ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ସନ୍ଧ୍ୟା ହେଲେ ସାଇକଲ ଆରୋହୀମାନେ ଜାଣି ନ ପାରି ରାସ୍ତାରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। କୌଣସି ଦୁର୍ଘଟଣା ଘଟିଲେ ଆମ୍ବୁଲାନ୍ସ କି ଦମକଳ ବାଡି ଗାଁରେ ପହଞ୍ଚି ଅସମ୍ଭବ। ତେଣୁ ଉକ୍ତ ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଡ଼ିଓ ଅଣାକର ନାୟକଙ୍କୁ ପଚାରିବାରୁ ଯଥାଶୀଘ୍ର ଉକ୍ତ ରାସ୍ତାକୁ କୌଣସି ଏକ ଯୋଜନାରେ ସାମିଲ କରାଯାଇ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ଆଦିବାସୀ ବିନ୍ଧାଣୀ ଓ ଲୋହାର ସମ୍ପ୍ରଦାୟ ଉନ୍ନୟନ ମହାସଂଘର ବୈଠକ





ବେତନଟୀ, ୧୩।୫(ସମିସ): ନିଖିଳ ଓଡ଼ିଶା ଆଦିବାସୀ ବିନ୍ଧାଣି ଲୋହାର ସମ୍ପ୍ରଦାୟ ଉନ୍ନୟନ ମହାସଂଘ ପକ୍ଷରୁ ଏକ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସଚ୍ଚୀନ୍ଦ୍ରନାଥ ମୁଣ୍ଡାଲୋହାରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମହାସଂଘର ମୟୂରଭଞ୍ଜ ଜିଲ୍ଲା କୋଷାଧ୍ୟକ୍ଷ ବୁଲୁ ବିନ୍ଧାଣୀ, ଜିଲ୍ଲା କମିଟି ସଦସ୍ୟ କାଳାଚାନ୍ଦ ବିନ୍ଧାଣୀ, ସନାତନ ବିନ୍ଧାଣି, ବାଉଳା ବିନ୍ଧାଣୀ, ରାଜେନ୍ଦ୍ର ବିନ୍ଧାଣିଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ କୋଲ, ମୁଣ୍ଡାଲୋହାର ଓ ଠାରୁଆ ବିନ୍ଧାଣୀ ଗୋଷ୍ଠୀର ସଦସ୍ୟ/ସଦସ୍ୟାମାନେ ସାମାଜିକ, ଅର୍ଥନୈତିକ ଉପରେ ଆଲୋଚନା କରିଥିଲେ। ସେମାନେ ପ୍ରକୃତରେ ମୂଳ ଆଦିବାସୀ କୋଲ୍ହ, ମୁଣ୍ଡା ଏବଂ ଠାରୁଆ ସମ୍ପ୍ରଦାୟର ହୋଇଥିଲେ ମଧ ଜୀବିକା ଅର୍ଜନ ପାଇଁ ବୃତ୍ତିଗତ ଭାବେ ଲୁହାଶାଳ (କମାରଶାଳ) ବୃତ୍ତିକୁ ଆପଣାଇ ଥିବାରୁ ସ୍ଥାନୀୟ ଭାଷାରେ ସେମାନଙ୍କୁ ଚାପୁଆ ବିନ୍ଧାଣୀ, ପେଣ୍ଡିଆ କମାର, କଳାପିଠିଆ ବିନ୍ଧାଣୀ ଭାବରେ ନାମିତ କରାଯାଇଛି। ଏହି ସମ୍ପ୍ରଦାୟର ଅଧିକାଂଶ ଲୋକ ଭୂମିହୀନ, ଗରିବ। ଏପରିକି ନିରକ୍ଷର ହୋଇଥିବାରୁ ଜମିପଟ୍ଟା ପ୍ରସ୍ତୁତକାରୀ ଚକବନ୍ଦୀ ଅଧିକାରୀମାନେ ତଦନ୍ତ ନକରି ମନମୁଖୀ ଭାବେ ପ୍ରକୃତଜାତି କୋଲ ବା କୋଲ୍ହ ଲୋହାରସ, ମୁଣ୍ଡା ଲୋହାର ଏବଂ ଠାରୁଆ ବିନ୍ଧାଣୀ ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ ଭାବେ କମାର, ବିନ୍ଧାଣୀ ତଥା ଅନ୍ୟାନ୍ୟ ଜାତି ନେଇ ପଟ୍ଟାରେ ଲେଖିଛନ୍ତି। ଏ ନେଇ ସମ୍ପ୍ରଦାୟ ପକ୍ଷରୁ ସୁପ୍ରିମକୋର୍ଟ, ଜାତୀୟ ମାନବାଧିକାର କମିଶନ, ଉଚ୍ଚନ୍ୟାୟଳୟ, ରାଜସ୍ୱ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ରାଜସ୍ୱ କମିଶନର, ଗୃହବିଭାଗର ଆଦେଶନାମାକୁ ଅଣଦେଖା କରି ଜମିପଟ୍ଟା ସଂଶୋଧନ ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ ଜମିପଟ୍ଟା ଆଧାରରେ ତହସିଲ ପକ୍ଷରୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ସମ୍ପ୍ରଦାୟର ସାମୂହିକ କଲ୍ୟାଣ ଏବଂ ଜନ୍ମଗତ ଅଧିକାର ହାସଲ କରିବାକୁ ସଂଘର୍ଷ ଜାରି ରହିଥିବା ବେଳେ ଏହାକୁ ସଫଳ କରିବା ପାଇଁ ତୃଣମୂଳସ୍ତରରେ କମିଟି ଗଠନ କରାଯିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ସେହି ଅନୁସାରେ ବେତନଟୀ ତହସିଲ କମିଟି ଗଠନ କରାଯାଇଛି। ସଭାପତି ସନାତନ ବିନ୍ଧାଣୀ, ଉପସଭାପତି କୁନି ବିନ୍ଧାଣୀ, କାର୍ଯ୍ୟକାରୀ ସଭାପତି ଜନାର୍ଦ୍ଦନ ବିନ୍ଧାଣୀ, ସମ୍ପାଦକ ପପୁ ବିନ୍ଧାଣୀ, ସହସମ୍ପାଦକ ସୁଭଦ୍ରା ବିନ୍ଧାଣୀ, ସଂଗଠନ ସମ୍ପାଦକ ହେମନ୍ତ ବିନ୍ଧାଣୀ, କୋଷାଧ୍ୟକ୍ଷ ରାମ ବିନ୍ଧାଣୀ, ମୁଖ୍ୟଉପଦେଷ୍ଟା ବିପ୍ରା ବିନ୍ଧାଣୀଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ଭାବେ ଶୁକୁରା ବିନ୍ଧାଣୀ, ଶକୁନ୍ତଳା ବିନ୍ଧାଣୀ, ବାସୁଦେବ ବିନ୍ଧାଣୀ, ଭବାନୀଶଙ୍କର ବିନ୍ଧାଣୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

### ଭାଗୀରଥି ସାଗର ପୁନରୁଦ୍ଧାରରେ ଅନିୟମିତତା ପ୍ରସଙ୍ଗ

# ସୁରକ୍ଷା ସମିତି ପକ୍ଷରୁ ଗଣଧାରଣା

ଢେଙ୍କାନାଳ, ୧୩।୫ (ସମିସ)




ଭାଗୀରଥି ସାଗର ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତାକୁ ନେଇ ପୋଖରୀ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୁରକ୍ଷା ସମିତିର ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଗଣଧାରଣା ସହିତ ପ୍ରତିବାଦ କରାଯାଇଛି। ସହରରେ ଗତ ୩ ବର୍ଷ ହେଲା ସରକାରଙ୍କ ପକ୍ଷରୁ ଆମ ପୋଖରୀ ଯୋଜନା ଆରମ୍ଭ ହୋଇଥିଲା। ସେଥିରେ ଢେଙ୍କାନାଳ ସହରର ୧୬ଟି ପୋଖରୀ ଯୋଜନା ପରିସରଭୁକ୍ତ କରାଯାଇ ପଙ୍କଉଦ୍ଧାର କାର୍ଯ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ପଙ୍କ ମାଟି ପୋଖରୀ ବାହାରକୁ ନନେଇ ପୋଖରୀଗୁଡ଼ିକୁ ସଙ୍କୁଚିତ କରାଯାଇଛି। ପୋଖରୀ ସୁରକ୍ଷା ସମିତି ଏହାର ବିରୋଧ କରିଆସୁଛି। ସାତ ଦିନ ମଧ୍ୟରେ କେବଳ ଭାଗୀରଥି ସାଗର ଭିତରେ ଥିବା ପଙ୍କ ମାଟି ବାହାରକୁ ନିଷ୍କାସନ କରିବାପାଇଁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ଜିଲ୍ଲା ପ୍ରଶାସନ କୌଣସି ସମାଧାନ ନକରିବାରୁ ପୋଖରୀ ସୁରକ୍ଷା ସମିତି ବାଧହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ମାଧ୍ୟମରେ ପ୍ରତିବାଦ କରିଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପୋଖରୀ ସୁରକ୍ଷା ସମିତିର କିଛି ସଭ୍ୟଙ୍କୁ ଜଣାଇଥିଲେ ଯେ ପୌରନିର୍ବାହୀ ଅଧିକାରୀଙ୍କୁ ପୋଖରୀରୁ ସମସ୍ତ ପଙ୍କ ମାଟି ହୁଡା ବାହାରେ ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ବାର୍ତ୍ତାକୁ ପୋଖରୀ ସୁରକ୍ଷା ସମିତି ଧନ୍ୟବାଦ ଦେବା ସହ ଆଗାମୀ ସାତ ଦିନ ଭିତରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ କିଭଳି କାର୍ଯ୍ୟକାରୀ ହେଉଛି ତାକୁ ଅନୁଧ୍ୟାନ କରି ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ। ଯଦି ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନହୁଏ କିମ୍ବା ବର୍ଷା ପୂର୍ବରୁ ପୋଖରୀ ଭିତରୁ ସମସ୍ତ ପଙ୍କ ମାଟି ନଉଠେ ତେବେ ଏହି ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ। ଆଜିର ଗଣଧାରଣାରେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ଢେଙ୍କାନାଳ ମାଟିର ସୁରକ୍ଷା କରିବେ ଓ ଢେଙ୍କାନାଳ ଲୋକଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଯଦି ଆସନ୍ତା ସାତ ଦିନ ଭିତରେ ପୋଖରୀରୁ ପଙ୍କ ମାଟି ନ ଉଠେ ତେବେ ଏହି ଆନ୍ଦୋଳନ ଜାରି ରଖିବା ପାଇଁ ଚେତାବନୀ ଦିଆଯାଇଛି। ବିଜେଡି କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ପୂର୍ବତନ କାଉନସିଲର ଜ୍ଞାନ ମିଶ୍ର, କଂଗ୍ରେସ ଜିଲ୍ଲା ସଭାପତି ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, ଆଇନଜୀବୀ ନିର୍ମଳ ମିଶ୍ର, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ପ୍ରିୟବ୍ରତ ଗଡ଼ନାୟକ, ସରୋଜ ଶତପଥୀ, ରୁଦ୍ରପ୍ରସାଦ ଶରଣ, ଆମ୍ ଆଦମୀ ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ପିତାମ୍ବର ସାମନ୍ତରାୟ, ପ୍ରସନ୍ନ ବରାଳ, ପୂର୍ବତନ ସେନା ଅଧିକାରୀ ଅଖିଳ ମହାପାତ୍ର ଓ ନଗେନ କର, ସଚେତନ ନାଗରିକ ଫୋରମର ସମ୍ପାଦକ ଭରତ କୁମାର ଦାସ, ସହସମ୍ପାଦକ ଦିଲ୍ଲୀପ ରାଉତ, ମନ୍ମଥ ରାଓ, କିଶୋର ବେହେରା, ଗୋକୁଳାନନ୍ଦ ମାଝୀ, ଅରବିନ୍ଦ ମିଶ୍ର ପ୍ରମୁଖ ଏହି ଧାରଣାରେ ଯୋଗ ଦେଇଥିଲେ। ବର୍ଷା ପୂର୍ବରୁ ପୋଖରୀଗୁଡ଼ିକରୁ ଦ୍ୱିତୀୟ ହୁଡା କରାଯାଇଥିବା ପଙ୍କ ମାଟି ବାହାରକୁ ନିଷ୍କାସନ କରା ନଗଲେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ଏବଂ ଢେଙ୍କାନାଳ ବନ୍ଦ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ବିକାଶ ସ୍ୱାଇଁ, ବାସନ୍ତୀ ସ୍ୱାଇଁ, ସୁଜିତ ବେହେରା, ଦୁଷ୍ମନ୍ତ ମହାନ୍ତି, ଚିତ୍ତରଞ୍ଜନ ରାଉତ, ଉଦୟନାଥ ବେହେରା, ଅବିନାଶ ସାହୁ, ମଙ୍ଗୁଳି ବେହେରା ପ୍ରମୁଖ ବହୁ ଏଥିରେ ସାମିଲ ହୋଇଥିଲେ। ପଙ୍କଜ ନାୟକ ଧନ୍ୟବାଦ ଦେଇଥିଲେ।

# ସିବିଏସ୍‌ଇ ପରୀକ୍ଷା ଫଳ

### ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡେରୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

## ■ ଅମରେଶ ତ୍ରିପାଠୀ ଜିଲ୍ଲା ଟପର୍



ଢେଙ୍କାନାଳ, ୧୩।୫(ସମିସ): ଚଳିତ ବର୍ଷ ସିବିଏସ୍‌ଇ ପରୀକ୍ଷାରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌କୁ ଶତ ପ୍ରତିଶତ ସଫଳତା ମିଳିଛି। ୧୦ମ ଶ୍ରେଣୀରେ ୨୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୧୭ ଜଣ ୯୫ ପ୍ରତିଶତରୁ ଅଧିକ ରଖିଥିବା ବେଳେ ୯୦ ପ୍ରତିଶତରୁ ଅଧିକରେ ୫୪ ଜଣ, ୮୦ ପ୍ରତିଶତରୁ ଅଧିକରେ ୧୧୪ ଜଣ ଏବଂ ୧୯୩ ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକରେ ପାସ୍ କରିଛନ୍ତି। ଗଣିତରେ ୪ ଜଣ, ଓଡ଼ିଆରେ ୬ ଜଣ, ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ ୨ ଜଣ, ସାମାଜିକ ଓ ବିଜ୍ଞାନ ବିଷୟରେ ଜଣେ ଲେଖାଏ ଛାତ୍ର ଛାତ୍ରୀ ଶତ ପ୍ରତିଶତ ପାସ୍ ହୋଇଛନ୍ତି। ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ଅମରେଶ ତ୍ରିପାଠୀ ୯୮.୬% ରଖି ଜିଲ୍ଲାରେ ସର୍ବୋଚ୍ଚ ସ୍ଥାନ କରିଛନ୍ତି। ଶୁଭମ୍ ଶୁଭ୍ରଜିତ ଓ ସମ୍ବିଦ୍ କୁମାର ବେହେରା ସମାନ୍ତରାଳ ଭାବେ ୯୮ ପ୍ରତିଶତ ରଖି ୨ୟ ସ୍ଥାନ କରିଛନ୍ତି। ୩ୟ ସ୍ଥାନରେ ୯୭.୬ ପ୍ରତିଶତ ରଖି କ୍ଷିତୀଶ କୁମାର ସାହୁ ବିଦ୍ୟଳୟ ପାଇଁ ସୁନାମ ଆଣିଛନ୍ତି। ଦ୍ୱାଦଶ ଶ୍ରେଣୀରେ ୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ମଧ୍ୟ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଆଦ୍ୟାଶା ପ୍ରିୟଦର୍ଶିନୀ ମଲ୍ଲିକ୍ ୮୯.୬ ପ୍ରତିଶତ ଅଙ୍କ ରଖିଛନ୍ତି। ପ୍ରିୟଂଶୀ ଶତପଥୀ ୮୬.୪ ପ୍ରତିଶତ ରଖି ୨ୟ ସ୍ଥାନ ଅଧିକାର କରିବା ସହିତ ୮୫.୬ ପ୍ରତିଶତ ରଖି ପ୍ରିୟଂଶି ମିଶ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ସଫଳତାରେ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟକ୍ଷ ଅଭିଭାବକ ଓ ଶିକ୍ଷକ ସଂଘ ପିଟିଏ ଓ ପରିଚାଳନା ପରିଷଦର ଏସଏମଏସ ସଭ୍ୟମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହାସହ ଅଭିଭାବକ, ଶିକ୍ଷକ ସଂଘ ଓ ପରିଚାଳନାର ସଭ୍ୟ ଓ ସଭ୍ୟାମାନେ ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ଓ ପିତାମାତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା



ଢେଙ୍କାନାଳ, ୧୩।୫(ସମିସ): ଢେଙ୍କାନାଳ ସହର ନିକଟସ୍ଥ କଣ୍ଟାନାଳୀଠାରେ ଥିବା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦଶମ ଏବଂ ଏକାଦଶ ଶ୍ରେଣୀ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଆଜି ସିବିଏସଇ ତରଫରୁ ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ସାତ୍ତ୍ୱିକ୍ ଶତପଥୀ ୯୪.୨ ପ୍ରତିଶତ ନମ୍ବର ରଖି ପାସ କରିଥିବା ବେଳେ ଗୌତମୀ ପ୍ରିୟଦର୍ଶିନୀ ବିଶ୍ୱାଳ ୯୦.୬ ପ୍ରତିଶତ, ତ୍ରିସାଞ୍ଜଳି ପତି ୯୦.୨ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି। ବିଦ୍ୟାଳୟର ମୋଟ ୭୪ଜଣ ଛାତ୍ରଛାତ୍ରୀ ପାସ କରିବା ସହିତ ଶତପ୍ରତିଶତ ସଫଳତା ପାଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ଅମ୍ରିତ ମହାନ୍ତି ୯୭.୮ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ଶୁଭମ ମହାନ୍ତି ୯୫.୬ ପ୍ରତିଶତ ରଖି ଦ୍ୱିତୀୟ ଏବଂ ସମୀକ୍ଷା ୯୫.୪ ପ୍ରତିଶତ ରଖି ତୃତୀୟସ୍ଥାନ ହାସଲ କରିଛନ୍ତି। ୧୦ମ ଶ୍ରେଣୀରେ ମୋଟ ୧୫ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ବିଦ୍ୟାଳୟର ପରୀକ୍ଷା ଫଳକୁ ନେଇ ସମସ୍ତ ଶିକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବଜ୍ରପାତରେ ବାଳକ ଗୁରୁତର



ଭୁବନ, ୧୩।୫ (ସମିସ): ଭୁବନ ଥାନା ଅନ୍ତର୍ଗତ କାନଖାଇ ଗ୍ରାମରେ କାଳବୈଶାଖୀ ବର୍ଷା ବେଳେ ହଠାତ୍ ବଜ୍ରପାତ ଘଟି ଜଣେ ବାଳକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। କାନଖାଇ ଗ୍ରାମର ପବିତ୍ର ସାହୁଙ୍କ ପୁଅ ଦେବପ୍ରକାଶ ସାହୁ (୧୦ ବର୍ଷ) ବାସଘର ନିକଟରେ ବସିଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା। ଏହି ବଜ୍ରପାତରେ ଦେବ ଗୁରୁତର ଆହତ ହୋଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା ପରେ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି

ଭୁବନ, ୧୩।୫(ସମିସ): ଭୁବନ ବ୍ଲକ ପଞ୍ଚାୟତସମିତି ସଭାଗୃହଠାରେ ଜିଲାପାଳଙ୍କ ଏକ ମିଳିତ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶକୁମାର ଉପାଧ୍ୟାୟ ଉପସ୍ଥିତ ରହି ମୋଟ୍ ପଞ୍ଜିକୃତ ୫୫ଟି ସମସ୍ୟାର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେଇଥିଲେ। ଏହି ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ ଜିଲ୍ଲା ଆରକ୍ଷୀ ଅକ୍ଷକ ଅଭିନବ ସୋନକାର, ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଏହି ଶିବିରରେ ଉପସ୍ଥିତ ରହିଥିଲେ। ମୋଟ୍ ୫୫ ସମସ୍ୟାରୁ ବ୍ୟକ୍ତିଗତ ସମସ୍ୟା ୪୦, ଗ୍ରାମ ସମସ୍ୟା ୬ଟି, ୧୩ଟି ସମସ୍ୟାର ସମାଧାନ ଘଟଣାସ୍ଥଳରେ କରାଯାଇଥିଲା।

# ପାଉଁଶ ଇଟା ମାଲିକଙ୍କ ଅଭିଯୋଗ

ଢେଙ୍କାନାଳ, ୧୩।୫(ସମିସ): ଢେଙ୍କାନାଳ ଜିଲ୍ଲାରେ ଥିବା ପ୍ରାୟ ୮୦ଟି ପାଉଁଶ ଇଟା ୟୁନିଟ ତରଫରୁ ଟାଟା ଦେଉଥିବା ପାଉଁଶକୁ ନେଇ ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକଙ୍କୁ ଭେଟି ଲିଖିତ ଅଭିଯୋଗ କରାଯାଇଛି। ପ୍ରକାଶ ଯେ ପୂର୍ବରୁ ଟାଟା ଷ୍ଟିଲ୍ ଇଟା ୟୁନିଟଗୁଡ଼ିକୁ ମାଗଣାରେ ପାଉଁଶ ଯୋଗାଇ ଦେଉଥିଲା, କିନ୍ତୁ ବର୍ତ୍ତମାନ କିଛି ୟୁନିଟକୁ ମାଗଣା ଦିଆଯାଉଛି ଓ ଆଉ କିଛି ୟୁନିଟରୁ ଅର୍ଥ ଆଦାୟ କରୁଛନ୍ତି। ଏହାକୁ ନେଇ ପାଉଁଶ ଇଟା ୟୁନିଟର ମାଲିକମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ଯେମିତି ମାଗଣା ଥିଲା ତାହା ରହୁ କିମ୍ବା ସମସ୍ତଙ୍କୁ ଗୋଟିଏ ମୂଲ୍ୟ ଧାର୍ଯ୍ୟ କରାଯାଉ।

### ■ ପାନୀୟଜଳ ସମସ୍ୟା

# ଗରା-ମାଠିଆ ଧରି ରାସ୍ତାରେ ମହିଳା ପୁରୁଷ



ହିନ୍ଦୋଳ, ୧୩।୫(ସମିସ): ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଗିରିଧରପ୍ରସାଦ ପଞ୍ଚାୟତରେ ପାନୀୟଜଳ ସମସ୍ୟାକୁ ନେଇ ଶତାଧିକ ମହିଳା ଓ ପୁରୁଷ ଗରାମାଠିଆ ଧରି ରାସ୍ତାରୋକ କରିଥିଲେ। ଗିରିଧର ପ୍ରସାଦ ପଞ୍ଚାୟତର ଜୁଆଙ୍ଗ ସାହିରେ ୨୦୦ ଜନସଂଖ୍ୟା। ସମସ୍ତେ ଏଠାରେ ବସବାସ କରୁଥିବା ବେଳେ ପାନୀୟଜଳ ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଛି। ଗ୍ରାମରେ ରହିଥିବା ୧ ମାତ୍ର ନଳକୂପ ୧୦ ଦିନ ହେବ ଖରାପ ହୋଇଯିବାରୁ ସାହି ବାସିନ୍ଦାମାନେ ପ୍ରଚଣ୍ଡ ଖରାରେ ଡହଳବିକଳ ହୋଇ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଏହି ଘଟଣାକୁ ନେଇ ଶତାଧିକ ମହିଳା ଓ ପୁରୁଷ ମିଳିତ ହୋଇ ୧୫କିମି ଦୂର ହିନ୍ଦୋଳ ସଦର ବ୍ଲକ ଛକସ୍ଥିତ ବସଷ୍ଟାଣ୍ଡ ସାମ୍ନାରେ ସକାଳ ୮ରୁ ଗରାମାଠିଆ ଧରି ପ୍ରଚଣ୍ଡଖରାରେ ଦୀର୍ଘସମୟ ଧରି ରାସ୍ତାରୋକ କରିଥିଲେ। ଖବରପାଇ ହିନ୍ଦୋଳ ଥାନାଧିକାରିଣୀ ଚାରୁଲତା ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝସୁଝା କରିବା ପରେ ଖୁବଶୀଘ୍ର ଏହାର ସମସ୍ୟା ସମାଧାନ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣା ପ୍ରତ୍ୟାହାର କରିଥିଲେ।

# ବାଜିରାଉତ ହାଉସିଂ ବୋର୍ଡ-୨ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଢେଙ୍କାନାଳ, ୧୩।୫(ସମିସ): ଢେଙ୍କାନାଳ ପୌରସଂସ୍ଥା ଅନ୍ତର୍ଗତ ୮ ନଂ ୱାର୍ଡ ବାଜିରାଉତ ହାଉସିଂବୋର୍ଡ ଫେଜ-୨ରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏନେଇ ବାସିନ୍ଦାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଉସିଂବୋର୍ଡକୁ ନିୟମିତ ଜଳଯୋଗାଣ ସହିତ ଜନସ୍ୱାସ୍ଥ୍ୟ ବିଭାଗକୁ ଜଳଯୋଗାଣ ଦାୟିତ୍ୱ ପ୍ରଦାନ କରାଯିବା, ହାଉସିଂ ବୋର୍ଡରେ ପୌରସଂସ୍ଥା ପାର୍କ ନିର୍ମାଣ କରାଯିବା, ପ୍ରମୁଖ ରାସ୍ତା, ଗଳି ରାସ୍ତା ସହିତ ବିଦ୍ୟୁତ ସବଷ୍ଟେସନରେ ଲତାବୁଦା ଜଙ୍ଗଲ ଆଦି ସଫା କରିବା, ମ୍ୟୁନିସିପାଲିଟି ତରଫରୁ ନିୟମିତ ଭାବରେ ଓଦା ଏବଂ ଶୁଖିଲା ଅଳିଆ ସଂଗ୍ରହ କରିବା, ହାଉସିଂ ବୋର୍ଡ ନିକଟରେ ଜଙ୍ଗଲ ଥିବାରୁ ବନ୍ୟଜନ୍ତୁମାନେ ଭିତରକୁ ପ୍ରବେଶ କରୁଥିବାରୁ ବନବିଭାଗ ତରଫରୁ ପାଚେରି ନିର୍ମାଣ କରିବାକୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଚନ୍ଦ୍ରକାନ୍ତ ଶତପଥୀ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କ ସହିତ ଅନ୍ୟମାନେ ଦାବି କରିଛନ୍ତି।

### ■ ଅନ୍ତ୍ୟୋଦୟ ଯୋଜନା ଗୃହରୁ ମିନତିଙ୍କୁ ବାଦ୍

# ବାରମ୍ବାର ଗୁହାରି ପରେ ବି ପ୍ରଶାସନ ନିଦାବିଷ୍ଟ



ହିନ୍ଦୋଳ, ୧୩।୫(ସମିସ): ହିନ୍ଦୋଳ ଉପଖଣ୍ଡର ନୂଆବଗ ପଞ୍ଚାୟତ ଅନ୍ତର୍ଗତ ଓସ୍ତପାଳ ଗ୍ରାମର ଜଣେ ନିସହାୟ ବିଧବା ମହିଳା ମିନତି ସାହୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ି ନିରାଶ ହୋଇ ଭାଗ୍ୟକୁ ଆଦରି ପଡ଼ି ରହିଥିବାର ଜଣାପଡ଼ିଛି।

ପ୍ରକାଶ ଯେ ଏହି ଉପଖଣ୍ଡରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଦିନକୁ ଦିନ ଅନିୟମିତତା ସହିତ ଦୁର୍ନୀତିର ଫର୍ଦ୍ଦ ବଢ଼ି ଚାଲୁଛି। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ଆର୍ଥିକ ସ୍ୱଚ୍ଛଳ ଥିବା ଧନୀ ଶ୍ରେଣୀର ବ୍ୟକ୍ତିମାନଙ୍କୁ ତାଲିକାରେ ରଖିଥିବା ବେଳେ ଗରିବଙ୍କୁ ବାଦ୍ ପକାଇ ରଖୁଛନ୍ତି।

ସୂଚନା ଅନୁସାରେ, ୧୦ ବର୍ଷ ହେବ ସ୍ୱାମୀ ଗଣେଶ୍ୱର ସାହୁ ମୃତ ହୋଇଥିବା ବେଳେ ମିନତିଙ୍କ ରୋଜଗାରିଆ ପୁଅ ମଧ୍ୟ ଆଜକୁ ୬ ବର୍ଷ ହେବ ଆରପାରିକୁ ଚାଲିଯାଇଛି। ସେ କେବଳ ଗୋଟିଏ ଭତ୍ତା ଓ ରାସନ ଚାଉଳ ପାଇ ନିଜର ଜୀବିକା ନିର୍ବାହ କରିଆସୁଛନ୍ତି। ୫ ବର୍ଷ ପୂର୍ବରୁ ସେ ରହୁଥିବା ଚାଳ ଛପର ଘରଟିକୁ ହାତୀ ଭାଙ୍ଗି ଦେଇଥିଲେ। ତାବାବଦକୁ ବନବିଭାଗ ପକ୍ଷରୁ ତାକୁ ଅନୁକମ୍ପା ମୂଳକ ୧୦ହଜାର ଟଙ୍କା ମିଳିଥିଲା। ସେହିଟଙ୍କାରେ ମିନତି ଗୋଟିଏ ଚାଳ ଛପର ଘର କରି ଜୀବନ ବିତେଇ ଆସୁଥିବା ବେଳେ ଘରଟି କୌଣସି କାରଣରୁ ୩ ବର୍ଷ ହେବ ପୋଡ଼ିଯାଇଛି। ସେ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଡିଓ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିବା ପରେ ମଧ୍ୟ ଘରଟିଏ ପାଇବା ପାଇଁ ବିଫଳ ହୋଇଛନ୍ତି। ଏବେ ନିଜଗ୍ରାମ କୋଠାଘରେ କେବେତ ଆଉକେବେ ସାହିପଡ଼ିଶା ଘରେ ଆଶ୍ରୟ ନେଉଛନ୍ତି।

### ■ ହିନ୍ଦୋଳ ହରିହାଟ ମହୋତ୍ସବ ଉଦ୍‌ଘାଟିତ

# ଐତିହ୍ୟ, ଭାଇଚାରା ଓ ଧାର୍ମିକ ପରମ୍ପରାକୁ ପ୍ରଶଂସା



ଖଜୁରିଆକଟା, ୧୩।୫ (ସମିସ): ଢେଙ୍କାନାଳ ଜିଲ୍ଲାର ହରିହାଟ ମହୋତ୍ସବ ବହୁ ଆଡ଼ମ୍ବରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଖାଉଟି ଖାଦ୍ୟକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦଘାଟନ କରଥିଲେ। ମୁଖ୍ୟବକ୍ତା ଭାବରେ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୂତିଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠୀ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ଓ ବରିଷ୍ଠ ବିଜେପି ନେତା ନଗର ସଭାପତି କୁବେର ବେହେରା, କମିଟି ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ବିଶେଶ୍ୱର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ହିନ୍ଦୋଳର ଐତିହ୍ୟ ବହନ କରୁଥିବା ହରିହରଙ୍କ ହରିହାଟ ଉତ୍ସବକୁ ମହୋତ୍ସବରେ ପରିଣତ କରାଯାଇ କିଛିବର୍ଷ ହେଲା ହରିହାଟ ମହୋତ୍ସବରେ ପରିଣତ କରାଯାଇ ହିନ୍ଦୋଳର ଐତିହ୍ୟ, ଭାଇଚାରା ଓ ଧାର୍ମିକ ପରମ୍ପରାକୁ ବଜାୟ ରଖିବାକୁ ସମସ୍ତଙ୍କର ଏହି ଉଦ୍ୟମକୁ ଯୋଗଦେଇଥିବା ଅତିଥିମାନେ ଉଚ୍ଚ୍ ପ୍ରଶଂସା କରିଥିଲେ। କମିଟି ପକ୍ଷରୁ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ମନୋହର ଦୋକାନ, ଫାଷ୍ଟଫୁଡ ଦୋକାନ, ବିଭିନ୍ନ ପ୍ରକାର ଦୋକାନ ସାଙ୍ଗକୁ ଦୋଳି ଇତ୍ୟାଦି ପାଇଁ ଏବଂ ଏହି ମହୋତ୍ସବ ସ୍ଥାନୀୟ ମହୋତ୍ସବ ହୋଇଥିବାରୁ ପ୍ରବଳ ଜନସମାଗମ ହୋଇଥିଲା।

# ସଚିବାଳୟ ସେବାସଂଘର ସମ୍ପାଦକ ପଦରେ ପ୍ରତ୍ୟୁଷ ବିଜୟୀ



ଭୁବନ, ୧୩।୫(ସମିସ): ଓଡ଼ିଶା ସଚିବାଳୟ ସେବାସଂଘର ସାଧାରଣ ସମ୍ପାଦକ ପଦ ପାଇଁ ହୋଇଥିବା ନିର୍ବାଚନରେ ପ୍ରତ୍ୟୁଷ କୁମାର କଅଁର ଏକ ଐତିହାସିକ ବିଜୟ ଅର୍ଜନ କରିଛନ୍ତି। ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅନ୍ତର୍ଗତ ପଳାସ ପିଠିଆ ଗ୍ରାମ ନିବାସୀ ପ୍ରତ୍ୟୁଷ କୁମାର କଅଁର ପ୍ରଥମ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଅଧିକାର କରିଛନ୍ତି। ଚଳିତ ମାସ ୭ ତାରିଖରେ ହୋଇଥିବା ସଚିବାଳୟ ସେବା ସଂଘ ନିର୍ବାଚନରେ ଓଡ଼ିଶା ସରକାରଙ୍କ ସମସ୍ତ ୪୨ଟି ବିଭାଗର ସହକାରୀ ଉପବିଭାଗ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ଅତିରିକ୍ତ ଶାସନ ସଚିବ ପର୍ଯ୍ୟନ୍ତ ଅଧିକାରୀମାନେ ଭୋଟ ଦେଇ ନିଜର ମତ ସାବ୍ୟସ୍ତ କରିଥିଲେ। ପ୍ରତ୍ୟୁଷ କୁମାର କଅଁର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରଶ୍ମିରଞ୍ଜନ ରଣା (ଡେସ୍କ ଅଫିସର)ଙ୍କୁ ୧୭ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ପ୍ରତ୍ୟୁଷଙ୍କର ସରଳ ସ୍ୱଭାବ, ମିଷ୍ଟଭାଷୀ, ଶାସନ ଦକ୍ଷତା, ଅମାୟିକ ବ୍ୟବହାର, ପରୋପକାରୀ ଏବଂ ଅଧିକାରୀମାନଙ୍କ ସହିତ ଘନିଷ୍ଠତା ତାଙ୍କୁ ବିଜୟର ସ୍ୱାଦ ଚଖାଇଛି। ତାଙ୍କ ଅଭିଯାନରେ ସ୍ୱଚ୍ଛତା, କର୍ମଚାରୀ କଲ୍ୟାଣ ଓ ସେବା ନିୟମରେ ସୁଧାର ଭଳି ମୁଦ୍ଦା ଉଠାଇଥିଲେ। ଯାହା ବହୁତ କର୍ମଚାରୀମାନଙ୍କର ମନ ଜିଣିଥିଲା। ବଜରଙ୍ଗୀ ୟୁଥ କ୍ଲବ ପଳାସ ପିଠିଆର ସଭାପତି ରାକେଶ ରଞ୍ଜନ ମହାପାତ୍ର କହିଛନ୍ତି, ଏହା କେବଳ ପଳାସପିଠିଆ ଗାଁ ପାଇଁ ନୁହେଁ ସମଗ୍ର ଢେଙ୍କାନାଳ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ। ପ୍ରତ୍ୟୁଷଙ୍କର ବିଜୟ କେବଳ ସଚିବାଳୟ ଇତିହାସରେ ମାଇଲ ଷ୍ଟୋନ ନୁହେଁ ଏହା ବୀର ବାଜିରାଉତଙ୍କ ଜନ୍ମଭୂମିର ଗର୍ବ ଓ ଉତ୍ସାହର ପ୍ରତୀକ। ଏହି ବୀରମାଟିର ପିଲାମାନେ ଆଜି ମଧ୍ୟ ସାହସ ଓ ସତ୍ୟନିଷ୍ଠ ସହିତ ନେତୃତ୍ୱ ନେଉଛନ୍ତି। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

### ବିନା ଅନୁମତିରେ ଦୈନିକ ଫୁଟୁଛି ହଜାର ହଜାର ଡିନାମାଇଟ୍

# ଗୁମର ଖୋଲିଲା; ପ୍ରଶାସନ ଜାଣି ଅଜଣା

ଢେଙ୍କାନାଳ, ୧୩।୫(ସମିସ)



ଢେଙ୍କାନାଳ ଜିଲ୍ଲାରେ ଖଣିଖାଦାନ ଲୁଟ୍‌ର ଗୁମର ଖୋଲିଛି ସୂଚନା ଅଧିକାର ଆଇନ। ଜିଲ୍ଲାରେ ଶହ ଶହ କଳାମୁଗୁନି ପଥର ଖଣି ରହିଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ଡିନାମାଇଟ ବିସ୍ଫୋରଣ କରାଯାଇ ପଥର ଉତ୍ତୋଳନ କରାଯାଉଛି। ଜିଲ୍ଲା ଖଣି ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ଏହି ଲୁଟ ଚାଲିଥିବାର ଜଣାପଡ଼ିଛି। ପ୍ରଚଣ୍ଡ ବିସ୍ଫୋରଣରେ ଘରଦ୍ୱାର ଫାଟିବା ସହିତ ଜଙ୍ଗଲରେ ଥିବା ପଶୁପକ୍ଷୀ ବି ପ୍ରଭାବିତ ହେଉଛନ୍ତି। ଖଣି ମାଫିଆଙ୍କୁ ଜିଲ୍ଲା ଖଣି ଅଧିକାରୀ ଅହେତୁକ ଅନୁକମ୍ପା ସହିତ କୋଟି କୋଟି ଟଙ୍କା ଆଦାୟ କରି ଖଣି ଲୁଟ ପାଇଁ ଅନୁମତି ଦେଉଥିବାର ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲ୍ଲାରେ ଖଣି ଖାଦାନ ଲୁଟ ନେଇ ରୋଜାଲିନ ପୃଷ୍ଟି ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ଏହାକୁ ନେଇ ତାଳଚେର ଖଣି ବିଭାଗ ଡେପୁଟି ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ, ଜିଲ୍ଲାରେ ୨୭ଜଣଙ୍କ ବ୍ଲାଷ୍ଟିଂ ଅନୁମତି ରହିଛି; ମାତ୍ର ଜଣକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ୧୭ ଜଣଙ୍କ ଆବେଦନ ଜିଲ୍ଲାପାଳଙ୍କ ନିକଟରେ ରହିଛି। ଲିଜଧାରୀ ମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ଟ୍ରାନଜିଟ ପାସ ଦିଆଯାଇଥିବା ବେଳେ ନିହଲପ୍ରସାଦ ମେଟାଲକ୍ୱାରୀ, ନହଡା ରୋଡ ମେଟାଲ କ୍ୱାରୀ, ଟୋଲରପଶି ଖରି ଲିଜଧାରୀମାନଙ୍କ ନିକଟରେ ବିସ୍ଫୋରକ ଷ୍ଟୋରେଜ ଅନୁମତି ରହିଛି। ଅନ୍ୟମାନଙ୍କର ଆବେଦନ ବିଚାରାଧୀନ ରହିଛି। ଏହାକୁ ନେଇ ଜଣାପଡ଼ିଛି ଯେ ଢେଙ୍କାନାଳରେ କାର୍ଯ୍ୟରତ ଖଣି ଅଧିକାରୀ ଡମ୍ବରୁଧର ମହନ୍ତ ବେଆଇନ ଭାବରେ ଟଙ୍କା ଆଦାୟ କରିବା ପାଇଁ ଅନୁମତି ଦେଇଛନ୍ତି। ସବିଶେଷ ତଥ୍ୟ ମଇ ୩ ତାରିଖ ଅନୁସାରେ ୨୬ଯି କ୍ୱାରି ପାଇଁ ଖଣି ଅଧିକାରୀ ନିଜର ଆଇନକୁ ଉଲଙ୍ଘନ କରି କୋଟି କୋଟି ଟଙ୍କା ଆଦାୟ କରିଛନ୍ତି। ଏହାର ତଦନ୍ତ ସହିତ ତାଙ୍କ ବିରୁଦ୍ଧରେ ତଦନ୍ତ କରିବାକୁ ଦାବି ହୋଇଛି।

ପ୍ରକାଶ ଥାଉକି, ଢେଙ୍କାନାଳ ଜିଲ୍ଲାରେ କଳା ମୁଗୁନି ପଥର ଉପରେ ଖଣିମାଫିଆଙ୍କ ନଜର। ପ୍ରତିଦିନ ସକାଳରୁ ବିଳମ୍ବିତ ରାତି ଯାଏ ପ୍ରଚଣ୍ଡ ଶବ୍ଦକାରୀ ଡିନାମାଇଟି ବିସ୍ଫୋରଣ କରି ପଥର ଫଟାଇବା ଚାଲିଛି। ପ୍ରଚଣ୍ଡ ଶବ୍ଦରେ ଘର ଦ୍ୱାର ଦୋହଲି ଯାଉଥିବା ବେଳେ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁମାନେ ବି ଜଙ୍ଗଲ ପାଖ ମାଡୁ ନ ଥିବାର ଦେଖିବାକୁ ମିଳିଛି। ପଥର ଖଣି ଗୁଡିକର ଗଭୀରତା ୫୦ଫୁଟରୁ ୧୦ ଫୁଟ ହୋଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏକ ତଥ୍ୟରୁ ଜଣାପଡ଼ିଛି ଯେ ଶହ ଶହ ଖଣି ବେଆଇନ ଭାବରେ ଚାଲିଛି। କଳା ମୁଗୁନି ପଥର ପାଇଁ ୨ଶହ ଫୁଟରୁ ଅଧିକ ଖୋଳି ବିପଦ ପୂର୍ଣ୍ଣ ଭାବରେ ଉତ୍ତୋଳନ କରାଯାଉଛି। ଖଣିରେ ବ୍ୟବହାର କରୁଥିବା ରସାୟନିକ ବିସ୍ଫୋରଣ ଫୁଟାଇ ପଥର ବାହାର କରିବା ଫଳରେ ଭୂତଳ ଜଳ ପ୍ରଦୂଷିତ ହେଉଛି। ଏହାସହ ପ୍ରତିବର୍ଷ ଅଞ୍ଚଳରୁ ୧୦-୧୫ଟି ଜୀବଜନ୍ତୁଙ୍କ ସହ ମଣିଷ ବଡ ବଡ ଗାତରେ ପଡ଼ି ମୃତାହତ ହେଉଥିଲେ ମଧ୍ୟ ପ୍ରଶାସନ ତାର ଟେର ପାଉନାହିଁ। ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଧରି ଏହି କାମ ଚାଲିଥିବାର ଜଣାପଡ଼ିଛି। ବଡ ବଡ ଟ୍ରକ, ମେସିନ ଲଗାଇ ଖୁଲମଖୁଲା ବିନା ଭୟରେ ବିନା କାଗଜ ପତ୍ରରେ ଖଣି ଏଠାରେ ଚାଲିଥିଲେ ମଧ୍ୟ ପ୍ରଶାସନ ଏଠାରେ ନିଦାବିଷ୍ଟ ସାଜିଛି। ଦୈନିକ ବଡ ବଡ ହାଇୱା ଟ୍ରକରେ ଭୋର ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଚାଲୁଛି। କୋଟି କୋଟି ଟଙ୍କାର ରାଜସ୍ୱ ସରକାରଙ୍କ ହାନି ହେଉଛି। ଖଣିମାଫିଆମାନେ ଖଣି ଖାଦାନକୁ ଲୁଟ କରି ମାଲେ ମାଲ ହେଉଥିବା ବେଳେ ସେମାନଙ୍କ ଉପରେ ନୂଆ ସରକାରଙ୍କ କେତେ ଅଙ୍କୁଶ ରହୁଛି ତାକୁ ନେଇ ଚର୍ଚ୍ଚା ହେଉଛି।



ପ୍ରୋତ୍ସାହନ ନାହିଁ କି ତାଲିମ୍

# ହଜିଯାଉଛି 'ସଞ୍ଚାର'; କମି ଯାଉଛନ୍ତି କଳାକାର

ଭୁବନେଶ୍ୱର, ୧୩।୫(ସମିସ)

ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟର ବହୁଳ ବ୍ୟବହାର ଏବଂ ଆଧୁନିକତାର ପ୍ରଭାବରେ ବିଭିନ୍ନ ଜିଲ୍ଲାର ଲୋକକଳା ହଜିଯିବାକୁ ବସିଲାଣି। ସେଥିମଧ୍ୟରୁ ପଶ୍ଚିମାଞ୍ଚଳର ସଞ୍ଚାର ନୃତ୍ୟ ଅନ୍ୟତମ। କେବଳ ସେତିକି ନୁହଁ ବରଂ ସରକାରୀ ପ୍ରୋତ୍ସାହନର ଅଭାବ ଏବଂ ପ୍ରଶିକ୍ଷଣ ପାଇଁ ତାଲିମ କେନ୍ଦ୍ର ନଥିବା ଏହାର ମୁଖ୍ୟ ବାଧକ ସାଜିଛି। ଫଳରେ ଦିନକୁଦିନ କଳାକରଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି।



ଓଡ଼ିଶାରେ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ପାଲାପରି ପଶ୍ଚିମାଞ୍ଚଳର ଗ୍ରାମମାନଙ୍କରେ ସଞ୍ଚାର ନୃତ୍ୟ ଘରେ ଘରେ ପରିଚିତ। ନୃତ୍ୟ, ଗୀତ, ବାଦ୍ୟ ଓ ଅଭିନୟ ସଞ୍ଚାର ନୃତ୍ୟର ଚାରୋଟି ମୁଖ୍ୟ ଅଙ୍ଗ। ଏହି ଚତୁର୍ବିଧ କଳାରେ ପାରଦର୍ଶୀ କଳାକାରମାନେ ସଞ୍ଚାର ନୃତ୍ୟର ମୁଖ୍ୟ ବାହକ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ଏହି ବାହକମାନଙ୍କର ସଂସ୍କୃତ ଓ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଯଥେଷ୍ଟ ଜ୍ଞାନଥାଏ। କଠିନ ସଂସ୍କୃତ ଶ୍ଳୋକ ଉଚ୍ଚାରଣ ସହିତ, ମୃଦଙ୍ଗ ବାଦ୍ୟର ତାଳେ ତାଳେ ନୃତ୍ୟ କରି, ପୌରାଣିକ ଉପାଖ୍ୟାନ ଓ ଲୋକ କିମ୍ବଦନ୍ତୀ ମାଧ୍ୟମରେ ପରିବେଷଣ ସଞ୍ଚାର ନୃତ୍ୟର ମୁଖ୍ୟ ମାଧ୍ୟମ। ଗବେଷକମାନଙ୍କ ମତରେ ଓଡ଼ିଶାରେ ବୈଷ୍ଣବଧର୍ମର ଆବିର୍ଭାବ ପୂର୍ବରୁ ସଞ୍ଚାର ଶିଳ୍ପୀମାନେ ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରରେ ବଳିଷ୍ଠ ଭୂମିକା ଗ୍ରହଣ କରୁଥିଲେ।

ହେଲେ ଏବେ ଗଣମାଧ୍ୟମର ବହୁଳ ବ୍ୟବହାର ଏହି ପ୍ରାଚୀନ ଲୋକଶୈଳୀ ବିଲୁପ୍ତ ହେବାକୁ ବସିଛି। ସଞ୍ଚାର ନୃତ୍ୟ ମୁଖ୍ୟତଃ ଦିନ, ଆବଶ୍ୟକସ୍ଥଳେ ୪ ଜଣ ଶିଳୀଙ୍କୁ ନେଇ ପରିବେଷଣ କରାଯାଏ। ଏଥିରେ ମୃଦଙ୍ଗ, ଝାଞ୍ଜ ଓ ଯୁଙ୍ଗୁର ହେଉଛି ମୁଖ୍ୟବାଦ୍ୟ। ବର୍ତ୍ତମାନ ସମୟରେ ଆଗଭଳି ଆଉ କଳାକାରଙ୍କୁ ଦେଖିବାକୁ ମିଳୁନି। ସମୟସହ ସେମାନଙ୍କ ସଂଖ୍ୟା ମଧ୍ୟ କମି କମି ଗଲାଣି। ଏବେ ମାତ୍ର ଛତିଶିଗଡ଼ ଓ ବ୍ରଜରାଜନଗରର ସୀମାନ୍ତରେ ଅବସ୍ଥିତ କୁମର ଗ୍ରାମରେ ମା' ସରସ୍ୱତୀ ସଂକାର ପରିଷଦର ଶିଳ୍ପୀମାନେ ସଂକାର ନୃତ୍ୟ ପରିବେଷଣ ପାଇଁ ପଶ୍ଚିମାଞ୍ଚଳରେ ବେଶ ପରିଚିତ ହେଉଛନ୍ତି। ସୂଚନା ଅନୁଯାୟୀ ରାଜଧାନୀରେ ଏହି ନୃତ୍ୟ ପରିବେଷଣ ପାଇଁ କୌଣସି କଳାକାର ନାହାନ୍ତି କି ତାଲିମ୍ କେନ୍ଦ୍ର ମଧ୍ୟ ନାହିଁ। ସେଥିପାଇଁ ଏଠାରେ ସଞ୍ଚାର ନୃତ୍ୟ ପରିବେଷଣ କେଉଁ ବର୍ଷରେ ଥରେ ପଶ୍ଚିମାଞ୍ଚଳର କଳାକାରଙ୍କୁ ନେଇ ପ୍ରଦର୍ଶିତ ହେଉଁଛି। ଫଳରେ ରାଜଧାନୀଠୁ ଆରମ୍ଭକରି ଉପକୂଳରେ ଏହି ନୃତ୍ୟ ବିଷୟରେ କେହି ଅବଗତ ନୁହନ୍ତି।

ଏପରି ଲୁପ୍ତପ୍ରାୟ ଲୋକକଳାକୁ ଲୋକଙ୍କ ସମ୍ମୁଖରେ ଆଣିବାକୁ ପ୍ରୟାସ କରୁଥିବା ମନ୍ମଥ ଶତପଥୀ କୁହନ୍ତି, ସଞ୍ଚାର ନୃତ୍ୟ, ଦାସକାଠିଆ ଆଦି ଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚେଇ ରଖିବା ପାଇଁ ଅନେକ ସମୟରେ ଏଭଳି କାର୍ଯ୍ୟକ୍ରମ ବିଦ୍ୟାଭବନଠାରେ ଆୟୋଜିତ କରୁଛନ୍ତି। ସେଥିମଧ୍ୟରୁ ସଞ୍ଚାର ନୃତ୍ୟ ଅନ୍ୟତମ। ହେଲେ ଆଗ ଭଳି ଏଥିରେ କଳାକର ନାହାନ୍ତି। ଚାହିଦା କମିବାରୁ ସେମାନଙ୍କ ସଂଖ୍ୟା ମଧ୍ୟ କମିଲାଣି। ତେଣୁ ଏଦିଗରେ ସରକାରଙ୍କ ପ୍ରୋତ୍ସାହନ ସହ ଏପରି ଲୋକକଳାକୁ ବଞ୍ଚେଇ ରଖିବା ପାଇଁ ଉଚିତ ପଦକ୍ଷେପ ଆବଶ୍ୟକ। ତେଣୁ ଅନେକଥର ସରକାରଙ୍କୁ ସେ ଏହି ସମସ୍ୟା ବିଷୟରେ ଅବଗତ କରାଇବାକୁ ଚେଷ୍ଟା କରୁଛନ୍ତି ଏବଂ ବିଭିନ୍ନ ଜିଲ୍ଲାରେ ଲୋକକଳା ପ୍ରଶିକ୍ଷଣ ପାଇଁ ତାଲିମ କେନ୍ଦ୍ର ଖୋଲାବା ପାଇଁ ପ୍ରସ୍ତାବ ଦେଇଛନ୍ତି। ନଚେତ୍ ଏଭଳି ଲୋକକଳା ହଜିଯିବାରେ ସମୟ ଲାଗିବନି ବୋଲି ସେ କହିଥିଲେ।

## ଯବାନଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର




ଭୁବନେଶ୍ୱର, ୧୩।୫(ସମିସ): ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ପ୍ରତିଷ୍ଠା ଦିବସ ଅବସରରେ ଅପରେସନ୍ ସିନ୍ଦୂରର ସାହସିକ ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇ ଜୟ ଓଡ଼ିଶାର ସହଯୋଗରେ ରେଡ୍‌କ୍ରସ୍ ଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଧାୟକ ଶ୍ରୀ ବାବୁ ସିଂ, ଜଗନ୍ନାଥ ପ୍ରଧାନ ଓ ଜୟ ଓଡ଼ିଶା ର ସଭାପତି ତଥା ମହସଂଘର ଉପଦେଷ୍ଟା ରୁଦ୍ର ନାରାୟଣ ସାମନ୍ତରାୟ ଉପସ୍ଥିତ ରହିଥିଲେ। ଏହି ପରିପେକ୍ଷୀରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ସଦସ୍ୟଙ୍କ ପରିବାରରୁ ୨ ଜଣ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ଉପଦେଷ୍ଟା ପ୍ରମୋଦ ମହାପାତ୍ର, ସାଧାରଣ ସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି ମାନସ ମିଶ୍ର ଓ ଧିରେନ୍ଦ୍ର ସ୍ୱାଇଁ, କୋଷାଧକ୍ଷ୍ୟ ମନମୋହନ ପଣ୍ଡା ଉପସ୍ଥିତ ରହିଥିଲେ। ନାରାୟଣ ସୁତାର, ଅନୁସୂୟା ପ୍ରଧାନ, ଧରିତ୍ରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କେୟାର୍ ହସ୍ପିଟାଲ୍ସ ପକ୍ଷରୁ ନର୍ସ ଦିବସ



ଭୁବନେଶ୍ୱର, ୧୩।୫(ସମିସ): କେୟାର ହସ୍ପିଟାଲସ୍ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନର୍ସିଂ ପ୍ରଶାସନର ଉପାଧ୍ୟକ୍ଷ ଡ. ଭିନ୍ନି ଅଶୋକ ତ୍ରିଭୁବନ କେୟାର୍ କର୍ପୋରେଟ୍ ମୁଖ୍ୟାଳୟରୁ ସମାରୋହଗୁଡ଼ିକର ନେତୃତ୍ୱ ନେଇଥିଲେ। ଆଜିର ନର୍ସମାନେ ରୋଗୀଙ୍କ ଯତ୍ନ ନେବା ଅପେକ୍ଷା ଅଧିକ କିଛି କରନ୍ତି, ସେମାନେ ହସ୍ପିଟାଲର ଗୁଣବତ୍ତା ଉନ୍ନତ କରିବାରେ, ଦଳଗୁଡ଼ିକୁ ନେତୃତ୍ୱ ନେବା ଏବଂ ଉତ୍ତମ ଫଳାଫଳ ଆଣିବାରେ ସାହାଯ୍ୟ କରନ୍ତି ବୋଲି ଡ. ଭିନ୍ନି ଅଶୋକ ତ୍ରିଭୁବନ କହିଛନ୍ତି। ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିସଲୟ ଆନନ୍ଦ କହିଛନ୍ତି ଯେ, ନର୍ସମାନେ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ। ସେମାନଙ୍କର କ୍ଲିନିକାଲ୍ ବିଶେଷଜ୍ଞତା, ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ନିରନ୍ତର ସମର୍ପଣ ପ୍ରତିଦିନ ନିରାପଦ ଏବଂ ପ୍ରଭାବଶାଳୀ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି କହିଛନ୍ତି। ଏହି ଅବସରରେ ଗ୍ରୁପ ମୁଖ୍ୟ ଫାଇନାନ୍ସ ଅଧିକାରୀ ବିଶାଳ ମାହେଶ୍ୱରୀ, ଡାକ୍ତର ନିଖିଲ ମାଥୁର, ଡାକ୍ତର ଅମିତ ସିଂହ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ହରେଶ ତ୍ରିବେଦୀ, ଆଞ୍ଚଳିକ ସିଇଓ (ପଶ୍ଚିମ ଏବଂ ମଧ୍ୟ ଭାରତ) ବିନୋଦ ରମଣ ପ୍ରମୁଖ ନର୍ସିଂ ବୃତ୍ତିଗତମାନଙ୍କ ପ୍ରତି ଗଭୀର ସମ୍ମାନ ସହ ପ୍ରଶଂସା କରିଥିଲେ। ଚଳିତ ବର୍ଷର ଏହି ଏହି ଦିବସର ବିଷୟବସ୍ତୁ 'ଆମର ନର୍ସ ଆମର ଭବିଷ୍ୟତ ଯତ୍ନର ଅର୍ଥନୈତିକ ଶକ୍ତି' ଉପରେ ଆଲୋଚନା ହୋଇଥିଲା। ଏହାସହ ଅନାଥଆଶ୍ରମରେ ପିଲାମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ଆୟୋଜନ କରିଥିଲା।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୩।୫(ସମିସ): ଏଏଚ୍‌ଏସ୍‌ସି ପରୀକ୍ଷା -୨୦୨୫ରେ ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ (ଏକ୍ସ-ଇ-୧ ଏବଂ ଏକ୍ସ-ଇ-୨ ଧାରକ) ପୁରୁଣା ଛାତ୍ର ସଂଘ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ, ନୂତନ ମାନ୍ୟବର ଭକ୍ତ ଚରଣ ପାଇକରାୟଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଇନ୍ଦ୍ରମଣି ତ୍ରିପାଠୀ, କାର୍ପୋରେଟର ଅଜିତ ବେହେରା, ଯତିନ୍ଦ୍ର ମୋହନ ଛୋଟତରାୟ, ମନୋଜା ମଞ୍ଜରୀ ସାହୁ ଏବଂ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

## ସୁରକ୍ଷିତ ଗାଡ଼ି ଚାଳନା ଓ ମାନସିକ ସ୍ଥିରତା ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩।୫(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟିଆ ସେବାକେନ୍ଦ୍ର ପକ୍ଷରୁ ସୁରକ୍ଷିତ ଗାଡି ଚାଳନା ଓ ମାନସିକ ସ୍ଥିରତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଡେପୁଟି କମିଶନର କୃଷ୍ଣ ପ୍ରସାଦ ଦାସ ଏବଂ ଭୁବନେଶ୍ୱର ଆରଟିଓ-୨ ସନତ୍ କୁମାର ଜେନା ଉପସ୍ଥିତ ରହି ସୁରକ୍ଷିତ ଗାଡି ଚାଳନାର ସରକାରୀ ନିୟମ ଏବଂ ପ୍ରାଇଭେଟ ଟ୍ରାଭେଲସ ଅପରେଟରମାନଙ୍କୁ ସମ୍ବେଦନଶୀଳ ଡ୍ରାଇଭିଂ ଓ ସାମାଜିକ ଦାୟିତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ।



ଏଥିସହ ବ୍ରହ୍ମାକୁମାରୀ ସଂସ୍ଥାର ଭୁବନେଶ୍ୱର ସବଜୋନ୍ ମୁଖ୍ୟ ରାଜଯୋଗିନୀ ବହ୍ମାକୁମାରୀ ଲିନା ଦିଦି ଏବଂ ରାଜସ୍ଥାନରୁ ଆସିଥିବା ବରିଷ୍ଠ ରାଜଯୋଗ ପ୍ରଶିକ୍ଷକ ବ୍ରହ୍ମାକୁମାର ରୋହିତ ସଇଜୀ ମାନସିକ ସନ୍ତୁଳନ ପାଇଁ ରାଜଯୋଗର ଭୂମିକା ଏବଂ ପ୍ରୟୋଗ ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ବ୍ରହ୍ମାକୁମାରୀ ଗୋଲାପ ଧନ୍ୟବାଦ ଦେଇଥିଲେ।

## ଅରୋମିରା ପବ୍ଲିକ୍ ସ୍କୁଲରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୧୩।୫ (ସମିସ): ଡୁମୁଡୁମାସ୍ଥିତ ଅରୋମିରା ପବ୍ଲିକ୍ ସ୍କୁଲରେ ସପ୍ତାହେ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ଏହି କର୍ମଶାଳାରେ କୁନିକୁନି ପିଲାମାନେ ଚିତ୍ରକଳା, ଯୋଗ, ନୃତ୍ୟ, ଶୃଙ୍ଖଳା ଖାଦ୍ୟ ପ୍ରସ୍ତୁତି ଆଦି ଶିଖିଥିଲେ। ମାତୃ ଦିବସ ଅବସରରେ କୁନି କୁନି ପିଲା ଓ ମାଆ ମାନଙ୍କୁ ନେଇ ମାତୃ ପୂଜନର ଆୟୋଜନ କରାଯାଇଥିଲା।

## ବିଜେଡି ପକ୍ଷରୁ ପଣ୍ଡିତ ରଘୁନାଥଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୩।୫(ସମିସ): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ ତମ ଜୟନ୍ତୀ ଅବସରରେ ସୋମବାର ନୀଳାଦ୍ରିବିହାର ସୀତାନାଥ ନଗରଠାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉତ୍ତର ବିଜେଡି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ୧୪ ନମ୍ବର ୱାର୍ଡର କର୍ପୋରେଟର ମୋନାଲିସା ସାହୁ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, କର୍ପୋରେଟର ମିହିର କୁମାର ରାଉତ, କର୍ପୋରେଟର ମୋନାଲିସା ବେହେରା, ଯୁବନେତା ମନୋଜ ସାହୁ, ମାନସ ଦାଶଙ୍କ ସମେତ ସ୍ଥାନୀୟ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ବାଳକାଟିରେ ବିଶ୍ୱ ଥାଲାସେମିଆ ଦିବସ



ବାଲିଅନ୍ତା, ୧୩।୫(ସମିସ): ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତନ୍ମୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ 'ବିଶ୍ୱ ଥାଲାସେମିଆ ଦିବସ' ପାଳିତ ହୋଇଯାଇଛି। ଏନେଇ ୮ ରୋଗୀଙ୍କୁ ଚିହ୍ନଟ କରାଯାଉ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଥିଲା। ଚିହ୍ନଟ ରୋଗୀମାନଙ୍କୁ ମାସିକ ୫ ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ଆଶାକର୍ମୀ ଉପସ୍ଥିତ ଥିଲେ।

## ଏନ୍‌ଇପି ୨୦୨୦ର କାର୍ଯ୍ୟାନ୍ୱୟନ ଉପରେ ଓସୁର ଅଧ୍ୟାପନା ସିରିଜ୍

ଭୁବନେଶ୍ୱର, ୧୩।୫(ସମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏନଇପି ୨୦୨୦ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଏକ ଅଧ୍ୟାପନା ସିରିଜ୍ ଆୟୋଜନ କରିଛି। ଏହା ଗତ ମାର୍ଚ୍ଚ ମାସ ୨୪ ତାରିଖରୁ ଆରମ୍ଭ ହୋଇ ଏବେ ପର୍ଯ୍ୟନ୍ତ ଜାରି ରହିଛି। ଏନଇପି ୨୦୨୦ର ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ସଂସ୍କାର, ନୀତିଶାସ୍ତ୍ର, ଆଞ୍ଚଳିକ ଭାଷାରେ ଶିକ୍ଷା, ଅନ୍ତର୍ଭୁକ୍ତ ଶିକ୍ଷା ଆଦି ଚାରୋଟି ବିଷୟ ସଫଳତାର ସହିତ ପରିଚାଳନା କରିସାରିଛି। ଆଗାମୀ ମାସଗୁଡ଼ିକରେ ଏହାକୁ ଜାରି ରଖିବାର ଯୋଜନା ରହିଛି। ଏହି ପ୍ରୟାସକୁ ଓସୁର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ନେତୃତ୍ୱ ନେଇଛନ୍ତି। ଏଥିସହିତ ରେଜିଷ୍ଟ୍ରାର ଡ. ଚିତ୍ତରଞ୍ଜନ ସାହୁ ଏବଂ ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ସାରଙ୍ଗୀ ସହଯୋଗ କରିଛନ୍ତି। ପ୍ରତ୍ୟେକ ଅଧିବେଶନକୁ ପ୍ରଫେସର ପଟ୍ଟନାୟକ ଉଦ୍ଘାଟନ କରିଥିଲେ। ଏହି ଅଧ୍ୟାପନା କ୍ରମରେ ଅନଲାଇନ୍ ଏବଂ ଅଫ୍ ଲାଇନ୍ ଉଭୟ ମାଧ୍ୟମରେ ଗବେଷଣା କରୁଥିବା ବ୍ୟକ୍ତି ଏବଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ କରିଥିବାର ଦେଖିବାକୁ ମିଳିଥିଲା।




## ମଦନମୋହନ ଦେବଙ୍କ ପୀଠରେ ରାମଚରିତ ମାନସ

ବାଲିଅନ୍ତା, ୧୩।୫(ସମିସ): ବାଳକାଟି ଅଞ୍ଚଳର ଆରାଧ୍ୟ ଦେବତା ମଦନମୋହନଙ୍କ ପୀଠରେ ତ୍ରିଂଶତମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦଯାପିତ ହୋଇଯାଇଛି। ଶୁଭାଦିବାସରେ ଭାର୍ଗବୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରବଚକ ବ୍ରହ୍ମଚାରୀ ସତ୍ୟପ୍ରଜ୍ଞା ମହାରାଜାଙ୍କ ଦ୍ୱାରା ଶ୍ରୀରାମ ନାମ ମାହାତ୍ମ୍ୟ, ସତସଙ୍ଗ ମାହାତ୍ମ୍ୟ, ସତୀମୋହ ଓ ଶିବ ବିବାହ, ୬ ତାରିଖରେ ଅବତାର ହେତୁ, ପ୍ରଭୁଙ୍କ ପ୍ରକଟ, ବାଲ୍ୟଲୀଳା ଓ ପୁଷ୍ପବାଟିକା ପ୍ରସଙ୍ଗ, ୭ ତାରିଖରେ ଶିବଧନୁ ଭଗ୍ନ, ଜାନକୀ ବିବାହ, ପର୍ଶୁରାମ ଭେଟ, ୮ ତାରିଖରେ ଅଧ୍ୟାପକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ଶ୍ରୀରାମ ବନବାସ, କୈବର୍ତ୍ତ ପ୍ରସଙ୍ଗ ଓ ଲକ୍ଷ୍ମଣ ଗୀତା ପରିବେଷଣ, ୯ ତାରିଖରେ ସନ୍ଥ ଅଯୋଧ୍ୟା ନାଥ ଦାଶଙ୍କ ଦଶରଥଙ୍କ ଦେହତ୍ୟାଗ, ଭରତ ଓ ଭରଦ୍ୱାଜଙ୍କ ସମ୍ବାଦ, ୧୦ ତାରିଖରେ ଭରତ ମିଳନ, ସୀତା ହରଣ, ଜଟାୟୁ ପ୍ରସଙ୍ଗ, ୧୧ ତାରିଖରେ ସନ୍ଥ ଶ୍ରୀ ହରେକୃଷ୍ଣ ଦାଶଙ୍କ ପ୍ରେମମୂର୍ତ୍ତି ଶବରୀ, ସୁଗ୍ରୀବ ମିତ୍ରତା, ବାଳିବଧ, ଲଙ୍କା ଦହନ ଓ ବିଭିଷଣ ଷରଣ, ୧୨ ତାରିଖରେ ଅଙ୍ଗଦ ରାବଣ ଭେଟ, କୁମ୍ଭକର୍ଣ୍ଣ ଓ ମେଘନାଦ ବଧ, ରାବଣ ବଧ, ଜାନକୀ ଉଦ୍ଧାର ଓ ଅଯୋଧ୍ୟା ବାହୁଡା, ୧୩ ତାରିଖରେ ଅଧ୍ୟାପକ ଡ. ରଜନୀ ରଞ୍ଜନ ଦାଶଙ୍କ ଶ୍ରୀରାମଙ୍କ ରାଜ୍ୟାଭିଷେକ ଓ କାକଭୁଷଣ୍ଡି ପରିବେଷଣ ହୋଇଥିଲା। ଆଜି ସଂଧ୍ୟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ଅର୍ପଣ ବିଧି ସମ୍ପାଦନ ହୋଇଥିଲା।

## ରିଲିଜ୍ ହେଲା ମ୍ୟୁଜିକ୍ ଭିଡିଓ 'ନିଃସର୍ତ୍ତ'

ଭୁବନେଶ୍ୱର, ୧୩।୫(ସମିସ): ଆମର ମ୍ୟୁଜିକ୍ ଦ୍ୱାରା ରିଲିଜ ହୋଇଛି ଓଡ଼ିଶା ମ୍ୟୁଜିକ୍ ଭିଡିଓ ନିଃସର୍ତ୍ତ। ବୁଲନ ଭାଇ ସେବା ଆଶ୍ରମ ଠାରେ ଏହି ମ୍ୟୁଜିକ୍ ଭିଡିଓଟିର ସିଡି ଉନ୍ମୋଚନ କରାଯାଇଥିଲା। ଏହି ରିଲିଜ ସମୟରେ ଅତିଥି ଭାବେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଣୟ ଜେଠୀ, ଶିବାଶିଷ ମହାନ୍ତି, ସମାଜସେବୀ ବୁଲନ ଭାଇ ସମେତ ଭିଡିଓ ଟିର ନିର୍ଦ୍ଦେଶକ ବାବୁ ବାବୁ, ଅଭିନେତା ବିକ୍ରମ ଓ ଅଭିନେତ୍ରୀ ପ୍ରତୀକ୍ଷା ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ବାବୁ ବାବୁଙ୍କର ସବୁ ଭିଡିଓ ପରି ମଧ୍ୟ ଏହି ଭିଡିଓ ଟିରେ ଏକ ନିଚ୍ଛକ ଭଲପାଇବାର କାହାଣୀ ଦେଖିବାକୁ ମିଳିଛି। ସେହିପରି ଗୀତ ଟିକୁ ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସହ ନିଜେ ମଧ୍ୟ କଣ୍ଠଦାନ କରିଛନ୍ତି। ବିଭିନ୍ନ ଚଳଚ୍ଚିତ୍ର ଓ ମେଗା ଧାରାବାହିକରେ ଅଭିନୟ କରିଥିବା ବିକ୍ରମ ଓ ଅଭିନେତ୍ରୀ ପ୍ରତୀକ୍ଷା ଏହି ମ୍ୟୁଜିକ୍ ଭିଡିଓ ଟିରେ ସୁନ୍ଦର ଭାବରେ ଅଭିନୟ କରିଛନ୍ତି।



# ଆହୁରି ଆକର୍ଷଣୀୟ ହେବ ଜୟଦେବ ବାଟିକା

ଭୁବନେଶ୍ୱର, ୧୩।୫(ସମିସ)

ବର୍ତ୍ତମାନ ତାପମାତ୍ରା ହୁ ହୁ ହୋଇ ବଢୁଥିବାରୁ ଲୋକେ କଂକ୍ରିଟ ସହରରେ ପ୍ରାକୃତିକ ପରିବେଶ ମଧ୍ୟରେ ସମୟ ଅତିବାହିତ କରିବାକୁ ବେଶ୍ ପସନ୍ଦ କରୁଛନ୍ତି। ତେବେ ରାଜଧାନୀର ପ୍ରାକୃତିକ ପରିବେଶର ଗନ୍ତାଘର କୁହାଯାଉଥିବା ଜୟଦେବ ବାଟିକାରେ ପର୍ଯ୍ୟଟକଙ୍କୁ ପ୍ରାକୃତିକ ଗାର୍ଡେନ୍‌ର ଅନୁଭୂତି ଦେଉଛି ଜାପାନିଜ ଫ୍ରେଣ୍ଡସିପ୍ ଗାର୍ଡେନ୍। ଦିନକୁ ଦିନ ଜୟଦେବ ବାଟିକା ନୂଆ ରୂପ ନେଉଥିବା ବେଳେ ଏକ ନୂଆ ପରିଚୟ ଦେଇଛି ଜାପାନ୍ ଓକାୟାମା ଗାର୍ଡେନ୍। ଯେଉଁଠି ଛୋଟ ପୋଖରୀ ସାଙ୍ଗକୁ ପାହାଡ଼, ଝରଣାକୁ ଅତି ନିଟକରୁ ଦେଖିବାର ସୁଯୋଗ ମିଳୁଛି। ତା ସାଙ୍ଗକୁ ଗାଁ ଗହଳିରେ ରହିଥିବା ଚାଳ ଛପର ମଧ୍ୟ ଏଠାରେ ଅନ୍ୟ ଏକ ଆକର୍ଷଣ ପାଲଟିଛି। ଆଗକୁ ଏହା ଆହୁରି ଆକର୍ଷଣୀୟ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି ଜୟଦେବ ବାଟିକାର ମ୍ୟାନେଜର।

ମୁମ୍ବଇରେ ୨୦୧୨ ମସିହାରୁ ଜାପାନ୍ ସରକାରଙ୍କ ସହ ଫ୍ରେଣ୍ଡସିପ୍ ଭାବରେ ଏହି ଗାର୍ଡେନ୍ ରହିଛି। ଯାହାର ଏକ ମିନିଏଚର ଗାର୍ଡେନ୍ ଭାବେ ଭୁବନେଶ୍ୱରରେ ନିର୍ମାଣ କରାଯାଇଛି। ୬ ଏକର ପରିମିତ ଜାଗାରେ ନିର୍ମିତ ଏହି ପାର୍କ ନିର୍ମନ୍ତେ ଖର୍ଚ୍ଚ ହୋଇଛି ପ୍ରାୟ ୩୦ ଲକ୍ଷ ଟଙ୍କା। ଏହି ଗାର୍ଡେନ୍ ମଧ୍ୟରେ ଦୁଇଟି ଆକର୍ଷଣୀୟ ପୋଖରୀ ରହିଛି। ପୋଖରୀ ଚାରିପଟେ ବାଡ଼ ସାଙ୍ଗକୁ ପୋଖରୀକୁ ସଂଯୋଗ କରିଥିବା ପୋଲ ଫଟୋଗ୍ରାଫିର ଡେଷ୍ଟିନେସନ୍ ପାଲଟିଛି। ପ୍ରିୱେଡିଙ୍ଗ ହେଉ ଅବା ପୋଷ୍ଟ ୱେଡିଙ୍ଗ୍ ପାଇଁ ଫଟୋଗ୍ରାଫରମାନଙ୍କ ପ୍ରଥମ ପସନ୍ଦ ପାଲଟିଛି ଏହି ସ୍ଥାନ। ଏହାର ପ୍ରବେଶ ପଥର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗଛ ଲାଗିଥିବା ବେଳେ ଚାରିପାଖରେ ରହିଛି ପାଦ ଚଲା ରାସ୍ତା। ସେହିପରି ଚାରିପାଖରେ ଚାଳ ଛପର, ଖପରା ଛପର, ଟାଇଲ୍ ଘର, ବାଉଁଶ ଘର ସାଙ୍ଗକୁ ରହିଛି ଆଦିବାସୀଙ୍କ ପାରମ୍ପରିକ ବାସଗୃହ। ଯାହାକି ପର୍ଯ୍ୟଟକଙ୍କୁ ଏ କନିଆରା ଅନୁଭୂତି ଦେଉଛି।

> ■ ପର୍ଯ୍ୟଟକଙ୍କୁ ପ୍ରାକୃତିକ ଅନୁଭବ ଦେଉଛି 'ଓକାୟାମା ଗାର୍ଡେନ୍'
> ■ ଜୟଦେବ ବାଟିକାରେ ଜାପାନିଜ ଫ୍ରେଣ୍ଡସିପ୍ ଗାର୍ଡେନର ମିନିଏଚର

ସେହିପରି ଗାର୍ଡେନର ଅନ୍ୟତମ ଆକର୍ଷଣ ହେଉଛି ୧୫ ଫୁଟ ଉଚ୍ଚର ଏକ ପାହାଡ଼ ଏବଂ ସେଥିରୁ ବୋହି ଯାଉଥିବା ଝରଣା। ଉକ୍ତ ଝରଣାଟି ସଂଯୋଗ କରୁଥିବା ଜଳାଶୟ ନିକଟରେ ବସିବାକୁ ରହିଛି ଚେୟାର। ଭିତରକୁ ଭିତରକୁ ପ୍ରବେଶ କଲେ ରହିଛି ଭଳି କି ଭଳି ଗଛ, ଚଢ଼େଇ ବସାରେ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ପ୍ରତ୍ୟେକ ବର୍ଗର ପର୍ଯ୍ୟଟକଙ୍କୁ ଅନନ୍ଦିତ କରୁଛି। ସେହିପରି ଗାର୍ଡେନକୁ ଅଧିକ ଆକର୍ଷଣୀୟ କରିବାକୁ ବିଭିନ୍ନ ସ୍ଥାନରେ ରଙ୍ଗୀନ ସୌନ୍ଦର୍ଯ୍ୟକରଣ ବା ଅର୍ଣ୍ଣାମେଣ୍ଟାଲ ଗଛ ଲଗାଯାଇଛି। ବର୍ତ୍ତମାନ ଦୁଇଟି ପୋଖରୀ ଏବଂ ଏହାକୁ ସଂଯୋଗ କରୁଥିବା ଏକ ବ୍ରିଜ୍ ଯୁବବର୍ଗମାନେ ଫଟୋ ସୁଟ୍ ସହ ରିଲସ୍ କରୁଥିବା ଦେଖିବାକୁ ମିଳିଛି। ଏହାସହ ଜୟଦେବ ବାଟିକା ପରିସରରେ ନିର୍ମିତ ଟ୍ରୀ ହାଉସ୍ ମଧ୍ୟ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ଏଫ୍‌ଡିସିର ଡିଭିଜନାଲ ମ୍ୟାନେଜର ରୁଦ୍ରମଣି ସାହୁ କହିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ପ୍ରତିବର୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ନୂଆ ନୂଆ ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ମଧ୍ୟ ଏଭଳି ନୂଆ ନୂଆ ଆକର୍ଷଣୀୟ ପଦକ୍ଷେପ ନିଆଯିବ।



# ଛାତ୍ରଛାତ୍ରୀ ରାଷ୍ଟ୍ରର ଆଲୋକବର୍ତ୍ତିକା

**ଭବାନୀପାଟଣା, ୧୩।୫(ସମିସ):**



ଶିକ୍ଷା ହେଉଛି ସଫଳତାର ମୂଳଦୁଆ। ଏହାକୁ ଆପଣାଇ ଛାତ୍ରଛାତ୍ରୀ ଆଗକୁ ବଢ଼ିବା ଉଚିତ। ଛାତ୍ରଛାତ୍ରୀ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ନିଜ ସ୍ୱପ୍ନ ପୂରଣ କରିବା ସହ ସମାଜ ପାଇଁ ଅବଦାନ ଦେବା ଉଚିତ। ସେମାନେ ସମାଜ ଓ ରାଷ୍ଟ୍ରର ଭବିଷ୍ୟତ ଓ ଉନ୍ନତିର ଆଲୋକବର୍ତ୍ତିକା। ଜୟପାଟଣା ବ୍ଲକ କନଫରେନ୍ସ ହଲଠାରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ଏହି ମତ ପ୍ରକାଶ ପାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଓ ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜୟପାଟଣା ବିଡିଓ ଧର୍ମରାଜ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରେମ ନାରାୟଣ ପଣ୍ଡା, ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଗଙ୍ଗାଧର ମାଝୀ, ପ୍ରଗତି ଶିକ୍ଷାନୁଷ୍ଠାନ ସମ୍ପାଦକ ଇଂ ଅଜୟ ପଣ୍ଡା, ଜୟପାଟଣା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଭାକର ଦାସ ଚିନ୍ମୟ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରଜତ ବଂଶଲ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲ୍ଲାର ଏ-୧ ଗ୍ରେଡ ପାଇଥିବା ୧୯ ଜଣ ଛାତ୍ରଛାତ୍ରୀ ଓ ସମସ୍ତ ବ୍ଲକ ଟପ୍ପର ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିମଧ୍ୟରେ ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଥିବା ତଥା ଜିଲ୍ଲା ଟପ୍ପର ହେଇଥିବା ମୁଖିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଶ୍ରେୟାଂଶୀ ସାହୁଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ପଣ୍ଡା ସଂଯୋଜନା କରିଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରମୋଦ ଠାକୁର ପରିଚାଳନା କରିଥିଲେ। ସଦସ୍ୟ ଲଳିତ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡରେ ସର୍ବାଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଇଥିବାରୁ ଜୟପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରେମ ନାରାୟଣ ପଣ୍ଡା ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ଶେଷଦେବ ବେହେରା, ପ୍ରାଣ ରଞ୍ଜନ ବେହେରା, ଅର୍ଜୁନ ପଟ୍ଟନାୟକ, ସଞ୍ଜୀବ ଠାକୁର, ବେଦ ପ୍ରକାଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ମଦ କାରବାରରେ ଦୁଇ ଗିରଫ

ଶଗଡ଼ା, ୧୩।୫(ସମିସ): କନ୍ଧମାଳ ଅବକାରୀ ବିଭାଗର ଏକ ଟିମ୍ ଦୁଇଟି ସ୍ଥାନରେ ଚଢ଼ଉ କରି ବିପୁଳ ଦେଶୀ ମଦ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଛି। ଘଣ୍ଟାପଡ଼ା ଥାନା ସିଲେଟପଡ଼ା ଗ୍ରାମ ନିକଟରେ ଚଢ଼ଉ କରି ୮ ଲିଟର ମଦ ଜବତ କରିବା ସହ ଲତାବନ ମାଝିଙ୍କୁ ଗିରଫ କରିଛି। ସେହିଭଳି କନ୍ଧମାଳ ଥାନା କଲରା କୋଠା ଗ୍ରାମରେ ଚଢ଼ଉ କରି ୭ ଲିଟର ମଦ ଜବତ କରିବା ସହ ସଲିମ ପୋଡ଼ଙ୍କୁ ଗିରଫ କରିଛି।

● ପଣ୍ଡରୀପାଣି ଗ୍ରାମରେ ବାଘ ଆତଙ୍କ

## ଗୁହାଳରେ ପଶି ଗାଈକୁ ମାରି ଖାଇଲା

ନୂଆପଡ଼ା, ୧୩।୫(ସମିସ): ନୂଆପଡ଼ା ଧରମବନ୍ଧା ବିଟ୍ ପଣ୍ଡରିପାଣି ଗାଁରେ ପୁଣି ବାଘଆତଙ୍କ ଦେଖା ଦେଇଛି। ସୋମବାର ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗୁହାଳକୁ ପଶି ଗାଈକୁ ଶିକାର କରିଥିବା ଖବର ମିଳିଛି। ସନ୍ଧ୍ୟାରେ ପଣ୍ଡରିପାଣି ଗାଁର ମୁଞ୍ଜୁ ରାଉତ ନିଜ ଗୁହାଳରେ ଗାଈକୁ ବାନ୍ଧି ଶୋଇଥିଲେ। ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗୁହାଳରେ ପଶି ଗାଈକୁ ଆକ୍ରମଣ କରିଥିଲା। ସେଠି ଗାଈ ରଡି ଛାଡିବାରୁ ପରିବାର ଲୋକେ ଉଠି ଯାଇଥିଲେ। ଏହାପରେ ଗୁହାଳରେ ବାଘ ଗାଈକୁ ଛାଡ଼ି ଜଙ୍ଗଲକୁ ଚାଲି ଯାଇଥିଲା। ପରବର୍ତ୍ତୀ ସମୟରେ ଗାଈର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀମାନେ ପହଞ୍ଚି ଥିଲେ।ତେବେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ଜୁନାଗଡ଼ ଓଏଭିର ଅନିକେତ ପଣ୍ଡା ସିବିଏସ୍‌ଇ ଦଶମ କଳାହାଣ୍ଡି ଟପ୍ପର



**ଭବାନୀପାଟଣା, ୧୩।୫(ସମିସ):** ସିବିଏସ୍‌ଇ ଦଶମ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ର ଅନିକେତ ପଣ୍ଡା ଜିଲ୍ଲା ଟପ୍ପର ହୋଇ ନିଜ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସେ ୫ଶହ ମାର୍କରୁ ୪୮୮ ମାର୍କ (୯୭.୬%) ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଜୁନାଗଡ଼ ସହର ଲକ୍ଷ୍ମୀ ସାଗରପଡ଼ାର ନରେନ୍ଦ୍ର ପଣ୍ଡା ଓ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ଏକମାତ୍ର ପୁଅ ଅଙ୍କିତ ଜିଲ୍ଲା ଟପ୍ପର ହେବା ପରେ ଚାରିଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବାଦିଘୋର ଗ୍ରାମରେ କମ୍ୟୁନିଟି ହଲକୁ ନେଇ ବିବାଦ



**ବଲାଙ୍ଗିର, ୧୩।୫(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ଅଧୀନ ବାଦିଘୋର ଗ୍ରାମରେ କମ୍ୟୁନିଟି ହଲକୁ ନେଇ ବିବାଦ ଚାଲିଛି। ଦଳିତ ବସ୍ତିରେ କମ୍ୟୁନିଟି ହଲ ନିର୍ମାଣ ହୋଇଥିବାରୁ ଗୋଟିଏ ଗୋଷ୍ଠୀର ଲୋକେ ତାକୁ ତାରବାଡ ଦେଇ ଅକ୍ତିଆର କରି ରଖିଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ବାଦିଘୋର ଗ୍ରାମର ଅନ୍ୟ ଗୋଷ୍ଠୀର ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ସୂଚନା ଅନୁସାରେ ଆମ ଗାଁ ଆମ ବିକାଶ ଯୋଜନାରେ ଏହି କମ୍ୟୁନିଟି ହଲ୍‌ଟି ନିର୍ମାଣ କରାଯାଇଥିଲା। ତାହା ଏକ ସରକାରୀ ଜାଗାରେ ନିର୍ମାଣ ହୋଇଥିଲେ ହେଁ ଦଳିତ ବସ୍ତି ପାଖରେ ନିର୍ମାଣ ହୋଇଥିବାରୁ ସବର୍ଣ୍ଣ ଗୋଷ୍ଠୀର ଲୋକେ ତାରବାଡ଼ ଦେଇ ଘେରି ରଖଛନ୍ତି ଓ ନିଜର ଅକ୍ତିଆରରେ ରଖିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। କମ୍ୟୁନିଟି ହଲ ପାଇଁ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ନିଆଁ ସୃଷ୍ଟି ହେଉଥିବାବେଳ ଜିଲ୍ଲାପ୍ରଶାସନ ଏଥିରେ ହସ୍ତକ୍ଷେପ କରୁ ବୋଲି ସେମାନେ ଦାବି କରିଛନ୍ତି। ସେଠାରେ ମାପଚୁପ କରି ସରକାରୀ ଜାଗା ଚିହ୍ନଟ କରାଯାଉ ବୋଲି ଦାବି କରିଛନ୍ତି।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ସ୍ମରଣ ଯୋଷୀ ଜିଲ୍ଲା ଟପ୍ପର



**ନୂଆପଡ଼ା/ଖଡ଼ିଆଳ, ୧୩।୫ (ସମିସ):** ମଙ୍ଗଳବାର ସିବିଏସଇ ଦଶମ ପରୀକ୍ଷାର ଫଳାଫଳ ପ୍ରକାଶିତ ହୋଇଛି। ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ସ୍ମରଣ ଯୋଷୀ ୯୯.୬୦ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ମିଳିଥିବା ଖବର ଅନୁଯାୟୀ ସେ ମୋଟ ୫୦୦ମାର୍କରୁ ୪୯୮ମାର୍କ ରଖିଛନ୍ତି। ତାଙ୍କର ବାପା ମହେନ୍ଦ୍ର ଯୋଷୀ ଜଣେ ସମାଜସେବୀ ଏବଂ ମାଆ ସଙ୍ଗୀତା ବେହେରା ଜଣେ ହାଇସ୍କୁଲ ଶିକ୍ଷୟିତ୍ରୀ ଅଟନ୍ତି।

## ଦର୍ଶକଙ୍କ ମନ ଛୁଇଁଲା ନାଟକ 'ଜୟଯାତ୍ରା'



ଭବାନୀପାଟଣା, ୧୩।୦୫ (ସମିସ): ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ନାଟ୍ୟଧାରାର ନାଟକ 'ଜୟଯାତ୍ରା' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକକୁ ଭବାନୀପାଟଣାର ସ୍ମାରକୀ ନାଟ୍ୟ ସଂସ୍ଥା ପରିବେଷଣ କରିଥିଲା। ଏହି ନାଟକକୁ ବରିଷ୍ଠ ନାଟ୍ୟକାର ମନୋଜ ରଥ ରଚନା କରିଥିବାବେଳେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ସୌରଭ ମହାପାତ୍ର, ଅନିଲ ବୈଠାରୁ, ଅବିନାଶ ଅଗସ୍ତି, ପ୍ରିୟଙ୍କା ପଟ୍ଟନାୟକ, ଶୁଭାଶିଷ ମହାପାତ୍ର, ଅମରେନ୍ଦ୍ର ମହାନ୍ତି, ଶିବଶକ୍ତି ପୁରୋହିତ, ଆର୍ଯ୍ୟା ନାୟକ, କେ ଗୋପୀଧର ନାୟର୍, ତ୍ରିନାଥଶ୍ୟାମ କୁମାର, ହେମନ୍ତ ଦଣ୍ଡସେନା ପ୍ରମୁଖ ଅଭିନୟ କରିଥିଲେ। ସୁବାଷ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରତାପଚନ୍ଦ୍ର ପଣ୍ଡା ରୂପ ସଜ୍ଜା କରିଥିଲେ। ସୌମ୍ୟ ରଞ୍ଜନ ଜେନା ଆଲୋକ ସଞ୍ଚାଳନ କରିଥିବାବେଳେ ଆଶୁତୋଷ ପୁରୋହିତ ମଞ୍ଚ ସଜ୍ଜା କରିଥିଲେ।

## ତ୍ରିଭୁବନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, ୧୩।୫ (ସମିସ): କଳାହାଣ୍ଡି କୁର୍ମି କ୍ଷତ୍ରୀୟ ଅଞ୍ଚଳ ସଂସ୍ଥା ପକ୍ଷରୁ ସ୍ୱର୍ଗତ ତ୍ରିଭୁବନ ପ୍ରଧାନଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତୁଳସୀ ନଗରସ୍ଥିତ ସାମାଜ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସଭାପତି ଅଶ୍ୱିନୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଗଙ୍ଗାଧର ପ୍ରଧାନ, ସିଦ୍ଧାର୍ଥ ନାୟକ, ସନ୍ତୋଷ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ମହେଶ୍ୱର ପ୍ରଧାନ, ପରକ୍ଷିତ ବଶ୍ୱାଳ, ଦେବରାଜ ପ୍ରଧାନ, ସମ୍ପୂର୍ଣ୍ଣ ପ୍ରଧାନ, ଅମିତ ନାୟକ, ରାମଚନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ, ସୀତାକାନ୍ତ ପ୍ରଧାନ, ଶିବ ପ୍ରଧାନ, ସୁରେନ୍ଦ୍ର ନାୟକ, ନବୀନ ନାୟକ, ଶିବରାମ ପ୍ରଧାନ, ସୁବାଷ ପ୍ରଧାନ ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ରାଧାକୃଷ୍ଣ ମନ୍ଦିର ପରିସରରେ ପୁରୁଣାପଡ଼ା ମନ୍ଦିର ସମୂହ ସମନ୍ୱୟ କମିଟି ପକ୍ଷରୁ ମଧ୍ୟ ଏକ ଶୋକ ସଭା ଆୟୋଜିତ ହୋଇଥିଲା। ଇନ୍ଦ୍ରଜିତ୍ ମହାଖୁଡଙ୍କ ଆବାହକତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନ୍ଦିର ଟ୍ରଷ୍ଟି ସଭାପତି କୈଳାଶ ପ୍ରଧାନ, ନିରଞ୍ଜନ ପ୍ରଧାନ, ଶିକ୍ଷକ ଗଙ୍ଗାଧର ପ୍ରଧାନ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଭୋଇଗୁଡା ଧବଳେଶ୍ୱର ମନ୍ଦିରରେ ମଧ୍ୟ ସଚ୍ଚିଦାନନ୍ଦ ମହାଖୁଡଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

## ନୃତ୍ୟ, ସଙ୍ଗୀତରେ ଜମୁଛି ଗନ୍ଧରାଢ଼ୀ ଲୋକକଳା ମହୋତ୍ସବ



**ବୌଦ୍ଧ, ୧୩।୫(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋସବ ନୃତ୍ୟସଙ୍ଗୀତରେ ଜମୁଛି। ମଙ୍ଗଳବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଡ଼ିଓ ବିପ୍ର ଚରଣ ମହାନ୍ତି, କଂଗ୍ରେସ ଜିଲ୍ଲା ସଭାପତି ନବ ମିଶ୍ର ଯୋଗ ଦେଇଥିଲେ। କମିଟି ସଭାପତି ଅଶୋକ ସାହୁ ଅଧ୍ୟକ୍ଷତା କରିଥିଲେ। ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭ୍ୟ ବିସିକେଶନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶମ୍ଭୁ ଗିରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପକ ପ୍ରଭାତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିର, ଜହ୍ନପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ, କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜଗନ୍ନାଥ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ ଓ ସିମରନ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଡୁଆ କରୁଛି ଇଲେକ୍ଟ୍ରି ପୋଲ





**କେସିଙ୍ଗା, ୧୩।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନଏସିର ୯ନମ୍ବର ୱାର୍ଡ ଅଧୀନ ପାଢ଼ୀ କଲୋନୀରେ ଇଲେକ୍ଟ୍ରି ପୋଲ୍ ବିକାଶରେ ବାଧା ସୃଷ୍ଟି କରୁଛି। ଏହାଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ କୌଣସି ଗାଡ଼ି ମଟର ସୁବିଧା ଅସୁବିଧା ସମୟରେ ପଡ଼ା ଭିତରକୁ ପଶି ପାରୁନାହିଁ। ସେହିପରି ପଡ଼ା ଭିତରେ ଥିବା ଡ୍ରେନ ମଝିରେ ମଧ୍ୟ ଇଲେକ୍ଟ୍ରି ପୋଲ୍ ରହି ଥିବାରୁ ପାଣି ଠିକ୍‌ରେ ଯାଇପାରୁ ନାହିଁ। ପଡ଼ାର ମୁଖ୍ୟ ରାସ୍ତା ଖରାପ ହୋଇ ସିମେଣ୍ଟ କଂକ୍ରିଟ ଉପର ମୁହାଁ ହେଲାଣି। ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନରେ ମରାମତି ହୋଇ ହୋଇ ଡ୍ରେନ ଛୋଟ ହୋଇଯିବା ଫଳରେ ପାଣି ଠିକରେ ନିଷ୍କାସିତ ହୋଇ ପାରୁନାହିଁ। ଡ୍ରେନ କଡ଼ରେ ଥିବା ଘଘୁଡ଼ିକର ସମସ୍ୟା ଜଟିଳ ହୋଇ ପଡୁଛି। ସାହିର ମୁଖ୍ୟ ରାସ୍ତା ପ୍ରାୟ ୧୫ ଫୁଟ ଥିଲେ ମଧ୍ୟ ଇଲେକ୍ଟ୍ରି ପୋଲ୍ ୩ ଭାଗରୁ ଭାଗେ ରାସ୍ତା ଅବରୋଧ କରିଛି। ପୋଲ୍ ରାସ୍ତା କଡକୁ ଘୁଞ୍ଚାଇଲେ ରାସ୍ତା ବଡ଼ ହେବା ସାଙ୍ଗକୁ ଗାଡ଼ି ମଟର ସାହି ଭିତରକୁ ବିନା ଅବରୋଧରେ ଯାଇ ପାରିବ। ତେଣୁ ଯଥା ଶୀଘ୍ର ଇଲେକ୍ଟ୍ରି ପୋଲ୍‌ଗୁଡ଼ିକୁ ରାସ୍ତାକଡ଼କୁ ସ୍ଥାନାନ୍ତର କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି।

● ସଂକୀର୍ଣ୍ଣ ହେଉଛି ରାସ୍ତା

● ଅସୁବିଧା ଭୋଗୁଛନ୍ତି ୱାର୍ଡବାସୀ

## ଶୌଚାଳୟ ନିର୍ମାଣ କାମ ସରିପାରୁନି

**ଜୟପାଟଣା, ୧୩।୫(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଜୟପାଟଣା ଥାନା ସାମନାରେ ୨୦୨୪ ଜାନୁଆରୀ ୮ରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଡିଶାରୀଙ୍କ ଦ୍ୱାରା ଏକ ଶୌଚାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ତେବେ ଏହା ସରିପାରୁନି। ସେହିଭଳି ସୂଚନା ଫଳକ ନ ଥିବାରୁ କେତେ ଟଙ୍କାର କାମ, କାର୍ଯ୍ୟ ସମ୍ପାଦନ ସଂସ୍ଥା, କାର୍ଯ୍ୟ ଶେଷ କେବେ ହେବ ସେ ନେଇ ଜନସାଧାରଣ ଅନ୍ଧାରରେ ରହିଛନ୍ତି।



## ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଃଶୁଳ୍କ କମ୍ପ୍ୟୁଟର ତାଲିମ



ମନମୁଣ୍ଡା, ୧୩।୫(ସମିସ): ଦିଲ୍ଲୀର ବସନ୍ତ ସୋସିଆଲ ଫାଉଣ୍ଡେସନ ମନମୁଣ୍ଡା ଶାଖା ତରଫରୁ ଶିକ୍ଷକ, ଶିକ୍ଷୟିତ୍ରଙ୍କ ପାଇଁ ୩ ମାସିଆ ନିଃଶୁଳ୍କ କମ୍ପ୍ୟୁଟର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ଓ ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ର ମନମୁଣ୍ଡା ଶାଖା କାର୍ଯ୍ୟାଳୟରେ ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସ୍ଥାନୀୟ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ବିତ ମିଶ୍ର ମୁଖ୍ୟ ଅତିଥି ଏବଂ ମନମୁଣ୍ଡା ସିଆରସିସି ପ୍ରଜିନା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଶେଷରେ କମ୍ପ୍ୟୁଟର ତାଲିମଦାତା ସୁଶାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ନୂଆପଡ଼ା, ୧୩।୫(ସମିସ):**



ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଏକ ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବ୍ରହ୍ମ ସମାଜ ଏହି ଅଭିଯୋଗ କରିଛି। ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଏସ୍‌ପିଙ୍କ ନିବାସ ସମ୍ମୁଖରେ ଘର କରି ରହିଥିବା ମନବୋଧ ତ୍ରିପାଠୀଙ୍କ ପୁଅ ମାନସ ତ୍ରିପାଠୀ ନାମକ ଜଣେ ଫାର୍ମାସିଷ୍ଟଙ୍କୁ ଦୁର୍ବୃତ୍ତ ହାତ, ମୁହଁ ବାନ୍ଧି ଅପହରଣ କରି ନେଲେ। ଛତିଶଗଡ ଜଙ୍ଗଲରେ ହତ୍ୟା କରି ଫିଙ୍ଗିଦେଲେ। ଏହି ଘଟଣାରେ ଛତିଶଗଡ଼ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଣୁ ବ୍ରହ୍ମ ସମାଜ ଛତିଶଗଡ଼ ପୁଲିସକୁ ଧନ୍ୟବାଦ ଦେଇଛି। ସମାଜ ଦ୍ୱାରା ଆହୂତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଓକିଲ ସଂଘ ସଭାପତି ସିତୁ ବୋଧନକର, ସିଭିଲ ବାର୍ ଆସୋସିଏସନର ପୂର୍ବତନ ସଭାପତି ସୁଶାନ୍ତ ପତି ଯୋଗ ଦେଇଥିଲେ। ଜିଲ୍ଲାରେ ୨ ମାସ ମଧ୍ୟରେ ୩ ଜଣକ ଜୀବନ ଗଲାଣି। ପୁଲିସ ପ୍ରତି ଅପରାଧୀମାନଙ୍କ ଭୟ କମି ଯାଉଥିବା ଲକ୍ଷଣ ଦେଖାଯାଇଛି। ମାର୍ଚ୍ଚ ମାସରେ ଏସପିଙ୍କ ନିବାସ ସମ୍ମୁଖରେ ଜାତୀୟ ରାଜପଥରେ ଜଣେ ବୃଦ୍ଧଙ୍କୁ ହତ୍ୟା କରି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ପରେ ପୁଲିସ ଗିରଫ କରିଥିଲା। ଗତ ୮ତାରିଖ ମାନସ ତ୍ରିପାଠୀଙ୍କୁ ନୂଆପଡ଼ା ଏନଏସି ଅଧୀନ ମହୁଲଭଟା ଗାଁରୁ ଅପହରଣ କରିନେଇ ଛତିଶଗଡ଼ରେ ହତ୍ୟା କରି ଫିଙ୍ଗି ଦେବା ଭଳି ବିଭତ୍ସ ଘଟଣା ଘଟିଛି। ୧୦ତାରିଖ ଦିନ ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୮ କିମି ଦୂର ଟାନୱା।ଟ ଗାଁରେ ଦିନ ଦ୍ୱିପ୍ରହରରେ ବିଚ ରାସ୍ତାରେ ବଡଭାଇକୁ ସାନଭାଇ ଗାମୁଛାରେ ତଣ୍ଟିଚିପି ହତ୍ୟା କରଛି। ଜିଲ୍ଲା ସଦର ମହକୁମାରେ ଖୋଦ ଏସପିଙ୍କ ସମେତ ଜିଲ୍ଲାସ୍ତରୀୟ ପୁଲିସ ଅଧିକାରୀ, ମାଳ ମାଳ ପୁଲିସ ବଳ ଚଳ ପ୍ରଚଳ ସତ୍ତ୍ୱେ ଏ ସବୁ ଘଟୁଛି। ସେହିଭଳି ଏଠାର ପ୍ରବଳ ନିଶା କାରବାର ସହ ଚୋରି ରାହାଜାନି ବଢୁଛି ବୋଲି ବ୍ରହ୍ମ ସମାଜ ତରଫରୁ ଅଭିଯୋଗ କରାଯାଇଛି। ସଞ୍ଜୟ ପୁରୋହିତ, ସଞ୍ଜୟ ହୋତା, ସଞ୍ଜୟ ପାଣିଗ୍ରାହୀ, ଅନୁପ ପଣ୍ଡା, ନିରୋଦ ପାଢ଼ୀ, ଅଶୋକ ଅଗସ୍ତୀ, ଲୋକନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ମେଧାବୀ ଅଭିନନ୍ଦନ



ବରଗଡ଼, ୧୩।୫(ସମିସ): ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଓଡ଼ିଆ ବିଭାଗ)ର ଦଶମ ବୋର୍ଡ ପରୀକ୍ଷାରେ ଏ୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ସୋମବାର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାରୋହରେ ବିଧାନସଭାର ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ପରିଚାଳନା ସମିତିର ସମ୍ପାଦକ ସୁରେଶ ସାହୁ, ସଭାପତି ଯଦୁମଣି ନାୟକ, ତ୍ରିବିକ୍ରମ ଶତପଥୀ(ପଶ୍ଚିମ ସମ୍ଭାଗ ସମ୍ପାଦକ), ସରୋଜ ଭୋଇ(ଅତିରିକ୍ତ ଶିକ୍ଷା ଅଧିକାରୀ), ସଂକର୍ଷଣ ମେହେର(ଜିଲ୍ଲା ପ୍ରମୁଖ), ରସାନନ୍ଦ ଥପା(ସଂକୁଳ ପ୍ରମୁଖ), ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ ଓ ସହ ପ୍ରଧାନଆଚାର୍ଯ୍ୟ ପ୍ରଦୀପ ପଧାନ ମଞ୍ଚାସୀନ ଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜ୍ୟୋତିରଞ୍ଜନ ମିଶ୍ର(ପଶ୍ଚିମ ସମ୍ଭାଗ ସଂଯୋଜକ), ରାମଚନ୍ଦ୍ର ଡନସନା, ଆନନ୍ଦ ପଧାନ, ଡୋଳାମଣି ଶତପଥୀ, ଲକ୍ଷଣ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ଲଳିତ ବିଶ୍ୱାଳ, ଡିଲେଶ୍ୱର କର୍ମୀ, ଦିଲ୍ଲୀପ ସାଥୁଆ, ପ୍ରୀତମ ସିଂ, ପ୍ରକାଶ ପଟ୍ଟନାୟକ, ଡ.ସତ୍ୟସାଇ ସାହୁ, ଶିବ ପ୍ରସାଦ ବାଗ, ସୁବାସ ସାହୁ, ରୁକ୍ମଣ ମହାପାତ୍ର, ଡ.ଅର୍ଜୁନ ମେହେର, ସନ୍ତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡ୍ ପାଇଥିବା ଆର୍ଯ୍ୟନ ସାହୁ, ଯସ୍ମିନ ଦାଶ, ତନଜିତ ପୃଷ୍ଟି, ସ୍ନିଗ୍ଧା ପଧାନ, ଅନଘାଦିତ୍ୟା ଯୋଶୀ, ଆନିକା ବିଶ୍ୱାଳ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବବିତା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମିତିର ସମ୍ପାଦକ ସୁରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଓଡ଼ିଶାର ଧାନ ବୋଲି ପ୍ରମାଣିତ କରିବା ପାଇଁ ଯୋଜନା**

# ଛତିଶଗଡ଼ରୁ ଆସୁଥିବା ଧାନ ବୋଝେଇ ଟ୍ରକ୍ ଜବତ

**ସୋହେଲା, ୧୩।୫(ସମିସ):**




ରାଜ୍ୟରେ ଧାନମଣ୍ଡି ଖୋଲିବା ପୂର୍ବରୁ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ବେଧଡ଼କ ଧାନ ଆସୁଛି। ସୋମବାର ଛତିଶଗଡ଼ ପଟୁ ବରମକେଲା ସୋହେଲା ରାସ୍ତାରେ ଧାନ ବୋଝେଇ ହୋଇ ଏକ ମିନି ଟ୍ରକ୍ ଆସିଥିଲା। ଟ୍ରକ୍‌କୁ ପୁରୁଣା ଚେକ୍‌ଗେଟ ଠାରେ ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ ଧରି ସୋହେଲା ଥାନାକୁ ହସ୍ତାନ୍ତର କରିଛନ୍ତି। ପରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଥାନାକୁ ଆସି ଘଟଣାର ତଦନ୍ତ କରି ଧାନ ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ବରଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ରବି ଧାନକ୍ରୟ ପାଇଁ ମଣ୍ଡି ଖୋଲି ନାହିଁ। ଜିଲ୍ଲାର କିଛି ମିଲ୍ ମାଲିକ ଓ ଧାନ ବ୍ୟବସାୟୀ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ କମ୍ ଦରରେ ଧାନ କିଣି ଜିଲ୍ଲା ଏବଂ ଅନ୍ୟ ଜିଲ୍ଲାର ମିଲ୍‌ଙ୍କୁ ଆଣୁଥିବା ଜଣାପଡ଼ିଛି। ବରଗଡ଼ ଜିଲ୍ଲା ସୀମାକୁ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼ ଓ ସାରଙ୍ଗଗଡ଼ ଜିଲ୍ଲା ଲାଗି ରହିଛି। ସେଠାରୁ ପ୍ରତିଦିନ ବହୁ ସଂଖ୍ୟାରେ ଟ୍ରକ୍ ଓ ମିନି ଟ୍ରକ୍‌ରେ ଓଡ଼ିଶାକୁ ବରମକେଲାରୁ ସୋହେଲା ଓ ସରିଆରୁ ବରଗଡ଼ ରାସ୍ତାରେ ଦିନ ଦ୍ୱିପ୍ରହରରେ ଧାନ ଆସୁଛି। ବରଗଡ଼ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ଦୁଇ ପ୍ରମୁଖ ରାସ୍ତାରେ କୌଣସି ପ୍ରକାର ଯାଞ୍ଚ ବ୍ୟବସ୍ଥା ନଥିବାରୁ ଏବଂ ସୀମା ମୁକୁଳା ପଡ଼ିଥିବାରୁ ଧାନ ବ୍ୟବସାୟୀ ଜିଲ୍ଲାକୁ ବେଧଡ଼କ ଧାନ ଆଣୁଛନ୍ତି। ପ୍ରକାଶ ଥାଉ କି ରାଜ୍ୟରେ ନୂଆ ସରକାର ଆସିବା ପରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେରାଜ୍ୟର ଚାଷୀଙ୍କ ନିକଟରୁ ଉଭୟ ରବି ଓ ଖରିଫ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କାରେ କ୍ରୟ କରୁଛନ୍ତି। କିନ୍ତୁ ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ସେଠିକାର ସରକାର ଚାଷୀଙ୍କ ଠାରୁ କେବଳ ଖରିଫ ଧାନ ସରକାରୀ ଦରରେ ମଣ୍ଡି ମାଧମରେ କ୍ରୟ

**● ଟ୍ରକ୍‌ରେ ଥିଲା ୯୩ କୁଇଣ୍ଟାଲ ଧାନ**

କରୁଥିବା ବେଳେ ଖରାଟିଆ ରବି ଧାନକୁ କିଣି ନଥାନ୍ତି। ଫଳରେ ସେଠିକାର ଚାଷୀମାନେ ଅମଳ କରିଥିବା ଧାନକୁ ବାଧ ହୋଇ କମ ଦରରେ ବିକ୍ରି କରିଥାନ୍ତି। ଏହାର ସୁଯୋଗ ନେଇ ବରଗଡ଼ ଜିଲ୍ଲାର ସୀମାନ୍ତରେ ଥିବା ଓ ଛତିଶଗଡ଼ରାଜ୍ୟର ଅସାଧୁ ବ୍ୟବସାୟୀ ଛତିଶଗଡ଼ରାଜ୍ୟର ଚାଷୀଙ୍କ ଠାରୁ ରବି ଧାନକୁ କୁଇଣ୍ଟାଲ ୨ହଜାରରୁ ୨୧ ଶହ ଟଙ୍କାରେ କିଣି ଏଠାରେ ବିକ୍ରୟ କରିଥାନ୍ତି। ଛତିଶଗଡ଼ରାଜ୍ୟରୁ ଆସୁଥିବା ଏହି ଧାନ ଯଦି କେବେ ଧରାପଡ଼େ ତେବେ ମିଲର୍ସ ଏବଂ ବ୍ୟବସାୟୀ ଉକ୍ତ ଧାନ ଓଡ଼ିଶାର ବୋଲି ପ୍ରମାଣିତ କରିବା ପାଇଁ ଲାଗି ପଡ଼ିଥାନ୍ତି। ସୋମବାର ସକାଳେ ସୋହେଲା ତହସିଲଦାର ଏହି ଧାନ ବୋଝେଇ ଗାଡ଼ିକୁ ଅଟକାଇ ଚାଳକକୁ ପଚାରିବା ବେଳେ ବୋଝେଇ ହୋଇଥିବା ଧାନ ଛତିଶଗଡ଼ରାଜ୍ୟର ଚନ୍ଦରପୁରରୁ ପଦମପୁରର ଦିପ୍ତିପୁରକୁ ଯାଉଥିବା ପ୍ରକାଶ କରିଥିବା ବେଳେ ଗାଡ଼ି ଥାନାକୁ ପହଞ୍ଚିବା ପରେ ଗାଡ଼ି ଚାଳକ ତାର ବୟାନକୁ ବଦଳାଇ ଟ୍ରକ୍‌ରେ ବୋଝେଇ ହୋଇଥିବା ଧାନ ଭଟଲି ଥାନା ଭଇନାତୋରା ଗ୍ରାମରୁ ଦୀପ୍ତିପୁରକୁ ଯାଉଥିବା ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ କହିଥିଲା। ଏପରିକି ଗାଡ଼ିରେ ବୋଝେଇ ହୋଇଥିବା ଧାନକୁ ଓଡ଼ିଶାର ଧାନ ବୋଲି ସାବ୍ୟସ୍ତ କରିବାକୁ କିଛି ଚାଷୀ ଥାନାକୁ ଆସି ବୋଝେଇ ହୋଇ ଥିବା ଧାନ ସେମାନଙ୍କର ବୋଲି ଦାବି କରୁଥିବା ଦେଖିବାକୁ ମିଳିଥିଲା। ଯୋଗାଣ ବିଭାଗ ବରଗଡ଼ ଅତିରିକ୍ତ ସିଏସଓ ଶମ୍ଭୁପ୍ରସାଦ ହରପାଳ, ପଦ୍ମପୁର ଏସିଏସଓ ସନ୍ତୋଷ ପ୍ରଧାନ ଏବଂରାଜ ବୋଡ଼ାସମ୍ବର ବ୍ଲକ ଯୋଗାଣ ନିରୀକ୍ଷକ ଗଜାପତି ତାଣ୍ଡି ପ୍ରମୁଖ ଧାନ ବୋଝେଇ ଟ୍ରକ୍‌କୁ ଜବତ କରି ତଦନ୍ତ କରୁଛନ୍ତି। ଜବତ ଟ୍ରକ୍‌ରେ ୧୯୦ପ୍ୟାକେଟରେ ପ୍ରାୟ ୯୩ କୁଇଣ୍ଟାଲ ଧାନ ବୋଝେଇ ହୋଇଥିବା ଜଣାପଡ଼ିଛି।

## ଅଙ୍ଗନଦୀରେ ବିସ୍ଥାପନ ବିହୀନ ଆନିକଟ ନିର୍ମାଣ ଦାବି



**ପଦ୍ମପୁର, ୧୩।୫(ସମିସ):** ପଦ୍ମପୁର ଉପ ଖଣ୍ଡ ଚଙ୍ଗରିଆ ଗ୍ରାମରେ ଏକ କାର୍ଯ୍ୟକ୍ରମରେ କୃଷକ ସଂଗଠନକୁ ସମ୍ମାନିତ କରାଯାଇଥିଲା।ଅଙ୍ଗନଦୀ ଉପଖଣ୍ଡର ଜୀବନ ରେଖା ସଦୃଶ ଘେରି ରହିଛି। ତେଣୁ ଅଙ୍ଗନଦୀର ବିଭିନ୍ନ ସ୍ଥାନରେ ଆନିକଟ ନିର୍ମାଣ କରି ବିସ୍ଥାପନ ବିହୀନ ଜଳସେଚନ ବ୍ୟବସ୍ଥା କରିବା ସହିତ ପ୍ରସ୍ତାବିତ ବୃହତ ଅଙ୍ଗ ବନ୍ଧ ଯୋଜନାକୁ ରଦ୍ଦ କରାଗଲେ ନଦୀ, ବାଲି ଓ ଚାଷୀ ବଞ୍ଚିବେ। ଲଖମରାକୁ ଏକ ନୂତନ ବ୍ଲକ କରାଯାଉ ଏବଂ ପଶ୍ଚିମ ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଦେବଦର୍ହାକୁ ଅନୁଦାନ ଦେଇ ସୌନ୍ଦର୍ଯ୍ୟକରଣ କରାଗଲେ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ହେବା ସହ ସ୍ଥାନୀୟ ବେକାର ଯୁବକ କର୍ମନିଯୁକ୍ତି ପାଇବେ ବୋଲି କୃଷକ ସଂଗଠନର ଆଇନ ପରାମର୍ଶ ଦାତା ଅଜିତ ଶତପଥି ସରକାରଙ୍କ ଠାରେ ଦାବି ଜଣାଇଥିଲେ। ଅଙ୍ଗ ନଦୀରୁ ପ୍ରଚୁର ପରିମାଣରେ ବାଲି ବେଆଇନ ଭାବରେ ଚୋରି ହେଉଛି। ନଦୀରୁ ବାଲି ଉଠିବାରୁ ଜଳସ୍ତର କମି ଯାଉଛି।ନଦୀକୂଳ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଇଛି। ତେଣୁ ବାଲି ବଞ୍ଚିଲେ ନଦୀ, ପାଣି ବଞ୍ଚିବ ଅଞ୍ଚଳବାସୀ ଖୁସିରେ ରହିବେ।ସରକାର ଗଠନ ମୂଳକ ପଦକ୍ଷେପ ନ ନେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ଚେତାବନୀ ଦେଇଛନ୍ତି।ଏଥିରେ ଅଞ୍ଚଳବାସୀଙ୍କ ସାମୂହିକ ସ୍ୱାର୍ଥ ହାସଲ ହେବ। ସମସ୍ତେ ସହଯୋଗ ମନୋବୃତ୍ତି ରଖିବା ଉଚିତ ବୋଲି ଶ୍ରୀ ସତପଥି କହିଥିଲେ। ତାଙ୍କ ସହ ସଂଗଠନର ଲିଙ୍ଗରାଜ ପ୍ରଧାନ, ଅରକ୍ଷିତ ପ୍ରଧାନ, ଶେଷଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠମାନଙ୍କୁ ସାକ୍ଷାତକାର ଅଭିଯାନ

ବରଗଡ଼, ୧୩।୫(ସମିସ):ସୋମବାର ଦିନ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠଙ୍କୁ ସାକ୍ଷାତକାର କାର୍ଯ୍ୟକ୍ରମରେ ଆମ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଆଜୀବନ ସଦସ୍ୟ



ବରଗଡ଼ ଗଙ୍ଗାଧର ନଗର ୱାର୍ଡ ନମ୍ବର୍ ୧୪ ନିବାସୀ ଅଭୟ କୁମାର ଭୋଇଙ୍କ ବାସଭବନକୁ ଯାଇ ତାଙ୍କ ସହିତ କିଛି ସମୟ ବାର୍ତ୍ତାଳାପ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଦେବୀ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ବଶ୍ରୀ ଗୋବିନ୍ଦ ଦାଶ, ସାମ୍ବାଦିକ ତୁଳସୀ ଚରଣ ଦାଶ, ଲଳିତ ବିଶୀ, ରାମଚନ୍ଦ୍ର ଷଡ଼ଙ୍ଗୀ ଆଦି ପ୍ରତିନିଧି ଯାଇ ଶ୍ରୀ ଭୋଇଙ୍କ ଆଶୁ ଆରୋଗ୍ୟ କାମନା କରି ଆଉ ଜଣେ ବରିଷ୍ଠଙ୍କୁ ସାକ୍ଷାତ ପାଇଁ ବାହାରି ପଡ଼ିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ଆନ୍ଧ୍ର ବ୍ୟାଙ୍କରେ ଚାକିରି କରି ଅଫିସର ପଦବୀରୁ ଅବସର ନେଇ ବର୍ତ୍ତମାନ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହିବା ସହ ଲାୟନ୍ସ କ୍ଲବ୍‌ର ସମ୍ପାଦକ ଭାବେ ସାମାଜିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ଆଜି ସେ ତାଙ୍କର ଅନ୍ତରଙ୍ଗ ଅଭୁଲା ଦିନ ଗୁଡ଼ିକୁମନେ ପକାଇ ଭାବ ବିନିମୟ କରିଥିଲେ। ସଂଘର ବରିଷ୍ଠଙ୍କୁ ସାକ୍ଷାତକାର ଅଭିଯାନକୁ ଶ୍ରୀ ଭୋଇ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ୟ ସଂଘମାନେ ମଧ୍ୟ ଆଦର ଓ ଅନୁକରଣ କରୁଛନ୍ତି।

## ପଥପ୍ରାନ୍ତ ସଂସ୍କୃତ ନାଟକ ପ୍ରଦର୍ଶନ

ବରଗଡ଼, ୧୩।୫(ସମିସ):ସଂସ୍କୃତ ଭାଷା ହେଉଛି ସମସ୍ତ ଭାରତୀୟ ଭାଷାର ଜନନୀ ଭାଷା। ଏହି ଭାଷା ସମଗ୍ର ଭାରତବର୍ଷରେ କଥିତ ଭାଷା ଭାବେ ବ୍ୟବହୃତ ହେଉଥିଲା। କାଳକ୍ରମେ ଲୋକଙ୍କ ଠାରୁ ଧୀରେ ଧୀରେ ଏହି ଭାଷା ଅପସରି ଗଲା। ତେବେ ସବୁ ଭାଷାର ଜନନୀର ପୁନରୁଦ୍ଧାର ପାଇଁ ସାରା ବିଶ୍ୱରେ ସଂସ୍କୃତ ଭାରତୀର ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷିରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓଡ଼ିଆ ବିଭାଗରେ ଚାଲିଥିବା ଆବାସୀୟ ସଂସ୍କୃତ ପ୍ରବୋଧନ ଓ ସମ୍ଭାଷଣ ବର୍ଗ ଅବସରରେ ଶିକ୍ଷାର୍ଥୀଙ୍କ ଦ୍ୱାରା ସହରରେ ଶୋଭାଯାତ୍ରା ପ୍ରଦର୍ଶନ କରାଯାଇଛି। ଏହାସହ ସଂସ୍କୃତ ଭାଷାରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। କୁନିକୁନି ବାଳକ ବାଳିକାଙ୍କ ଦ୍ୱାରା ଅନର୍ଗଳ ସଂସ୍କୃତ ସମ୍ଭାଷଣ ଅଗଣିତ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇଥିଲା। ସଂସ୍କୃତ ଭାଷା ପ୍ରତି ରୁଚି ବର୍ଦ୍ଧନରେ ସହାୟକ ହୋଇଥିଲା। ଏହି ଅବସରରେ ସଂସ୍କୃତ ଭାରତୀ ପଶ୍ଚିମ ଓଡ଼ିଶା ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମେଧାବୀ ଅଭିନନ୍ଦନ



**ବରଗଡ଼, ୧୩।୫(ସମିସ):**ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଓଡ଼ିଆ ବିଭାଗ)ର ଚଳିତ ଶିକ୍ଷାବର୍ଷର ଦଶମ ବୋର୍ଡ ପରୀକ୍ଷାରେ ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କ ମେଧବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପରିଚାଳନା ସମିତିର ସମ୍ପାଦକ ସୁରେଶ ସାହୁ, ସଭାପତି ଯଦୁମଣି ନାୟକ, ତ୍ରିବିକ୍ରମ ଶତପଥ ପଶ୍ଚିମ ସମ୍ଭାଗର ସମ୍ପାଦକ, ସରୋଜ କୁମାର ଭୋଇ ଅତିରିକ୍ତ ଶିକ୍ଷା ଅଧିକାରୀ, ସଂକର୍ଷଣ ମେହେର ରଗଡ଼ ଜିଲ୍ଲା ପ୍ରମୁଖ, ସାନନ୍ଦ ଥପା ସଂକୁଳ ପ୍ରମୁଖ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ ଓ ସହପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପଧାନ ମଞ୍ଚାସିନ ଥିଲେ।ନିମନ୍ତ୍ରୀତ ଅତିଥି ଭାବେ ଜ୍ୟୋତି ରଞ୍ଜନ ମିଶ୍ର ପଶ୍ଚିମ ସମ୍ଭାଗ ସଂଯୋଜକ, ରାମଚନ୍ଦ୍ର ଡନସନା, ଆନନ୍ଦ ପଧାନ, ଡୋଳାମଣି ଶତପଥୀ, ଲକ୍ଷଣ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ଲଳିତ କୁମାର ବିଶ୍ୱାଳ, ଡିଲେଶ୍ୱର କର୍ମୀ, ଦିଲ୍ଲୀପ ସାଥୁଆ, ପ୍ରିତମ ସିଂ, ପ୍ରକାଶ ପଟ୍ଟନାୟକ, ଡ.ସତ୍ୟସାଇ ସାହୁ, ଶିବ ପ୍ରସାଦ ବାଗ, ସୁବାସ ସାହୁ, ରୁକ୍ମଣ ମହାପାତ୍ର, ଡ.ଅର୍ଜୁନ ମେହେର, ସନ୍ତୋଷ କୁମାର ପଣ୍ଡା ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ପାଇଥିବା ଆର୍ଯ୍ୟନ ସାହୁ, ଯସ୍ମିନ ଦାଶ, ତନଜିତ ପୃଷ୍ଟି, ସ୍ନିଗ୍ଧା ପଧାନ, ଅନଘାଦିତ୍ୟା ଯୋଶୀ, ଆନିକା ବିଶ୍ୱାଳ ଓ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବବିତା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ପରିଚାଳନା ସମିତିର ସମ୍ପାଦକ ସୁରେଶ ସାହୁ।

**● ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା**

## ଏସିସି ବିକାଶ ସ୍କୁଲ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ବରଗଡ଼, ୧୩।୫ (ସମିସ): ମଙ୍ଗଳବାର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶିତ ହୋଇଯାଇଛି। ସ୍ଥାନୀୟ ବିକାଶ ସିମେଣ୍ଟନଗର ଇଂଲିଶ ମିଡିୟମ ସ୍କୁଲର ଛାତ୍ରଛାତ୍ରୀ କୃତିତ୍ୱର ସହ ପାସ୍ କରିଛନ୍ତି। ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ନେଇ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି। ସମସ୍ତ ୪୦ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ୯୦%ରୁ ଊର୍ଦ୍ଧ୍ୱ, ୪ ଜଣ ୮୦%ରୁ ଊର୍ଦ୍ଧ୍ୱ, ୩ ଜଣ ୭୦%ରୁ ଊର୍ଦ୍ଧ୍ୱ, ୧୧ଜଣ ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଲୋକେଶ କୁମାର ସର୍ବୋଚ୍ଚ ୯୫.୪% ରଖି ସ୍କୁଲ ଟପ୍ପର ହୋଇଛନ୍ତି, ଆୟୁସି ସାମଲ ୯୪.୮%, ପ୍ରିୟଙ୍କା ଶ ୯୧.୨ %, ଶୃତିରାଣୀ ସାହୁ ୯୦.୨%ନମ୍ବର ରଖି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ସ୍କୁଲର ଛାତ୍ର ଛାତ୍ରୀମାନେ ଗଣିତରେ ସର୍ବୋଚ୍ଚ ୧୦୦ ନମ୍ବର, ଇଂରାଜୀରେ ୯୬ ନମ୍ବର, ବିଜ୍ଞାନରେ ୯୯ ନମ୍ବର, ସାଧାରଣବିଜ୍ଞାନରେ ୯୯ ନମ୍ବର, ହିନ୍ଦୀରେ ୯୭ ନମ୍ବର, ଓଡ଼ିଆରେ ୯୬ ନମ୍ବର ଓ ସଂସ୍କୃତରେ ୭୨, ଆଇଟିରେ ୯୭ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏସିସି ସିମେଣ୍ଟ ପ୍ଲାଣ୍ଟ ମୁଖ୍ୟ ସୁକାନ୍ତ ସାମନ୍ତ ଓ ମାନବ ସମ୍ବଳ ମୁଖ୍ୟ ଅଭିଷେକ ଭଟ୍ଟାଚାର୍ଯ୍ୟ ସଫଳତା ପାଇଁ ଉଭୟ ଛାତ୍ରଛାତ୍ରୀ ଓ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବିକାଶ ଶିକ୍ଷାନୁଷ୍ଠାନର ଚେୟାରମେନ ଡି.ମୁରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଡି ବିବେକ କୁମାର, ଡାଇରେକ୍ଟର ଡ଼.ସମରେନ୍ଦ୍ର ନାଥ ପଣ୍ଡା ତଥା ବିଦ୍ୟାଳୟର ଅଧ୍ୟକ୍ଷ ସନାତନ ମହାପାତ୍ର ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସଫଳତା ନେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବରିକେଲ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ପଦ୍ମପୁର, ୧୩।୫(ସମିସ):** ପଦ୍ମପୁର ଅନ୍ତର୍ଗତ ବରିକେଲ ହାଇସ୍କୁଲ ମାଟ୍ରିକ ୨୦୦୦ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଦୀର୍ଘ ୨୫ ବର୍ଷ ପଦ୍ମପୁର କଲେଜରୋଡସ୍ଥିତ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିକେଲ ହାଇସ୍କୁଲ ମାଟ୍ରିକ ୨୦୦୦ ବ୍ୟାଚ୍‌ର ପ୍ରାୟ ୫୦ ଜଣ ବନ୍ଧୁବାନ୍ଧବୀ ଓ ତାଙ୍କ ପରିବାର ଲୋକ ଅଂଶଗ୍ରହଣ କରିଥିଲେ। ବରିକେଲ ହାଇସ୍କୁଲର ତତ୍କାଳୀନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଫିସ୍ କର୍ମଚାରୀ ପରୀକ୍ଷିତ ବେହେରା, ହେମସାଗର ସାହା, ପଦ୍ମିନୀ ବହିଦାର, ଭାରତୀ ସାମନ୍ତରାୟ, ଗୋପାଲଜୀ ପାଣିଗ୍ରାହୀ, ଜିତେନ୍ଦ୍ର ପଣ୍ଡା, ନବୀନ ଚନ୍ଦ୍ର ସାହୁ, ମୀନକେତନ ସାହୁ, ନିର୍ମଳବାଙ୍କ, ପରମେଶ୍ୱର ସାହାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।କାର୍ଯ୍ୟକ୍ରମକୁ ହରେକୃଷ୍ଣ ମେହେର ଏବଂ ଇତିଶ୍ରୀ ପୁରୋହିତ ପରିଚାଳନା କରିଥିଲେ।



ଜଗବନ୍ଧୁ ଶିକା କାର୍ଯ୍ୟକ୍ରମର ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ।ଶେଷରେ ରାଜେଶ କୁମାର ସାହୁ ଏବଂ ସୁଶାନ୍ତ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶ୍ରୀକାନ୍ତ ବିଶ୍ୱାଳଙ୍କ ସ୍ମୃତିସଭା

ବଡ଼ଗଡ଼, ୧୩।୫(ସମିସ):ସୋଏଲା ବ୍ଲକ ଅନ୍ତର୍ଗତ ପାଣିମୋରା ନିବାସୀ ଶ୍ରୀକାନ୍ତ ବିଶ୍ୱାଳଙ୍କ ଚତୁର୍ଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କର ଶିଷ୍ୟ ଥିଲେ।ସବିନୟ ବିଶ୍ୱାଳଙ୍କ ତତ୍ୱାବଧାନରେ ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ରରୁ ଶ୍ରୀଗୁରୁଦେବଙ୍କ ଶ୍ରୀବିଗ୍ରହ ଓ ପାଦୁକା ଆସି ପହଞ୍ଚିଥିଲା।ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦାର ଦାସଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭାରେ ବଡ଼ଗଡ଼ର ସନ୍ଥ ନିତ୍ୟାଗୋଧାନ ଅବଧୂତ, ହରିଦ୍ୱାରର ସନ୍ଥ ପର୍ବତାନନ୍ଦ ଗିରି, ବାବାଜୀ ବିବେକାନଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ପ୍ରୀତିରଞ୍ଜନ ଦାସ, ରମୟ ରାଉତ, ଶଶୀକାନ୍ତ ଖୁଣ୍ଟିଆ, ରାଜୁ କିଶୋର ସାହୁ, ଗୁରୁଚରଣ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।ସର୍ବଦା ସାଧୁସନ୍ଥଙ୍କ ସହ କିପରି ନିବିଡ଼ ସୁସମ୍ପର୍କ, ଅଞ୍ଚଳରେ ଘରେ ଘରେ ସାଧୁ ବାବା ବୋଲି ପରିଚିତ ହୋଇଥିଲେ। ଏହି ଅବସରରେ ଗୁରୁଦେବଙ୍କୁ ଷୋଡଶ ଉପଚାରରେ



ପୂଜାର୍ଚ୍ଚନା ଓ ମାଆମାନଙ୍କ ଦ୍ୱାରା ବନ୍ଦାପନା କରାଯାଇଥିଲା। ସେବିକା ସବିତା ଦାସ ଭଜନ ପରିବେଷଣ କରିଥିଲେ।

# ଟୋକନ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବି

**ବରଗଡ଼, ୧୩।୫(ସମିସ):**



ଟୋକନ ସମସ୍ୟା ସମାଧାନ ପାଇଁ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ବରଗଡ଼ ଜିଲ୍ଲାରେ ୯୨୫୦୦ ଚାଷୀ ଆବଶ୍ୟକ କାଗଜପତ୍ର ଦେଇ ଚାଷ ଜମି ପଞ୍ଜିକରଣ କରିଥିଲେ। ଆର୍‌ଆଇ ଏବଂ ସେଟଲାଇଟ ସର୍ଭେ ପରେ ବର୍ତ୍ତମାନ ୯୦୯୦୦ ଚାଷୀଙ୍କ ଟୋକନ ଧାନ ବିକ୍ରି କରିବା ପାଇଁ ଅନୁମତି ପାଇଛନ୍ତି। ଯେଉଁଥିରେ ଧାନ ଅମଳ ହୋଇଥିବା ଚାଷୀଙ୍କ ଟୋକନ ବିକ୍ରି ତାରିଖ ବିଳମ୍ବରେ ଥିବାରୁ ଚାଷୀଙ୍କୁ ଚିନ୍ତି ଘାରୁଛି। ଅନ୍ୟପକ୍ଷରେ ବୋରୱେଲରେ ଚାଷ କରିଥିବା ଚାଷୀଙ୍କ ବୋରିଙ୍ଗ ପ୍ରତି ଅଢେଇ ଏକର ଜମିର ଧାନ ବିକ୍ରି ଅନୁମତି ପାଉଥିବା ବେଳେ କିଛି ଚାଷୀଙ୍କ ଜମି ତୁଳନାରେ ଧାନ ବିକ୍ରି ଟୋକନ ପରିମାଣ କମ ଆସିଛି। ବିଭିନ୍ନ ବ୍ଲକର ପ୍ରାୟ ୫୦ ଜଣ ଚାଷୀ ତାଙ୍କର ଚାଷଜମି ତୁଳନାରେ କମ ଧାନ କାର୍ଡ ଆସିଥିବାରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଭେଟି ଶୀଘ୍ର ସମାଧାନ କରିବାକୁ କହିଛନ୍ତି। ଯଦି ସମାଧାନ ନ ହେଲେ ବଳକା ଧାନ ଜିଲ୍ଲାପାଳ ଅଫିସରେ ପକାଇବୁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଅଭିଯୋଗ ପରେ ଡିଆରସିଏସ ଅତୁଲ ଦାଶ ସଂଗଠନକୁ ଡକାଇ ଜିଲ୍ଲାପାଳ ସହିତ ପ୍ରସଙ୍ଗରେ ଆଲୋଚନା କରି ସୋସାଇଟିମାନଙ୍କ ଜରିଆରେ ନୂତନ ଅଭିଯୋଗ ଫାର୍ମ ମାଧ୍ୟମରେ ୧୬ ତାରିଖ ସୁଦ୍ଧା ଧାନ ବିକ୍ରୀରୁ ବଞ୍ଚିତ ଚାଷଙ୍କୁ ଆଉଥରେ ସୁବିଧା ଦେବାର ନିଷ୍ପତ୍ତି ହୋଇଛି। ଧାନ ବିକ୍ରିରୁ ବଞ୍ଚିତ ସ୍ୱତନ୍ତ୍ର ଆବେଦନ ଫାର୍ମରେ ନିଜର ଅଭିଯୋଗ କରନ୍ତୁ ଏବଂ ସର୍ଭେରେ ଯଦି ଧାନ ଚାଷ ହୋଇଥାଏ ତାହାହେଲେ ଧାନ ବିକ୍ରିରୁ ଯେମିତି ଚାଷୀ ବଞ୍ଚିତ ନ ହେବେ ସେଦିଗରେ ଆମେ ଚେଷ୍ଟା କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, ରବିଶଙ୍କର ପଧାନ, ଲୋକେଶ୍ୱର ସାହୁ, ଏକାଦସିଆ ନାୟକ, ପ୍ରକାଶ ଭୋଇ, ଆନନ୍ଦ ସରାଫ, ନିରଞ୍ଜନ ପଧାନ ସମେତ ବିଭିନ୍ନ ବ୍ଲକରୁ ୫୦ରୁ ଅଧିକ ଚାଷୀ ଯୋଗଦେଇ ଥିଲେ।

## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ



ଘେଁସ, ୧୩।୫(ସମିସ):ପେଟୁପାଲି ବଡ଼ଜୋର ମଧ୍ୟସ୍ତ ବରଛକ ଭାଗବତ ଗାଦିରେ ସୋମବାର ଦିନ ପବିତ୍ର ବୈଶାଖ ପୂର୍ଣ୍ଣିମା ତିଥିରେ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗିର ପ୍ରବଚନ ଭାଗବତ ସଭା ଅନୁଷ୍ଠିତ ହୋଇଯାଇଛି। ତିଳେଇ ମାଲନିବାସୀ କୈଳାସ ସାହୁ ତାଙ୍କ ଧର୍ମପତ୍ନୀ ପତ୍ନୀ ଉମା ସାହୁ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲା ବେଳେ ପଣ୍ଡିତ ଭଗବାନ ଦାସ, ତୁଲାମଣି ସାବତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଝାଲପାଲି ଗ୍ରାମର, ରାଧାମାଧବ ମହିଳା ସଂକୀର୍ତନ ମଣ୍ଡଳୀର ସଂକୀର୍ତ୍ତନ ଗାୟିକା ଦୃପତି ଭୋଇ ଭାଗବତ ପାରାୟଣ କରିବା ସହ ଭଜନ ପରିବେଷଣ କରିଥିଲେ। ଗଜରାଜ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଭାଗବତ ସଭା ରେ ମୁଖ୍ୟ ବକ୍ତା ରମେଶ ବାରିକ, ଟିକେଶ୍ୱର ପାଣ୍ଡେ, ପ୍ରବଚିକା ବିଜୟା ପଧାନ ତାଙ୍କରି ବକ୍ତବ୍ୟ ମାନ ପ୍ରଦାନ କରିଥିଲେ। କମିଟିର ସଭାପତି କମଳା କାନ୍ତ ଜାଲ, ସମ୍ପାଦକ ଦିଲୀପ ଭୋଇ ବରିଷ୍ଠ ସଭ୍ୟ ମହେନ୍ଦ୍ର ନାଗ, ରକ୍ଷାକାରି ସାହୁ, ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରାଧୀୟା ପ୍ରମୁଖ ସହଯୋଗ କରିଥିଲେ।

ସୁତେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ

# ଦଶମରେ ହଂସରାଜ ଓ ଦ୍ୱାଦଶରେ ଅରିଜିତ ବିଦ୍ୟାଳୟ ଟପ୍ପର

ବାଲେଶ୍ୱର,୧୩।୫(ସମିସ)

ମଙ୍ଗଳବାର ଦିନ ପ୍ରକାଶ ପାଇଛି ସିବିଏସଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକସ୍ଥିତ ସୁତେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଦଶମ ଓ ଦ୍ୱାଦଶ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଦଶମ ପରୀକ୍ଷାରେ ହଂସରାଜ ପଣ୍ଡା ଓ ଦ୍ୱାଦଶରେ ଅରିଜିତ ସିଟ୍ ବିଦ୍ୟାଳୟ ଟପ୍ପର ହୋଇଛନ୍ତି ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାହୁ ସୂଚନା ଦେଇଛନ୍ତି। ସେହିପରି ଦଶମରେ ଜୀବନ ଜ୍ୟୋତି ଲେଙ୍କା ଓଡ଼ିଆରେ ୧୦୦ ରୁ ୧୦୦ ନମ୍ବର ରଖିଛନ୍ତି। ସୂଚନାଯୋଗ୍ୟ,୨୦୨୪-୨୫ ବ୍ୟାଚ୍‌ରେ ସିବିଏସଇ ଢାଞ୍ଚାରେ ୭୮ ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ। ଏଥିରେ ଶତପ୍ରତିଶତ ପାସ୍ ହାର ରହିଛି। ଦଶମରେ ହଂସରାଜ ପଣ୍ଡା ୯୬.୬ ପ୍ରତିଶତ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଆଗାମୀ ଦିନରେ ସେ ଡାକ୍ତରୀ ପଢ଼ିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେହିପରି ବିଦ୍ୟାଳୟରେ ୧୬ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ହଂସରାଜଙ୍କ ସମେତ ବିଦ୍ୟାଳୟର ଶ୍ରେଷ୍ଠ ଦଶମ ସ୍ଥାନରେ ପ୍ରୀତିଶା ପଣ୍ଡା ୯୫ ପ୍ରତିଶତ, ସୁମିତ୍ରା ପ୍ରଧାନ ୯୪.୪ ପ୍ରତିଶତ, ଦେବାଶିଷ ନାୟକ ୯୪.୨ ପ୍ରତିଶତ, ଅଭିଷେକ ଦାସ ୯୪ ପ୍ରତିଶତ, ବିଜୟଲକ୍ଷ୍ମୀ ଗିରି ୯୪.୪ ପ୍ରତିଶତ, କିରଣ ମିଶ୍ର




୯୪.୪ ପ୍ରତିଶତ, ଅନନ୍ୟା ପାଣିଗ୍ରାହୀ ୯୧.୪ ପ୍ରତିଶତ, ଶଶାଙ୍କ ଗୁପ୍ତା ୯୨.୪ ପ୍ରତିଶତ ଏବଂ ଭବାନୀ ଶଙ୍କର ନାଥ ୯୦.୮ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଆଦର୍ଶ ବିଦ୍ୟାଳୟରେ ଦ୍ୱାଦଶ ପରୀକ୍ଷା ଦେଇଥିଲେ ୪୪ ଜଣ ଛାତ୍ରଛାତ୍ରୀ। ବିଜ୍ଞାନରେ ୩୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୪ ଜଣ ପାସ୍ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪ ଜଣ ପାସ୍ ହୋଇଛନ୍ତି। ଅରିଜିତ ସିଟ୍ ସର୍ବୋଚ୍ଚ ୯୪.୮ ପ୍ରତିଶତ ନମ୍ବର ରଖି ବିଜ୍ଞାନରେ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଶୁଭ୍ରାଂଶୁ ଶେଖର ବେହେରା ୮୮.୨ ପ୍ରତିଶତ, ଅହଲ୍ୟା ମାର୍କେପ ୮୩.୪ ପ୍ରତିଶତ, ଅଭିଜିତ ସେଠୀ ୮୨.୨ ପ୍ରତିଶତ ଏବଂ ପଲ୍ଲିଶ୍ରୀ ମହାରଣା ୮୧.୬ ପ୍ରତିଶତ ନମ୍ବର ହାସଲ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ଦିବ୍ୟଜ୍ୟୋତି ମହାପାତ୍ର ସର୍ବାଧିକ ୭୦.୨ ପ୍ରତିଶତ ନମ୍ବର ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

● ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ୍ ସ୍କୁଲର ସଫଳତା

## ଦଶମରେ ହିମାଂଶୁ ଓ ଦ୍ୱାଦଶରେ ଓମ୍ ପ୍ରକାଶ ଟପ୍ପର

ବାଲେଶ୍ୱର,୧୩।୫ (ସମିସ): ସିବିଏସ୍‌ଇ. ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ୍ ସ୍କୁଲ ପୁଣି ଥରେ ସଫଳତାର ଶୀର୍ଷକୁ ଛୁଇଁଛି। ଦ୍ୱାଦଶ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ୯୦.୫ ପ୍ରତିଶତ ନମ୍ବର ରଖି ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏବର୍ଷର ଚମତ୍କାର ତାରକା ଓମ୍ ପ୍ରକାଶ ପ୍ରଧାନ ୯୭.୪% ନମ୍ବର ରଖି ସ୍କୁଲର ଗୌରବ ଅର୍ଜନ କରିଛନ୍ତି। ଚଳିତ ବର୍ଷ ୨୫ ଜଣ ପରୀକ୍ଷାର୍ଥୀ ୯୦%ର ନମ୍ବରକୁ ଅତିକ୍ରମ କରିବାକୁ ସକ୍ଷମ ହୋଇଛନ୍ତି। ସେହିପରି ସଫଳତାକୁ ବଜାୟ ରଖି ଦଶମ ଶ୍ରେଣୀରେ ୧୩ ଜଣ ୯୦ ପ୍ରତିଶତରୁ ଉଦ୍ଧ୍ୱର୍ ନମ୍ବର ରଖି ସ୍କୁଲର ସମ୍ମାନ ବଜାୟ ରଖିଛନ୍ତି। ସେଥିମଧ୍ୟରୁ ସ୍କୁଲର ଗୌରବ ଭାବେ ହିମାଂଶୁ ଗିରି ୯୭.୬ ପ୍ରତିଶତ ନମ୍ବର ରଖି ନିଜକୁ ପ୍ରମାଣିତ କରିଚନ୍ତି। ୭୬% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳ ଛାତ୍ରଛାତ୍ରୀମାନେ ଏଭଳି ଅସାଧାରଣ ସଫଳତାର




ଶ୍ରେୟ ସ୍କୁଲର ଶୈକ୍ଷିକ ପରିବେଶ, ଅତ୍ୟନ୍ତ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଓ ସେମାନଙ୍କର ନୂତନ ଧରଣର ଶିକ୍ଷାଦାନ ପଦ୍ଧତିକୁ ଦେଇଛନ୍ତି। ଚେୟାରମ୍ୟାନ ପରମାନନ୍ଦ ସାନ୍ତାରା, ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତାରା ଓ ଅଧ୍ୟକ୍ଷ ପରେଶ କୁମାର ଦାଶ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମସ୍ତ କୃତୀ ସଫଳ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ନିଷ୍ଠା ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ମଡର୍ଣ୍ଣ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା

ବାଲେଶ୍ୱର, ୧୩।୫(ସମିସ): ମଡର୍ଣ୍ଣ ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରି ଗୌରବ ଆଣିଛନ୍ତି। ଦଶମ ପରୀକ୍ଷାରେ ୨୨୩ ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୭୩ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଦଶମ ଶ୍ରେଣୀର ଛାତ୍ରୀ ଶୃତି କୁମାରୀ ୯୭.୮୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ, ସାଇ ଶିବମ ମାଇତି ୯୭.୬୦ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ ଜ୍ୟୋର୍ତି ଦେବ ପରିଡା ଏବଂ ପ୍ରଜ୍ଞାଶ୍ରୀ ଦାସ ଯଥାକ୍ରମେ ୯୭.୪୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ୮୪ ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୮ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଛାତ୍ର ହୃଦୟାନନ୍ଦ ବ୍ରହ୍ମଚାରୀ ୯୫ .୬୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଆଦିତ୍ୟ ପାଢ଼ୀ ୯୫.୨୦ ପ୍ରତିଶତ ଏବଂ ଶୁଭାଙ୍ଗୀ ଦାସ ୯୨.୪୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି କୃତିତ୍ୱରେ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ, ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସାହୁଙ୍କ ସ୍ମୃତିସଭା



ବାଲେଶ୍ୱର,୧୩।୫(ସମିସ): ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମରଣିକା 'ଚିତ୍ତସ୍ମୃତି' ନରହରିପୁର ବାସଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ଶିକ୍ଷାବିତ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୀଳଗିରି ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବରେଣ୍ୟ ଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରାକ୍ତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଡ. ଶ୍ୟାମସୁନ୍ଦର ପଣ୍ଡା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କବି ନିରଞ୍ଜନ ସାହୁ, ପ୍ରଦୀପ କୁମାର ମିଶ୍ର, ପ୍ରକାଶକ ରମେଶ ଚନ୍ଦ୍ର ମହାରଣା, ଯୋଗେଶ ଚନ୍ଦ୍ର ବେହେରା, ମଧୁସୂଦନ ମାଝୀ, ଡ. ରତ୍ନାକର ସିଂହ ପ୍ରମୁଖ ଯୋଗଦେଇ କହିଥିଲେ ଚିତ୍ତରଞ୍ଜନ ଏକାଧାରରେ ଜଣେ ସାହିତ୍ୟିକ, ସାମ୍ବାଦିକ, ଶିକ୍ଷା ସଂଗଠକ ଓ ସମାଜସେବୀ। 'ଚିତ୍ତସ୍ମୃତି'ର ସମ୍ପାଦକ କବି ଦୁଷ୍ମନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ସମ୍ପାଦିକା ସୁଧା ସାହୁ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର ଗୋପାଳ, ବାଲ ଗୋପାଳ, ଗୌର ଗୋପାଳ, ସୁବାସିନୀ ମଞ୍ଜରୀ, ରତ୍ନ ମଞ୍ଜରୀଙ୍କ ସମେତ ନାରାୟଣ ବେହେରା, ଅନିରୁଦ୍ଧ ଲେଙ୍କା, ଅକ୍ଷୟ ରଣା, ଦୈତାରି ବାରିକ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପୁତ୍ର ଅନନ୍ତ ଗୋପାଳ ସାହୁ କୃତଜ୍ଞତା ଜଣାଇଥିଲେ।

# ଶ୍ରୀରାଜ ମେମୋରିଆଲ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ବାଲେଶ୍ୱର,୧୩।୫(ସମିସ): ତେଲେଙ୍ଗାସାହି ସ୍ଥିତ ଥିବା ଶ୍ରୀରାଜ ମେମୋରିଆଲ ହସ୍‌ପିଟାଲରେ ଲାପ୍ରୋସ୍କୋପିକ ମାଧ୍ୟମରେ ଭେନଟ୍ରାଲ ହାର୍ନିଆ ଅପରେସନ୍ କରାଯାଇଛି। ପ୍ରଥମ ଥର କରାଯାଇଥିବା ଏହି ଅସ୍ତ୍ରୋପଚାର ସଫଳ ହୋଇଥିବା ଜଣାପଡିଛି। ରୋଗୀ ମଧ୍ୟ ସୁସ୍ଥ ହୋଇ ଘରକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ଗୋପାଳପୁର ବାରିଙ୍ଗିଆ ଅଞ୍ଚଳର ନିହାରିକା ପତିଙ୍କର ଏହି ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାରର ୨୪ ଘଣ୍ଟା ମଧ୍ୟରେ ରୋଗୀ ଡିସଚାର୍ଜ ମଧ୍ୟ ହୋଇଛନ୍ତି। ଯାହାକି ସାଧାରଣତଃ ଏହି ଅସ୍ତ୍ରୋପଚାରରେ ଜଣେ ୪/୫ ଦିନ ପରେ ଡିସଚାର୍ଜ ହୋଇଥାନ୍ତି। ଏହି ଅସ୍ତ୍ରୋପଚାରରେ ସର୍ଜରୀ ସ୍ପେଶାଲିଷ୍ଟ ଡାକ୍ତର ଅକ୍ଷୟ କୁମାର ପଣ୍ଡା, ଆନେସ୍ଥେସିଷ୍ଟ ଡ଼ା. ଚନ୍ଦ୍ରକାନ୍ତ ମଲ୍ଲିକ ଓ ସହଯୋଗୀ ଜୟନ୍ତ ବେହେରା ସାମିଲ ଥିଲେ।



# ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣର ପ୍ରତିବାଦ

ବାଲେଶ୍ୱର,୧୩।୫(ସମିସ): ପଶ୍ଚିମବଙ୍ଗରେ ନୂତନ ଭାବରେ ପ୍ରତିଷ୍ଠା ହୋଇଥିବା ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରାଯିବାକୁ ନେଇ ବିଦେଶରେ ରହୁଥିବା ଓଡ଼ିଆମାନେ (ଓରିଓଜ୍) କଡା ସମାଲୋଚନା କରିଛନ୍ତି। ସିଡନୀରେ ରହୁଥିବା କିଛି ଓଡ଼ିଆ ଏହି ପଦକ୍ଷେପ ବିରୁଦ୍ଧରେ ପ୍ରତିବାଦ ଜଣାଇବା ପାଇଁ ଏକାଠି ହୋଇଥିଲେ। ଯେଉଁଥିରେ ବାଲେଶ୍ୱରର କିଛି ଓଡ଼ିଆ ଲୋକ ସାମିଲ ହୋଇଛନ୍ତି। ଯେତେବେଳେ ଦୀଘାରେ ମନ୍ଦିର ଉଦଘାଟନ ହୋଇଥିଲା, ଆମେ ବହୁତ ଖୁସି ହୋଇଥିଲୁ। କିନ୍ତୁ ଯେତେବେଳେ ଆମେ ଜାଣିଲୁ ଯେ ଏହାକୁ ଧାମ କୁହାଯାଉଛି, ଆମେ ବହୁତ ଦୁଃଖିତ ହୋଇଥିଲୁ। ଏପରି ନାମକରଣ ପରବର୍ତ୍ତୀ ପିଢ଼ି ପାଇଁ ବହୁତ ଭ୍ରମ ସୃଷ୍ଟି କରିବ। ଭକ୍ତମାନଙ୍କୁ ସଠିକ୍ ପଥ ଦେଖାଇବା ଉଚିତ ବୋଲି ଅଷ୍ଟ୍ରେଲିଆର କାନବେରାର ହିନ୍ଦୁ ମନ୍ଦିର ଏବଂ ସାଂସ୍କୃତିକ କେନ୍ଦ୍ରର ଉପାଧ୍ୟକ୍ଷ ତରୁଣ ଅଗସ୍ତି କହିଛନ୍ତି। ଏହି ପ୍ରସଙ୍ଗ ଅନ୍ୟ ଜଗନ୍ନାଥ ଭକ୍ତମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଯେଉଁମାନେ



## ନିନ୍ଦାକଲେ ବିଦେଶରେ ରହୁଥିବା ଓଡ଼ିଆ ପରିବାର

ଜାଣନ୍ତି ଯେ ଚାରି ଧାମ - ବଦ୍ରିନାଥ, ଦ୍ୱାରିକା, ପୁରୀ ଏବଂ ରାମେଶ୍ୱରମ। 'ପିଲାଦିନରୁ ଆମେ ହିନ୍ଦୁ ଧର୍ମରେ ଚାରୋଟି ଧାମ ବିଷୟରେ ଜାଣିଛୁ। ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ଭାବରେ ପୁନଃ ନାମକରଣ କରିବା ଅନୁଚିତ ବୋଲି ଜାପାନ ନାଗୋୟାରେ ରହୁଥିବା ଚୌଧୁରୀ ରୁଦ୍ର ଚରଣ ମହାନ୍ତି କହିଛନ୍ତି। ତାଙ୍କ ପରି ବିଦେଶରେ ରହୁଥିବା ଓଡ଼ିଆମାନେ ରଥଯାତ୍ରା ଏବଂ ପ୍ରଭୁ ଜଗନ୍ନାଥଙ୍କ ସହିତ ଜଡିତ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ଏକାଠି ହୁଅନ୍ତି। ସେମାନେ ଭାବନ୍ତି ଯେ ସାରା ବିଶ୍ୱରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇପାରିବ କିନ୍ତୁ କେବଳ ଗୋଟିଏ 'ଜଗନ୍ନାଥ ଧାମ', ଯାହା ପୁରୀ ଜଗନ୍ନାଥ ମନ୍ଦିର। ସ୍ଥାୟୀ ଧାମ। ପୁରୀ ବ୍ୟତୀତ ଅନ୍ୟ କୌଣସି ଜଗନ୍ନାଥ ଧାମ ହୋଇପାରିବ ନାହିଁ ବୋଲି ୟୁକେ ଆମେର୍ଶାମରୁ ଜୟଶ୍ରୀ ନନ୍ଦ କହିଛନ୍ତି। ଏହି ନାମକରଣ ସମ୍ପୂର୍ଣ୍ଣ ଭୁଲ ବୋଲି ବ୍ରିସବେନରେ ରହୁଥିବା 'ଓରିଓଜ'ର ସଭାପତି ମନୋଜ ନାୟକ କହିଛନ୍ତି। ଅଷ୍ଟ୍ରେଲିଆର ସିଡନୀରେ ରହୁଥିବା କିଛି ଓଡ଼ିଆ ଏକ ପ୍ରତିବାଦ କରିବା ପାଇଁ ଏକାଠି ହୋଇଥିଲେ। 'ଓରିଓଜ'ର ପୂର୍ବତନ ସଭାପତି ସୁଜିତ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ସୁଦାମ ବେହେରା ଓ ଅନ୍ୟ ଓଡ଼ିଆମାନେ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲେଶ୍ୱର,୧୩।୫(ସମିସ): ପରମ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମ ଦିନ ଉପଲକ୍ଷେ ଆର୍ଟ ଅଫ ଲିଭିଂର ବାଲେଶ୍ୱର ଶାଖା, ବିସିଆଇସି ଓ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍ୟୋଗ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ସଞ୍ଜୟ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ମୋର, ଦେବରାଜ ପାଢ଼ୀ, କାମାକ୍ଷା ପ୍ରସାଦ ମହାନ୍ତି, ସ୍ୱରୂପ ଦେ, ସୁସ୍ମିତା ପଣ୍ଡା, ମାଳା ଘୋଷ, ପ୍ରମୋଦ ବଜାଜ, ଅଞ୍ଜୁ ଖଣ୍ଡେଲ ୱାଲ, ରଚନା ମୋର, ପ୍ରିୟଙ୍କା ମହାନ୍ତି, ରିଦ୍ଧି ମୋର, ମାଧବୀ ପାଢ଼ୀ, ଶୁଭ୍ରଜ୍ୟୋତି ମହାନ୍ତି, ଜୟଶ୍ରୀ, ଦେବବ୍ରତ ମହାରଣା, ପ୍ରକାଶ ଦାସ, ଅଞ୍ଜନା ପଟ୍ଟନାୟକ, ତ୍ରିପୁରା ଝା, ନେହା ଖଣ୍ଡେଲୱାଲ୍ ଓ ଅନ୍ୟାନ୍ୟ ସ୍ୱୟଂସେବକମାନେ ଆୟୋଜନ କରିଥିଲେ।

# ଟିୟୁଏସିସି ବାଲେଶ୍ୱର ପକ୍ଷରୁ ଜରୁରୀ ବୈଠକ

ବାଲେଶ୍ୱର,୧୩।୫(ସମିସ): ଟିୟୁଏସିସି ବାଲେଶ୍ୱର ପକ୍ଷରୁ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିର୍ଲା ଟାୟାର୍ସ ବନ୍ଦ ହେବା ଏବଂ ପରବର୍ତ୍ତୀ ସମୟରେ ଏନ୍.ସି.ଏଲ୍.ଟି.ର ଆଦେଶ ଅନୁଯାୟୀ ଡାଲମିଆ ଭାରତ ରିଫ୍ରାକ୍ଟରିଜ୍‌ଲିଃକୁ ଏହା ହସ୍ତାନ୍ତର ହୋଇଥିବା ବେଳେ ଅନ୍ୟ ଆଦେଶ ମୂଳେ ପୁରୁଣା ଶ୍ରମିକଙ୍କ ପୁନଃନିଯୁକ୍ତି, ମୃତ ଓ ଅବସର ନେଇଥିବା ଶ୍ରମିକଙ୍କ ଗ୍ରାଚ୍ୟୁଇଟି, ଉଚ୍ଚହାରରେ ପେନ୍ସନ୍ ପାଇଁ ପି.ଏଫ୍. ଦେୟ ପଇଠ ସହ ବକେୟା ଥିବା ପି.ଏଫ୍. ଦେୟ ପଇଠ ପାଇଁ ସରକାରଙ୍କ ମଧ୍ୟସ୍ଥତାରେ ବାରମ୍ବାର ଆଲୋଚନା ଜାରି ରହିଥିବା ବେଳେ ଡାଲମିଆ ଭାରତ ରିଫ୍ରାକ୍ଟରିଜ୍‌ଲିଃରେ ଆଉଟ୍‌ସୋର୍ସିଂ ଜରିଆରେ ଶ୍ରମିକ ନିଯୁକ୍ତି ପାଇଁ ଓଡ଼ିଶା ସରକାରଙ୍କ ବୈଷୟିକ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ବାଲେଶ୍ୱର, ମୟୂରଭଞ୍ଜ, କେଉଁଝର ଆଦି ଜିଲ୍ଲାର ସରକାରୀ ଆଇ.ଟି.ଆଇ. ସ୍କୁଲର ଅଧ୍ୟକ୍ଷଙ୍କୁ ୨୦୨୩ ଓ ୨୦୨୪ ମସିହାରେ ପାସ୍ ଆଉଟ୍ ହୋଇଥିବା ପ୍ରାର୍ଥୀମାନଙ୍କର ନାମ ସ୍ପୋନ୍ସର କରିବାକୁ ପତ୍ର ଲେଖିଛନ୍ତି। ଏକ ବେସରକାରୀ କାରଖାନାରେ ଶ୍ରମିକ (ଆପ୍ରେଣ୍ଟିସ୍) ନିଯୁକ୍ତି ପାଇଁ କେବଳ ସରକାରୀ ଆଇ.ଟି. ଆଇ. ପ୍ରତିଷ୍ଠାନ ଗୁଡ଼ିକରୁ ପାସ୍ ଆଉଟ ହୋଇଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ଏବଂ ବେସରକାରୀ ଆଇ.ଟି.ଆଇ. ପ୍ରତିଷ୍ଠାନ ଯେଉଁଗୁଡ଼ିକୁ ସରକାର ନିର୍ଦ୍ଦିଷ୍ଟ ନିୟମ ଭିତରେ ଅନୁମତି ଦେଇଥାନ୍ତି ସେଥିରୁ ପାସ୍ ଆଉଟ୍ ହୋଇଥିବା ପ୍ରାର୍ଥୀଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟାରୁ ବଂଚିତ କରିବା କେବଳ ବେଆଇନ ନୁହେଁ ଅସାମ୍ବିଧାନିକ ତଥା ଅଗଣତାନ୍ତ୍ରିକ ଅଟେ। ପୁନଶ୍ଚ ଏହି ନିଯୁକ୍ତି ପ୍ରକ୍ରିୟା ପ୍ରଚଳିତ ଶ୍ରମ ଆଇନର ବିଧି ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଅଛି। ଏହି ଭେଦଭାବପୂର୍ଣ୍ଣ ପ୍ରକ୍ରିୟାକୁ ଟି.ୟୁ.ଏ.ସି. ସି. ଦୃଢ଼ ବିରୋଧ କରିବା ସହ ଏହା ପଛରେ ଓଡ଼ିଶା ବୈଷୟିକ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ଭୂମିକା ସଂପର୍କରେ ତଦନ୍ତ ଦାବି କରୁଛି। ଉପରୋକ୍ତ ଚୟନ ପ୍ରକ୍ରିୟା ସହ ସମସ୍ତ ଚୟନ ପ୍ରକ୍ରିୟାଗୁଡ଼ିକ ନିର୍ଦ୍ଧାରିତ ମାନଦଣ୍ଡ ସହ ସ୍ୱଚ୍ଛତା ଓ ନିରପେକ୍ଷ ଭାବରେ ସମ୍ପାଦନ କରାଯାଉ ବୋଲି ଟି.ୟୁ.ଏ.ସି.ସି.ର ଅଧ୍ୟକ୍ଷ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସମେତ ଉପାଧ୍ୟକ୍ଷ ଶାନ୍ତନୁ ଦାସ, ଅନ୍ୟତମ ନେତା ଭାଗବତ ପ୍ରତିହାରୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେମରଞ୍ଜନ ପାତ୍ର, ଶ୍ୟାମ ସୁନ୍ଦର ଜେନା, ପୂର୍ଣ୍ଣ ପାତ୍ର, ଭରତ ସେଠୀ, ଶରତ ଦଳାଇ, ଦୁକୁଲ ଘୋ?ଇ, ସୁବାସ ଚନ୍ଦ୍ର ପ୍ରଧାନ, ଚନ୍ଦନ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ସଫଳତା

ବାଲେଶ୍ୱର,୧୩।୫(ସମିସ): ସଦ୍ୟ ପ୍ରକାଶିତ ସିବିଏସଇ ଦଶମ ପରୀକ୍ଷାରେ ସିଦ୍ଧିବିନାୟକ ପବ୍ଲିକ ସ୍କୁଲର ପରୀକ୍ଷାର୍ଥୀମାନେ ଅଭୁତ ପୂର୍ବ ସଫଳତା ହାସଲ କରିଛନ୍ତି। ମୋଟ ପରୀକ୍ଷା ଦେଇଥିବା ୧୬୮ ଛାତ୍ରଛାତ୍ରୀମାନଙ୍କ





ମଧ୍ୟରୁ ୯ ଜଣ ୯୫ ପ୍ରତିଶତରୁ ଅଧିକ, ୨୯ ଜଣ ୯୦ ପ୍ରତିଶତରୁ ଅଧିକ ଏବଂ ୭୩ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେଥିମଧ୍ୟରୁ ଛାତ୍ରୀ ମୌନା ସାହା ୯୮.୬ ପ୍ରତିଶତ ନମ୍ବର ରଖି ବାଲେଶ୍ୱର ଜିଲ୍ଲା ସମେତ ସାମଗ୍ର ଉତ୍ତର ଓଡ଼ିଶାରେ ସର୍ବୋଚ୍ଚ ନମ୍ବର ସ୍କୁଲ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହାସହିତ ସୌମ୍ୟଜିତ ଜେନା ୯୮.୪ ପ୍ରତିଶତ, ସୌମିତ୍ର ଦେ ୯୮.୧, ସାଇ ପ୍ରତୀକ ସେନାପତି ୯୬.୮ , ଭବ୍ୟ ପ୍ରକାଶ ପରିଡ଼ା ୯୬.୪ , ଲୋୟେଶ ମହାନ୍ତି ୯୬.୨, ମିଲନ କୁମାର ସାହୁ ୯୫.୨ , ପ୍ରୀତମ ଜ୍ୟୋତି ବିଶ୍ୱାଳ ୯୫ ଏବଂ ଅଭିଲିପ୍ସା ବ୍ରହ୍ମା ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ପରୀକ୍ଷାରେ ସଂସ୍କୃତିରେ ୨ ଜଣ ସର୍ବାଧିକ ୧୦୦ ରୁ ୧୦୦, ସାମାଜିକ ବିଜ୍ଞାନରେ ଜଣେ ୧୦୦ ରୁ ୧୦୦ , ଓଡ଼ିଆରେ ଜଣେ ୧୦୦ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ସମିହା ସମ୍ପନ୍ନା ୯୪ ପ୍ରତିଶତ ନମ୍ବର ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ସୁଧାଂଶୁ ପଣ୍ଡା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହିତ ବିଦ୍ୟାଳୟ ପରିଚାଳନା କମିଟିର ସହଯୋଗ ଓ ପିତାମାତାଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମିର୍ଜାପୋଖରୀ ଚନ୍ଦନଯାତ୍ରା ଉତ୍ସବ ଉଦ୍‌ଯାପିତ




ବାଲେଶ୍ୱର,୧୩।୫ (ସମିସ)

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଚନ୍ଦନଯାତ୍ରାକୁ ବେଶ ହର୍ଷ ଉଲ୍ଲାସରେ ପାଳନ କରାଯାଇଥାଏ। ମହାପ୍ରଭୁଙ୍କୁ ଶୀତଳତା ପ୍ରଦାନ ପାଇଁ ଶ୍ରୀଅଙ୍ଗରେ ଚନ୍ଦନ ଲେପ କରାଯାଏ। ମହାପ୍ରଭୁଙ୍କ ଚଳନ୍ତି ବିଗ୍ରହ ମଦନମୋହନ ଶ୍ରୀ ମନ୍ଦିରରୁ ବାହାରି ପୁଷ୍କରିଣୀରେ ନାବକେଳି ବା ନୌକାବିହାର କରିଥାନ୍ତି। ଏହି ପ୍ରଥାନୁଯାୟୀ କାହିଁ କେଉଁ ଅମଳରୁ ଅକ୍ଷୟ ତୃତୀୟାଠାରୁ ବୁଦ୍ଧ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଚନ୍ଦନ ଯାତ ଓ ଚାପକେଳି ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେକ ଓଡିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଳିତ ପର୍ବପର୍ବାଣୀକୁ ରାଜ୍ୟର କୋଣ ଅନୁକୋଣରେ ପାଳିତ ହୋଇଥାଏ। ସେହିକ୍ରମରେ ବାଲେଶ୍ୱରରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଚନ୍ଦନ ଯାତ୍ରା ଲୋକଙ୍କ ପାଇଁ ସର୍ବଦା ଆକର୍ଷଣୀୟ ହୋଇ ରହିଆସିଛି। ସହରର ଶ୍ୟାମସୁନ୍ଦରପୁର, ଗଡ଼ଗଡ଼ିଆ, ମଠସାହିର ହରଗଙ୍ଗା, ଝାଡେଶ୍ୱର ମନ୍ଦିର, ସୁନହଟ ଚନ୍ଦନ ଆଦି ପୋଖରୀରେ ଚନ୍ଦନ ଯାତ୍ରା ପାଳିତ ହୋଇଥିବା ବେଳେ ମିର୍ଜାପୋଖରୀର ଚନ୍ଦନ ଯାତ୍ରାରେ ସ୍ୱତନ୍ତ୍ରତା ବଜାୟ ରହିଛି। ଚଳିତ ବର୍ଷ ମିର୍ଜାପୋଖରୀ ଚନ୍ଦନ ଯାତ୍ରାରେ ପାଳିତ ହୋଇଛି ୧୦୭ ତମ ଉତ୍ସବ। ମୀର୍ଜାପୋଖରୀ ଚାରିପଟେ ଥିବା ଗୋପାଳ ଗାଁ, ସୁଏଲପୁର ଓ ମାଣିଖମ୍ବ ପ୍ରଭୃତି ଗ୍ରାମର ଲୋକେ ମିଳିତ ଭାବେ ପାଳନ କରିଛନ୍ତି ଏହି ଉତ୍ସବ। ଅକ୍ଷୟ ତୃତୀୟାରେ ଉତ୍ସବ ଅନୁକୂଳ ସହ ମିର୍ଜାପୋଖରୀ ଠାରେ କେବଳ ସାତ ଦିନରେ ସୀମିତ ଏହି ଉତ୍ସବ। ସ୍ଥାନୀୟ ମିଶ୍ର ସାହି ମନ୍ଦିରରୁ ଶ୍ରୀ ମଦନମୋହନଙ୍କ ବିଗ୍ରହ ସୁସଜ୍ଜିତ ବିମାନରେ ଏକ ଶୋଭାଯାତ୍ରାରେ ଅଣାଯାଇ ପୋଖରୀରେ ନାବକେଳି କରାଯାଇଥିଲା। ଠାକୁରଙ୍କୁ ନାବରେ ବସାଇ ଭଜନ କୀର୍ତ୍ତନ ସହ ପୋଖରୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁଲିବାର ଦୃଶ୍ୟକୁ କୂଳରେ ଛିଡ଼ା ହୋଇଥିବା ଲୋକେ ବେଶ ଉପଭୋଗ କରିଥିଲେ। ଉତ୍ସବର ଶେଷ ଦିନ ଅର୍ଥାତ ଚନ୍ଦନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ନାବକେଳି ଦେଖିବା ପାଇଁ ଲୋକାରଣ୍ୟ ହୋଇଉଠିଥିଲା ସମଗ୍ର ଅଞ୍ଚଳ। ରାତିତମାମ ଲକ୍ଷାଧିକ ଲୋକେ ରୁଣ୍ଡ ହୋଇଥିଲେ ମୀର୍ଜାପୋଖରୀ ଚନ୍ଦନ ଯାତ୍ରା ମେଳାରେ। ଯାତ୍ରାରେ ଖୋଲିଥିଲା ଶତାଧିକ ଉଠାଦୋକାନ। ତା ସାଙ୍ଗକୁ ଭଳି କି ଭଳି ଖାଇବା ଦୋକାନ। ଲୋକଙ୍କ ମନୋରଞ୍ଜନ ପାଇଁ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ କଂଗ୍ରେସ କମିଟି ଜିଲ୍ଲା ସଭାପତି ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, କଂଗ୍ରେସ ନେତ୍ରୀ ମୋନାଲିସା ସାମଲ, ସାମାଜିକ କର୍ମୀ ମୋନାଲିସା ରାଉଳ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗ ଦେଇ ଜିଲ୍ଲାବାସୀଙ୍କୁ ଚନ୍ଦନ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଥିଲେ। ୧୦୭ ବର୍ଷ ଧରି ପୁରାତନ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାରେ ମିର୍ଜାପୋଖରୀ ଚନ୍ଦନ କମିଟି କର୍ମକର୍ତ୍ତାଙ୍କ ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଚନ୍ଦନ କମିଟିର ସଭାପତି ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଏଥିରେ ପୌରାହିତ୍ୟ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। କମିଟିର ସାଧାରଣ ସମ୍ପାଦକ ଅରୁଣ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦକ ଅନୁପ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସରୋଜ କୁମାର ଲେଙ୍କା, ଶ୍ରୀକାନ୍ତ ବୁଗୁଡାଇ, ମନୋଜ କୁମାର ଦାସ, ଧୀରଜ ମହାନ୍ତି, ଅବିନାଶ ସ୍ୱାଇଁ, ପ୍ରଭାତ ମହାନ୍ତି, ନାରାୟଣ ଦତ୍ତ, ରଞ୍ଜିତ ବେହେରା, ଧୀରଜ ମହାନ୍ତି, ସୁମନ୍ତ ସାହୁ, ଚିତ୍ତରଞ୍ଜନ ମହାନ୍ତି, ବୀରେନ୍ଦ୍ର କର, ଅଶୋକ କୁମାର ତ୍ରିପାଠୀ, ଶିକ୍ଷକ ହରିପଦ ଭୂୟାଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।

## ଦାଦାବଟି ନ ଦେବାରୁ ଟ୍ୟାଙ୍କର ହେଲ୍‌ପରଙ୍କୁ ନିସ୍ତୁକ ମାଡ଼

# ଥାନାରେ ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ପାରାଦୀପ, ୧୩।୫ (ସମିସ)

ପାରାଦୀପ ତୈଳ ଟର୍ମିନାଲରେ ଚାଲିଛି ଅନ୍ଧାରୀ ରାଜ୍। ବଟି ନ ଦେଲେ କରୁଛନ୍ତି ମରଣାନ୍ତକ ଆକ୍ରମଣ। ମାରଣାସ୍ତ୍ର ଲଗାଇ କରୁଛନ୍ତି ଅପହରଣ। ଏଭଳି ବର୍ବର କାର୍ଯ୍ୟକୁ ନେଇ ନିରିହ ତେଲ ଟ୍ୟାଙ୍କର ଡ୍ରାଇଭର ଓ ହେଲପର ତ୍ରାହି ତ୍ରାହି ଡାକିଲେଣି। ଏଭଳି ଏକ ଘଟଣା ୧୦ ତାରିଖ ରାତିରେ ଘଟିଥିଲା ଓ ୧୧ ତାରିଖରେ ଏତଲା ମଧ୍ୟ ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେବେ କାହା ଇସାରାରେ ପାରାଦୀପରେ ଥିବା ୪ଟି ତୈଳ ଟର୍ମିନାଲ ଓ ଗୋଟିଏ ଗ୍ୟାସ ଟର୍ମିନାଲରେ ଚାଲୁଥିବା ଶହ ଶହ ଗାଡି ଡ୍ରାଇଭର ଓ ହେଲପରଙ୍କୁ ଶୋଷଣ କରାଯାଉଥିବା ନେଇ ଏବେ ପ୍ରଶ୍ନ ଉଠିଛି। ଗୋଟିଏ ଗାଡ଼ି ପିଛା ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବାବେଳେ ଯାହାକୁ ଇଛା ହେଉଛି ଚାରି ହଜାର, ପାଞ୍ଚ ହଜାର ଓ ଦଶ ହଜାର ପର୍ଯ୍ୟନ୍ତ ଜୋର ଜବରଦସ୍ତ ଦାଦା ବଟି ମଗାଯାଉଛି। ଯିଏ ଦେଲା ତ ଭଲ, ନ ଦେଲେ ଅପହରଣ ଓ ମରଣାନ୍ତକ ଆକ୍ରମଣର ଶିକାର ହେଉଛନ୍ତି। ଏଭଳି ଘଟଣା ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର



ଜିଲ୍ଲାର ଜଣେ ଯୁବକଙ୍କ ଉପରେ ଘଟିଛି। ବଟି ନ ଦେବାରୁ ଏକ ନିର୍ଦ୍ଦିଷ୍ଟ ୟୁନିଅନର କିଛି ଯୁବକ ଲୁହା ରଡ୍‌ରେ ଆକ୍ରମଣ କରି ତାଙ୍କ ନାମରେ ମିଛରେ ଡ୍ରଗ୍ସ ଖାଇ ଥିବା ନେଇ ଓଲଟା ପୁଲିସକୁ ଡାକିଥିଲେ। ପୁଲିସ ତାଙ୍କୁ ସେଠାରୁ ନେଇ ଡାକ୍ତରଖାନାରେ ଚିକିତ୍ସା କରାଇ କୌଣସି ପଦକ୍ଷେପ ନ ନେଇ ଛାଡି ଦେଇଥିବା ଯୁବକ ଜଣକ ଅଭିଯୋଗ କରିଛନ୍ତି। ଯୁବକଙ୍କ ଦେହସାରା ଓ ମୁହଁରେ ରହିଛି ରଡ୍‌ରେ ଆକ୍ରମଣର ଚିହ୍ନ। ଫାଟିକି ଲାଲ୍ ଦେଖାଯାଉଛି ଯୁବକଙ୍କ ଦେହ ହାତ। ମାତ୍ର ଆକ୍ରମଣର ଶିକାର ହୋଇଥିବା କେନ୍ଦୁଝର ଜିଲ୍ଲାର ରଶ୍ମିରଞ୍ଜନ ମହାନ୍ତିଙ୍କୁ ନ୍ୟାୟ ଦେବା ବଦଳରେ ପୁଲିସ ତାଙ୍କର ହାଣ୍ଡିକ୍ରାପ୍ଟ ବାପାଙ୍କ ନିକଟରୁ ଜବରଦସ୍ତି ଏକ କାଗଜରେ ଦସ୍ତଖତ କରି ଛାଡ଼ିଦେଇଛି। ଯାହା ଏବେ ବନ୍ଦର ନଗରୀରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ପୁଲିସର ଏଭଳି କାର୍ଯ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି ଆକ୍ରମଣର ଶିକାର ହୋଇଥିବା ଯୁବକ ପ୍ରକାଶ କରିଛନ୍ତି। ତେବେ ଏଭଳି ଅମାନୁଷିକ କାର୍ଯ୍ୟ ପାରାଦୀପରେ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ପିପିଏଲ୍ ଡିଏଭି ପବ୍ଲିକ୍ ସ୍କୁଲର ସଫଳତା

**ପାରାଦୀପ, ୧୩।୫ (ସମିସ):** ସିବିଏସ୍‌ଇ ଶିକ୍ଷା ବୋର୍ଡ ପରିଚାଳିତ ୨୦୨୪-୨୫ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ ପିପିଏଲ ଡିଏଭି ପବ୍ଲିକ୍ ସ୍କୁଲର ୪୦ ଜଣ ଛାତ୍ରଛାତ୍ରୀ ଦଶମ ଓ ୩୫ ଜଣ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାରେ ଅନୁଷ୍କା ସ୍ୱାଇଁ ୯୬.୪ ଶତକଡ଼ା ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରିୟଙ୍କା ତରାଇ ୯୬.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ପ୍ରାଂଶୁ ପ୍ରଞ୍ଜନ ବେହେରା ୯୫.୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ଅଛନ୍ତି। ସ୍କୁଲର ୧୧ ଜଣ ଛାତ୍ରଛାତ୍ରୀ ୯୦ ଶତକଡାରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷାରେ ସୂର୍ଯ୍ୟଦୀପ୍ତ ପ୍ରଧାନ ଶତକଡ଼ା ୯୪ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଦୀପିକା ନାୟକ ଓ ମେହୁଲ ଜେନା ଉଭୟ ୯୧.୨ ପ୍ରତିଶତ, ଶିବାନୀ ସାମନ୍ତରାୟ ୮୯.୦ ଶତକଡା ନମ୍ବର ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ ସାହୁ, ପିପିଏଲର ମୁଖ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପଲାନିସାମି ଭେଲୁସାମି, ପିପିଏଲର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରବନ୍ଧକ ସୁମିତ ସେନାପତି, ଡିଏଭି ଓଡ଼ିଶା ଜୋନର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଶତପଥୀ, ଆଞ୍ଚଳିକ ଅଧିକାରୀ ଡଃ ସୁଜାତା ସାହୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତି କାମନା କରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ପାରାଦୀପ:** ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ଦଶମ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ବନ୍ଦରର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ଅରମାନ ଦାସ ଶତକଡା ୯୭ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ହୋଇଥିବାବେଳେ ଅନିକେତ ବିଶ୍ୱାଳ ଶତକଡା ୯୫.୬୭ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ଉଦୟକାନ୍ତ ପରିଡ଼ା ଓ ଆଶୁତୋଷ କୃଷ୍ଣ ଉଭୟ ଶତକଡା ୯୩.୫ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଦ୍ୱାଦଶ (ବିଜ୍ଞାନ) ପରୀକ୍ଷାରେ ରାହୁଲ କୁମାର ସେଠୀ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଚନ୍ଦ୍ରପ୍ରସାଦ ମହାନ୍ତି ଦ୍ୱାଦଶ (ବାଣିଜ୍ୟ) ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପଙ୍କଜ ଭାର୍ଷ୍ଣେ ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଇଫ୍‌କୋ ଡିଏଭି ସ୍କୁଲର ସଫଳତା

**ପାରାଦୀପ:** ଇଫ୍‌କୋ ଡିଏଭି ସ୍କୁଲ ଦ୍ୱାଦଶ ଓ ଦଶମ ସିବିଏସ୍‌ଇବୋର୍ଡ ପରୀକ୍ଷାରେ ସଫଳତା ହାସଲ କରିଛି। ଦ୍ୱାଦଶ ଶ୍ରେଣୀରେ ୫୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୧ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି ଓ ପାସ୍ ହାର ଶତକଡା ୯୮.୨୧ ପ୍ରତିଶତ। ସ୍କୁଲର ଟପର୍ ହେଉଛନ୍ତି ଓମ୍ ସ୍ୱରୂପ ଖଣ୍ଡୁଆଳ ଶତକଡା ୯୬ ପ୍ରତିଶତ ନମ୍ବର ରଖିଥିବାବେଳେ ରୋଶନୀ ମହାପାତ୍ର (ଦ୍ୱିତୀୟ) ଶତକଡା ୯୪.୬୦ ପ୍ରତିଶତ ଓ ଉଦୟ ପାଣ୍ଡେ (ତୃତୀୟ) ଶତକଡା ୯୨.୪୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦଶମ ଶ୍ରେଣୀରେ ସ୍କୁଲ ମଧ୍ୟ ଏକ ମାଇଲଖୁଣ୍ଟ ହାସଲ କରିଛି। ପାସ୍ ହାର ଶତପ୍ରତିଶତ ଓ ୫୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅର୍କଜ୍ୟୋତି ପ୍ରଧାନ ୯୭.୮୦ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସାଇ ସୁଶ୍ରୀ ଭୂୟାଁ (ଦ୍ୱିତୀୟ) ୯୫.୨୦ ପ୍ରତିଶତ ଓ ଜସସ୍ୱିନୀ ପଲାଇ (ତୃତୀୟ) ୯୪.୬୦ ପ୍ରତିଶତ ନମ୍ବର ରଖିଛନ୍ତି। ଏ ନେଇ ଇଫକୋ ପାରାଦୀପ ୟୁନିଟ୍‌ର ୟୁନିଟ୍ ମୁଖ୍ୟ ଓ ସ୍କୁଲର ଅଧ୍ୟକ୍ଷ ପିକେ ମହାପାତ୍ର, ଡିଏଭି ସ୍କୁଲ, ଓଡିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେସି ଶତପଥୀ, ଓଡିଶା ଜୋନ୍-ସିର ଆଞ୍ଚଳିକ ଅଧିକାରୀ ଡକ୍ଟର ସୁଜାତା ସାହୁ ଓ ପ୍ରଧାନ ଶିକ୍ଷକ ସମ୍ବିତ ସୁକୁମାର ଚିନାରା ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବେଲବଣ ମଠରେ ଶ୍ରୀରାମଚରିତ ମାନସ ପାରାୟଣ



**ତିର୍ତ୍ତୋଲ, ୧୩।୫(ସମିସ):** ତିର୍ତ୍ତୋଲର ପ୍ରସିଦ୍ଧ ବେଲବଣ ପୀଠରେ ନବଦିନ ବ୍ୟାପୀ ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଉଦ୍‌ଯାପିତ ହୋଇଛି। ପବିତ୍ର ସୀତା ନବମୀରେ ଆରମ୍ଭ ହୋଇ ଚନ୍ଦନ ପୂର୍ଣ୍ଣିମାରେ ଏହା ଉଦ୍‌ଯାପିତ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ତଥା ସମାଜ ସୁଧାରକ ଡଃ ଅରୁଣ କୁମାର ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ଜୀବନରେ ରାମଙ୍କ ପଥ ଅନୁସରଣ କରିବା ଆବଶ୍ୟକ ଓ ମଦ୍ୟ ମାଦକତାଠାରୁ ନିଜକୁ ଦୂରେଇ ରଖିଲେ ଶ୍ରୀରାମଙ୍କ କୃପାଲାଭ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ଯୋଗଦେଇଥିଲେ। ନବଦିନ ବ୍ୟାପି ପ୍ରବଚକ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ଦିବାକର ଦାସ ମହାରାଜ, ଅଧ୍ୟାପକ ଅରୁଣ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ ଓ ବିରଜା କ୍ଷେତ ର ପଣ୍ଡିତ ଅଶ୍ୱିନୀ ଦାଶ ଯୋଗଦେଇ ରାମକଥା ରଖିଥିଲେ। ପଣ୍ଡିତ ବଟଚରଣ ଦାଶଙ୍କ ତତ୍ତ୍ୱାବଧାନରେ ପଣ୍ଡିତଙ୍କ ଦ୍ୱାରା ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ହବନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଟଚରଣ ଦାଶ ଓ ଆରତୀ ଦାଶ କର୍ତ୍ତାକର୍ତ୍ତୀ କାର୍ଯ ସମ୍ପାଦନ କରିଥିଲେ। ମଠଧୀଶ ଶ୍ୟାମଚରଣ ଦାଶ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାମଚରିତ ମାନସ କମିଟି ଓ ହନୁମାନଶ୍ରିତ ବ୍ରଜକିଶୋର ମହାନ୍ତି, ଯୋଗାଗୁରୁ ସ୍ମୃତିରଞ୍ଜନ ରାୟ ଓ ତିର୍ତ୍ତୋଲ ଗ୍ରାମବାସୀ ସହଯୋଗ କରିଥିଲେ।

## ବ୍ୟଙ୍ଗ କବିଙ୍କ ସ୍ମୃତିରେ କବିତା ପାଠ ଓ ସମ୍ବର୍ଦ୍ଧନା

**କୁଜଙ୍ଗ, ୧୩।୫(ସମିସ):** କୁଜଙ୍ଗ ବ୍ଲକ ଚୁନବଲୋରିସ୍ଥ ଅଭିପସା ଭବନ ପରିସରରେ ଡାକ୍ତର ବିପିନ ବିହାରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଗୌରହରି ସାହୁଙ୍କ ୧୮ ତମ ଶ୍ରାଦ୍ଧୋତ୍ସବ ସହ ବ୍ୟଙ୍ଗ କବି ଗୌରହରି ସାହୁଙ୍କ ସ୍ମୃତିରେ କବିତା ପାଠ, ଆଲୋଚନାଚକ୍ର ଓ ପ୍ରତିଭା ସମ୍ବର୍ଦ୍ଧନା ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଝଙ୍କଡ଼ ସାହିତ୍ୟ ସଂସଦର ସଂଗଠନ ସମ୍ପାଦକ ବାସବ କୁମାର ନନ୍ଦ, ମୁଖ୍ୟବକ୍ତା ଅବଳା ସ୍ମୃତି ସଂସଦ ସମ୍ପାଦକ ଅନଙ୍ଗ ମହାପାତ୍ର ଯୋଗଦେଇ ବ୍ୟଙ୍ଗ କବିଙ୍କ ପ୍ରତିଭା, ସମାଜସେବା ଓ ଆଦର୍ଶବୋଧ ଯୁବପିଢ଼ିଙ୍କ ଧ୍ୟେୟ ହେଉ ବୋଲି କହିଥିଲେ। ପ୍ରଥମେ ଗଣନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ସ୍ୱର୍ଗତ ଗୌରହରି ସାହୁଙ୍କ ଫଟୋଚିତ୍ରରେ ଭକ୍ତିପୁଷ୍ପ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବାବୁରାମ ଚୌଧୁରୀ, ନବୀନ



ପ୍ରଧାନ, ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର, ତୁଳସୀ ବରାଳ, ନଳିନୀ ସାହୁ, ରମେଶ ଚନ୍ଦ୍ର ତ୍ରିପାଠୀ, ଦେବ ଦୁର୍ଲ୍ଲଭ କର, ଆରତୀ ଦାଶ, ରଞ୍ଜିତା ସାହୁ ସ୍ୱର୍ଗତ ଗୌରହରି ସାହୁଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ପ୍ରାୟ ପଚାଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କବିଙ୍କୁ ଉତ୍ତରୀୟ ଓ ପ୍ରଭୁ ଜଗନ୍ନାଥ ଓ ଶ୍ରୀଗଣେଶଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ୨୦୨୪ ହାଇସ୍କୁଲ ପରୀକ୍ଷାରେ ଶ୍ରୀମା ବିଦ୍ୟାପୀଠର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସ୍ନିଗ୍ଧା ସୁଚରିତାଙ୍କୁ ମାନପତ୍ର, ଫଳକ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ପରୀକ୍ଷାରେ ଶ୍ରୀମା ବିଦ୍ୟାପୀଠ ଛାତ୍ର ଶ୍ରୀମାନ ଶୁଭମ୍ ଡାକୁଆ ୫୪୮ ନମ୍ବର ରଖି ଏ-୧ ସ୍ଥାନରେ ଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବୁରାମ ଚୌଧୁରୀଙ୍କ ସାମଗ୍ରିକ କୃତିର ସମଷ୍ଟିକୁ ନେଇ ଗୋଲାପ ରାଣୀ ସାହୁଙ୍କ ଲିଖିତ ଏକ କବିତାର ମାନପତ୍ର ପ୍ରଦାନ କରାଯାଇଥିଲା। କବିତାର ସଂଯୋଜନା କରିଥିଲେ କବି ସବିତା ନାୟକ ଓ କବି ପ୍ରତିଭା ମିଶ୍ର।

## ସିବିଏସ୍‌ଇ ପରୀକ୍ଷାରେ କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶତପ୍ରତିଶତ ସଫଳତା



**ରଘୁନାଥପୁର, ୧୩।୫ (ସମିସ):** ରଘୁନାଥପୁର ନିକଟସ୍ଥ କଲରାବାଙ୍କସ୍ଥ କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରଛାତ୍ରୀ ଦଶମ, ଦ୍ୱାଦଶ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମ ପରୀକ୍ଷାରେ ସୁଧାଂଶୁ ମହାନ୍ତି ୯୭ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ହେଇଥିବାବେଳେ ଦ୍ୱାଦଶ ପରୀକ୍ଷାରେ ସୁଶ୍ରୀ ସୌନ୍ଦର୍ଯ୍ୟା ପାତ୍ର ୯୧ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦଶମ ପରୀକ୍ଷାରେ ରିତିଶ୍ରୀ ସ୍ୱାଇଁ, ଅନୁଷ୍କା ସାହୁ, ଦୀପିକା ଦିବ୍ୟଦର୍ଶିନୀ ଜ୍ୟୋତିପ୍ରଜ୍ଞା ନାୟକ, ଶ୍ରେୟମ ପଟ୍ଟନାୟକ, ପ୍ରତିଷ୍ଠା ଦାସ, ସଂଯଶ୍ରୀ ପଣ୍ଡା, ସେକ ଫରଜନ, ବିଘ୍ନେଶ୍ୱର ବେହେରା ଓ ଅନନ୍ୟା ନାୟକ ପ୍ରମୁଖ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ଅଚ୍ୟୁତ ସାମନ୍ତ ଓ ଚେୟାରମ୍ୟାନ ଡାକ୍ତର ଇତି ସାମନ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଗଜାଗୋସାଇଁଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର, ୧୩।୫ (ସମିସ):** ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗୁଆଳିପୁରା ଗ୍ରାମର ମାଳିକା ପ୍ରସିଦ୍ଧ ଗଜାଗୋସାଇଁଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ବେଶ୍ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ବୈଶାଖ ମାସ ଶୁକ୍ଳ ଦଶମୀରେ ଆରମ୍ଭ ହୋଇଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପୂର୍ଣ୍ଣିମା ଦିନ ଶେଷ ହୋଇଛି। ଏହି ଗଜାଗୋସାଇଁ ପୀଠଟି ଆଗରୁ ବିଭିନ୍ନ ପ୍ରକାର ଗଛ ରାଜିରେ ପରିପୂର୍ଣ୍ଣ ଥିବାବେଳେ ଜଣେ ମହାପୁରୁଷ ଏହି ସ୍ଥାନରେ ସମାଧିସ୍ଥ ହୋଇଥିବା ଘଟଣା ବିଭିନ୍ନ ବ୍ୟକ୍ତିଙ୍କଠାରୁ ଶୁଣିବାକୁ ମିଳିଥାଏ। ବର୍ତ୍ତମାନ ଠାକୁରଙ୍କ ପୂଜା ଘରଠାରୁ ଆରମ୍ଭ କରି ଯଜ୍ଞ ଘର ପର୍ଯ୍ୟନ୍ତ କୋଠା ଘର ହୋଇସାରିଥିବାବେଳେ ଆଗରୁ ଠାକୁରଙ୍କ ବିଜେସ୍ଥଳୀ ଥିଲା ଗୋଟିଏ ଆମ୍ବ ଗଛ ସହିତ ଗୋଟିଏ ବରଗଛ ମୂଳରେ। ସେଠାରେ ଏହି ପୀଠରେ ଗଜାଗୋସାଇଁ ଆମ୍ବ ଗଛ ବା ବରଗଛ ନ ଥିଲେ ବି ମୁଖସାଖି ରହିଛି ଶିଆଳି ବୃକ୍ଷ। ଏହି ଶିଆଳି ବୃକ୍ଷ ମୂଳ କେଉଁଠି ଉଠି କେଉଁ ପର୍ଯ୍ୟନ୍ତ ବ୍ୟାପି ରହିଛି ତାହା କେହି ବି କହି ପାରନ୍ତି ନାହିଁ। ଏସବୁ ଦେଖି ଗ୍ରାମବାସୀ ଓ ସ୍ଥାନୀୟ ବହୁ ଅଞ୍ଚଳର ଲୋକେ ବିଭିନ୍ନ ମାନସିକ କରି ବହୁ ଉପକୃତ ହୋଇଛନ୍ତି। ଏହି ଯଜ୍ଞ ପାଇଁ ଗ୍ରାମର ମୁରବୀ ଜ୍ଞାନରଞ୍ଜନ ପଟ୍ଟନାୟକ ଓ ତାଙ୍କ ସହିତ ଶରତ ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ, ମୋହନ ଚରଣ ସ୍ୱାଇଁ, ସୁଧାଂଶୁ ପଟ୍ଟନାୟକ, ଭଞ୍ଜ କିଶୋର ପଟ୍ଟନାୟକ, ଅମରେଶ ପଟ୍ଟନାୟକ, ହୃଷିକେଶ ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ, ସ୍ମୃତିଚରଣ ପଟ୍ଟନାୟକ ପ୍ରମୁଖ ସହାୟତାର ହାତ ବଢାଇଥା'ନ୍ତି। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ କର୍ତ୍ତା ଭାବେ ବିକଳାନନ୍ଦ ସାହୁ ଓ ତାଙ୍କ ସହଧର୍ମିଣୀ ଚଞ୍ଚଳା ସାହୁ ଥିବାବେଳେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଭକ୍ତ ସହାୟତା କରିଥିଲେ।

## ଅଢ଼ଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଜଗତସିଂହପୁର/ବିରିଡ଼ି, ୧୩।୫ (ସମିସ):** ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ୍ ଅନ୍ତର୍ଗତ ଅଢ଼ଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ନାଇଲୋସ୍ଥ ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ପୀଠ ଦର୍ଶନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଦ୍ମଲାଭ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ପହଲଗାମରେ କରାଯାଇଥିଲା। ଜୁଲାଇ ପ୍ରଥମ ସପ୍ତାହରେ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବାବେଳେ ଏଥିରେ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମଞ୍ଚର ଏକ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ଯଶୋବନ୍ତ ସରକାରୀ ଉଚ୍ଚବିଦ୍ୟାଳୟ ସନ୍ନିକଟ ଏକ ସରକାରୀ ଜମିରୁ ୪ ଡିସମିଲ୍ ଜମି ଦେବାକୁ ବିରିଡ଼ି



ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ଓ ଅପରେସନ ସିନ୍ଦୁର ଅଭିଯାନରେ ସହିଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ଜୁନ ମାସ ଦ୍ୱିତୀୟ ସପ୍ତାହରେ ଅଢ଼ଙ୍ଗ ମଜୁରାଇସ୍ଥ ମା' ସୁଭଦ୍ରା ଦାରୁକ୍ଷେତ୍ର ଓ ପଞ୍ଚସଖା ଯଶୋବନ୍ତ ଗୋସ୍ୱାମୀଙ୍କ ପୀଠ ପରିସରରେ ଶତାଧିକ ବୃକ୍ଷରୋପଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର ସହଯୋଗ ନିଆଯିବ ବୋଲି ଆଲୋଚନା ତହସିଲଦାରଙ୍କୁ ଆବେଦନ କରିବା ସହିତ ମଞ୍ଚ ପକ୍ଷରୁ ଆସନ୍ତା ଅକ୍ଟୋବର ମାସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ବୈଠକରେ ମଞ୍ଚର ଉପଦେଷ୍ଟା ଲିଙ୍ଗରାଜ ମଲ୍ଲ, ସମ୍ପାଦକ ଅକ୍ଷୟ କୁମାର ଦାସ, କୋଷାଧ୍ୟକ୍ଷ ସୁଧାଂଶୁ କୁମାର ସାହୁ, ବରିଷ୍ଠ ସଭ୍ୟ ପ୍ରଶାନ୍ତ କୁମାର ମିଶ୍ର, ଯଶୋବନ୍ତ ଭୂୟାଁ, ରଞ୍ଜିତ ରାୟ, ପ୍ରସନ୍ନ କୁମାର ପାତ୍ର, ନିର୍ମଳେନ୍ଦୁ ମହାପାତ୍ର, ଗୋବିନ୍ଦ ମହାପାତ୍ର, ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ପ୍ରଦୀପ୍ତ କିଶୋର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ ଚୋରିରେ ସାକ୍ଷୀ ଦେବାରୁ ଛୁରାମାଡ଼

**ପାରାଦୀପ, ୧୩।୫(ସମିସ):** ମୋବାଇଲ ଚୋରି ଘଟଣାରେ ସାକ୍ଷୀ ହେବା ମହଙ୍ଗା ପଡ଼ିଛି। ସାକ୍ଷୀ ପଡ଼ିଥିବା ଯୁବକଙ୍କୁ ଦୁର୍ବୃତ୍ତମାନେ ସଙ୍ଘବଦ୍ଧ ହୋଇ ଛୁରୀରେ ଆକ୍ରମଣ କରିଛନ୍ତି। ସାକ୍ଷୀ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ପାରାଦୀପ ପିପିଏଲ ଛକ ନିକଟ ସୁନାଖଳା ରାଇସ୍ ମିଲ୍ ମହାବୀର କଲୋନୀ ଅଞ୍ଚଳରେ। ସୂଚନା ମୁତାବକ, ମହାବୀର କଲୋନୀରେ ରହୁଥିବା ସାଗର ନାମକ ଜଣେ ଯୁବକଙ୍କ ମୋବାଇଲ ଚୋରି ହୋଇଥିଲା। ସେ ପାରାଦୀପ ଆଦର୍ଶ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ତେବେ ପୁଲିସର ତଦନ୍ତ ବେଳେ ସେହି କଲୋନୀର କିଶୋର ରାଉତ ନାମକ ଜଣେ ଯୁବକ ଥାନାରେ ସାକ୍ଷୀ ଦେଇଥିଲେ। ସାକ୍ଷୀ ଦେବାପରେ ସେହି କଲୋନୀର ଟୁଲୁ ବେହେରା ଓ ତାଙ୍କ ପରିବାର ମିଶି ସଂଘବଦ୍ଧ ଭାବେ କିଶୋରଙ୍କୁ ଛୁରୀରେ ଆକ୍ରମଣ କରିଛନ୍ତି। ଏଭଳି ଆକ୍ରମଣରେ କିଶୋରଙ୍କ ପେଟ, ମୁଣ୍ଡ ଓ ମୁହଁର ବିଭିନ୍ନ ସ୍ଥାନରେ କ୍ଷତ ହେବା ସହ ଭୀଷଣ ରକ୍ତସ୍ରାବ ହେତୁ ସେ ଗୁରୁତର ହୋଇପଡିଛନ୍ତି। ତାଙ୍କ ମାଆଙ୍କୁ ମଧ୍ୟ ଠେଲା ପେଲା କରିଛନ୍ତି। ଗୁରୁତର ଭାବେ କିଶୋରଙ୍କୁ ପ୍ରଥମେ ଅଠରବାଙ୍କୀ ମେଡିକାଲ ନିଆଯିବା ପରେ



ସେ ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଏବେ ବନ୍ଦର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକୁ ନେଇ ପାରାଦୀପ ଆଦର୍ଶ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଆକ୍ରମଣକାରୀ ଟୁଲୁ ଜଣେ ଚୋରାମଦ ବେପାରୀ ବୋଲି କିଶୋର ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

## ନାଉଗାଁ ବ୍ଲକ୍‌ରେ ଜନଅଭିଯୋଗ ଶୁଣାଣି




**ଜଗତସିଂହପୁର/ନାଉଗାଁ, ୧୩।୫ (ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୩୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୧ଟି ଓ ଅନ୍ୟାନ୍ୟ ୧୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନାଉଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗର ଶୁଣାଣି କରିଥିଲେ।

## ବଟ ଶ୍ରୀକ୍ଷେତ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ

# 'ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ ରହିଲେ ମଣିଷ ଦିବ୍ୟଜୀବନର ଅଧିକାରୀ ହୁଏ'

ଜଗତସିଂହପୁର, ୧୩।୫ (ସମିସ)

ଜଗତସିଂହପୁର ଜିଲ୍ଲାର ଚାନ୍ଦୁରା ପାଟେଣୀଗାଁସ୍ଥ ବଟ ଶ୍ରୀକ୍ଷେତ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବଟ ଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଅଭୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ରେଢୁଆସ୍ଥ କ୍ରିୟାଯୋଗ ଆଶ୍ରମର ବିଶିଷ୍ଟ କ୍ରିୟାଯୋଗୀ ତଥା ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ମହାରଜ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ଦର୍ଶନ ଅତି ପ୍ରାଚୀନ। ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରହିଲେ ମାନବ ଜୀବନ ଧନ୍ୟ ହେବ ଓ ମଣିଷ ଦିବ୍ୟଜୀବନର ଅଧିକାରୀ ହେବ ବୋଲି ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବର



ଏହି ଭବ୍ୟ ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲାର ଗୌରବ ବାବା ସତ୍ୟାନନ୍ଦ ଦାସ ବାବାଜୀ ମହାରାଜଙ୍କୁ ଅନୁଷ୍ଠାନର ଶ୍ରେଷ୍ଠ ସମ୍ମାନ ଶ୍ରୀଜଗନ୍ନାଥ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ବାବା ସତ୍ୟାନନ୍ଦ ସମ୍ମାନ ଗ୍ରହଣ ଅବସରରେ ଆଶୀର୍ବଚନ ଦେଇ କହିଲେ, ଭାବ ଓ ଭକ୍ତିର ପ୍ରତୀକ ରାଧାରାଣୀଙ୍କ ଭାବକୁ ଗ୍ରହଣ କରିନେଲେ ଜୀବନ ଆନନ୍ଦମୟ ହେବ ଓ ମହାପ୍ରଭୁଙ୍କ କୃପା ଅବଶ୍ୟ ମିଳିବ। ସମ୍ମାନିତ ଅତିଥି ରୂପେ ଜଗତସିଂହପୁର ଜିଲ୍ଲା ଭକ୍ତସମାଜର ଅଧ୍ୟକ୍ଷ ଇଂ ବିଷ୍ଣୁ ସ୍ୱାଇଁ ଓ ଭାରତ ସରକାରଙ୍କ ପ୍ରାକ୍ତନ ଯୁଗ୍ମ ସଚିବ ଡ. ବଟକିଶୋର ରାୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବଟଶ୍ରୀକ୍ଷେତ୍ରର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମ ପଣ୍ଡିତ ସଂଜୟ ରଥଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଗୀତାହୁତି ଓ ପୂର୍ଣ୍ଣାହୁତି ଅଗଣିତ ଜନତାଙ୍କ ଭିତରେ ଏକ ଭାବ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସାତଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ଅକ୍ଷୟ ନାୟକ, ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ, ଉମାକାନ୍ତ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

# କାଳବୈଶାଖୀ ଉଜାଡ଼ିଲା ଧାନ ଓ ପରିବା ଫସଲ

କାଳିପଦା, ୧୩।୫ (ସମିସ)



ଗତ କିଛି ଦିନ ହେବ ବାଲିଆପାଳ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ ରଚିଛି। କାଳ ବୈଶାଖୀ ପ୍ରଭାବରେ ଚାଷୀଙ୍କର ନାହିଁ ନ ଥିବା କ୍ଷତି ପରିଲକ୍ଷିତ ହୋଇଛି। ସୁବର୍ଣ୍ଣ ରେଖା ନଦୀକୂଳ ଓ ବଙ୍ଗୋପ ସାଗର ଉପକୂଳରେ ଶୀତ ଋତୁରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୋଇ ଥାଏ। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ପରିବା ଚାଷ ସାଙ୍ଗକୁ ମୁଗ, ବିରି, ଚିନାବାଦାମ, ରାଶି ଆଦି ଚାଷ ଖୁବ ଭଲ ହୋଇଥିଲା। ଲଗାତର କାଳ ବୈଶାଖୀ ଯୋଗୁଁ କ୍ଷେତରୁ ବିରି, ମୁଗ, ରାଶି ଆଦି ଅମଳ ହୋଇ ପାରୁ ନାହିଁ। ଏବେ ବି ହାଇ ଇଲଡିଂ ପାଚିଲା ଧାନ ମଧ୍ୟ ଅମଳ ହୋଇ ପାରି ନାହିଁ। ଧାନ କଟା ମେସିନ ଦ୍ୱାରା ଯାହା କିଛି ଅମଳ ହୋଇଛି। ଲଗାତାର କାଳ ବୈଶାଖୀ ଯୋଗୁଁ ଆମ୍ବ ଓ କାଜୁ ବାଦାମ ଫସଲରେ ବ୍ୟାପକ କ୍ଷତି ହୋଇଛି। ପବନ ଓ ବର୍ଷା ଯୋଗୁଁ ଆମ୍ବ ଓ କାଜୁ ବାଦାମ ଗଛରୁ ଫଳ ସବୁ ଝଡି ଯାଇଛି। ଚାଷୀଙ୍କ ଖଳାରେ ଧାନ ଗଦା ପଡି ଗଜା ହେଉଛି। ମୁଗ, ବିରି, ରାଶି ଆଦି ମଧ୍ୟ ଖଳାରେ ପଡି ରହି ନଷ୍ଟ ହେଉଛି। ଆଉ ଅଧିକ ଦିନ କାଳ ବୈଶାଖୀ ଲାଗି ରହିଲେ ଚାଷୀ କ୍ଷତି ଭରଣା କରି ପାରିବେ ନାହିଁ ବୋଲି ଗଜେନ୍ଦ୍ର ଜେନା, ମୁରଲୀ ମୋହନ ଜେନା, ଅତୁଲ ଭୋଳ, ସୁଦାମ ଦାସ, କାର୍ତ୍ତିକ କୁମାର ଧଳ, ବାବାଜୀ କୁମାର ପାତ୍ର, ଅଜୟ କୁମାର ଦାସ, ସନ୍ତୋଷ ବାରିକ, କାଳି ଚରଣ ବାରିକ, କାହ୍ନୁ ଚରଣ ପାତ୍ର, ଜଗଦୀଶ ପ୍ରସାଦ ନାୟକ ପ୍ରମୁଖ କହିଛନ୍ତି।

# ସୋସିଆଲ ମିଡିଆରେ ଦେଶ ବିରୋଧୀ ପୋଷ୍ଟ, ଅଭିଯୁକ୍ତ ଅଟକ




ବସ୍ତା ବ୍ଲକ, ୧୩।୫ (ସମିସ): ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ଯୁଦ୍ଧ ପରିସ୍ଥିତିକୁ ସାମ୍ନା କରି ଗୋଟିଏ ପଟେ ଦେଶ ମାତୃକା ପାଇଁ ବୀର ଯବାନ ବଳିଦାନ ଦେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବଜାରର ରେଲୱେ ଜାଗାରେ ଜବରଦଖଲ କରି ରହୁଥିବା ଶୁକୁରୁ ମଲିକ୍ ନାମକ ବ୍ୟକ୍ତି ସୋସିଆଲ ମିଡିଆରେ ପାକିସ୍ତାନ ଜିନ୍ଦାବାଦ ଓ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ଆଗରେ ଦେଶର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ନତମସ୍ତକ ଭଳି ଦେଶ ବିରୋଧୀ ଆପତ୍ତିଜନକ ଫଟୋ ପୋଷ୍ଟ କରିବା ନେଇ ବସ୍ତା ସମେତ ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ନେଇ ବସ୍ତା ବିଜେପି ପକ୍ଷରୁ ଥାନାରେ ଏତଲା ଦିଆ ଯାଇଥିଲା। ଏତଲାକୁ ଗୁରୁତ୍ୱର ସହ ନେଇ ବସ୍ତା ପୁଲିସ ଅଭିଯୁକ୍ତକୁ ଉଠାଇ ନେଇ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣା ପଡ଼ିଛି। ଏଭଳି ଦେଶ ଦ୍ରୋହୀ ଭାବନା ରଖୁଥିବା ଅଭିଯୁକ୍ତକୁ କଠୋର ଦଣ୍ଡ ଦେବାକୁ ସବୁ ମହଲରୁ ଦାବି ହୋଇଛି।

# ଗଛ ପଡ଼ି ଘର ଭାଙ୍ଗିଲା



କମର୍ଦ୍ଦା, ୧୩।୫ (ସମିସ): ଖରିଦପିପଳ ଗ୍ରାମପଞ୍ଚାୟତ ଅଧିନସ୍ଥ ନୟାପାଲି ଗ୍ରାମରେ ଗତ କାଲି ସଂଧ୍ୟାରେ କାଳବୈଶାଖୀ ହେବା ଫଳରେ ମୃତ୍ୟୁଞ୍ଜୟ ଦେଙ୍କ ଘର ଉପରେ ପଡ଼ୋଶୀଙ୍କ ଗଛ ପଡ଼ି ଘର ଭାଙ୍ଗି ଯାଇଛି। ଆଜି ସକାଳୁ ନାଚିନ୍ଦା ରାଜସ୍ୱ ନିରୀକ୍ଷକ ଓମ୍ ପ୍ରକାଶ ମହନ୍ତ ନୟାପାଲିରେ ପହଞ୍ଚି ଭାଙ୍ଗିଯାଇଥିବା ମୃତ୍ୟୁଞ୍ଜୟ ଦେଙ୍କ ଘରକୁ ତଦନ୍ତ କରିଥିବାବେଳେ ସରକାରୀ ନିୟମାନୁସାରେ ଉପଯୁକ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଚନ୍ଦନ ଯାତ୍ରା ପଡ଼ିଆ ଛାରଖାର୍

## ଭାଙ୍ଗିଗଲା ଟେଣ୍ଟ, ତୋରଣ



କାଳିପଦା, ୧୩।୫ (ସମିସ): ପ୍ରତିକୂଳ ପାଗ ଯୋଗୁଁ ସୋମବାର ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଚନ୍ଦନ ଯାତ୍ରା ଓ ବୁଦ୍ଧ ପୂର୍ଣ୍ଣିମା ସୁରୁଖୁରୁରେ ହୋଇ ପାରି ନାହିଁ। କେତେକ କମିଟି ଆଜି ଚନ୍ଦନ ଯାତ୍ରା ଉତ୍ସବ ପାଳନ କରୁଛନ୍ତି। ସୋମବାର ସନ୍ଧ୍ୟାକୁ ଅଚାନକ ବର୍ଷା, ପବନ, ଘଡ ଘଡି ଜୋର ସେ ମାଡି ଆସିବାରୁ ଚନ୍ଦନ ଯାତ୍ରା ପାଇଁ ମରାଯାଇ ଥିବା ଟେଣ୍ଟ, ତୋରଣ, ଇଲେକ୍ଟ୍ରି ସାଜସଜ୍ଜା ଆଦି ସବୁ ଭାଙ୍ଗି ଉଡି ଯାଇଥିଲା। ପୂଜା ମଣ୍ଡପରୁ ମଧ୍ୟ ପାଲ ଉଡି ଯାଇଥିଲା। ଆତସବାଜି କାର୍ଯ୍ୟକ୍ରମ ବର୍ଷା ଯୋଗୁଁ ହୋଇ ପାରି ନାହିଁ। ବାଲିଆପାଳ ବ୍ଲକର ଅସ୍ତି ଚନ୍ଦନ ଯାତ୍ରା ଗତକାଲି ହୋଇ ପାରି ନାହିଁ। ସାପ୍ତାହିକ ସିମୁଳିଆ ମାର୍କେଟ ଠାରେ କେବଳ ବିଧି ରଖାଯାଇ ଚନ୍ଦନ ଯାତ୍ରା ହୋଇଛି। ଆମ୍ବରୁଆ ହାଟରେ ମଧ ସମ ଅବସ୍ଥା। ଡଗରା, ଚୌମୁଖ, ନୂଆଗାଁ, ବୋଲଂ, ଲଙ୍ଗଳେଶ୍ୱର, ନାବରା, ମୁକୁଳିସି ଆଦି ସ୍ଥାନରେ ମଧ ଚନ୍ଦନ ଯାତ୍ରା ଓ ମେଳା ସୁରୁଖୁରୁରେ ହୋଇ ପାରି ନାହିଁ। କେତେକ ଚନ୍ଦନ ଯାତ୍ରା କମିଟି ପକ୍ଷରୁ ଆଜି ସନ୍ଧ୍ୟାରେ ଆତସବାଜି କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି।

# ରେଳ ପୋଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାଜଘାଟ, ୧୩।୫ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବସ୍ତା ଥାନାର ରାଜଘାଟ ରେଳ ଷ୍ଟେସନର ଅନତି ଦୂର ଡାଉନ୍ ଲାଇନ ରାଜଘାଟ ରେଳ ପୋଲରେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ଦୁଇଟି ଆଧାର କାର୍ଡ ଗୋଟିଏ ଭୋଟର କାର୍ଡ ପଡ଼ିଥିବା ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ଜଣକ ଜଳେଶ୍ୱର ଥାନା ମହମ୍ମଦ ନଗର ପାଟଣା ପଞ୍ଚାୟତ ଅନ୍ତର୍ଗତ ଗଡମୁହଁ ଗ୍ରାମର ପୁଟୁ କିଷ୍କୁ(୩୦) ବୋଲି ପାଖରେ ଥିବା ପ୍ରମାଣ ପତ୍ରରୁ ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଜଣା ପଡିନଥିବା ବେଳେ ରେଳବାଇ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବାପା ମା' ଆରପାରିରେ; ଦୁଇ ନାବାଳକ ପୁଅ ବେସାହାରା




ଜଳେଶ୍ୱର ବ୍ଲକ, ୧୩।୫ (ସମିସ): ଅସହାୟ, ବେସାହାରା ହୋଇ ପଡିଛନ୍ତି ଦୁଇ ନାବାଳକ। ମୁଣ୍ଡ ଉପରୁ ଉଠି ଯାଇଛି ବାପା ମାଆର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ। ଆଠ ବର୍ଷ ପୂର୍ବେ ବାପା ସୃଷ୍ଟିଧର ସିଂଙ୍କ ହୃଦ୍‌ଘାତରେ ଜୀବନ ଚାଲିଗଲା। ତଥାପି ମାଆ ସୀମା ସିଂ ଦୁଇ ପୁଅକୁ ବଡ ମଣିଷ କରିବା ପ୍ରୟାସରେ ନିଜେ କାମ ଧନ୍ଦା କରି ପରିବାର ଚଳାଉ ଥିଲେ। ହଠାତ୍ ଯେମିତି ଏ ପରିବାର ଉପରେ ଦୁଃଖର କଳାବାଦଲ ଘୋଟି ଆସିଲା। ମାଆ ଶ୍ରମିକ ଭାବରେ କାର୍ଯ୍ୟ କରୁ କରୁ ହୃଦ୍‌ଘାତରେ ଜୀବନ ଚାଲିଗଲା। ଏବେ ବଡ ପୁଅ ଅନୁପ ସିଂ ଓ ସାନ ପୁଅ ସନୁ ସିଂ ବାପା ମାଆ ଛେଉଣ୍ଡ ହୋଇ ଯାଇଛନ୍ତି। ମାଆର ଅନ୍ତେଷ୍ଟି କ୍ରିୟା ପାଇଁ ଅର୍ଥ ସାଜିଥିଲା ବାଧକ। ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିର। ଏ ହୃଦୟ ବିଦାରକ ଦୃଶ୍ୟ ସେଠାକାର ଅଞ୍ଚଳ ବାସୀ ଖବର ଦେବା ପରେ ହେଲ୍ପ ଫର ୟୁ ଫାଉଣ୍ଡେସନ ଜନସେବାକୁ ମହାନ ବ୍ରତ ବୋଲି ଭାବି ନିଃସ୍ୱାର୍ଥପର ଭାବନା ରଖି ହେଲ୍ପ ଫର ୟୁ ଫାଉଣ୍ଡେସନର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ମହିଳାର ଅନ୍ତେଷ୍ଟି କ୍ରିୟା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଦୁଇ ପିଲା ପାଇଁ ପାଠ୍ୟ ସାମଗ୍ରୀ, ରେସନ, ପନିପରିବା, ନୂତନ ବସ୍ତ୍ର ଇତ୍ୟାଦି ଯୋଗାଇ ଦେଇଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ

ସୋର,୧୩।୫(ସମିସ) : ସୋର ବ୍ଲକ ମଧୁସୂଦନପୁର ପଂଚାୟତ ବୁଡ଼େଇ ଶାସନ ସ୍ଥିତ ଯଜ୍ଞ ମଣ୍ଡପରେ ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ମଦନମୋହନ ପଣ୍ଡା, ରବିନାରାୟଣ ଶତପଥୀ, ଦାମୋଦର ଶତପଥୀ, ବେଣୁଧର ମିଶ୍ର, ଚକ୍ରଧର ଶତପଥୀ ପୂଜାପାଠ କରିଥିଲେ। ସକାଳେ କଳସ ପ୍ରତିଷ୍ଠା ପରେ ପ୍ରଭୁ ରଘୁନାଥ ଓ ମା ବୁଢ଼ୀ ମଙ୍ଗଳାଙ୍କର ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବା ପରେ ଚଣ୍ଡିଯଜ୍ଞ କରାଯାଇଥିଲା। ଏଥିରେ ମଦନମୋହନ ପତ୍ରୀ, ପଦ୍ମନାଭ ମିଶ୍ର, କରୁଣାକର ଦିକ୍ଷୀତ, ଭଗବାନ ପତ୍ରି, ପର୍ଶୁରାମ ଦିକ୍ଷୀତ, ପୂର୍ଣଚନ୍ଦ୍ର ପତ୍ରି, ଅନନ୍ତ ମିଶ୍ର, କୈଳାଶ ଚନ୍ଦ୍ର ପଣ୍ଡା, ପ୍ରହଲ୍ଲାଦ ପତ୍ରି, ମନୋରଞ୍ଜନ ପତ୍ରୀ, ଭଗବାନ ପତ୍ରୀ, ପିତାମ୍ବର ପତ୍ରୀ, ଲକ୍ଷ୍ମୀନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ପ୍ରିୟ ରଞ୍ଜନ ପତ୍ରୀ, ବିଶ୍ୱଜିତ ଦୀକ୍ଷିତ, ଅଜୟ ପତ୍ରୀ, ଅଭିଜିତ ଦୀକ୍ଷିତ, ପ୍ରଦୀପ ପତ୍ରୀ, ଅକ୍ଷୟ ପଣ୍ଡା, ଉଦୟ ପତ୍ରୀ ପ୍ରମୁଖଙ୍କ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ସିପିଏମ୍ ଭୋଗରାଇ ଶାଖା ପକ୍ଷରୁ ପ୍ରସ୍ତୁତି ବୈଠକ



ଭୋଗରାଇ, ୧୩।୫ (ସମିସ): ଭୋଗରାଇ ବ୍ଲକର କେନ୍ଦ୍ର ସ୍ଥଳୀ ଥାନାଛକ ସିପିଆଇ(ଏମ) କାର୍ଯ୍ୟାଳୟରେ ଗତ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ନେତା ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଜିଲ୍ଲା କ୍ଷେତମଜଦୁର ୟୁନିୟନ ସଭାପତି ଦୀପ୍ତିମାନ ଆଚାର୍ଯ୍ୟ ଯୋଗଦେଇ ଶ୍ରମିକ ବିରୋଧୀ ୪ଟି ଶ୍ରମକୋର୍ଡକୁ ବାତିଲ କରିବା, ସମସ୍ତ ଠିକା, ସ୍କିମ ସମେତ ସମସ୍ତ ସ୍ତରର ଅସଂଗଠିତ ଶ୍ରମିକ ମାନଙ୍କର ମାସିକ ସର୍ବନିମ୍ନ ମଜୁରି ୨୬୦୦୦ ଟଙ୍କା ଘୋଷଣା କରିବା, ସର୍ବନିମ୍ନ ମାସିକ ପେନସନ ୯୦୦୦ ଟଙ୍କା ଧାର୍ଯ୍ୟ କରିବା,ଏନପିଏସ, ୟୁପିଏସ ଆଦି ନୂତନ ପେନସନ ବ୍ୟବସ୍ଥା ବାତିଲ କରି ପୁରୁଣା ପେନସନ ଯୋଜନା (ଓ.ପି.ଏସ୍.) କାର୍ଯ୍ୟକାରୀ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ କରିବା ଆଦି ୧୮ ଦଫା ଦାବି ଉପରେ ଭୋଗରାଇ ବ୍ଲକର ସମସ୍ତ ପାଚିକା ସହାୟିକା, ନିର୍ମାଣ ଶ୍ରମିକ, ଠିକା ବିଦ୍ୟୁତ କର୍ମଚାରୀ ୟୁନିୟନ, ଟୋଟୋ ଚାଳକ ସଂଘ, ବ୍ୟାଙ୍କ ସଖୀ ସଂଘ, ଆଦିବାସୀ ଅଧିକାର ମଞ୍ଚ ଓ ଭୋଗରାଇ କୃଷକ ସଭା ପ୍ରସ୍ତାବିତ ମେ ୨୦ ତାରିଖ ସାଧାରଣ ଧର୍ମଘଟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଥାନାଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ ପର୍ଯ୍ୟନ୍ତ ପରିକ୍ରମା କରି ଥାନାଛକ ଠାରେ ଏକ ପଥପ୍ରାନ୍ତ ସଭା ହେବାର ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ କ୍ଷେତ ମଜଦୁର ୟୁନିୟନର ଜିଲ୍ଲା ସଭାପତି ଦୀପ୍ତିମାନ ଆଚାର୍ଯ୍ୟ, ପାଚିକା ସହାୟିକା ସଂଘର ଆବାହକ ସୁକଦେବ ସାହୁ, ଆଦିବାସୀ ଅଧିକାର ମଞ୍ଚର ସଭାପତି କୃଷ୍ଣମୋହନ ମୁର୍ମୁ, ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ଜଗନ୍ନାଥ ମାଇତି, ଟୋଟୋ ୟୁନିୟନ ପକ୍ଷରୁ ରାଜେଶ ଦତ୍ତ, ବ୍ୟାଙ୍କ ସଖୀ ସଂଘର ସଭାପତି ରୀନା ଖାତୁନ, ଠିକା ବିଦ୍ୟୁତ କର୍ମଚାରୀ ୟୁନିୟନର ସଭାପତି ଜାନକୀ ମଣ୍ଡଳ, ସୁଧୀର ପାତ୍ର, ପ୍ରମିଳା ଗିରି, ସରସ୍ୱତୀ ବାରିକ, ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସିପିଆଇ (ଏମ) ଭୋଗରାଇ ଆଞ୍ଚଳିକ କମିଟିର ସମ୍ପାଦକ ଆଇନଜୀବୀ ବିଶ୍ୱଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଜି ଲୋକାର୍ପିତ ହେବ ତାଲବନ୍ଧ ନେଚରକ୍ୟାମ୍ପ୍

ବାରିପଦା, ୧୩।୫(ସମିସ): ବୁଧବାର ଶିମିଳିପାଳ ଅଭ୍ୟାରଣ୍ୟ ପାଇଁ ୩୬୫ ଦିନ ଖୋଲା ରହିବାକୁ ଥିବା ତାଲବନ୍ଧ ନେଚର କ୍ୟାମ୍ପ ପର୍ଯ୍ୟଟକଙ୍କ ପାଇଁ ଲୋକାର୍ପିତ ହେବ। ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ନେଚରକ୍ୟାମ୍ପକୁ ଲୋକାର୍ପିତ କରିବେ। ଜଙ୍ଗଲ ବିଭାଗ ତରଫରୁ ନିର୍ମିତ ଏହି ନେଚର କ୍ୟାମ୍ପ ସହିତ ବନ୍ୟପ୍ରାଣୀ ସଫାରୀ ୨୦୨୪ ଅକ୍ଟୋବରରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା; ପରନ୍ତୁ ମହାରାଷ୍ଟ୍ରରୁ ଆସିଥିବା ୨ବାଘୁଣୀ ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବ୍ୟସ୍ତ ରହିବା ଓ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦିତ ହୋଇ ନ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଫଳସ୍ୱରୂପ ଏହି ପ୍ରକଳ୍ପ ଲୋକାର୍ପଣରେ ବିଳମ୍ବ ହୋଇଥିଲା। ଏହି ନ୍ୟାଚର କ୍ୟାମ୍ପରେ ସମସ୍ତ ବିଳାସବ୍ୟସନ ସାମଗ୍ରୀ ଥିବା ୧୦ଟି ଅତ୍ୟାଧୁନିକ କଟେଜ ଗୃହ, ହୋଟେଲ, ଶିଶୁ ଉଦ୍ୟାନ, ସୁଇମିଙ୍ଗ ପୁଲ ଆଦି ନିର୍ମାଣ ହୋଇଛି। ଏପଟୁ ଶିମିଳିପାଳ ଜଙ୍ଗଲ ସଫାରୀ ପାଇଁ ୫ଟି ଗାଡି ମଧ୍ୟ ରହିଛି। ପର୍ଯ୍ୟାୟକ୍ରମେ ଜଙ୍ଗଲ ସଫାରୀ ଗାଡି ତାଲବନ୍ଧ-ଚହଲା ନୂତନ ରାସ୍ତାରେ ଚଳାଚଳ ହେଲେ ସ୍ଥାନୀୟ ଯୁବକମାନେ ଡ୍ରାଇଭର ତଥା ଗାଇଡଭାବେ ମଧ୍ୟ ନିଯୁକ୍ତି ପାଇବେ। ଦରକାର ପଡ଼ିଲେ ସେମାନଙ୍କ ଦକ୍ଷତା ବିକାଶ ପାଇଁ ମଧ୍ୟ ବିଭାଗ ତରଫରୁ ତାଲିମ ବ୍ୟବସ୍ଥା କରାଯିବ।

# କାଦୁଆଣିକୁ ଆଦର୍ଶ ଗାଁ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ବିଶୋଇ, ୧୩।୫ (ସମିସ): ସୋମବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଇରଙ୍ଗପୁର ଗସ୍ତ ସାରି ଶଶୁରଘର କାଦୁଆଣିରେ ପହଞ୍ଚିଥିଲେ। ତାଙ୍କୁ ଆଦିବାସୀମାନେ ବାଦ୍ୟଯନ୍ତ୍ରର ତାଳେତାଳେ କାଦୁଆଣି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପାଛୋଟି ନେଇଥିଲେ। ରାଜ୍ୟରେ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଏହା ବିଶୋଇ ପ୍ରଥମ ଗସ୍ତ। ହ୍ୱାଇଁକୁ ନିକଟରେ ପାଇ କାଦୁଆଣି ଗ୍ରାମବାସୀ ଉତ୍ସାହିତ ହୋଇପଡ଼ିଥିଲେ। ତାଙ୍କ ସହିତ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ୍ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ବାର୍ଦ୍ଧା, ବଡ଼ସାହି ବିଧାୟକ ସନାତନ ବିଜୁଳି, ପ୍ରାକ୍ତନ ସାଂସଦ ଙ୍କ ରାମଚନ୍ଦ୍ର ହାଁସଦା, ପ୍ରାକ୍ତନ ବିଧାୟକ କାନ୍ହା ସୋରେନ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କାଦୁଆଣିକୁ ଆଦର୍ଶ ଗ୍ରାମଭାବେ ଘୋଷଣା କରିଥିଲେ। ସେହିପରି କାଦୁଆଣି ପ୍ରାଥମିକ ବିଦ୍ୟାଳୟକୁ ଗଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ଘୋଷଣା କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ଶିମିଳିପାଳ ସୁରକ୍ଷା ପାଇଁ ମିଳିତ ଫ୍ଲାଗ୍‌ମାର୍ଚ୍ଚ



ବାରିପଦା, ୧୩।୫(ସମିସ): ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ଦାଉରୁ କିପରି ସୁରକ୍ଷା ଦିଆଯାଇପାରିବ ସେନେଇ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଶିକାରୀ ସମ୍ବେଦନଶୀଳ ବିଭିନ୍ନ ଗାଁରେ ଫ୍ଲାଗମାର୍ଚ୍ଚ ସହ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅଭୟାରଣ୍ୟର ପାଦଦେଶ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରେ ଶିକାରୀମାନେ ରହୁଥିବା ବେଳେ ତାଙ୍କୁ ବନ୍ୟଜନ୍ତୁ ଶିକାରରୁ ନିବୃତ୍ତ ରହିବାକୁ ସଚେତନ କରାଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦ୍ୱାରା ଶିମିଳିପାଳକୁ ଶିକାରୀ ଦାଉରୁ ସୁରକ୍ଷା ପ୍ରଦାନ କରାଯାଇପାରିବ; ଯାହାକୁ ନେଇ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସଶସ୍ତ୍ର ବଳ, ଏସଟିପିଏଫ, ଅବସରପ୍ରାପ୍ତ ସୈନିକ ଓ ବନ କର୍ମଚାରୀ ମିଳିତଭାବେ ଫ୍ଲାଗ ମାର୍ଚ୍ଚ କରୁଛନ୍ତି। ଶିମିଳିପାଳକୁ ଶିକାରୀ ମୁକ୍ତ କରିବା ଏକମାତ୍ର ଲକ୍ଷ୍ୟ। ପ୍ରତି ଗାଁକୁ ଯାଇ ଆମ ଶିମିଳିପାଳ ଆମ ଗୌରବକୁ କିପରି ତାହାକୁ ସୁରକ୍ଷିତ ରଖିବା ସେ ନେଇ ସଚେତନତାର ବାର୍ତ୍ତା ଦିଆଯାଉଛି। ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା। ତେଣୁକରି ସୁରକ୍ଷା ପାଇଁ ସଚେତନ ସୃଷ୍ଟି କରିବା ମୁଖ୍ୟ ବିଷୟ ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀ କହିଛନ୍ତି।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀଯୁକ୍ତ ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ। ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ.. ମୋର ପ୍ରାର୍ଥନା

## ଖୁଆଡ଼ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

# ୧୦ ବର୍ଷ ହେଲା ଆସୁନାହାନ୍ତି ଡାକ୍ତର

ଜଳେଶ୍ୱର ବ୍ଲକ, ୧୩।୫ ( ସମିସ)




ବାଲେଶ୍ୱର ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ ଭାବେ ବେଶ ପରିଗଣିତ ରାଇବଣିଆସ୍ଥିତ ଖୁଆଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ମୂରବୀ ଶୂନ୍ୟ ହୋଇ ପଡିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦଶ ବର୍ଷ ହେଲା ଡାକ୍ତର ନାହାଁନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଦୁଇଟି ପଂଚାୟତଯଥା ଖୁଆଡ ଏବଂ ଶ୍ୟାମନଗର ସହିତ ବରଡିହା ପଞ୍ଚାୟତର କିଛି ଅଞ୍ଚଳ ଏବଂ ପଶ୍ଚିମବଙ୍ଗ ସୀମାନ୍ତର ଅନେକ ଗାଁର ପାଖାପାଖି କୋଡିଏ ହଜାର ଲୋକ ନିର୍ଭର କରନ୍ତି। ଏଠାକୁ ପ୍ରତ୍ୟେକ ଦିନ ଶହେରୁ ଅଧିକ ରୋଗୀ ଆସିଥାନ୍ତି। ଏଠାରେ ଦୀର୍ଘ ଦିନ ଧରି ଜଣେ ଲେଖାଏଁ ଆୟୁର୍ବେଦିକ ଚିକିତ୍ସକ, ଫାର୍ମାସିଷ୍ଟ, ଜିଏନଏମ, ଏଲ୍ଟି, ନର୍ସ ଓ ସୁଇପରକୁ ନେଇ ଚାଲିଛି ଡାକ୍ତର ଖାନା। ଦୀର୍ଘ ଦିନ ହେବ ଫାଙ୍କା ପଡିଛି ଏଏନଏମ ପଦ। ଆଉ ଡାକ୍ତର କଥା ନ କହିବା ଭଲ। ସରକାରୀ ଖାତାରେ ଡାକ୍ତରଙ୍କ ନାମ ରହିଛି କିନ୍ତୁ ବାସ୍ତବରେ ଡାକ୍ତର ଆସୁନାହାନ୍ତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ। ଯାହାଫଳରେ ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଠାରେ ସବୁ ଭିତ୍ତି ଭୂମି ରହିଥିବା ବେଳେ ଚକା ଚକ୍ କୋଠା, ମେଡିକାଲ ଯନ୍ତ୍ରପାତି ଏବଂ ସବୁ ପରୀକ୍ଷା ସମ୍ବନ୍ଧୀୟ ସାମଗ୍ରୀ ରହିଛି। କିନ୍ତୁ ଡାକ୍ତରଖାନା ମୂରବୀ ଶୂନ୍ୟ ହୋଇ ପଡ଼ିଛି। ଏ ନେଇ ଉପରିସ୍ଥ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣେଇବା ପରେ ମଧ ଫଳ ଶୂନ୍ୟ। ଏ ନେଇ ଅଞ୍ଚଳର କମଳାକାନ୍ତ ପାତ୍ର, ତପନ୍ ସାହୁ, ସପନ ବିନ୍ଧାଣି, ଅନନ୍ତ ଦାସ୍, ସନତ ସାହୁ, ପଞ୍ଚାନନ ବେହେରା, ମହେନ୍ଦ୍ର ମାରାଣ୍ଡି, ଶଙ୍କର ଟୁଡୁ, ବ୍ରଜ କିଶୋର ଗିରି, କିଶୋର ସାନକୀ, ଅଜିତ ଘୋଷ, ପ୍ରମୁଖ ଅଭିଯୋଗ କରିଚନ୍ତି।

ଏନେଇହାତୀଗଡ ମୁଖ୍ୟ ଚିକିତ୍ସାଅଧିକାର ଭୀଷ୍ମ ଚରଣ ପରିଡାଙ୍କୁ ପଚରିବାରୁ ଆମେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଛୁ ବୋଲି କହିଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ପଚାରିବାରୁ ସେ କହିଥିଲେ ଘଟଣା ବାବଦରେ ତୁରନ୍ତ ପଦକ୍ଷେପ ନିଆଯିବ। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ସେଠାରେ କାର୍ଯ୍ୟରେ ରହିଥିବା ଡାକ୍ତରଙ୍କୁ ତୁରନ୍ତ ବଦଳି କରି ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ।

# ନୂତନ ଫାଣ୍ଡି ଅଧିକାରୀ ନିଯୁକ୍ତି

**ବାରିକପୁର/ମଞ୍ଜୁରୀ ରୋଡ,୧୩।୫(ସମିସ):** ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ଫାଣ୍ଡି ଅଧିକାରୀ ଭାବେ ଏଏସଆଇ ଦେବରାଜ ଜେନା ନିଯୁକ୍ତ ହୋଇଛନ୍ତି। ଏଠାରେ କାର୍ଯ୍ୟ କରୁଥିବା ଈଶ୍ୱର ଚନ୍ଦ୍ର ବେହେରାଙ୍କର ଚାନ୍ଦବାଲି କୋର୍ଟକୁ ବଦଳି ହୋଇଛି। ଏନେଇ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଜେନା ପୂର୍ବରୁ ଭଦ୍ରକ ଓ ବାଶଁଡ଼ା ଥାନା ସମେତ ଅନ୍ୟାନ୍ୟ ଥାନାରେ ସଫଳତାର ସହିତ କାର୍ଯ୍ୟ ତୁଲାଇଛନ୍ତି। ତାଙ୍କର ନୂତନ ନିଯୁକ୍ତି ପରେ ମଞ୍ଜୁରୀ ରୋଡ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିଭିନ୍ନ ବେଆଇନ କାର୍ଯ୍ୟ ଉପରେ ରୋକ ଲାଗିବ ବୋଲି ଜନସାଧାରଣ ମାନେ ଆଶା ପ୍ରକଟ କରିଛନ୍ତି।

# ନେପାଳଦେବ ଭଟ୍ଟାଚାର୍ଯ୍ୟଙ୍କ ମୃତ୍ୟୁରେ ଶୋକ

**ଭଦ୍ରକ,୧୩।୫(ସମିସ):** ଭାରତର ଛାତ୍ର ଫେଡେରେସନ (ଏସ୍ଏଫ୍ଆଇ)ର ପୂର୍ବତନ ସର୍ବଭାରତୀୟ ସାଧାରଣ ସଂପାଦକ, ସିଆଇଟିୟୁର ପୂର୍ବତନ ସର୍ବଭାରତୀୟ ନେତା, ଭାରତୀୟ ଚଳଚ୍ଚିତ୍ର ଆନ୍ଦୋଳନର ଅନ୍ୟତମ ନେତା, ସିପିଆଇ(ଏମ)ର ପୂର୍ବତନ ରାଜ୍ୟସଭା ସାଂସଦ ନେପାଳଦେବ ଭଟ୍ଟାଚାର୍ଯ୍ୟଙ୍କ ମୃତ୍ୟୁରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ତାଙ୍କ ମୃତ୍ୟୁରେ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇ ସିପିଆଇ(ଏମ୍) ଜିଲ୍ଲା କାର୍ଯ୍ୟାଳୟରେ ତାଙ୍କ ଅମ୍ଲାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଶ୍ରଦ୍ଧାର୍ପଣ କାର୍ଯ୍ୟକ୍ରମରେ ସିପିଆଇଏମ୍ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢ଼ୀ, ଅନ୍ୟତମ ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ଦାଶ, ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ରଞ୍ଜନ ନାୟକ ଓ ମହିଳା ନେତ୍ରୀ ସୁରଜିତା ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି।

# କାଳବୈଶାଖିରେ ଜଳିଗଲା ଟ୍ରାନ୍ସଫର୍ମର

**ବନ୍ତ/ଆଗରପଡ଼ା,୧୩।୫(ସମିସ):** ଗତ ସୋମବାର ରାତିରେ ଘଟିଥିବା କାଳବୈଶାଖୀର ପ୍ରଭାବରେ ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ ପଞ୍ଚାୟତର ୫ନଂ ୱାର୍ଡ଼ର ବଣିଆ ସାହି ଗ୍ରାମରେ ବିପଦସଂକୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ହଠାତ ଜଳିବାକୁ ଲାଗିଥିଲା । ଫଳରେ ଉକ୍ତ ଟ୍ରାନ୍ସଫର୍ମରୁ ବିଦ୍ୟୁତ ସଂଯୋଗୀକରଣ ଥିବା ଅନେକ ଘରର ଘରୋଇ ଉପକରଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ; ଗତ ସୋମବାର ରାତି ପ୍ରାୟ ୭ଟା୩୦ରେ ହଠାତ୍ ଘଡ଼ଘଡ଼ି ଓ ବିଜୁଳି ସହିତ ପ୍ରବଳ ମାତ୍ରାରେ ବର୍ଷା ଆରମ୍ଭ ହୋଇଯାଇଥିଲା। ବର୍ଷା ଛାଡ଼ିବା ପରେ ଗ୍ରାମବାସୀ ଟ୍ରାନ୍ସଫର୍ମରଟି ଜଳୁଥିବାର ଦେଖି ବିଦ୍ୟୁତ ବିଭାଗକୁ



ଖବର ଦେବାପରେ ବିଭାଗ ତରଫରୁ ବିଦ୍ୟୁତ ବିଚ୍ଛେଦ କରାଯାଇଥିଲା। ଏଠାରେ ପ୍ରକାଶ ଥାଉକି ଉକ୍ତ ଟ୍ରାନ୍ସଫର୍ମଟି ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାର ବ୍ୟକ୍ତିଗତ ଯାଗାରେ ରାସ୍ତାକୁ ଲାଗି ଅତ୍ୟନ୍ତ ସଂକୀର୍ଣ୍ଣ ଅବସ୍ଥାରେ ବସିଅଛି । ତାର ଗୁଡ଼ିକ ରାସ୍ତା ଉପରେ ଝୁଲୁଥିବା ବେଳେ ଏହାର ଚାରିପାଖକୁ ଆବଦ୍ଧ କରାଯାଇନଥିବାରୁ ଏହା ମୁକୁଳା ଅବସ୍ଥାରେ ପଡ଼ିରହିଛି। ଯଦ୍ୱାରା ଗ୍ରାମବାସୀଙ୍କ ସମେତ କୁନିକୁନି ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବାର ଜଣାପଡ଼ିଛି। ଅନେକ ସମୟେର ଛୋଟ ମୋଟ ଦୂର୍ଘଟଣା ଘଟୁଥିବାରୁ ଗ୍ରାମବାସୀ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏଠାରୁ ଟ୍ରାନ୍ସଫର୍ମରଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାରମ୍ବାର ଅନୁରୋଧ କରୁଥଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ଗ୍ରାମର ଶୁଶୀଲ ପୃଷ୍ଟି, ଆଲୋକ ସାହୁ, ବିଷ୍ଣୁ ସାହୁ, ସନ୍ତୋଷ ସାହୁ, ଅରୁଣ ରାଉତ ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଚିରନିଦ୍ରାରେ ସମାଜସେବୀ ଶଶାଙ୍କ ଦାସ

**ବନ୍ତ/ଆଗରପଡ଼ା,୧୩।୫(ସମିସ):** ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସମାଜସେବୀ, କ୍ରୀଡ଼ାବିତ୍ ତଥା ବିଜୁ ଜନତାଦଳ ଅନ୍ୟତମ ଆଗଧାଡ଼ି ନେତା ଶଶାଙ୍କ ଶେଖର ଦାସଙ୍କ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ମେଡିକାଲକୁ ଅଣା ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସର୍ବ ପୁରାତନ ରାଜୟୁଥ କ୍ଲବର ସେ ଅନ୍ୟତମ ପ୍ରତିଷ୍ଠାତା ଥିଲେ। ସେ ଜଣେ ଭଲିବଲ ଖେଳାଳୀ ହେବା ସହ ଅନ୍ୟ ଖେଳାଳୀମାନଙ୍କୁ ସବୁବେଳେ ଉତ୍ସାହିତ କରି ଆସୁଥିଲେ। ସେ ବିଜୁ ଜନତାଦଳର ଦୃଢ଼ ଓ ଦକ୍ଷ ସଂଗଠକ ଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ସହାୟତାରେ ଅନେକ ଜନମଙ୍ଗଳ କାର୍ଯ୍ୟ କରିଛନ୍ତି। ସମାଜସେବୀ ଭାବେ ଅନ୍ୟର ପରୋପକାର କରି ଆସୁଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ପରଲୋକ ଖବର ପାଇ ଶ୍ରୀରାମପୁର ବାସଭବନରେ ତାଙ୍କ ମରଶରୀରକୁ ଶେଷଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ନେତା ପ୍ରଶାନ୍ତ ଦାଶ, ବିଜ୍ଞାନଭୂଷଣ ମହାନ୍ତି, କ୍ରୀଡ଼ାବିତ୍ ରଣେନ୍ଦ୍ର ମହାନ୍ତି, ବିଜୟ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

**ଆସୁଛି ଆଗକୁ ବର୍ଷା ଋତୁ**

# ଅନିଶ୍ଚିତତାରେ ବୈତରଣୀ ସେତୁ ନିର୍ମାଣ

ଭଦ୍ରକ,୧୩।୫(ସିମସ)





ବର୍ଷାଋତୁ ଆଗକୁ ଆସୁଛି। ଗତ ବର୍ଷରୁ ଅଟକି ରହିଥିବା ବୈତରଣୀ ନଦୀର ଦୁଲାଖା ପାଟଣା-ବନ୍ଧାଳ ସେତୁର ସଂଯୋଗୀକରଣ ରାସ୍ତା ମେ' ମାସ ପୂର୍ବରୁ ଶେଷ ହେବା ନେଇ ସ୍ଥାନୀୟ ଜନସାଧାରଣ ଆଶା ରଖିଥିଲେ। ହେଲେ ଏଯାବତ ଆଉ କାମ ଆଗେଇ ପାରୁନାହିଁ। ଫଳରେ ଚଳିତ ବର୍ଷ ମଧ୍ୟ ଏହି ନବ ନିର୍ମିତ ସେତୁଟି କାମରେ ଲାଗିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବୈତରଣୀ ନଦୀ ଉପରେ ବରୁଣ୍ଡେଇ-ବନ୍ଧାଳୋ ରାସ୍ତାର ୭କିଲୋମିଟର ନିକଟରେ ନିର୍ମାଣ କରାଯାଇଥିବା ଉଚ୍ଚସ୍ତର ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳତଃ ଏହି ସେତୁ ଲୋକମାନଙ୍କ ପାଇଁ ବ୍ୟବହୃତ ହେବାକୁ ଅପେକ୍ଷା କରିବାକୁ ପଡିପାରେ। ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ଅଟକିଛି।ବର୍ଷା ଋତୁ ଆରମ୍ଭ ପୂର୍ବରୁ କାର୍ଯ୍ୟ ସମାପ୍ତ ନହେଲେ ପୁଣି ଚଳିତ ବର୍ଷ ଆଉ କାମ ସରିବା ସମ୍ଭବ ହେବ ନାହିଁ। ଏଥିପାଇଁ ଆବଶ୍ୟକ ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ବର୍ଷାଦିନେ ସେତୁ ନିକଟରେ ପହଞ୍ଚିବା ଏକପ୍ରକାର ଅସମ୍ଭବ କାର୍ଯ୍ୟ। ସଂଯୋଗୀକରଣ ପାଇଁ ଅଟକି ରହିଥିବା ଏହି ସେତୁ କାର୍ଯ୍ୟ ସମାପ୍ତି ତାରିଖ ୪ବର୍ଷ ପରେବି ସମ୍ପୂର୍ଣ୍ଣ ହୋଇପାରିନଥିବାରୁ ସେତୁ ଦ୍ୱାରା ଉପକୃତ ହେବାକୁ ଥିବା ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଦ୍ୱାରା ବିଜୁ ସେତୁ ଯୋଜନାରେ ବୈତରଣୀ ନଦୀ ଉପରେ ଏହି ସେତୁ ୨୪କୋଟି ୭୯ଲକ୍ଷ ୪୩ହଜାର ୧୬୦ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି। ୨୦୧୯ ମସିହା ମାର୍ଚ୍ଚ ୮ ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ନିର୍ଦ୍ଧାରିତ କାର୍ଯ୍ୟର ସମାପ୍ତି ତାରିଖ ୨୦୨୧ ମସିହା ଜୁଲାଇ ୭ତାରିଖ ରଖାଯାଇଥିଲା। ୬୭୪.୫୯ ମିଟର ଦୈର୍ଘ୍ୟ ଓ ୭.୫୦୦ମିଟର ପ୍ରସ୍ଥ ବିଶିଷ୍ଟ ଏହି ସେତୁ ଦ୍ୱାରା ବନ୍ଧାଳୋ ପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡିକ ଦୁଲ୍ହାଖାପାଟଣା, ଶାଳବା, ବୈତରଣୀ ରୋଡ଼ ଆଦି ଅଞ୍ଚଳର ଲୋକମାନେ ଉପକୃତ ହେବେ ବୋଲି ସରକାରୀ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏହି ସେତୁ ନିର୍ମାଣ ହେଲେ ଭଦ୍ରକ ଜିଲ୍ଲାର କେନ୍ଦୁଆପଦା, ମଞ୍ଜୁରୀ ରୋଡ଼ ଅଞ୍ଚଳ ସମେତ ବନ୍ତ ଅଞ୍ଚଳର ଲୋକମାନେ ବୈତରଣୀ ରୋଡ଼, କାରେଇ ଓ ଯାଜପୁର ରୋଡ଼ ଯିବା ପାଇଁ ଏକ ସଂକ୍ଷିପ୍ତ ରାସ୍ତା ପାଇପାରିବେ। ଫଳରେ ମଞ୍ଜୁରୀରୋଡ଼ରୁ, କେନ୍ଦୁଆପଦା ଆଦି ଅଞ୍ଚଳରୁ ଯାଜପୁରରୋଡ଼ ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟତ କରୁଥିବା ଲୋକମାନେ ବିଶେଷ ଭାବେ ଉପକୃତ ହେଇପାରିବେ।ତେବେ ସେତୁର ସଂଯୋଗୀକରଣ ରାସ୍ତା ନିମନ୍ତେ ଆବଶ୍ୟକ ଜାଗା ମଧ୍ୟରେ କିଛି ବ୍ୟକ୍ତିଗତ ସ୍ଥାନ ରହିଥିବାରୁ ଓ ଏହା ଅଧିଗ୍ରହୀତ ହୋଇପାରିନଥିବାରୁ ନିର୍ମାଣରେ ବିଳମ୍ବ ହେଉଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହି ସେତୁ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କିଭଳି ତତ୍ପରତା ପ୍ରକାଶ କରି ଯଥାଶୀଘ୍ର କାର୍ଯ୍ୟ ଶେଷ କରିବେ ଏହା ଅଞ୍ଚଳବାସୀମାନେ ଅପେକ୍ଷାରେ ରହିଛନ୍ତି।

**ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର**

# ଅଭିଯୋଗ ପ୍ରବଳ; ସମାଧାନ ଦୁର୍ବଳ



**ବାରିକପୁର/ଭଣ୍ଡାରିପୋଖରୀ, ୧୩।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇ ଆସିଥିବା ଆପତ୍ତି ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୯୭ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୮୧ ଗୋଟି ବ୍ୟକ୍ତିଗତ ଓ ୧୪ ଗୋଟି ସାମୂହିକ ରହିଥିଲା। ଜିଲ୍ଲାପାଳଙ୍କ ନିକଟରେ ଜନସାଧାରଣ।ନୀୟ ଜଳ, ବାସଗୃହ, ବିଦ୍ୟୁତ୍, ସ୍ୱାସ୍ଥ୍ୟ କାର୍ଡ, ଯାତାୟାତ, ରାସନ୍ କାର୍ଡ ଆଦି ବିଷୟରେ ଆପତ୍ତି ଅଭିଯୋଗ କରିଥିଲେ। ଶିବିରରେ ତ୍ୱରିତ ସମାଧାନ ସ୍ୱରୂପ ଦୁଇ ଜଣଙ୍କୁ ଜିଲ୍ଲା ରେଡ୍କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଡେପୁଟି କଲେକ୍ଟର କରୁଣାକର ଧିନ୍ଦା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ବିଡିଓ ଦେବଦତ୍ତ ଦାଶ, ତହସିଲଦାର ରୋଜାଲିନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଠାରେ ସୂଚିତ ଜନସାଧାରଣ ମାନଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲା ଓ ବ୍ଲକସ୍ତରରେ ଅନେକ ବର୍ଷ ଧରି ଜନ ଶୁଣାଣି ଶିବିର ଆୟୋଜନ ହେଉଥିବା ବେଳେ ଏହା ଶତପ୍ରତିଶତ ସଫଳ ହେଉନାହିଁ। ହାତଗଣତି କେତେକ ସମସ୍ୟାର ସମାଧାନ ହେଉଥିଲେ ମଧ୍ୟ ଶହଶହ ଆପତ୍ତି ଅଭିଯୋଗ ସେହିଭଳି ସରକାରୀ ଦପ୍ତରରେ ପଡି ରହୁଛି। ଏପରିକି ଗୋଟିଏ ଶିବିରରୁ ଅନ୍ୟ ଏକ ଶିବିର ପର୍ଯ୍ୟନ୍ତ ମଧ୍ୟ ସମସ୍ୟାର ସମାଧାନ ହେଉନଥିବା ଜଣାପଡିଛି। ମାଳମାଳ ସମସ୍ୟା ସମ୍ବଳିତ ଅଭିଯୋଗ ହେଉଥିବା ବେଳେ ବ୍ୟବସ୍ଥା ଗତ ଭାବେ ସମାଧାନ କିନ୍ତୁ ଦୁର୍ବଳ ହେଉଛି। ଫଳରେ ବାରମ୍ବାର ନିର୍ଦ୍ଦିଷ୍ଟ ଅଭିଯୋଗ ମାନ ହେଉଥିବା ଦେଖିବାକୁ ମିଳିଛି। ଅଭିଯୋଗ ଶୁଣାଣୀ ଶିବିରର ମୂଳ ଲକ୍ଷ୍ୟ ଏଯାଏଁ ପୂରଣ ହେଉନଥିବା ବେଳେ ବାରମ୍ବାର ଶିବିରକୁ ଆସି ଜନସାଧାରଣ ମାନେ ଆତ୍ମ ସନ୍ତୋଷ ପାଇ ପାରୁନାହାନ୍ତି। ଯାହାକୁ ନେଇ ବିଭିନ୍ନ ଅଞ୍ଚଳର ଅଭିଯୋଗକାରୀ ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏପରିକି ମାସରେ ଥରେ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର କେବଳ ଧର୍ମକୁ ଆଖି ଠାର ବୋଲି ଆଜି ଶିବିରକୁ ଆସିଥିବା ଅନେକ ଜନସାଧାରଣ ମତ ଦେଇଛନ୍ତି।

# ଧୂଷୁରୀ ପ୍ରେସ୍ ୟୁନିୟନ ତରଫରୁ ପଣା ବଣ୍ଟନ

**ଅସୁରାଳି,୧୩।୫(ସମିସ):** ଧୂଷୁରୀ ପ୍ରେସ୍ ୟୁନିୟନ ତରଫରୁ ଧୂଷୁରୀ ଅଟୋ ଷ୍ଟାଣ୍ଡ ନିକଟ, ଥାନା ଛକ ତଥା ତାରିଣୀ ମଣ୍ଡପ ଠାରେ ପଣା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ଉଦ୍‌ଘାଟକ ଭାବେ ପଣ୍ଡିତ ପଞ୍ଚାନନ ମିଶ୍ର, ସମ୍ମାନିତ ଅତିଥି ଭାବେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ସମାଜସେବୀ ସରୋଜ ନାୟକ, ଗୁରୁଜୀ ରାମଚନ୍ଦ୍ର ପଣ୍ଡା, ଅନୁକମ୍ପା ମହିଳା ସଂଗଠନର ସଭାନେତ୍ରୀ କବିତା ସାହୁ, ଉପ ସଭନେତ୍ରୀ ବିମଳା ନାଥ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ବ୍ରଜମୋହନ କର, ରାଜେଶ ସାହୁ, ତରଣି ନାଥ, ଧନେଶ୍ୱର ପାଣିଗ୍ରାହୀ, ସାବିତ୍ରୀ ସାହୁ, କାଞ୍ଚନ ସେଠୀ, ସୀମା ସାହୁ, ମନୋରମା ସେଠୀ, ପ୍ରମିଳା ସେଠୀ, ସଂଯୁକ୍ତା ସେଠୀ, କବିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଯାତ୍ରୀ ମାନଙ୍କୁ ପଣା ବଣ୍ଟନ କରିଥିଲେ। ଏହି କାର୍ଯ୍ୟ ପାଇଁ ସମସ୍ତ ଧୂଷୁରୀବାସୀ ପ୍ରଶଂସା କରିଛନ୍ତି।



# ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗରେ ଅନିୟମିତତା

**ଧାମନଗର,୧୩।୫(ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗରେ ଚାଲିଛି ଅନିୟମିତତା ସହ ଅର୍ଥ ଆଦାୟ ଅଭିଯୋଗ। ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଜନତା ଓ ସ୍ଥାନୀୟ ଲୋକମାନଙ୍କୁ ଦୁର୍ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏହି କାର୍ଯ୍ୟାଳୟରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରିଣ୍ଟର ମେସିନ ଦୀର୍ଘ ପ୍ରାୟ ୩ ମାସ ହେବ ଅଚଳ ହୋଇ ପଡ଼ିଛି। ଏତିକିରେ ସରୁ ନାହିଁ ଲୋକଙ୍କ ଦୁର୍ଦ୍ଦଶା। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଲୋକଙ୍କୁ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ସଂପୃକ୍ତ କର୍ମଚାରୀ ଜଣକ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ହୋଇଥିବାରୁ ସେ କାହାରିକୁ ଖାତିରି କରୁନାହାନ୍ତି। ମୋଟା ଆକାରରେ ଅର୍ଥ ଦେଲେ ସଙ୍ଗେ ସଙ୍ଗେ ପ୍ରମାଣପତ୍ର ମିଳୁଛି ବୋଲି କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅଭିଯୋଗ କରି ଗଣମାଧ୍ୟମ ଆଗରେ ମତପ୍ରକାଶ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ମୋ ପାଖକୁ ଏଇଭଳି ଅଭିଯୋଗ ମାନ ଆସୁଛି, ସେଥିପାଇଁ ମୁଁ ନିଜେ ପ୍ରମାଣପତ୍ର ଗୁଡ଼ିକୁ ତଦାରଖ କରୁଛି। ହେଲେ ମୋର କିଛି କ୍ଷମତା ଉକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାହିଁ। ଆପଣ ମାନେ ଉପରକୁ ଲେଖି ଜଣାନ୍ତୁ। ସିଡିଏମ୍ଓ ଭଦ୍ରକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ଡାକ୍ତର ମନ୍ମୟ ସାମନ୍ତ ସିଂହାର କହିଛନ୍ତି। ଉକ୍ତ କର୍ମଚାରୀ ବିଭିନ୍ନ ସମୟରେ ତ୍ରୁଟିପୂର୍ଣ୍ଣ ପ୍ରମାଣ ପତ୍ର ପ୍ରଦାନ କରିଥିବାରୁ ମେଡିକାଲ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଉଛି। ଜଣେ ବ୍ୟକ୍ତି ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲେ ତାର ମଧ୍ୟ ଅଳ୍ପ ଦିନ ତଳେ ମେଡିକାଲ ଅଫିସର ସମସ୍ୟାର ସମାଧାନ କରିଥିଲେ। ଜନ୍ମ ମୃତ୍ୟୁ ପଞ୍ଜୀକରଣ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଅନିୟମିତତା ଅଭିଯୋଗ ସମ୍ପର୍କରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ମାଣ୍ଡିଆ କ୍ଷେତ୍ର ଦିବସ ପାଳିତ

**ବନ୍ତ/ଆଗରପଡ଼ା,୧୩।୫(ସମିସ):** ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବନ୍ତଳା ଗ୍ରାମରେ ମଙ୍ଗଳବାର ମାଣ୍ଡିଆ କ୍ଷେତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ସଂଯୋଜକ ପର୍ଶୁରାମ ସାହୁ ଓ ଜିଲ୍ଲା ସଂଯୋଜକ ପ୍ରକାଶ ମାନ୍ନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଏଡିଏମ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା କୃଷି ଅଧିକାରୀ ଦିଜବର ସେଠୀ, ବନ୍ତ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି, ସ୍କିମ ଅଧିକାରିଣୀ ଅନୁରାଧା ପଣ୍ଡା, ଡିପିଡି ବିଶ୍ୱରଂଜନ ରାଉତ, ଭୁବନେଶ୍ୱର ଡବ୍ଲୁଏଏସଏସଏ ର ପୁଲକ ନାୟକ, ଆରସି ନିକିତା ମହାପାତ୍ର,ଏମ ବିକେ କମଳା ମିଶ୍ର ପ୍ରମୁଖ ଉପସ୍ଥିତରେ ପ୍ରାରମ୍ଭରେ ସେହି ଗ୍ରାମର ସରସ୍ୱତୀ ମହାପାତ୍ରଙ୍କ ଏକ ହେକ୍ଟର ଚାଷ ଜମିରେ ୬ ପ୍ରକାର ମାଣ୍ଡିଆ କରାଯାଇଥିବା ବେଳେ ସମସ୍ତ ଅଧିକାରୀ ଉକ୍ତ ଚାଷ ଜମିକୁ ପରିଦର୍ଶନ କରିବା ସହିତ ଅତି ଉନ୍ନତ ମାନର ମାଣ୍ଡିଆ ଚାଷ ହୋଇଥିବା ଦେଖିବାକୁ ପାଇଥିଲେ। ପରେ ସଭାସ୍ଥଳୀରେ ପହଂଚି ୨୫ ଗୋଟି ପଞ୍ଚାୟତରୁ ଆସିଥିବା ଶତାଧିକ ଚାଷୀଙ୍କୁ ମାଣ୍ଡିଆ ଚାଷ ବିଷୟରେ ବୁଝାଇବା ସହିତ ଆଗାମୀ ଦିନରେ ମାଣ୍ଡିଆ ଚାଷ କରି ସରକାର ତରଫରୁ ମିଳୁଥିବା ସୁବିଧାର ଫାଇଦା ନେବା ବିଷୟରେ କହିଥିଲେ ଉପସ୍ଥିତ ଅତିଥି। ସୁଶାନ୍ତ ଜେନା, ସତ୍ୟବ୍ରତ ସିଂ, ବନମାଳୀ ବାରିକ, ଜ୍ୟୋତିରଞ୍ଜନ ରାଉତ, ପ୍ରମୋଦ ପାଣିଗ୍ରାହୀ, ନାରାୟଣ ଜେନା, ପ୍ରହଲ୍ଲାଦ ଗିରି, ସନ୍ତୋଷ ଗିରି, ପଦ୍ମନାଭ ଜେନା, ସତ୍ୟବ୍ରତ ପାଳ, ଉର୍ମିଳା ବେହେରା, ଯୁଧିଷ୍ଠିର ଜେନା, ହଳଧର ସ୍ୱାଇଁ, ପ୍ରଶାନ୍ତ ଭୂୟା, ତ୍ରିଲୋଚନ ଜେନା, ଜନ୍ମେଜୟ ଧଳ ସମେତ ସମସ୍ତ ଚାଷୀ ଓ ଧବଳେଶ୍ୱର ମହାସଂଘର ସମସ୍ତ କର୍ମକର୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ବ୍ରାହ୍ମଣ ସାହିବାସୀଙ୍କୁ କନ୍ଦାଏ ବର୍ଷା**

# ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ

**ବନ୍ତ/ଆଗରପଡ଼ା,୧୩।୫(ସମିସ):**

ବର୍ଷା ଆସିଲା କ୍ଷଣି ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଥାଏ। ସାମାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀଙ୍କ ପାଇଁ ବର୍ଷା ସତେ ଅବା ଅଭିଶପ୍ତ ପାଲଟିଛି। ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ନଜର ଆଢୁଆଳରେ ରହିଯାଇଛି ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ଗ୍ରାମ ଅର୍ନ୍ତଗତ ବ୍ରାହ୍ମଣସାହି। ଏହି ସାହିକୁ ଭଲ ରାସ୍ତାଟିଏ ନାହିଁ। ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ସଂଯୋଗ କରୁଛି। ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟ ଦିନମାନଙ୍କରେ ଦୁଇଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦସଂକୁଳ। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବ ହୋଇନଥାଏ। ବଜାରକୁ ନ ଗଲେ ରୋଷେଇ ବନ୍ଦ, ପୁଣି ସ୍କୁଲ, କଲେଜକୁ ନ ଗଲେ ପାଠ ପଢା ବନ୍ଦ। ତେଣୁ ସମସ୍ତଙ୍କୁ ସବୁବେଳେ ଏହି ରାସ୍ତା ଦେଇ ଯିବା ଆସିବା କରିବାକୁ ହୋଇଥାଏ। ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲକୁ, ଆଗରପଡ଼ା କଲେଜକୁ, କୋମଳମତି ଶିଶୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧ୍ୟୟନ ପାଇଁ ଆସିଥାନ୍ତି। ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ ମୁଖ୍ୟ ରାସ୍ତା ଉପରେ ହିଁ ରହିଥାଏ। ଏବେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ସମସ୍ୟା ଯୋଗୁଁ ଗ୍ରାମବାସୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଠାରେ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ କେହି ଶୁଣିନଥିବାରୁ ଏହାର ପ୍ରତିବାଦରେ ଉକ୍ତ ସାହିର ବାସିନ୍ଦା ଗତ ବର୍ଷ ରାସ୍ତାରେ ଧାନ ତଳି ରୋଉ ଥିବାର ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ମାଟି ଓ ମହରମରେ ଉକ୍ତ ରାସ୍ତା ନିର୍ମିତ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ଏହାକୁ ୫ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏଥିରେ କୌଣସି ଅଗ୍ରଗତି ହୋଇଥିବା ଜଣାପଡୁନାହିଁ। ତେଣୁ ବର୍ଷା ଋତୁ ଆସିବା ପୂର୍ବରୁ ଉକ୍ତ ସାହିକୁ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାହିବାସୀ ଦାବି କରିଛନ୍ତି।



**କନିଷ୍ଠ କିରାଣିଙ୍କ କ୍ଷମତା ମୋହ**

# ବଦଳି ପରେ ଛାଡୁନାହାନ୍ତି ଗାଦି

**ଭଦ୍ରକ,୧୩।୫(ସମିସ):** ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ପତ୍ର ସଂଖ୍ୟା-୧୦୨୦/ ତା.୨୮-୪-୨୫ ତାରିଖ ଅନୁଯାୟୀ ବିଦୁଶଙ୍କର ନାୟକ କନିଷ୍ଠ କିରାଣିଙ୍କର ବଦଳି ଭଣ୍ଡାରିପୋଖରୀ ବ୍ଲକ ଓ ଶୋଭନ ପାଢ଼ୀ, କନିଷ୍ଠ କିରାଣିଙ୍କର ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ଭଦ୍ରକ ଜିଲ୍ଲାରେ କୌଣସି ସରକାରୀ କର୍ମଚାରୀ ୫ ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ ଜାଗାରେ ରହିଲେ କର୍ମଚାରୀମାନଙ୍କର ଜିଲ୍ଲାପାଳଙ୍କ ଦ୍ୱାରା ବଦଳି କରାଯାଇଥାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ବିଦୁଶଙ୍କର ନାୟକ, କନିଷ୍ଠ କିରାଣୀଙ୍କର ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ୬ ବର୍ଷ ୭ ମାସ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ବଦଳି କରାଯାଇଥିବା ବେଳେ ସେ ଯିବାକୁ ନାମ ଧରୁନାହାନ୍ତି। ଏଥିପାଇଁ ବଦଳି ହୋଇଥିବା କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଶ୍ରୀ ନାୟକଙ୍କ ବିରୁଦ୍ଧରେ ବାରମ୍ବାର ଅନେକ ଅଭିଯୋଗ ଆସିଥିଲେ ମଧ୍ୟ ବଦଳି ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ସେ ସେହି ସ୍ଥାନକୁ ମଜବୁତ କରି ରହିଛନ୍ତି। ଜିଲ୍ଲାରେ ଅନେକ କର୍ମଚାରୀଙ୍କର ବଦଳି ହୋଇଛି। ସେମାନେ ନିର୍ଦ୍ଦେଶ ମୁତାବକ ନୂଆ ଜାଗାରେ ଯୋଗ ଦେଇଛନ୍ତି। ଏହି ବ୍ୟକ୍ତି ଜଣକ ଜିଲ୍ଲାପାଳଙ୍କ ଦ୍ୱାରା ବଦଳି ପରେ ମଧ୍ୟ ଗାଦି ନ ଛାଡିବାକୁ କେନ୍ଦ୍ର କରି ଅସନ୍ତୋଷ ପ୍ରକାଶ ପାଇଛି। ଏବାବଦରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ରକୁମାର ଦାସ କୁହନ୍ତି, ଏହି ବଦଳି ଆଦେଶ ସ୍ଥଗିତ ରହିଛି । ତେବେ ଏହାର କାରଣ ସମ୍ପର୍କରେ ସେ କିଛି କହିନଥିଲେ।


OFFICE OF THE COLLECTOR & DISTRICT MAGISTRATE, BHADRAK

OFFICE ORDER

Collector & District Magistrate







## କ୍ୟାଟେରିଂ ସଂସ୍ଥା କର୍ମଚାରୀଙ୍କୁ ଆକ୍ରମଣ; ୩ ଆହତ

**କଟକ, ୧୩।୫(ସମିସ):** ମର୍କତନଗର ଥାନା ଅନ୍ତର୍ଗତ କାଠଯୋଡି ବିହାର ବସ୍ତିରେ ଅନୈତିକ କାର୍ଯ୍ୟକଳାପ ସନ୍ଦେହରେ ଏକ କ୍ୟାଟେରିଂ ସଂସ୍ଥାର କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣରେ ୨ ଜଣ ଯୁବତୀ ଓ ଜଣେ ଯୁବକ ଆହତ ହୋଇଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆହତଙ୍କ ଅଭିଯୋଗ ଆଧାରରେ ପୁଲିସ ସ୍ଥାନୀୟ ଅଞ୍ଚଳର ମିଟୁ ନାୟକ ଓ ଟୁଟୁ ନାୟକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରି, ସେମାନଙ୍କୁ ଗିରଫ କରିବାକୁ ଚଢ଼ଉ ଜାରି ରଖିଛି।

ପୁଲିସ ସୂଚନା ଅନୁସାରେ, ଜିଲ୍ଲା ବାହାରର ୫ ଜଣ ଯୁବତୀ ଓ ୩ ଜଣ ଯୁବକ କଟକର ଏକ କ୍ୟାଟେରିଂ ସଂସ୍ଥାରେ କାମ କରୁଛନ୍ତି। ସେମାନେ ସମସ୍ତେ କାଠଯୋଡି ବିହାର ବସ୍ତିରେ ଅଲଗା ଅଲଗା ଘର ଭଡା ନେଇ ରହୁଛନ୍ତି। ସାଧାରଣତଃ ଭୋଜିଭାତ କାର୍ଯ୍ୟକ୍ରମରେ ଖାଦ୍ୟ ପରଷିବା, ଫୁଲ, ଅତର ଆଦି ପକାଇବା ସେମାନଙ୍କର କାମ। ଏଥିପାଇଁ ସେମାନେ ସାଜସଜ୍ଜା ହୋଇ କାର୍ଯ୍ୟକୁ ଯାଇଥାନ୍ତି। ଅଧିକାଂଶ ସମୟ କାମ ସାରି ଫେରିଲା ବେଳକୁ ବିଳମ୍ବିତ ରାତି ହୋଇଥାଏ। ତେବେ ବସ୍ତିର କିଛି ଲୋକ ସେମାନଙ୍କ କାର୍ଯ୍ୟକୁ ନେଇ ସନ୍ଦେହ କରୁଥିଲେ। ଯୁବତୀମାନେ ସନ୍ଧ୍ୟାରୁ ବାହାରି ବିଳମ୍ବିତ ରାତିରେ ଫେରୁଥିଲେ। ଯୁବତୀମାନେ ଅନୈତିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବେଳେ ଯୁବକମାନେ ସେମାନଙ୍କର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ସ୍ଥାନୀୟ କିଛି ଲୋକେ ଆଶଙ୍କା କରୁଥିଲେ। ଏହାକୁ ନେଇ ସେମାନଙ୍କ ମନରେ ସନ୍ଦେହ ବଢ଼ିବାରେ ଲାଗିଥିଲା। ଗତ କାଲି ସନ୍ଧ୍ୟାରେ କ୍ୟାଟେରିଂ ସଂସ୍ଥାର କର୍ମଚାରୀମାନେ ନିଜ ଭଡା ଘରେ ଥିଲେ। ଏତିକିବେଳେ ବସ୍ତିର କିଛି ଲୋକ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଦେହ ବେପାର କରୁଥିବା ଅଭିଯୋଗ କରି ସେମାନଙ୍କୁ ତୁରନ୍ତ ବସ୍ତି ଛାଡିଯିବାକୁ ବାଧ କରିଥିଲେ। ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ବସ୍ତିର କିଛି ବ୍ୟକ୍ତି ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ କ୍ୟାଟେରିଂ ସଂସ୍ଥାର ୨ ଜଣ ଯୁବତୀଙ୍କ ସମେତ ୩ ଜଣ ଆହତ ହୋଇଥିଲେ। ଖବର ପାଇ ମର୍କତନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣା ନେଇ ପୀଡିତା ଯୁବତୀ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ସ୍ଥାନୀୟ ଅଞ୍ଚଳର ମିଟୁ ନାୟକ ଓ ଟୁଟୁ ନାୟକଙ୍କ ବିରୋଧରେ ଅପରାଧୀକ ମାମଲା ରୁଜୁ କରିଛି। ତଦନ୍ତ ପରେ ଉକ୍ତ ଯୁବକ, ଯୁବତୀମାନେ ନିର୍ଦ୍ଦିଷ୍ଟ ଏକ କ୍ୟାଟେରିଂ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏ ସମ୍ପର୍କିତ କାଗଜପତ୍ର ଅଭିଯୋଗକାରୀ ପୁଲିସକୁ ପ୍ରଦାନ କରିଛନ୍ତି। ପାରିଶ୍ରମିକ ତଥ୍ୟ ମଧ୍ୟ ଯାଞ୍ଚ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

**୨ ଜଣଙ୍କ ନାଁରେ ଥାନାରେ ମାମଲା**

# ପୁଲିସ ହାତରେ ନାବାଳକ ଲୁଟେରା ଗ୍ୟାଙ୍ଗ୍

**କଟକ, ୧୩।୫(ସମିସ)**

ସତ୍ୟବ୍ରତ ଷ୍ଟାଡିୟମ ନିକଟରୁ ଚୋରି ହୋଇଥିବା ୮ଟି ଚୋରି ସାଇକଲକୁ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ଗିରଫ କରାଯାଇଛି। ଏମାନେ ପ୍ରାତଃ ଭ୍ରମଣରେ ଆସୁଥିବା ଲୋକଙ୍କ ସାଇକଲ ଚୋରାଇ ନେଉଥିଲେ। ଏହାକୁ ଗୋଟିଏ ସ୍ଥାନରେ ଠୁଳ କରୁଥିଲେ। ଅଧିକ ସଂଖ୍ୟକ ସାଇକଲ ହେବା ପରେ ଅଧା ଦରରେ ବିକ୍ରୟ କରି ଦେଉଥିଲେ। ପୁଲିସ ଏ ସବୁ ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ଗ୍ୟାଙ୍ଗ୍‌କୁ ଧରିବାକୁ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା।

ପୁଲିସ ସୂଚନା ଅନୁସାରେ, ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁର ଅଞ୍ଚଳର ଏସ୍.କେ ଅବଦୁଲ ଲତିଫ୍‌ଙ୍କ ଝିଅର ଏକ ଦାମୀ ସୌଖିନ ସାଇକଲ ସତ୍ୟବ୍ରତ ଷ୍ଟାଡିୟମରୁ ଚୋରି ହୋଇଥିଲା। ଏନେଇ ଅବଦୁଲ ଲତିଫ୍ କ୍ୟାଣ୍ଟନମେଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ଗତ ୧ ମାସ ମଧ୍ୟରେ କ୍ୟାଣ୍ଟନେମେଣ୍ଟ ଥାନାରେ ସାଇକଲ ଚୋରିକୁ ନେଇ ୭ଟି ଏତଲା ହୋଇଥିଲା। ସବୁ ସାଇକଲ ଚୋରି ସମାନ ଢଙ୍ଗରେ ସତ୍ୟବ୍ରତ ଷ୍ଟାଡିୟମ ବାହାରୁ ହୋଇଥିଲା। ତେଣୁ ଲତିଫ୍‌ଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଆଧାରରେ ପୁଲିସ ଚାଉଳିଆଗଞ୍ଜ ଅଞ୍ଚଳର ୨ ନାବାଳକ ସ୍କୁଲ ଛାତ୍ରଙ୍କୁ ଏହି ମାମଲାରେ ଚିହ୍ନଟ କରିଥିଲା। ଏହାପରେ ପୁଲିସ ଟିମ୍ ନାବାଳକ ଦ୍ୱୟଙ୍କ ଠିକଣାରେ ଚଢ଼ଉ କରି ଲତିଫ୍‌ଙ୍କ ଝିଅର ସାଇକଲ ସମେତ ପୂର୍ବରୁ ୭ ଜଣଙ୍କ ଚୋରି ହୋଇଥିବା ଦାମୀ ସାଇକଲ ଗୁଡିକୁ ଜବତ କରିଛି। ଗିରଫ ହୋଇଥିବା ୨ ନାବାଳକ ପ୍ରାତଃ ଭ୍ରମଣରେ ଆସୁଥିବା ଲୋକଙ୍କ ସାଇକଲ ଚୋରି କରିନେଉଥିବା ଥାନା ଅଧିକାରୀ ଯତିନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି।

ଏ ଠ । ୬ ର ସୂଚନାଯୋଗ୍ୟ, ଏକ ସକ୍ରିୟ ସୌଖିନ ସାଇକେଲ୍ ଚୋରି ଗ୍ୟାଙ୍ଗ୍ ସହରରେ ଦୀର୍ଘ ମାସ ହେବ ଉତ୍ପାତ ଚଳାଇଛନ୍ତି। ଏହି ଗ୍ୟାଙ୍ଗ୍‌ରେ ନାବାଳକଙ୍କୁ ମୋହରା ବନାଇ ମାଷ୍ଟରମାଇଣ୍ଡ ଅପରାଧିମାନେ ଚୋରି କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସାଧାରଣ ସାଇକଲକୁ ଏମାନେ ଚୋରି କରନ୍ତି ନାହିଁ। କେବଳ ଏଭନ୍, ଡି-କ୍ୟାଥ୍‌ଲନ୍, କାୟା, ଅରବିସକ୍ସ୍ ଭଳି ଦାମୀ ବ୍ରାଣ୍ଡ'ର ସାଇକଲକୁ ଏମାନେ ଚୋରି କରି ନିଅନ୍ତି। ତେବେ ଏହି ସାଇକଲ ଗୁଡ଼ିକ ସର୍ବନିମ୍ନ ବଜାର ଦର ୨୫ ହଜାର ଟଙ୍କାରୁ ଅଧିକ ବୋଲି ପୁଲିସ କହିଛି।

**ଲକ୍ଷାଧିକ ଟଙ୍କାର ସୌଖିନ ସାଇକଲ ଜବତ: ୨ ଗିରଫ**

**ଦାମୀ ବ୍ରାଣ୍ଡ ସାଇକଲକୁ କରୁଥିଲେ ଟାର୍ଗେଟ୍**

**ପାର୍କ, ଷ୍ଟାଡିୟମ୍, ଶିକ୍ଷାନୁଷ୍ଠାନ ବାହାରୁ କରୁଥିଲେ ଚୋରି**

**୮ଟି ସାଇକଲ୍‌କୁ ଜବତ କରି ଲିଙ୍କ୍ ଖୋଜୁଛି ପୁଲିସ**



ଜବତ ହୋଇଥିବା ୮ଟି ସାଇକେଲ୍‌ର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ। ତେବେ ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ମର୍କତନଗର, କଲେଜଛକ, ଚଣ୍ଡିଛକ, ଯୋବ୍ରା, ନରାଜ, ବକ୍ସିବଜାର, ଚୌଧୁରୀ ବଜାର ଭଳି ଏକାଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୁଲାବୁଲି କରନ୍ତି। ଶିକ୍ଷାନୁଷ୍ଠାନ, ପାର୍କ ଏବଂ ଷ୍ଟାଡିୟମ ବାହାରେ ଛକି ରହି ଦାମୀ ସୌଖିନ ସାଇକଲ୍‌କୁ ଟାର୍ଗେଟ୍ କରନ୍ତି। ଶେଷରେ ମାଷ୍ଟର-ଓପନର୍ ଦ୍ୱାରା ସାଇକେଲ୍ ତାଲାକୁ ସହଜରେ ଭାଙ୍ଗି ଦିଅନ୍ତି। ଏହାପରେ ସାଇକେଲ୍ ଆଖି ପିଛୁଳାକେ ଚଲାଇ ନେଇ ମାଷ୍ଟର୍‌ମାଇଣ୍ଡ ନିକଟକୁ ଯାଆନ୍ତି। ସମ୍ପୃକ୍ତ ନାବାଳକଙ୍କୁ ଗ୍ୟାଙ୍ଗ୍‌ର ମୁଖ୍ୟ ୧ ହଜାରରୁ ୨ ହଜାର ଟଙ୍କା ଦେଇ ବିଦା କରିଦିଅନ୍ତି। ଏହାପରେ ଦାମୀ ସାଇକଲକୁ ଚଢ଼ା ଦରରେ ବିକ୍ରି କରି ଦେଇଥାଆନ୍ତି। ଏଭଳି ତଥ୍ୟ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହାପରେ କଟକ ଯୁପିଡ଼ିର ସ୍ପେଶାଲ୍ ସ୍କ୍ୱାଡ୍ ଏବଂ ଏକ ସ୍ୱତନ୍ତ୍ର ଟିମ୍ ଏହି ଗ୍ୟାଙ୍ଗ୍‌କୁ ଧରିବାକୁ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି। ଅନ୍ୟପଟେ ସହରର ଏକାଧିକ ସିସି-କ୍ୟାମେରା ଫୁଟେଜ୍‌କୁ ପୁଲିସ ଜବତ କରି ଯାଞ୍ଚ ଚଳାଇଛି। ଏ ପର୍ଯ୍ୟନ୍ତ ଗ୍ୟାଙ୍ଗର ଅନ୍ୟ ସଦସ୍ୟ କିମ୍ବା ମାଷ୍ଟର୍‌ମାଇଣ୍ଡ ଧରାପଡ଼ି ନାହାନ୍ତି।

## ସନ୍ଦେହଜନକ ମୃତ୍ୟୁ ଘଟଣାରେ ମାମଲା ଦାୟର

**କଟକ, ୧୩।୫(ସମିସ):** ରାଜାବଗିଚା ନିକଟ ହରିଜନ ସାହିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ବାଦାମବାଡି ଥାନା ପୁଲିସ ମାମଲା ରୁଜୁ କରିଛି। ଏସସିବି ମେଡିକାଲର ରିପୋର୍ଟ ଆଧାରରେ ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଥାଉକି, ରାଜାବଗିଚା ହରିଜନ ସାହିରେ ବିକାଶ ନାଏକ(୨୮) ଆତ୍ମହତ୍ୟା କରିଥିବା ସମ୍ପର୍କରେ ଅପରାହ୍ନରେ ବାଦାମବାଡି ଥାନାକୁ ଖବର ମିଳିଥିଲା। ପୁଲିସ ସଙ୍ଗେ ସଙ୍ଗେ ଠିକଣା ସ୍ଥାନରେ ପହଞ୍ଚି ବିକାଶଙ୍କ ମୃତ୍ୟୁ ସମ୍ବନ୍ଧରେ ପଚରାଉଚରା କରିଥିଲା। ମାତ୍ର ପରିବାର ଲୋକେ କିଛି କହି ନ ଥିଲେ। ଏମିତିକି ବ୍ୟବଚ୍ଛେଦ କରାଇବା ପାଇଁ ବି ରାଜି ହୋଇ ନ ଥିଲେ। ସନ୍ଦେହ ହେବାରୁ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଥିଲା। ଆଜି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବା ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

### ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା ଫଳ

# ଦେବାଂଶୀ ତିୱାରୀ କଟକ ଟପ୍ପର




**କଟକ, ୧୩।୫(ସମିସ)**

ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଡିଏଭି ଏସ୍‌ସିବି ମେଡିକାଲ ସ୍କୁଲକୁ ଉଲ୍ଲେଖନୀୟ ସଫଳତା ମିଳିଛି। ବିଦ୍ୟାଳୟର ମୋଟ ୧୩୭ଜଣ ବିଦ୍ୟାର୍ଥି ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ବିଦ୍ୟାଳୟର ୨୨ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତର ଅଧିକ, ୫୭ଜଣ ୮୦ ପ୍ରତିଶତରୁ ଅଧିକ, ୯୧ଜଣ ୭୦ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ଦେବାଂଶୀ ତିୱାରୀ ୫୦୦ରୁ ୪୯୬ନମ୍ବର(୯୯.୨) ରଖି ବିଦ୍ୟାଳୟର ପ୍ରଥମ ହେବା ସହ କଟକ ଟପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଶ୍ରୁତିପ୍ରଜ୍ଞା ସାହୁ ୯୭.୨ ପ୍ରତିଶତ ରଖି ଦ୍ୱିତୀୟ ଓ ଶ୍ରେୟାଂଶୁ ମଙ୍ଗଲ ୯୬.୮ ପ୍ରତିଶତ ନମ୍ବର ରଖି ତୃତୀୟ ହୋଇଛନ୍ତି।

ସେହିପରି ସିଡିଏ ଡିଏଭି ସ୍କୁଲ ମଧ ଦଶମ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ପାଇଛି। ବିଦ୍ୟାଳୟରୁ ୪୭୮ଜଣ ପରୀକ୍ଷା ଦେଇଥିବା ବେଳେ ୬ଜଣ ଛାତ୍ରଛାତ୍ରୀ ୯୮ପ୍ରତିଶତ ରଖିଛନ୍ତି। ଅଙ୍କିତ କୁମାର ସ୍ୱାଇଁ, ଆଶାପର୍ଣ୍ଣା ମହାନ୍ତି, ଗୌରୀଶଙ୍କର ଦାଶ, ଶ୍ରେୟାଂଶ ବାରିକ, ଆବିର୍ଭାବ ଠାକୁର, ସ୍ୱସ୍ତିକ୍ ସାହୁ ପ୍ରତ୍ୟେକ ୯୮ପ୍ରତିଶତ ରଖିଛନ୍ତି। ଜୀଭିତେଶ ସାମଲ ଓ ଆଶୁତୋଷ ଲେଙ୍କା ୯୭.୮ପ୍ରତିଶତ ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ଓ ଅଙ୍କିତା ବିଶ୍ୱାଳ, ଆୟୁଷ ଆଶୁତୋଷ ଦେବତା, ମେଘା ଦାଶ ୯୭.୬ ପ୍ରତିଶତ ରଖି ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୨୧୭ ଜଣ, ବାଣିଜ୍ୟରେ ୫୪ଜଣ ଓ କଳାରେ ୨୮ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ବିଜ୍ଞାନରେ ନିତିଶ ପଟ୍ଟନାୟକ ୯୮.୨ ପ୍ରତିଶତ ନମ୍ବର ରଖି ପ୍ରଥମ, ଶିଭମ୍ ମିଶ୍ର ୯୮.୨ପ୍ରତିଶତ ରଖି ଦ୍ୱିତୀୟ ଓ ପୀୟୁଷ ସାହୁ ୯୭ ପ୍ରତିଶତ ରଖି ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ଅଂଶୁମାନ ଅଭିଶେକ ୯୭ପ୍ରତିଶତ ନମ୍ବର ରଖି ପ୍ରଥମ, ଅଙ୍କିତା ଦାସ ୯୬.୮ ପ୍ରତିଶତ ରଖି ଦ୍ୱିତୀୟ ଓ କନିଷ୍କ ଗୁପ୍ତା ୯୫.୬ପ୍ରତିଶତ ରଖି ତୃତୀୟ ସ୍ଥାନରେ ରହିଥିବା ବେ୍ଳେ କଳାରେ ଶ୍ରୁତି ଶତପଥୀ ୯୭.୪ ପ୍ରତିଶତ ରଖି ପ୍ରଥମ, ପ୍ରିନ୍‌ସ ରୋଜାଲିନ ୯୫.୮ପ୍ରତିଶତ ରଖି ଦ୍ୱିତୀୟ ଓ ରୁଇକା ମିତ୍ର ୯୫.୪ପ୍ରତିଶତ ରଖି ବିଦ୍ୟାଳୟର ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବିଡ଼ାନାସୀସ୍ଥିତ ମଡ଼ର୍ଣ୍ଣ ପବ୍ଲିକ୍ ସ୍କୁଲରେ ମୋଟ ୭୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ୭୩ ଜଣ ପାସ କରିଛନ୍ତି। ୪ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଅମିତ କୁମାର ମହାପାତ୍ର ୯୨.୮ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ନିହାର ରଞ୍ଜନ ଭୂୟାଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସାଧୁବାଦ ଅର୍ପଣ କରିଛନ୍ତି।

### ଦୃଢ଼ ବିଶ୍ୱାସ ସଫଳତା ଦେଲା



ଏସସିବି ଡ଼ିଏଭି ମେଡିକାଲ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ଦେବାଂଶୀ ତିୱାରୀ ସିବିଏସଇ ଦଶମ ପରୀକ୍ଷାରେ ୯୯.୨ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। କ୍ୟାଣ୍ଟନମେଣ୍ଟ ଅଞ୍ଚଳର ନିବାସୀ ଡା. ଶ୍ରୀକାନ୍ତ ତିୱାରୀ ଓ ଡା. ମୋନାଲିସା ନନ୍ଦଙ୍କ ଝିଅ ଦେବାଂଶୀ କହିଛନ୍ତି ଯେ, ସ୍କୁଲ ସମୟକୁ ବାଦ ଦେଲେ ପ୍ରତ୍ୟେକ ଦିନ ୪ଘଣ୍ଟା ପାଠ ପଢେ। ସ୍କୁଲରେ ଶିକ୍ଷକ ଓ ଶିକ୍ଷୟତ୍ରୀ ଦେଇଥିବା ପରାମର୍ଶ ପରୀକ୍ଷାରେ ବହୁତ କାମ ଦେଇଛି। ନିଜ ଉପରେ ବିଶ୍ୱାସ ଥିଲେ ଏଭଳି ସଫଳତା ପାଇବା କଷ୍ଟ ହେବ ନାହିଁ ବୋଲି ସେ ମତ ଦେଇଛନ୍ତି।

### ପ୍ରଶାସନିକ ସେବାରେ ଯୋଗଦେବି



ସିଡିଏ ଡିଏଭି ସ୍କୁଲ ଦ୍ୱାଦଶ ଶ୍ରେଣୀର ହ୍ୟୁମାନିଟି ଷ୍ଟ୍ରିମର ଛାତ୍ରୀ ଶ୍ରୁତି ଶତପଥୀ ସିବିଏସଇ ଦ୍ୱାଦଶ ପରୀକ୍ଷାରେ ୯୭.୪ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ୪୨ମୌଜା ଅଞ୍ଚଳର ନିବାସୀ ଶ୍ରୀନିବାସ ଶତପଥୀ ଓ ସୁଧାଂଶୁବାଳା ଦାସଙ୍କ ଝିଅ ଶ୍ରୁତି କୁହନ୍ତି ଯେ, ଦ୍ୱାଦଶ ପରୀକ୍ଷା ପାଇଁ ମୁଁ କେବେ ଟ୍ୟୁସନ ଉପରେ ନିର୍ଭର କରିନଥିଲି। ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ପଢ଼ାଇଥିବା ପାଠକୁ ଗୁରୁତ୍ୱ ଦେଇ ପଢ଼ିଥିଲି। ଦିନକୁ ପ୍ରାୟ ୭ ଘଣ୍ଟା ପରିଶ୍ରମ କରୁଥିଲି। ସଫଳତାର ଶ୍ରେୟ ମୋ ବାପା, ମାଆ, ବଡବାପା, ସାନବାପା ଓ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଦେବି। ଆଗାମୀ ଦିନରେ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ଥିବା ସେ କହିଛନ୍ତି।

### ଡାକ୍ତର ହେବାକୁ ଲକ୍ଷ୍ୟ



ତିନିଘରିଆ ଅଞ୍ଚଳର ଶିଳାଦିତ୍ୟ ଖୁଣ୍ଟିଆ ଓ ସୁଜାତା ଖୁଣ୍ଟିଆଙ୍କ ପୁଅ ଶ୍ରେୟନ ଖୁଣ୍ଟିଆ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୬ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଏଲଆର ଡିଏଭି ସ୍କୁଲର ଛାତ୍ର। ନିଜ ପ୍ରତିକ୍ରିୟାରେ ଶ୍ରେୟନ କୁହନ୍ତି ଯେ, ପାଠ ପଢ଼ା ପାଇଁ ସ୍କୁଲ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ପରାମର୍ଶ ଓ ନୋଟ୍ସ ଅଧିକ ସହାୟକ ହୋଇଥିଲା। ଦୈନିକ ୮ଘଣ୍ଟା ପାଠ ପଢ଼େ। ନିଟ୍ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଛି। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ଥିବା ଶ୍ରେୟନ କହିଛନ୍ତି।

### ଅଧିକ ନମ୍ବର ଆଶା ଥିଲା



ଏଲଆର ଡ଼ିଏଭି ସ୍କୁଲର ଦଶମ ଶ୍ରେଣୀର ଛାତ୍ର ଶ୍ରେୟାସ ଷଡ଼ଙ୍ଗୀ ସିବିଏସଇ ଦଶମ ପରୀକ୍ଷାରେ ୯୮.୮ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ମହାନଦୀବିହାର ଅଞ୍ଚଳର ସତ୍ୟରଞ୍ଜନ ଷଡ଼ଙ୍ଗୀ ଓ ବଲ୍ଲାରୀ ଷଡ଼ଙ୍ଗୀଙ୍କ ପୁଅ ଶ୍ରେୟାସ କୁହନ୍ତି ଯେ, ସ୍କୁଲରେ ବାରମ୍ବାର ପରୀକ୍ଷା ହେବା ଦ୍ୱାରା ପାଠ ପଢ଼ା ପ୍ରତି ଅଧିକ ଗୁରୁତ୍ୱ ବଢ଼ିଥିଲା। ଏହାସହ ସ୍କୁଲ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରସ୍ତୁତ କରିଥିବା ନୋଟ୍ସ ପଢ଼ିବା ଦ୍ୱାରା ଏହା ପରୀକ୍ଷା ପ୍ରସ୍ତୁତିରେ ସହାୟକ ହୋଇଥିଲା। ଇଂରାଜୀ ପେପରରେ ମାର୍କ ସାମାନ୍ୟ କମିବାରୁ ନିରାଶ ହୋଇଛି। ଆଶା ଥିଲା ୯୯ ପ୍ରତିଶତ ମାର୍କ ରହିବ।

### ସଫଳତା ପାଇଁ କଠିନ ପରିଶ୍ରମ ଲୋଡ଼ା



ସଫଳତା ପାଇଁ କୌଣସି ସଟ୍‌କର୍ଟ ନଥାଏ। କଠିନ ପରିଶ୍ରମ ହିଁ ସଫଳତାର ଏକମାତ୍ର ବିକଳ୍ପ ବୋଲି ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୫.୪ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ନୃତେନ୍ଦୁ ନାୟକ କହିଛନ୍ତି। ଏଲଆର ଡିଏଭି ପବ୍ଲିକ ସ୍କୁଲର ଛାତ୍ର ନୃତେନ୍ଦୁ ମୋଟ୍ ୪୭୭ ମାର୍କ ରଖିଛନ୍ତି। ପିତା ନରେନ୍ଦ୍ର କୁମାର ନାୟକ ଏବଂ ମା' ସାଗରିକା ବିଶ୍ୱାଳଙ୍କ ପୁଅ ନୃତେନ୍ଦୁ ସଫଳତାର ଶ୍ରେୟ ଅଭିଭାବକ ଏବଂ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଛନ୍ତି।

## ସିଟି ହସ୍ପିଟାଲ କିରାଣିଙ୍କ ବିରୋଧରେ ତଦନ୍ତ ଆରମ୍ଭ

**କଟକ, ୧୩।୫(ସମିସ):** କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣୀଙ୍କ ସରକାରୀ ନିୟମ ମୁତାବକ ବଦଳି ହେଉନି। ୧୦ବର୍ଷରୁ ଅଧିକ ସମୟ ଧରି ସେ ଗୋଟିଏ ପଦରେ ରହିବା ସହ ଅନେକ ଦୁର୍ନୀତିରେ ଜଡିତ ଅଛନ୍ତି। ଏଭଳି ଅଭିଯୋଗ ଉଠାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲା ଆମ୍ବେଦକର ସ୍ମୃତି ପରିଷଦ। ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲ୍ଲା ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ସଂଖ୍ୟା ୧୨୫୩/୦୧/୦୫/୨୦୨୫ରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ ତଦନ୍ତ ଭାର ସମ୍ଭାଳିଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, କିରାଣୀ ଜଣଙ୍କ ପୂର୍ବରୁ ନିଶ୍ଚିନ୍ତକୋଇଲି ଓ ନୂଆବଜାର ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସେଠାରେ ରହିବା ସମୟରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଫସିଥିଲେ। ଫଳରେ ତାଙ୍କୁ ସିଡିଏମଓଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ତତ୍କାଳୀନ ସିଡିଏମ୍‌ଓ ସମ୍ପୃକ୍ତ କିରାଣୀଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ସିଟି ହସ୍ପିଟାଲକୁ ଡେପୁଟେସନରେ ପଠାଇଥିଲେ। ସେତେବେଳେ ହସ୍ପିଟାଲରେ ଜଣେ କନିଷ୍ଠ କିରାଣୀ କାର୍ଯ୍ୟ କରୁଥିଲେ। ତେବେ କିରାଣୀ ଜଣକ ଚଞ୍ଚକତା କରି କନିଷ୍ଠ କିରାଣୀଙ୍କୁ ଅନ୍ୟତ୍ର ପଠାଇ ନିଜେ ଗାଦି ମାଡି ବସିଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ହୋଇଛି। ୨୦୧୮ ମସିହାରେ ବିଭିନ୍ନ ବିବାଦରେ ଛନ୍ଦି ହୋଇପଡ଼ିବା ଫଳରେ ତତ୍କାଳୀନ ସିଡିଏମଓ କିରାଣୀଙ୍କ ନିକଟରୁ ବ୍ୟାଙ୍କ ଆକାଉଣ୍ଟ ଏବଂ ପର୍ସନାଲ ଫାଇଲ ଦାୟିତ୍ୱ କାଢି ନେଇଥିଲେ। ମେଡିକାଲକୁ ଆସୁଥିବା ରୋଗୀ କିମ୍ବା ରୋଗୀ ସମ୍ପର୍କୀୟଙ୍କୁ ମେଡିକାଲ ଫିଟନେସ୍ ସାର୍ଟିଫିକେଟ ଓ ରେଫରାଲ୍ ପ୍ରଦାନ ଆଳରେ ମୋଟା ଅଙ୍କର ଲାଞ୍ଚ ନେଉଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଥିବା ବହୁ ନଜିର ଅଛି। ଏହାକୁ ଭିତ୍ତି କରି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ମଧ୍ୟ ପାଇଛି। ହସ୍ପିଟାଲ କେବିନ ପାଇଁ ଆସୁଥିବା ପ୍ରସୂତି ମହିଳା ଓ ରୋଗୀମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାଆନ୍ତି। କେବିନ ଦାୟିତ୍ୱରେ ଥିବା ଏହି କିରାଣୀ ଜଣକ ସରକାରଙ୍କ ସବୁ ନିୟମକୁ ଫୁ କରି ବହୁ ବିଳମ୍ବରେ ଅଫିସକୁ ଆସୁଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିରାଣୀଙ୍କୁ ବଦଳି କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ କହିଛନ୍ତି।

### ସେଭେନ-ଏ ସାଇଡ୍ ଫୁଟ୍‌ବଲ

## ରକ୍‌ଷ୍ଟାର କ୍ଲବ୍ ଚାମ୍ପିଅନ

**କଟକ, ୧୩।୫ (ସମିସ):** ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଚାଲିଥିବା ସେଭେନ-ଏ ସାଇଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରକଷ୍ଟାର କ୍ଲବ ଏକତରଫା ଭାବେ ଫାଇନାଲ ମୁକାବିଲାକୁ ଜିତି ଚଳିତ ସଂସ୍କରଣର ଚାମ୍ପିଅନ ହୋଇଥିଲେ। ଫାଇନାଲରେ ଦଳ ୨-୦ ଗୋଲ୍‌ରେ ଓନ୍ କ୍ଲବକୁ ହରାଇଥିଲା। କୈଳାସ ଚନ୍ଦ୍ର ସାହୁ, ସବୀର ଅଲ୍ଲୀ ଖାନ, କରୁଣାକର ବେହେରା, ପ୍ରଶାନ୍ତ କୁମାର ନାୟକ, ସେଖ ମୁସ୍ତାକିନ୍ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀଯୁକ୍ତ ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ। ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ.. ମୋର ପ୍ରାର୍ଥନା